# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଏପ୍ରିଲ ୬/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Berhampur, Saturday, April 6/2019 | ★★★

୧୫ ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ସାଢ଼େ ୪ କୋଟି ଓଡ଼ିଶାବାସୀ ତାଙ୍କ ପରିବାର
## ତାଙ୍କରି ପାଇଁ ସେ ଦିନରାତି କାମ କରିଚାଲିଛନ୍ତି

- ଖାଦ୍ୟ ସୁରକ୍ଷା : ରାଜ୍ୟର ୮୩ % ପରିବାର ପାଇଁ ଟଙ୍କାକରେ କିଲେ ଚାଉଳ
- ସ୍ୱାସ୍ଥ୍ୟ ସୁରକ୍ଷା : ସମସ୍ତଙ୍କ ପାଇଁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'
- ସାମାଜିକ ସୁରକ୍ଷା : ୪୮ ଲକ୍ଷ ଲୋକଙ୍କ ପାଇଁ ମଧୁବାବୁ ପେନ୍‌ସନ୍
- ଆଶ୍ରୟ ସୁରକ୍ଷା : ୨୧ଲକ୍ଷରୁ ଅଧିକ ପକ୍କାଘର
- ମା' ଓ ଶିଶୁଙ୍କ ସୁରକ୍ଷା : 'ମମତା' ଯୋଜନାରେ ୩୭ ଲକ୍ଷ ମା'ଙ୍କୁ ୧୭୦୦ କୋଟି ଟଙ୍କା
- ଚାଷୀଙ୍କ ପାଇଁ ୧ପ୍ରତିଶତ ସୁଧରେ ଋଣ
- ମହିଳାଙ୍କ ପାଇଁ ୦% ସୁଧରେ ଋଣ
- ଉଚ୍ଚଶିକ୍ଷା ପାଇଁ ୧ପ୍ରତିଶତ ସୁଧରେ ଋଣ
- 'ମିଶନ ଶକ୍ତି'ରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କ ସଶକ୍ତିକରଣ
- ଚାଷୀଙ୍କ ପାଇଁ 'କାଳିଆ' ଯୋଜନାରେ ୧୦ ହଜାର କୋଟି ଟଙ୍କାର ସହାୟତା
- ୫ ବର୍ଷରେ ଅଧିକ ୧୦ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ
- ୪ ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ପରିବାରକୁ ୬ ଲକ୍ଷ ଏକର ଜଙ୍ଗଲ ଜମି ଅଧିକାର
- ୧୯ ଲକ୍ଷ ନିର୍ମାଣ ଶ୍ରମିକ ଓ ତାଙ୍କ ପରିବାରକୁ ୧୨୫୦ କୋଟି ଟଙ୍କାର ସହାୟତା
- ୯ଟି ଜିଲ୍ଲାର ୧୪ ଲକ୍ଷ ଜନଜାତି ପରିବାର ପାଇଁ 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'
- ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପାଇଁ 'ଜାଗା' ମିଶନ
- 'ଆମ ଗାଁ ଆମ ବିକାଶ': ୩୧୪ ବ୍ଲକ୍‌ରେ ୬୨ ହଜାର ପ୍ରକଳ୍ପ ପାଇଁ ୧୫୫୦ କୋଟି ଟଙ୍କା
- ସହରାଞ୍ଚଳ ପାଇଁ 'ଉନ୍ନତି' ଯୋଜନାରେ ୯୦୦ କୋଟି ଟଙ୍କା
- ୩୬୦୦କୋଟି ଟଙ୍କା ବ୍ୟୟରେ ୬୫୦ କି.ମିରୁ ଅଧିକ 'ବିଜୁ ଏକ୍ସପ୍ରେସ୍ ୱେ'
- ମେକ୍ ଇନ୍ ଓଡ଼ିଶା ୨୦୧୬ : ୨ ଲକ୍ଷ ୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ<br>୧.୩୮ ଲକ୍ଷ ନିଯୁକ୍ତି ସୁଯୋଗ
- ମେକ୍ ଇନ୍ ଓଡ଼ିଶା ୨୦୧୮ : ୪ ଲକ୍ଷ ୨୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ<br>୫.୯୨ ଲକ୍ଷ ନିଯୁକ୍ତି ସୁଯୋଗ
- ଓଡ଼ିଶାରେ ପ୍ରଥମ ଥର ପାଇଁ ଏସିୟାନ୍ ଆଥଲେଟିକ୍ସ ଚମ୍ପିୟାନସିପ୍‌ସ୍ ଏବଂ ପୁରୁଷ ବିଶ୍ୱ କପ୍ ହକି



## ସିଏ ନବୀନ ପଟ୍ଟନାୟକ
ଯିଏ କାମ ବେଶୀ କରନ୍ତି, କଥା କମ୍ କୁହନ୍ତି

ଅନ୍ୟମାନେ ଭୋଟ ଆସିଲେ ଓଡ଼ିଶାକୁ ଆସନ୍ତି
ଭୋଟ ସରିଗଲେ ଆଉ ଦେଖା ଦିଅନ୍ତିନି

ନବୀନ ପଟ୍ଟନାୟକ
ଓଡ଼ିଶାବାସୀଙ୍କ ସାଥୀରେ
ସବୁଦିନେ ତାଙ୍କରି ସୁଖଦୁଃଖରେ

## ବିଜୁ ଜନତା ଦଳ

## ନବୀନ ଆମ ପରିବାର
## 'ଶଙ୍ଖ' ଆମର ଚିହ୍ନ



କଂଗ୍ରେସ ମୁସ୍‌ଲିମ୍ ଲିଗ୍ ଭାଇରସ୍ ଦ୍ୱାରା ଆକ୍ରାନ୍ତ।
-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ





ମଥୁରା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ହେମାମାଳିନୀ ଟ୍ରାକ୍ଟରରେ ବସି ନିର୍ବାଚନ ପ୍ରଚାର କରୁଛନ୍ତି।



ଲକ୍ଷ୍ନୌରେ ସମାଜବାଦୀ ପାର୍ଟିର ନିର୍ବାଚନୀ ଇସ୍ତାହାର ଜାରି କରୁଛନ୍ତି ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ।



ଲୋକ ସଭା ନିର୍ବାଚନରେ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହାଇଦ୍ରାବାଦର ବଞ୍ଜାରା ହିଲ୍ସ ଅଞ୍ଚଳରେ ଏକ କାର୍‌ରୁ ଜବତ କରିଛି ପୋଲିସ।



ସ୍ୱାଧୀନ ଭାରତର ପ୍ରଥମ ଭୋଟର ଶ୍ୟାମଶରଣ ନେଗୀ ହିମାଚଳ ପ୍ରଦେଶର କଳ୍ପାସ୍ଥିତ ନିଜ ବାସଭବନରେ ବିଜୟ ସଙ୍କେତ ଦେଖାଉଛନ୍ତି।

# ଦ୍ୱୀପରୁ ନ ହଟିଲେ ସାମରିକ କାର୍ଯ୍ୟାନୁଷ୍ଠାନ

ମାନିଲା,୫।୪(ଏଏଫ୍‌ପି)

ଦକ୍ଷିଣ ଚାଇନା ସାଗରର ବିବାଦୀୟ ଦ୍ୱୀପରୁ ଓହରିଯିବାକୁ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ବେଜିଂକୁ ସତର୍କ କରାଇଦେଇଛନ୍ତି। ଉକ୍ତ ସମୁଦ୍ରକୁ ନେଇ ଉତ୍ତେଜନା ବଢ଼ିଚାଲିଥିବାବେଳେ ଯଦି ଚାଇନା ସେଠାରେ ପ୍ରବେଶ କରେ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫିଲିପାଇନ୍ସ ରାଷ୍ଟ୍ରପତି ଚେତାବନୀ ଦେଇଛନ୍ତି। ଫିଲିପାଇନ୍ସ ଅଧିକୃତ ଦ୍ୱୀପ ନିକଟରେ ଚାଇନା ଜାହାଜ ପଇଁତରା ମାରିବା ଚିନ୍ତାଜନକ ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି।

ଦକ୍ଷିଣ ଚାଇନା ସାଗରକୁ ବେଜିଂ ନିଜର ବୋଲି ଦାବି କରିଆସୁଛି। ସେଠାରେ ଥିବା ବିଭିନ୍ନ ଦ୍ୱୀପ ସମେତ ଚାଇନା ନିର୍ମିତ କୃତ୍ରିମ ଦ୍ୱୀପରେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରି ଏହାକୁ ଏକ ଯୁଦ୍ଧକ୍ଷେତ୍ରରେ ପରିଣତ କରିଛି। ଟ୍ରିଲିୟନ ଡଲାର ମୂଲ୍ୟର ସାମଗ୍ରୀ ପରିବହନ ହେଉଥିବା ଉକ୍ତ ସମୁଦ୍ର ଉପରେ ଚାଇନା ଏକଚାଟିଆ ଅଧିକାର ଜାରି କରିବା ଲାଗି ଯେଉଁ ଉଦ୍ୟମ ଚଳାଇଛି ତାହା ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଫିଲିପାଇନ୍ସ କହିଛି। ମାନିଲା ଅଧୀନରେ



ଥିବା ପାଗ୍-ଆସା ଦ୍ୱୀପ ନିକଟରେ ଗତ ଜାନୁୟାରୀରୁ ୨୦୦ରୁ ଅଧିକ ଚାଇନା ଜାହାଜ ପଇଁତରା ମାରୁଥିବା ଜଣାପଡିବା ପରେ ଫିଲିପାଇନ୍ସ ରାଷ୍ଟ୍ରପତି ଉପରୋକ୍ତ ଚେତାବନୀ ଦେଇଛନ୍ତି। ପାଗ୍-ଆସା ଦ୍ୱୀପରେ ଫିଲିପାଇନ୍ସର ସୈନ୍ୟ ମୁତୟନ ଅଛନ୍ତି। ତେଣୁ ଚାଇନା ଯଦି ଉକ୍ତ ଦ୍ୱୀପକୁ ସ୍ପର୍ଶକରେ ତେବେ ରାଷ୍ଟ୍ରପତି ଡୁଟେର୍ଟେ ତାଙ୍କ ସୈନ୍ୟବାହିନୀକୁ ଆତ୍ମଘାତୀ ମିଶନ ପାଇଁ ପ୍ରସ୍ତୁତ ହେବାକୁ କହିବେ ବୋଲି ରୋକ୍‌ଠୋକ ଶୁଣାଇଛନ୍ତି। ଚାଇନା ଜାହାଜର ଉପସ୍ଥିତି ବେଆଇନ ଏବଂ ଫିଲିପାଇନ୍ସ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବ୍ୟାଙ୍କକ୍ ଗସ୍ତରେ

**ଚାଇନାକୁ ଫିଲିପାଇନ୍ସର ଚେତାବନୀ**



ରୋଡ୍ରିଗୋ ଡୁଟେର୍ଟେ

ଥିବା ଆମେରିକା ପ୍ରତିରକ୍ଷା ବିଭାଗର ଉପସହକାରୀ ସଚିବ ଯୋସେଫ୍ ଫେଲ୍ଟର କହିଛନ୍ତି, ଦକ୍ଷିଣ ଚାଇନା ସମୁଦ୍ରରେ ବେଜିଂର ଆକ୍ରମଣାତ୍ମକ କାର୍ଯ୍ୟକଳାପ ଚିନ୍ତାଜନକ। ଚାଇନାର ଏଭଳି ପଦକ୍ଷେପ ଅନାବଶ୍ୟକ ଏବଂ ଅନଧିକୃତ ବୋଲି ଫେଲ୍ଟର କହିଛନ୍ତି।

ପେଟ୍ରୋଲିୟମ ସାମଗ୍ରୀ ସମୃଦ୍ଧ ଦକ୍ଷିଣ ଚାଇନା ସାଗର ଏବଂ ଏଥିରେ ଥିବା ବିଭିନ୍ନ ଦ୍ୱୀପ ଉପରେ ଚାଇନା ସମେତ ଫିଲିପାଇନ୍ସ, ବ୍ରୁନେଇ, ମାଲେସିଆ, ତାଇୱାନ ଏବଂ ଭିଏତ୍‌ନାମ ସେମାନଙ୍କ ଅଧିକାର ଦାବି କରିଆସୁଛନ୍ତି। ଉକ୍ତ ଅଞ୍ଚଳ ଉପରେ ଚାଇନା କରୁଥିବା ଦାବିର କୌଣସି ଆଇନଗତ ପ୍ରାସଙ୍ଗିକତା ନାହିଁ ବୋଲି ୨୦୧୬ରେ ଅନ୍ତର୍ଜାତୀୟ ମେରିଟାଇମ୍ ଟ୍ରିବ୍ୟୁନାଲ ରାୟ ଦେଇଥିଲେ, ଯାହା ଫିଲିପାଇନ୍ସ ପାଇଁ ବଡ଼ ବିଜୟ ଥିଲା। ତେବେ ଚାଇନା ବିରୋଧରେ ନରମ ଆଭିମୁଖ୍ୟ ଏବଂ ଏହାର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ବିଲିୟନ ଡଲାର ନିବେଶ ପ୍ରତିଶ୍ରୁତିରୁ ଖୁବ୍ କମ୍ ପାଇବା ନେଇ ଫିଲିପାଇନ୍ସ ରାଷ୍ଟ୍ରପତି ନିଜ ଦେଶରେ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ପାଗ୍-ଆସା ଦ୍ୱୀପରେ ଉତ୍ତେଜନା ଖବରକୁ ବେଜିଂ ଖଣ୍ଡନ କରିଛି। ଏହି ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ଗଠନମୂଳକ କଥାବାର୍ତ୍ତା ଜାରି ରହିଛି ବୋଲି ଚାଇନା କହିଛି।

# ନିର୍ବାଚନ ଲଢ଼ିବେନି ସୁମିତ୍ରା ମହାଜନ



ନୂଆଦିଲ୍ଲୀ,୫।୪(ପି.ଟି.)

ଲୋକ ସଭାର ବିଦାୟୀ ବାଚସ୍ପତି ସୁମିତ୍ରା ମହାଜନ ଚଳିତ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ମଧ୍ୟପ୍ରଦେଶର ଇନ୍ଦୋର ଆସନରୁ ୮ ଥର ଏମ୍‌ପି ହୋଇଥିବା ସୁମିତ୍ରା ଏନେଇ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଭାଜପା ୭୫ ବର୍ଷ ଅତିକ୍ରମ କରିଥିବା ନେତାମାନଙ୍କୁ ଦଳର ଟିକେଟ ନ ଦେବାକୁ ନିଷ୍ପତ୍ତି ନେଇଥିବାରୁ ଇନ୍ଦୋରରୁ ଅନ୍ୟ କାହାକୁ ଛିଡ଼ା କରାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏଥିଲାଗି ଭାଜପା ସେଠାରୁ କାହାକୁ ପ୍ରାର୍ଥୀ କରିବ ତାହା ଦଳ ଉପରେ ସେ ଛାଡ଼ିଦେଇଛନ୍ତି ବୋଲି ଆସନ୍ତା ସପ୍ତାହରେ ୭୬ ବର୍ଷରେ ପଦାର୍ପଣ କରିବାକୁ ଥିବା ସୁମିତ୍ରା କହିଛନ୍ତି।

# ଆଡଭାନୀଙ୍କୁ ଭେଟିଲେ ଜୋଷୀ

ନୂଆଦିଲ୍ଲୀ,୫।୪(ପି.ଟି.)

ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀ ଶୁକ୍ରବାର ବର୍ଷୀୟାନ ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କୁ ଭେଟିଛନ୍ତି। ଭାଜପା ସହ ଯେଉଁମାନେ ଏକମତ ନୁହନ୍ତି, ଦଳ ସେମାନଙ୍କୁ ଦେଶବିରୋଧୀ କିମ୍ବା ଶତ୍ରୁ ବିବେଚନା କରେ ନାହିଁ ବୋଲି ଆଡ୍‌ଭାନୀ ନିଜ ବ୍ଲଗ୍‌ରେ ଉଲ୍ଲେଖ କରିବାର ଦିନକ ପରେ ତାଙ୍କ ଘରେ ଦୁଇ ନେତାଙ୍କ ସାକ୍ଷାତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ଏଥର ଲୋକ ସଭା ନିର୍ବାଚନ ପାଇଁ ଦଳୀୟ ଟିକେଟରୁ ବଞ୍ଚିତ ଆଡ୍‌ଭାନୀ ଓ ଜୋଷୀଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଛି ସେନେଇ କିଛି ପଦାକୁ ଆସିନାହିଁ।

■ ଅଗୁଷ୍ଟା ମାମଲା: କୋର୍ଟଙ୍କୁ ଜଣାଇଲେ ମିଶେଲ

# କାହା ନାଁ ନେଇନାହିଁ

ନୂଆଦିଲ୍ଲୀ,୫।୪(ପି.ଟି.)

ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍‌ରେ କଂଗ୍ରେସ ନେତାଙ୍କ ନାମ ଥିବା ଜଣାପଡିଛି। ତେବେ ହେଲିକପ୍ଟର କିଣା ଚୁକ୍ତିନାମା ସହ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କ ନାଁ ସେ ତଦନ୍ତ ବେଳେ ନେଇ ନ ଥିବା ଅନ୍ୟତମ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲ ଦିଲ୍ଲୀର ଏକ ଅଦାଲତଙ୍କୁ କହିଛନ୍ତି।

ମିଶେଲ ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାରଙ୍କ କୋର୍ଟରେ ଏକ ଆବେଦନପତ୍ର ଦାଖଲ କରି କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାକୁ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ମିଶେଲଙ୍କ ଆବେଦନ ଉପରେ ଶନିବାର ସୁଦ୍ଧା ଜବାବ ଦାଖଲ କରିବାକୁ କୋର୍ଟ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ମିଶେଲଙ୍କ ଓକିଲ ଚାର୍ଜଶିଟ୍‌ର ନକଲ ମାଗିଛନ୍ତି। ସୂଚନାଯୋଗ୍ୟ ଇଡି ଦାଖଲ କରିଥିବା ଅଭିଯୋଗ ଫର୍ଦ୍ଦରେ ଏପି (ଅହମଦ ପଟେଲ) ଏବଂ ଏଫ୍‌ଏମ୍ (ଫାମିଲି) ଲାଞ୍ଚ ଗ୍ରହଣ କରିଥିବା ଉଲ୍ଲେଖ ଥିଲା। ଏହି ଫାମିଲି କିଏ ତାହା ସମସ୍ତେ ଜାଣନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉତ୍ତରାଖଣ୍ଡରେ ଏକ ସଭାରେ କହିଛନ୍ତି।

GIET UNIVERSITY
GUNUPUR - 765022, ODISHA, INDIA
Incorporated by Act 23 of Govt. Of Odisha and under approval of UGC, New Delhi

ADMISSION NOTICE FOR
Ph.D. / M.Phil - 2019

| Engineering & Technology | Management | Science (M.Phil & Ph.D) |
|---|---|---|
| Mechanical / Computer Science<br>Electronics & Comm. Engg. / Civil<br>Biotechnology / Electrical Engg.<br>Chemical / Electrical & Electronics | Management | Physics / Chemistry /<br>Mathematics / Botany /<br>Zoology / Biotechnology |

RENOWNED GUIDES / SUPERVISORS SHALL BE AVAILABLE ACROSS ALL BRANCHES

Eligibility : Post graduate degree in the relevant subject with 60% marks at M.Tech or 55% marks at M.Sc. (Relaxation of 5% for SC/ST/OBC/PH candidates). Final year PG students are eligible to apply.

Admission Procedure: Admission will be made through Entrance Test & Interview as per M.Phil./Ph.D. regulations of the University based on UGC regulation.

Application Procedure : Details of regulation and application format should be downloaded from the University website www.giet.edu, along with DD of Rs.800/- (Rs.400/- in case of SC and ST candidates) drawn in favor of "GIET University" payable at SBI, Gunupur and be sent by registered post / courier to Admission Cell, GIET University, Gunupur 765 022, Rayagada District, Odisha on or before 31st May 2019.

Enquiries if any regarding Ph.D. / M.Phil admissions be mailed to phdadmissions@giet.edu



OTHER PROGRAMMES OFFERED FOR 2019 ADMISSIONS

| B.Tech | B.Tech | B.Sc. (Agriculture) | M.Sc. | M.Tech |
|---|---|---|---|---|
| ROBOTICS AND AUTOMATION<br>AEROSPACE ENGINEERING<br>CONSTRUCTION TECH. & MGT.<br>FOOD ENGINEERING & TECH.<br>PETROCHEM & REFINERY ENGG.<br>AGRICULTURAL ENGINEERING<br>ELECTN. AND COMPUTER SC.<br>ELECTRICAL & ELECTN. ENGG. | BIOTECHNOLOGY<br>CIVIL ENGINEERING<br>CHEMICAL ENGINEERING<br>COMPUTER SC. AND ENGG.<br>COMPUTER SC. AND TECHNOLOGY<br>ELECTRICAL ENGINEERING<br>ELECTN. & COMM. ENGG.<br>MECHANICAL ENGINEERING | MCA<br>MBA<br>BBA | PHYSICS,<br>CHEMISTRY,<br>LIFE SCIENCE,<br>MATHEMATICS,<br>BIOTECHNOLOGY | Biotechnology<br>Machine Design<br>Manufacturing Tech.<br>Power Electronics<br>Comp. Sc. & Engg.<br>Chemical Engg.<br>Heat Power & Thermal<br>Structural Engg.<br>Elctn. & Comm. Engg. |

For other admissions : 8118053001 / 8118053003 or mail to enquiry@giet.edu

ନ୍ୟାଶନାଲ ହେରାଲ୍ଡ ମାମଲା

# ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ସ୍ଥଗିତ

**ନୂଆଦିଲ୍ଲୀ,୫।୪(ପି.ଟି.):** ନ୍ୟାଶନାଲ ହେରାଲ୍ଡ ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତାଦେଶ ଜାରି କରିଛନ୍ତି। ନ୍ୟାଶନାଲ ହେରାଲ୍ଡ ବିଲ୍ଡିଂକୁ ଖାଲି କରିବା ପାଇଁ ଏହାର ପ୍ରକାଶକ ଆସୋସିଏଟେଡ ଜର୍ନାଲ୍ସ ଲିଃ (ଏଜେଏଲ୍)କୁ ଦିଲ୍ଲୀ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏଜେଏଲ୍‌ର ଆବେଦନ ଉପରେ କେନ୍ଦ୍ର ସରକାରଙ୍କ ଜମି ଓ ଉନ୍ନୟନ କାର୍ଯ୍ୟାଳୟ (ଏଲ୍ ଆଣ୍ଡ ଡିଓ)ଙ୍କୁ ନୋଟିସ ଜାରି କରିଛନ୍ତି। ଦିଲ୍ଲୀର କେନ୍ଦ୍ରସ୍ଥଳରେ ଥିବା ହେରାଲ୍ଡ ହାଉସ୍ ପରିସରକୁ ଖାଲି କରିବାରେ କେନ୍ଦ୍ରକୁ କୌଣସି ବଳପୂର୍ବକ ପଦକ୍ଷେପ ନେବାରୁ ଦୂରେଇ ରଖିବା ନିମନ୍ତେ ଏଜେଏଲ୍ ପକ୍ଷରୁ କରାଯାଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେବା ପରେ ଏହା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏଜେଏଲ୍‌ରୁ ୟଙ୍ଗ ଇଣ୍ଡିଆ କମ୍ପାନୀକୁ ଅଂଶଧନ ହସ୍ତାନ୍ତର କରାଯାଇଛି, ଯାହାର ସର୍ବାଧିକ ଅଂଶଧନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କ ନାଁରେ ରହିଛି। ଫାଇଦା ଉଠାଇବା ପାଇଁ ଏହା ଏକ ଗୋପନ ଏବଂ ଷଡଯନ୍ତ୍ରପୂର୍ଣ୍ଣ କାରବାର ବୋଲି ହାଇକୋର୍ଟ ଦର୍ଶାଇଥିଲେ।

# ଦକ୍ଷିଣ କୋରିଆ ଜଙ୍ଗଲ ଜଳୁଛି



ସିଓଲ,୫।୪( ଏଏଫ୍‌ପି)

ଦକ୍ଷିଣ କୋରିଆର ସୀମାନ୍ତବର୍ତ୍ତୀ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଅଞ୍ଚଳକୁ ମାଡିଯାଇଛି। ଏହି ଅଗ୍ନିକାଣ୍ଡରେ ୪୦୦ ଘର ଜଳିଯିବା ସହ ହଜାର ହଜାର ଲୋକ ବାସହରା ହେଲେଣି। ନିଆଁରେ ପୋଡିହୋଇ ୨ ଜଣଙ୍କ ମୃତ୍ୟୁହେବା ସହ ୧୧ ଆହତ ହୋଇଥିବା ଜଣାପଡିଛି। ୪୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ଗୋସେଓଙ୍ଗ୍ ସହରରେ ଥିବା ଏକ ରିସୋର୍ଟ ନିକଟରେ ଟ୍ରାନ୍ସଫର୍ମର ସ୍ପାର୍କିଂରୁ ନିଆଁ ଲାଗି ଏହା ଅନ୍ୟ ଅଞ୍ଚଳକୁ ବ୍ୟାପିଯାଇଥିଲା। ଦକ୍ଷିଣ କୋରିଆ କର୍ତ୍ତୃପକ୍ଷ ଏହାକୁ ବିରଳ ଜାତୀୟ ବିପତ୍ତି ଘୋଷଣା କରିଛନ୍ତି। ନିଆଁଲିଭା କାର୍ଯ୍ୟରେ ୯୦୦ ଦମକଳ ଏବଂ ୧୦ ହଜାର ଅଗ୍ନିଶମ

■ଜାତୀୟ ବିପତ୍ତି ଘୋଷଣା କଲା ସିଓଲ

■୯୦୦ ଦମକଳ, ୧୦ ହଜାର କର୍ମଚାରୀ ନିୟୋଜିତ

କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେନାବାହିନୀ ପକ୍ଷରୁ ୩୨ଟି ହେଲିକପ୍ଟର ଓ ୧୬,୫୦୦ ଯବାନଙ୍କୁ ମଧ୍ୟ ନିଆଁଲିଭା କାର୍ଯ୍ୟରେ ଲଗାଯାଇଛି। ଟେଲିଭିଜନ ଏବଂ ସୋସିଆଲ ମିଡିଆ ଫଟୋରୁ ସେଠାରେ ନିଆଁର ପ୍ରାଚୀର ଏବଂ ଆକାଶରେ ଧୂଆଁର ବାଦଲ ସୃଷ୍ଟି ହୋଇଥିବା ଦେଖାଯାଇଛି।

# 'ଭାଜପା ବିରୋଧରେ ଭୋଟ ଦିଅ'

**ନୂଆଦିଲ୍ଲୀ,୫।୪:** ସମାନତା ଓ ସାମାଜିକ ନ୍ୟାୟର ପ୍ରଚାର କରୁଥିବା ନେତୃତ୍ୱକୁ ସମର୍ଥନ କରି ଭାଜପା ବିରୋଧରେ ଭୋଟ ଦେବାକୁ ୬୦୦ରୁ ଊର୍ଦ୍ଧ୍ୱ କଳାକାର ଦେଶର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏକ ମିଳିତ ବିବୃତିରେ ଭୋଟରଙ୍କୁ କୁହାଯାଇଛି, 'ଦେଶରେ ଭିନ୍ନ ମତବାଦର ଏକୀକରଣ ଓ ଧର୍ମନିରପକ୍ଷେତା ସୁରକ୍ଷାରେ ସହାୟତା କରନ୍ତୁ'। ଏଥିପାଇଁ ଜାରି ଏକ ଆବେଦନପତ୍ରରେ ସ୍ୱାକ୍ଷର କରିଛନ୍ତି ଅମୋଲ ପାଲେକର, ଅରୁନ୍ଧତୀ ରାୟ, ଅସ୍ତାଦ ଦେବୁ, ଆର୍ଶିଆ ସତ୍ତାର, ଡାନିଶ ହୁସେନ୍, ଗିରିଶ କର୍ନାଡ, ନାସିରୁଦ୍ଦିନ୍ ଶାହ, ଏମ୍.କେ. ରାଇନା, କବିତା ଲଙ୍କେଶ, କୋଙ୍କଣା ସେନ୍ ଶର୍ମା, ଲିଲେଟି ଦୁବେ, ମଲ୍ଲିକା ତନେଜା ଏବଂ ନଭତେଜ୍ ଜୋହର।

ଭାରତରେ ଥିଏଟର ନିର୍ମାତାଙ୍କର ଏକ ସୁଦୀର୍ଘ ଓ ଗୌରବମୟ ପରମ୍ପରା ରହିଛି। ଗୋଷ୍ଠୀବାଦ, ସଂକୀର୍ଣ୍ଣତାବାଦ, ଅତିବେଶି ଦେଶପ୍ରୀତିର ପ୍ରଚାର କରୁଥିବା ଶକ୍ତିକୁ ଏହି ଗୋଷ୍ଠୀ ବିରୋଧ କରେ। କେବଳ ଏହା ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ଅଖଣ୍ଡ ଭାରତରେ ବିଶ୍ୱାସ କରେ। ବର୍ତ୍ତମାନ ଅତ୍ୟଧିକ ଦେଶପ୍ରୀତିର ନାରା ଭାରତ ପାଇଁ ବିପଦ ଆଣିଛି। ଘୃଣ୍ୟ ରାଜନୀତି, ଧର୍ମାନ୍ଧତାରେ ବିଶ୍ୱାସୀ ବ୍ୟକ୍ତିଙ୍କୁ କ୍ଷମତାରୁ ଦୂରେଇ ରଖିବା ଆବଶ୍ୟକ। ବିଶେଷକରି ଭାରତୀୟ ଜନତା ପାର୍ଟି ଓ ଏହାର ମିତ୍ରଦଳକୁ ବିରୋଧ କରିବା ସହିତ ବିଜ୍ଞତାର ସହିତ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଦଳକୁ ଭୋଟ ଦେବାକୁ ଏହି କଳାକାର ଗୋଷ୍ଠୀ ନିବେଦନ କରିଛି।

**୬୦୦ କଳାକାରଙ୍କ ନିବେଦନ**



ନାସିରୁଦ୍ଦିନ୍ ଶାହ    କୋଙ୍କଣା ସେନ୍‌ଶର୍ମା

ଇତିହାସର ଆଇନାରେ

## ଏପ୍ରିଲ ୬ର ପ୍ରମୁଖ ଘଟଣା

୧୯୯୨ ଏପ୍ରିଲ ୬ରେ ବୋସ୍‌ନିଆ ଯୁଦ୍ଧ ଆରମ୍ଭ ହୋଇଥିଲା। ବୋସ୍‌ନିଆ ଏବଂ ହେର୍ଜଗୋଭିନା ମଧ୍ୟରେ ଉପୁଜିଥିବା ଏହି ଯୁଦ୍ଧକୁ ଅନ୍ତର୍ଜାତୀୟ ସଶସ୍ତ୍ର ବିଦ୍ରୋହ କୁହାଯାଏ।

୨୦୧୨ ଏପ୍ରିଲ ୬ରେ ରିପବ୍ଲିକ୍ ଅଫ୍ ମାଲିଠାରୁ ଆଜାୱାଦକୁ ସ୍ୱାଧୀନ ଘୋଷଣା କରାଯାଇଥିଲା। ତୌରେଜ ବିଦ୍ରୋହୀମାନେ ମାଲି ସେନାକୁ ତଡିଦେବା ପରେ ନ୍ୟାଶନାଲ ମୁଭମେଣ୍ଟ ଫର ଦି ଲିବରେଶନ୍ ଅଫ୍ ଆଜାୱାଦ (ଏମ୍‌ଏନ୍‌ଏଲ୍‌ଏ) ଦ୍ୱାରା ଏହାକୁ ଏକପକ୍ଷୀୟ ଭାବେ ସ୍ୱାଧୀନ ଘୋଷଣା କରାଯାଇଥିଲା।

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଏପ୍ରିଲ ୬/୨୦୧୯ | Berhampur, Saturday, April 6/2019




ଧରିତ୍ରୀ
DHARITRI
ଶନିବାର, ୬ ଏପ୍ରିଲ, ୨୦୧୯

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ



ଗୌରବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୁଖ୍ୟମନ୍ତ୍ରୀଙ୍କ ବ୍ୟାୟାମ ଭିଡିଓ ଜାରି

## ସାମାଜିକ ଗଣମାଧ୍ୟମରେ ହେଲା ଭାଇରାଲ




**ଭୁବନେଶ୍ୱର,୫।୪(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାୟାମ କରୁଥିବାର ଏକ ଭିଡିଓ ଶୁକ୍ରବାର ଦଳ ପକ୍ଷରୁ ଜାରି କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକାର ବ୍ୟାୟାମ କରୁଥିବା ଦେଖାଯାଇଛି। ସାଧାରଣତଃ ଧଳା କୁର୍ତ୍ତା ଓ ପାଇଜାମା ପିନ୍ଧୁଥିବା ନବୀନଙ୍କୁ ଭିଡିଓରେ ଖେଳ ପୋଷାକ (ଟ୍ରାକ୍ ପ୍ୟାଣ୍ଟ ଏବଂ କଳା ବାନିୟନ)ପିନ୍ଧିଥିବାର ଦେଖିବାକୁ ମିଳିଛି। ଦୁଇ ମିନିଟ୍ ୮ ସେକେଣ୍ଡର ଏହି ଭିଡିଓଟିରେ ନବୀନ ପଟ୍ଟନାୟକ ଦୌଡୁଥିବା, ସାଇକେଲିଂ, ହ୍ୟାଙ୍ଗିଙ୍ଗ୍, ବଗିଚା ଭ୍ରମଣ ଏବଂ ଜଗିଂ ଇତ୍ୟାଦି କରୁଥିବା ଦେଖାଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶାରୀରିକ ଭାବେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି, ଏହି ବାର୍ତ୍ତା ଦେବାକୁ ଉକ୍ତ ଭିଡିଓ ଜାରି କରାଯାଇଥିବା ସମୀକ୍ଷକମାନେ ମତ ରଖିଛନ୍ତି। ଭିଡିଓଟି ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହିପରି ଏକ ଭିଡିଓ ଛାଡ଼ିଥିଲେ। ଏଥିସହିତ ଅନ୍ୟ କିଛି ସେଲିବ୍ରିଟିଙ୍କୁ ତାଙ୍କ ଫିଟ୍‌ନେସ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ଟୁଇଟର ମାଧ୍ୟମରେ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅନୁରୋଧକୁ ଅନେକେ ସମ୍ମାନ ଜଣାଇ ଏହିପରି ଭିଡିଓ ଜାରି କରିଥିଲେ। ଅତୀତରେ ମୁଖ୍ୟମନ୍ତ୍ରୀ ଶାରୀରିକ ଭାବେ ଅସୁସ୍ଥ ଥିବା କଥା ବିରୋଧୀମାନେ ଅଭିଯୋଗ ଆଣିଥିଲେ, ଯାହାକୁ ନେଇ ବିଜେଡି-ଭାଜପା ଆରୋପ-ପ୍ରତ୍ୟାରୋପର ପର୍ବ ମଧ୍ୟ ଦେଖିବାକୁ ମିଳିଥିଲା।

# ମେ ତୃତୀୟ ସପ୍ତାହରେ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆସନ୍ତା ମେ' ତୃତୀୟ ସପ୍ତାହରେ ପ୍ରକାଶ ପାଇବ। ଏ ନେଇ ଶୁକ୍ରବାର ସିବିଏସ୍‌ଇ ପକ୍ଷରୁ ଘୋଷଣା କରାଯାଇଛି। ପରୀକ୍ଷା ଫଳ ସିବିଏସ୍‌ଇ ୱେବ୍‌ସାଇଟ୍ CBSERESULTS.NIC.INରେ ଉପଲବ୍ଧ ହେବ। ଖୁବ୍‌ଶୀଘ୍ର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ। ଗତବର୍ଷ ମେ' ୨୬ରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଚଳିତବର୍ଷ ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୩ରେ ଶେଷ ହୋଇଥିଲା।

# ୪ ମାଓବାଦୀ ମୃତ, ଜଣେ ଯବାନ ଶହୀଦ

## ଛତିଶଗଡରେ ଏନ୍‌କାଉଣ୍ଟର

**ରାଇଘର,୫।୪(ଡି.ଏନ.ଏ):** ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଠାରୁ ୮ କି.ମି ଦୂର ସୀମାନ୍ତ ଛତିଶଗଡରେ ମାଓବାଦୀ ଓ ସିଆରପିଏଫ ଯବାନ ମଧ୍ୟରେ ଗୁରୁବାର ମଧ୍ୟ ରାତ୍ରିରେ ଗୁଳି ବିନିମୟ ହୋଇଛି। ଏଥିରେ ୪ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏଥିସହ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଓଡିଶା- ଛତିଶଗଡ ସୀମା ତଥା ଧାମତାରି ଜିଲାର ସୀତାନଦୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଖଲାରି ନିକଟସ୍ଥ ସାଲେଭଟା ଜଙ୍ଗଲ ମଧ୍ୟରେ ମୈନପୁର, ନୂଆପଡା, କଳାହାଣ୍ଡି ଜିଲାର ମାଓବାଦୀ ଡିଭିଜନର ମିଳିତ ଜୋନାଲ କମିଟି ବୈଠକ ଚାଲିଥିଲା। ବୋରେଇ ଓ ଖଲାରି ସିଆରପିଏଫ କ୍ୟାମ୍ପର ଯବାନ ଓ ବୋରେଇ ପୋଲିସ ମିଳିତ ଭାବେ ତଲାସୀ କରିଥିଲେ। ସେମାନେ ଚାମେଡା ଜଙ୍ଗଲ ଦେଇ ଅଗ୍ରସର ହେଉଥିବାବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ସୁରକ୍ଷା ବାହିନୀ ପାଲଟା ଜବାବ ଦେବାରୁ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ଏନ୍‌କାଉଣ୍ଟର ବେଳେ ମୁଖ୍ୟ କନ୍‌ଷ୍ଟେବଲ ହାରିଶ ଚାନ୍ଦ ଶହୀଦ ହୋଇଥିବାବେଳେ ସୁଧୀର କୁମାର ଆହତ ହୋଇଥିଲେ। ହାରିଶଙ୍କ ଘର ଭୋପାଲରେ ବୋଲି ଜଣାପଡିଛି।

# ସରିଲା ଖାତାଦେଖା, ମେ'ରେ ଫଳ ପ୍ରକାଶ

## ମାଟ୍ରିକ ପରୀକ୍ଷା

**କଟକ ଅଫିସ,୫।୪:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ମୂଲ୍ୟାୟନ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ଗତ ୨୫ ତାରିଖରୁ ରାଜ୍ୟର ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଜାରି ରହିଥିଲା। ତ୍ରୁଟିଶୂନ୍ୟ ତଥା ନିର୍ଭୁଲ ଭାବେ ପ୍ରାଥମିକ ଖାତାଦେଖା ପ୍ରକ୍ରିୟା ଶେଷ ହୋଇଛି ବୋଲି ବୋର୍ଡ ସଭାପତି ଡ. ଜାହାଁ ଆରା ବେଗମ୍ କହିଛନ୍ତି। ଆସନ୍ତା ମଙ୍ଗଳବାର ସୁଦ୍ଧା ସମସ୍ତ ଉତ୍ତରଖାତା ବୋର୍ଡ ଅଫିସରେ ପହଞ୍ଚିବ। ପରେ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ଏପ୍ରିଲ ଶେଷ ସପ୍ତାହ ସୁଦ୍ଧା କରାଯାଇ ମେ' ମାସରେ ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ସଭାପତି ଡ. ବେଗମ କହିଥିଲେ। ସେହିପରି ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାଖାତାର ମୂଲ୍ୟାୟନ ନେଇ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ଗତ ଫେବୃୟାରୀ ୨୨ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଏକସାଙ୍ଗରେ ଆରମ୍ଭ ହୋଇଥିଲା। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୨୮୩୦ଟି ପରୀକ୍ଷା କେନ୍ଦ୍ର ସ୍ଥିର ହୋଇଥିବାବେଳେ ୪୪ଟି କେନ୍ଦ୍ରରେ ମଧ୍ୟମା ଓ ୭୯ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ହୋଇଥିଲା। ଚଳିତବର୍ଷ ପ୍ରଥମଥର ନିମନ୍ତେ ୪ଟି ସମାନ୍ତରାଳ ପ୍ରଶ୍ନପତ୍ରର ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷରେ ଚଳିତ ମାଟ୍ରିକ ପରୀକ୍ଷାରେ ଓଡ଼ିଆ, ଗଣିତ ଓ ସାମାଜିକ ବିଜ୍ଞାନ ବିଷୟର ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ରାଜନୈତିକ ହତ୍ୟାକାଣ୍ଡ ଅଭିଯୋଗ

**ବଲାଙ୍ଗୀର ଅଫିସ, ୫।୪:** ବଲାଙ୍ଗୀର ଜିଲାର ଭାଜପା ନେତା ତଥା ବଙ୍ଗୋମୁଣ୍ଡା ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ରାଷ୍ଟ୍ରପତି ବେହେରା ଓ ଅନ୍ୟଜଣେ ସହଯୋଗୀଙ୍କ ମୃତ୍ୟୁ ଘଟିଛି। ପ୍ରଥମରୁ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ କୁହାଯାଉଥିଲେ ମଧ୍ୟ ବେହେରାଙ୍କ ପୁତୁରା ସୁରେଶ ବେହେରା ଏହାକୁ ଯୋଜନାବଦ୍ଧ ଷଡଯନ୍ତ୍ର ଓ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସୁରେଶ କହିଛନ୍ତି, ରାଷ୍ଟ୍ରପତି ତାଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିବା ପାଇଁ ଗୁରୁବାର ଭୁବନେଶ୍ୱର ନବୀନ ନିବାସ ଅଭିମୁଖେ ଯାଉଥିଲେ। ସୁବର୍ଣ୍ଣପୁର ଜିଲା ସିଆଲଜୁରି ନିକଟ ଏକ ଢ଼ାବାରେ ଖାଇ ସାରିବା ପରେ ତାଙ୍କ କାର ୫୭ ନମ୍ବର ଜାତୀୟ ରାଜପଥକୁ ଉଠିବା ପରେ ସାମ୍ନାପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରିପର ଉକ୍ତ କାରକୁ ଧକ୍କା ଦେଇଥିଲା। ଯେଭଳି ଭାବେ ଦୁର୍ଘଟଣା ଘଟିଲା ସେଥିରୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସୁରେଶ ଅଭିଯୋଗ କରିଛନ୍ତି। ଚଳିତ ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାଜପାର ବିଧାୟକ ଆଶାୟୀ ପ୍ରାର୍ଥୀ ଭାବେ ରାଷ୍ଟ୍ରପତି ଥିଲେ। ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ଗୁରୁବାର ରାତିରେ ସେ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିବାକୁ ଭୁବନେଶ୍ୱର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବାରୁ ଏହା ରାଜନୈତିକ ହତ୍ୟାକାଣ୍ଡ ବୋଲି ସନ୍ଦେହ ହେଉଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଏକାଦଶସ୍ଥ ବୁଧ ପ୍ରଭାବରେ ଆଜି ଆପଣ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ।

**ବୃଷ**

ଅଷ୍ଟମସ୍ଥ ବୃହସ୍ପତି ହେତୁ ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଦୀର୍ଘଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମିଥୁନ**

ରାଶିରେ ରାହୁ ଯୋଗୁ ବିଭିନ୍ନ ପ୍ରକାରର ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟକରିପାରେ। ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ**

ନବମସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ଏପରି କି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଆକସ୍ମିକ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ**

ଶୁକ୍ର ପ୍ରଭାବରେ କର୍ମକ୍ଷେତ୍ରରେ ଆହ୍ୱାନ ବ୍ୟତିରେକ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**

ଶନିଙ୍କ ଚତୁର୍ଥ ସ୍ଥିତି ଯୋଗୁ ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବରାଗ ଶୁଝାଇବାକୁ ଯାଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିର୍ମାଣ, ସଙ୍ଗଠନ, ପ୍ରଶାସନ ସ୍ତରରେ ସମସ୍ୟା ମୁକ୍ତ ରହିବ।

**ତୁଳା**

ସପ୍ତମ ସ୍ଥାନ ପ୍ରତି ଶୁଭଦୃଷ୍ଟିର ଅଭାବରେ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା**

ମାଙ୍ଗଳିକ କାର୍ଯ୍ୟ ସକାଶେ ନିଜର ଆତ୍ମୀୟମାନଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସାମାନ୍ୟ ବିଳମ୍ବିତ ସମୟରେ ଆଶା ପୂରଣ ହୋଇଯିବ।

**ଧନୁ**

ରବି ଓ ଚନ୍ଦ୍ର ହେତୁକ ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବ। ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ନ ହେବା ମୂଳରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର**

କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅର୍ଥସଂକଟର ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କୁମ୍ଭ**

ମଙ୍ଗଳଙ୍କ ଯୋଗୁ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ କିନ୍ତୁ ଋଣ ପରିଶୋଧ କରିବାରେ ବିଫଳ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ**

ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍‌ସନ ଜମା ଛାଡିବ ନାହିଁ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ, କିନ୍ତୁ ଚିନ୍ତା କରନ୍ତୁ ନାହିଁ। ଆଧ୍ୟାତ୍ମିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ।

ଆଜି ଚୈତ୍ର ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶନିବାର, ଏପ୍ରିଲ ୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮।୦୮ମି. ପରେ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୯ମି. ଗତେ ଘ୧।୨୧ମି. ମଧ୍ୟେ, ଘ୨।୫୪ମି. ଗତେ ଘ୪।୩୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୦ମି. ଗତେ ଘ୮।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୪୪ମି. ଗତେ ଘ୧୦।୧୭ମି. ମଧ୍ୟେ ରାହୁକାଳ।

# ୯ରେ ଆସୁଛନ୍ତି ରାହୁଲ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଇତି ମଧ୍ୟରେ ୪ ଥର ଓଡିଶା ଆସି ସାରିଲେଣି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଏହା ଭିତରେ ଓଡିଶାର ବିଭିନ୍ନ ପ୍ରାନ୍ତକୁ ଆସି ନିର୍ବାଚନୀ ସଭାରେ ଯୋଗ ଦେଉଛନ୍ତି। ଏହି କ୍ରମରେ ଆସନ୍ତା ୯ତାରିଖରେ ରାହୁଲ ପୁନର୍ବାର ଓଡିଶା ଗସ୍ତରେ ଆସୁଛନ୍ତି। ସେ ଫୁଲବାଣୀ ଗସ୍ତରେ ଆସି ସାଧାରଣ ସଭାରେ ଯୋଗଦେବେ। ସେଦିନ ପ୍ରଥମ ପର୍ଯ୍ୟାୟର ନିର୍ବାଚନ ପାଇଁ ପ୍ରଚାରର ଶେଷଦିନ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଫୁଲବାଣୀରେ ଭୋଟ୍ ହେବ। ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଫୁଲବାଣୀ ଯାଇ ପଡିଆ ପରିଦର୍ଶନ କରିଥିବା ଜଣାପଡିଛି।

# ଟ୍ରାକ୍ଟର-ସ୍କୁଟି ଧକ୍କା ଜଣେ ମୃତ, ୨ ଗୁରୁତର

**ଗୁଡଭେଲିପଦର, ୫।୪ (ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଶଗଡା ରାସ୍ତାର ଉଚ୍ଚବାହାଲି ଛକଠାରେ ଥିବା ବୁଲାଣିରେ ଶୁକ୍ରବାର ଟ୍ରାକ୍ଟର ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣା ସ୍ଥଳରେ ଟ୍ରାକ୍ଟରରେ ବସିଥିବା ଶ୍ରମିକ ଗଜିନ୍ଦ୍ର ଦେହୁରୀଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ସ୍କୁଟି ଆରୋହୀ ସତ୍ୟବାଦୀ ମହାପାତ୍ର (୨୬), ବୁଲୁ ମହାକୁଡ (୨୩) ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନମ୍ବର ବିହୀନ ଟ୍ରାକ୍ଟର ସୋନପୁର ତେଲନଦୀରୁ ବାଲି ବୋଝେଇ କରି ବରଗୋଛା ଗ୍ରାମକୁ ଯାଉଥିଲା। ଏହି ସମୟରେ ସ୍କୁଟି ଆରୋହୀ ଗୁଡଭେଲିପଦର ଗ୍ରାମରୁ ନିଜ ଗ୍ରାମ କୁର୍ଣ୍ଣାପାଲିକୁ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ମନମୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।


# CLASSIFIEDS




**SALE**

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/- BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 9439206202. D-66308

ଭୁବନେଶ୍ୱର Infosys-II ପଛପଟେ ପାଚେରି ସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

Booking 2BHK simplex 1200 sqft. land 12,80,000/-, 7km. from BJEM-II, monthly Installment 10,000/- 7735738102. D-11944

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ (**Grand bazar**) **NH5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot କିଣନ୍ତୁ। 9938737955.** D-66323

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

Book 4BHK flat near AIIMS square, 150 meter Aiginia over bridge NH-5, 1622sqft @ 65lac. including parking. 7978584549. D-66072

2BHK simplex 15,00,000/- finishing Hanspal, ready to move 30,00,000/- available. 9668194157. D-66328

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-12006

ଭୁବନେଶ୍ୱର ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ ଘରବାରି ପ୍ଲଟ ମିଳୁଅଛି। Contact: 9556124345, 9437287595. D-11901

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66330

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12005




Main road side modern building immediate occupation near Jharapada flyover Indian oil petrol pump cuttack road, Bhubaneswar. Suitable for office guest house etc. contact: 9438081042, 9438668573. D-11997

New ladies hostel, 60 bed available. Marble room attached latrine bathrooms, Baramunda Bus stand. Student, employees contact: 9438423524. D-11999

1800 sqft. office space for rent at Goutam Nagar. Contact: 9337117523. D- 62175

1 bedroom, 1 small room with dining, drawing, swimming pool & gym at Reta Valley near KEC College, BBSR, 9439084778. D-12003




**Built your Resudential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12004




ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଲେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ-ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Smrutiprava Samantaroy, W/o Chittaranjan Nayak have changed my name from Smrutiprava Samantroy to Smrutiprava Samantaroy vide affidavit dated 06/02/2019 sworn before Executive Magistrate, Bhubaneswar. Henceforth I, will be called as Smrutiprava Samantaroy onwards. D-11996

**1st Happy Birth Day**




**Sreyansh (Sai)**

''ହସୁଥାରେ ଧନ ସବୁଦିନ ତୁ ହସୁ ଥା' ତୋର ଏ ହସ ଦେଖି ଭୁଲିଯିବୁ ଆମେ ସବୁ ଦୁଃଖ ବ୍ୟଥା''
ଶୁଭେଚ୍ଛା ସହ: ଜେଜେ ମା, ଅଜା, ଆଈ, ବାବା, ମାମା, ବଡ଼ବାପା, ବଡ଼ବୋଉ, ପିଉସା, ପିଉସୀ, ମାମୁଁ, ମାଈଁ, ଦାଦା, ଖୁଡ଼ୀ, ସାରଦାବାବା, ପ୍ରିୟ ଦିଦି, ମନୀଷା ମିସ୍, ରୁବି ମିସ୍, ସୋନି, ଗୁଡୁଲି, ତୁତୁ, ଗୁଡ଼ି, ରାନୀ, ରିୟା, ଲକି, ନଣ୍ଟୁଲୁ ଓ ପରିବାରବର୍ଗ। ଧ-୬୬୪୨୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ଏପ୍ରିଲ ୬/୨୦୧୯ | Berhampur, Saturday, April 6/2019 | ପୃଷ୍ଠା-୧



‘#ମିଟୂ’ କାହାଣୀ ଶେୟାର କଲେ ଶ୍ରୁତି ମରାଠେ

ଜଣେ ପ୍ରଯୋଜକଙ୍କ ଅଶାଳୀନ ମନ୍ତବ୍ୟ ବିଷୟରେ ମୁହଁ ଖୋଲିଛନ୍ତି ମରାଠୀ ଫିଲ ଅଭିନେତ୍ରୀ ଶ୍ରୁତି ମରାଠେ ।

୦୫

୧୫

ନୀରଜ ଚୋପ୍ରା ପୁରସ୍କୃତ

ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ଅଲିମ୍ପିକ ରୌପ୍ୟ ବିଜୟିନୀ ପି.ଭି. ସିନ୍ଧୁ ୨୦୧୮ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ଭାବେ ଇଏସ୍‌ପିଏନ୍ ଇଣ୍ଡିଆ ମଲ୍ଟି-ସ୍ପୋର୍ଟ୍ସ ଆୱାର୍ଡ ଜିତିଛନ୍ତି ।








### ଆମେରିକା ଗଣିଲା ପାକିସ୍ତାନର ଯୁଦ୍ଧବିମାନ: ଯେତିକି ଦେଇଥିଲା ସେତିକି ଅଛି

# ଭାରତ ଖସାଇନାହିଁ ଏଫ୍-୧୬

**ୱାଶିଂଟନ/ନୂଆଦିଲ୍ଲୀ, ୫।୪(ଆଇଏଏନ୍‌ଏସ୍/ପି.ଟି.)**

ପାକିସ୍ତାନର କୌଣସି ଏଫ୍-୧୬ ଯୁଦ୍ଧବିମାନକୁ ଭାରତ ଖସାଇନାହିଁ। ପାକିସ୍ତାନ ବାୟୁସେନା (ପିଏଏଫ୍)କୁ ଆମେରିକା ଯୋଗାଇଥିବା ସମସ୍ତ ଲଢୁଆ ବିମାନ ସୁରକ୍ଷିତ ଅଛି। ଆମେରିକା ପକ୍ଷରୁ ସେଗୁଡ଼ିକୁ ଗଣାଯିବା ପରେ ଭାରତର ଦାବିକୁ ଖଣ୍ଡନ କରାଯାଇଛି। ଆମେରିକାର ଏକ ଆଗଧାଡ଼ିର ପତ୍ରିକାରେ ଏସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତର ଦାବିକୁ ନେଇ ପ୍ରଶ୍ନ ଉଠିଛି। ଭାରତ ମିଛ କହିବା ଛାଡ଼ି ପ୍ରକୃତ ସତ ସାମ୍ନାକୁ ଆଣୁ ବୋଲି ଶୁକ୍ରବାର ପାକିସ୍ତାନ ଦାବି କରିଛି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ଫେବୃୟାରୀ ୧୪ରେ ଜୈଶ୍ ଆକ୍ରମଣରେ ୪୯ ଯବାନ ଶହୀଦ ହେବା ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ପକ୍ଷରୁ ପାକିସ୍ତାନର ବାଲାକୋଟ ଆତଙ୍କବାଦୀ ତାଲିମ ଶିବିରକୁ ଟାର୍ଗେଟ କରାଯାଇଥିଲା। ପୁଲଓ୍ୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣକୁ ନେଇ ଦୁଇ ପଡ଼ୋଶୀ ମୁହାଁମୁହିଁ ହେବା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ୨୭ ତାରିଖରେ ପିଏଏଫ୍‌ର କେତୋଟି ଏଫ୍-୧୬ ଭାରତୀୟ ବାୟୁସୀମା ଅତିକ୍ରମ କରି ନିୟନ୍ତ୍ରଣରେଖା ସଂଲଗ୍ନ କେତେକ ସେନାଘାଟିକୁ ଟାର୍ଗେଟ କରୁଥିବାବେଳେ ଆଇଏଏଫ୍ ଏହାକୁ ଟାର୍ଗେଟ କରି ଖସାଇଦେଇଥିବା ଭାରତ ଦାବି କରିଥିଲା। ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ଏଫ୍-୧୬କୁ ଘଉଡ଼ାଇବାକୁ ଯାଇ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଚାଲିଯାଇଥିଲେ। ସେଠାରେ ପିଏଏଫ୍ ଆକ୍ରମଣରେ ଅଭିନନ୍ଦନଙ୍କ ମିଗ୍-୨୧ ବାଇସନ୍ ଖସିପଡ଼ିଥିଲା ଓ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ ଧରିନେଇଥିଲେ। ପାକିସ୍ତାନ କବ୍‌ଜାରେ ୬୦ ଘଣ୍ଟା ରହିବା ପରେ ମାର୍ଚ୍ଚ ୧ରେ ପଡ଼ୋଶୀ ଦେଶ ଅଭିନନ୍ଦନଙ୍କୁ ଛାଡ଼ିଦେଇଥିଲା। ଏହି ବିଷୟ ସାରା ଭାରତ ଜାଣିଛି। ହେଲେ ‘ଆମେରିକାନ୍ ଫରେନ୍ ପଲିସି’ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟ ☞ପୃଷ୍ଠା-୪

**ଆମେରିକାନ୍ ଫରେନ୍ ପଲିସି ଜର୍ନାଲ ରିପୋର୍ଟ**



- ୨ ପ୍ରତିରକ୍ଷା ଅଧିକାରୀ ପାକିସ୍ତାନ ଯାଇ ଗଣିଛନ୍ତି ସବୁ ଏଫ୍-୧୬
- ଆଇଏଏଫ୍‌ର ୨ଟି ଯୁଦ୍ଧବିମାନ ଖସାଇଛୁ ବୋଲି ପାକିସ୍ତାନର ଦାବି ଉପରେ ଆମେରିକାର ମୋହର
- ଭାରତ ‘ମିଛ ଦାବି’ରୁ ଓହରି ସତ ସାମ୍ନାକୁ ଆଣୁ: ପାକିସ୍ତାନୀ ସେନା

# ଜୟଦେବ କଂଗ୍ରେସ ପ୍ରାର୍ଥୀ ଶୂନ୍ୟ

**ଭୁବନେଶ୍ୱର,୫।୪(ବ୍ୟୁରୋ)**

- ସୁକାନ୍ତ ତିଆଡି ଭୋଇଙ୍କ ପ୍ରାର୍ଥିପତ୍ର ନାକଚ
- ଭାଜପା ଅଭିଯୋଗକୁ ନେଇ ନଳିନୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ଅଟକିଲା
- ଅନନ୍ତଙ୍କ ନାମରେ ବି ଅଭିଯୋଗ



ସୁକାନ୍ତ ତିଆଡି ଭୋଇ



ନଳିନୀ ପ୍ରଧାନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ବିଧିବଦ୍ଧ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଜଣେ ବିଧାୟକଙ୍କର ନାମାଙ୍କନପତ୍ର ନାଚକ ହୋଇଥିବା ଜଣାପଡ଼ିଛି। ସେହିପରି ସମ୍ବଲପୁର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ନାମାଙ୍କନପତ୍ର ଯାଞ୍ଚ ଅଟକିଥିବା ବେଳେ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିବା ଅନନ୍ତ ନାରାୟଣ ଜେନାଙ୍କ ପ୍ରାର୍ଥିତ୍ୱକୁ ନେଇ ଅଭିଯୋଗ ହୋଇଛି।

ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପୂର୍ବରୁ ଭୁବନେଶ୍ୱର ଲୋକ ସଭା ନିର୍ବଚାନ ମଣ୍ଡଳୀ ଅନ୍ତର୍ଗତ ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶୂନ୍ୟ ହୋଇଯାଇଛି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସୁକାନ୍ତ ତିଆଡ଼ି ଭୋଇଙ୍କର ପ୍ରାର୍ଥିପତ୍ର ନାକଚ ହୋଇଥିବା ଜଣାପଡ଼ିଛି। ପ୍ରାର୍ଥିପତ୍ରରେ ତ୍ରୁଟି ଥିବାରୁ ସୁକାନ୍ତ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିବା ସୂଚନା ମିଳିଛି । ତେବେ ଏ ନେଇ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ନିର୍ବାଚନ ମଇଦାନରୁ ସୁକାନ୍ତ ଆଉଟ ହେବା ପରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ଏବେ ବିଜେଡି ଓ କଂଗ୍ରେସ ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ଜୋର୍‌ଦାର ହେବ। ସୁକାନ୍ତଙ୍କ ପ୍ରାର୍ଥିପତ୍ର ନାଚକ କଂଗ୍ରେସକୁ ବଡ଼ ଝଟକା ଦେଇଛି। ଏହି ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅରବିନ୍ଦ ଢାଲି ଏବଂ ଭାଜପା ପ୍ରାର୍ଥୀ ନରେନ୍ଦ୍ରନାଥ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଜଣେ ପ୍ରତିଦ୍ୱନ୍ଦ୍ୱୀ ବାହାରିଯାଇଥିବା ବେଳେ ଲଢ଼େଇ କେବଳ କଂଗ୍ରେସ ଓ ବିଜେଡି ମଧ୍ୟରେ ହେବ।

ସେହିପରି ସମ୍ବଲପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ନୀତୀଶ ଗଙ୍ଗଦେବ ବିଜେଡି ପ୍ରାର୍ଥୀ ନଳିନୀଙ୍କ ପ୍ରାର୍ଥିତ୍ୱକୁ ନେଇ ଚ୍ୟାଲେଞ୍ଜ କରିଥିବା ବେଳେ ଅନନ୍ତଙ୍କ ବିରୋଧରେ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଅଭିଯୋଗ ଆଣିଛନ୍ତି। ନଳିନୀଙ୍କ ବିରୋଧରେ ନୀତୀଶ ଅଫିସ ଅଫ୍ ପ୍ରଫିଟ୍ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ହେବା ପରେ ନଳିନୀଙ୍କ ପ୍ରାର୍ଥିପତ୍ର ଯାଞ୍ଚକୁ ଘୁଞ୍ଚାଇ ଦିଆଯାଇଛି। ରିଟର୍ନିଂ ଅଫିସର ଶନିବାର ସକାଳ ୧୧ଟା ୪୫ ମିନିଟରେ ☞ପୃଷ୍ଠା-୪





ନୋ କେମିକଲ୍ ଡେଭଲପର୍

ସାଧାରଣତଃ କ୍ରୀମ୍ ହେଆର୍ କଲର୍'ର ପ୍ୟାକ୍ ରେ ଥାଏ ଦୁଇଟି ସାଶେ ବା ପୁଡ଼ିଆ – କଲର୍ ଆଉ କେମିକଲ୍ ଡେଭଲପର୍ । ଏହି କେମିକଲ୍ ଡେଭଲପର୍ ରେ ଅଛି ଅକ୍ସିଡାଇଜିଙ୍ଗ ଏଜେଣ୍ଟ ପରି ହାଇଡ୍ରୋଜେନ୍ ପେରୋକ୍ସାଇଡ୍, ଯାହା ଆପଣଙ୍କ ବାଳକୁ ବ୍ଲୀଚ୍ କରେ । ମାନେ ବଳକା କଳା ବାଳକୁ ବି ଫିକା କରେ । ବାଳକୁ ରକ୍ଷ, ନିସ୍ପ୍ରାଣ ଆଉ ଦୁର୍ବଳ କରିଦିଏ । ଆସିଗଲା ନୋ କେମିକଲ୍ ଡେଭଲପର୍ ବାଲା ନୂଆ "ଭାସ୍‌ମୋଲ୍ ଆଡ୍‌ଭାନ୍ସଡ କ୍ରେମ୍" ହେଆର୍ କଲର୍ । ଇୟେ ପ୍ରାକୃତିକ ଅମ୍ଳଜାନ** ଦ୍ୱାରା ଆପଣଙ୍କ ବାଳକୁ କଲର୍ କରେ ଆଉ ଦିଏ ନାଚୁରାଲ୍ ଲୁକିଙ୍ଗ, ସୁନ୍ଦର କଳା ବାଳ, ମାତ୍ର 30 ମିନିଟରେ ।

*କେମିକଲ୍ ଅକ୍ସିଡାଇଜିଙ୍ଗ ଏଜେଣ୍ଟସ ବାଳକୁ ଡ୍ୟାମେଜ୍ କରୁଥିବା ଲାଗି ଜଣାଶୁଣା । **ଭାସ୍‌ମୋଲ୍ ଆଡ୍‌ଭାନ୍ସଡ କ୍ରେମ୍ ହେଉଛି ଏକ ଅଟୋ ଅକ୍ସିଡେଶନ୍ ହେଆର୍ କଲର୍, ଯାହା କ୍ରୀମ୍ ରୂପରେ ଥାଏ, କୌଣସି କେମିକଲ୍ ଡେଭଲପର୍ ବ୍ୟବହାର କରେନାହିଁ । ପରିବର୍ତ୍ତେ, ଏହା ବାତାବରଣର ପ୍ରାକୃତିକ ଅମ୍ଳଜାନ ବ୍ୟବହାର କରିଥାଏ ।

Toll Free No.: 1800 266 8110


### ■ ଆଧାର ଅଧ୍ୟାଦେଶକୁ ଚ୍ୟାଲେଞ୍ଜ

## ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନାକଲେ

**ନୂଆଦିଲ୍ଲୀ,୫।୪(ପି.ଟି.)**

କେନ୍ଦ୍ର ସରକାରଙ୍କ ଆଧାର ଅଧ୍ୟାଦେଶ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଉକ୍ତ ଅଧ୍ୟାଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଆବେଦନକାରୀ ପ୍ରଥମେ ହାଇକୋର୍ଟରେ ଆବେଦନ କରିବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ଜଷ୍ଟିସ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ☞ପୃଷ୍ଠା-୪

### ■ ଭୋଟରଙ୍କୁ ଲୋଭଦେଖାଇଲେ ନବ ଦାସ: ଭିଡିଓ ଭାଇରାଲ

# ବିନା ମରୁଡ଼ିରେ ବି ସହାୟତା ଟଙ୍କା କରାଇଦେବି



ନବକିଶୋର ଦାସ ଉଦ୍‌ବୋଧନ ଦେଉଛନ୍ତି।

**ବାମରା, ୫।୪ (ସ୍ୱ.ପ୍ର.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ପାଣିପାଗ ସରଗରମ ରହିଛି। ସଭାସମିତିରେ ନେତାମାନେ ଭୋଟରଙ୍କୁ ଲୋଭର ପାହାଡ ଦେଖାଉଛନ୍ତି। ଅନେକ ପ୍ରତିଶ୍ରୁତି ଦେଉଛନ୍ତି। କ'ଣ କରିପାରିବେ କ'ଣ କରି ନ ପାରିବେ ତାହା ନ ଦେଖି ଯାହା ପାଟିକୁ ଆସିଲା କହି ଦେଇ ଯାଉଛନ୍ତି। ଫଳରେ ଏହା ସମ୍ପୃକ୍ତ ନେତାମାନଙ୍କୁ ଯେତିକି ଅଡୁଆରେ ନ ପକାଉଛି ଦଳ ପାଇଁ ତାହାଠୁ ଅଧିକ କଣ୍ଟା ସୃଷ୍ଟି କରୁଛି। ସମ୍ବଲପୁର ଜିଲା ବାମରା ବ୍ଲକ ତୁରେଇ ଗାଁରେ ବୁଧବାର ଏଭଳି ଏକ ଘଟଣା ଘଟିଛି। କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିବା ତଥା ଦଳରୁ ଝାରସୁଗୁଡା ବିଧାୟକ ପ୍ରାର୍ଥୀ ହୋଇଥିବା ନବକିଶୋର ଦାସ ଏକ ସଭାରେ କୁଚିଣ୍ଡା ବିଜେଡି ବିଧାୟକ ପ୍ରାର୍ଥୀ ଓ ଦଳର ସମ୍ବଲପୁର ଲୋକସଭା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଅନେକ ଲମ୍ବା ପ୍ରତିଶ୍ରୁତି ଦେଇଛନ୍ତି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବା ପରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ବିରୋଧୀ ଭାଜପା ଓ କଂଗ୍ରେସ ନବଙ୍କ ଏଭଳି କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି।

ଉକ୍ତ ସଭାରେ ନବ କହିଛନ୍ତି, ଏସ୍‌ଏଚଜି ମା'ମାନେ ବିଜେଡିର ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତୁ। ଲୋକଙ୍କ ଦାବି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚାଇବା କାମ ମୋର। ଯଦି ବିଜେଡିର କୁଚିଣ୍ଡା ବିଧାୟକ ପ୍ରାର୍ଥୀ କିଶୋରଚନ୍ଦ୍ର ନାଏକ ଓ ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନ ଜିତନ୍ତି ତେବେ ପ୍ରତି ପଞ୍ଚାୟତରେ ଏସଏଚଜି ଗ୍ରୁପର ସଦସ୍ୟାମାନେ ବସି ବୈଠକ କରିବା ପାଇଁ ଦି ବର୍ଷ ଭିତରେ ଦିଟା ଘର କରି ଦିଆଯିବ। ପିଇବା ପାଣି ଓ ନଳକୂଅ ସମସ୍ୟା ସେ ☞ପୃଷ୍ଠା-୪


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ■ ସିଭିଲ ସର୍ଭିସ୍ ପରୀକ୍ଷାଫଳ ପ୍ରକାଶ

# କନିଷ୍କ କାଟାରିଆ ଟପ୍ପର

**ଭୁବନେଶ୍ୱର,୫।୪(ବ୍ୟୁରୋ)**

**୧୧୮ ର୍‍ୟାଙ୍କରେ ଓଡ଼ିଶାର ସୌମ୍ୟରଞ୍ଜନ ରାଉତ**

କେନ୍ଦ୍ରୀୟ ଲୋକ ସେବା ଆୟୋଗ(ୟୁପିଏସ୍‌ସି) ୨୦୧୮ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସର୍ବଭାରତୀୟ ସ୍ତରରେ କନିଷ୍କ କାଟାରିଆ ଟପ୍ପର ହୋଇଛନ୍ତି। ଆଇଆଇଟି ବମ୍ବେରୁ ବି.ଟେକ୍ କରିଥିବା କନିଷ୍କ ହେଉଛନ୍ତି ତଫସିଲଭୁକ୍ତ ଜାତି ବର୍ଗର। କନିଷ୍କଙ୍କ ପରେ ଦ୍ୱିତୀୟ ସ୍ଥାନରେ ଅକ୍ଷତ ଜୈନ୍ ରହିଥିବା ବେଳେ ଜୁନେଦ୍ ଅହମ୍ମଦ ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ଚତୁର୍ଥରେ ଶ୍ରେୟାଂଶ କୁମାତ, ପଞ୍ଚମରେ ସୃଷ୍ଟି ଜୟନ୍ତ ଦେଶମୁଖ, ଷଷ୍ଠରେ ଶୁଭମ୍ ଗୁପ୍ତା, ସପ୍ତମରେ କ୍ରାନ୍ତି, ଅଷ୍ଟମରେ ବରୁଣ ରେଡ୍ଡୀ, ନବମରେ ବୈଶାଳୀ ସିଂ ଓ ଦଶମରେ ଗୁଞ୍ଜନ ଦ୍ୱିବେଦୀ ଅଛନ୍ତି। ତେବେ ପଞ୍ଚମ ସ୍ଥାନରେ ଥିବା ସୃଷ୍ଟି ଜୟନ୍ତ ଦେଶମୁଖ ମହିଳାଙ୍କ ଭିତରେ ଟପ୍ପର ହୋଇଛନ୍ତି। ସେହିପରି ଓଡ଼ିଶାର ସୌମ୍ୟରଞ୍ଜନ ରାଉତ ୧୧୮ ର୍‍ୟାଙ୍କରେ ରହିଛନ୍ତି। ଓଡ଼ିଶାର ଅନ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୯ ସ୍ଥାନରେ ଉପାସନା ମହାପାତ୍ର, ୨୩୫ରେ ଜୁବିନ ମହାପାତ୍ର, ୩୫୭ରେ ସୌରଭ ମିଶ୍ର, ୩୬୭ରେ ପ୍ରଶାନ୍ତ ମିଶ୍ର, ୫୨୬ରେ ସଞ୍ଜୟ ସାହୁ, ୬୨୯ରେ ଦେବରାଜ ଦାସ, ୫୩୮ରେ ସିଦ୍ଧାର୍ଥ ଗୌତମ, ୫୦୦ରେ ସୁଧାଂଶୁ ନାୟକ, ୫୧୧ରେ ଦୀପକ କୁମାର ମିଶ୍ର ଓ ୪୫୭ରେ ☞ପୃଷ୍ଠା-୪



କନିଷ୍କ କାଟାରିଆ

**ଆଜିର ସମ୍ପାଦକୀୟ**

ବାବୁଙ୍କ ଅବସର ଘର

**ଆଜିର ମନ୍ତବ୍ୟ**

"ଆତଙ୍କବାଦୀଙ୍କୁ ଭାରତ ଜବାବ ଦେଲେ କେତେଜଣଙ୍କ ନିଦ ହଜିଯାଉଛି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫ ବିଲିୟନ ବୃଦ୍ଧି ଘଟି ୪୧୨ ବିଲିୟନ ଡଲାର ଛୁଇଁଛି।
–ଆର୍‌ବିଆଇ

କର୍ମମାର୍ଗର ଭଲ ଦିଗଟି ହେଲା- ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ- ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି - ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା - ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। -ଶ୍ରୀଅରବିନ୍ଦ

# ବାବୁଙ୍କ ଅବସର ଘର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୀତି ଆୟୋଗ ଆଉ କେଉଁଥିରେ ନ ହେଉ ପଛେ, ଗୋଟିଏ ବିଷୟରେ ତାହାର ପୂର୍ବତନ ଅବତାର ଯୋଜନା କମିଶନ ସହ ସାଦୃଶ୍ୟ ରଖୁଛି- ଏହା ହେଉଛି ଅବସରପ୍ରାପ୍ତ ବାବୁମାନଙ୍କ ପସନ୍ଦର ଘର। ପ୍ରାପ୍ତ ସୂଚନା ଅନୁସାରେ, ନୀତି ଆୟୋଗରେ ଦଳେ ପୂର୍ଣ୍ଣକାଳୀନ ଅଫିସର ଉପଦେଷ୍ଟା ଓ ପ୍ରମୁଖ ଉପଦେଷ୍ଟା ଭାବେ କାର୍ଯ୍ୟରତ ଥିଲେ ମଧ୍ୟ ଉପାଧ୍ୟକ୍ଷ ରାଜୀବ କୁମାର ଓ ଅନେକ ସଦସ୍ୟ ଅବସରପ୍ରାପ୍ତ ବାବୁମାନଙ୍କୁ ଏଥିରେ ନିଯୁକ୍ତି ଦେବା ସପକ୍ଷରେ ଅଛନ୍ତି। ଏଥିରେ ଏହା ପୂର୍ବରୁ ଜଣେ ସ୍ୱତନ୍ତ୍ର ସଚିବ, ଜଣେ ପ୍ରମୁଖ ପରାମର୍ଶଦାତା, ଜଣେ ଅତିରିକ୍ତ ସଚିବ, ଦୁଇଜଣ ବରିଷ୍ଠ ଉପଦେଷ୍ଟା ଏବଂ ନଅଜଣ ଉପଦେଷ୍ଟା ଅଛନ୍ତି, ଯେଉଁମାନେ ସରକାରଙ୍କ ଦ୍ୱାରା ପୂର୍ଣ୍ଣ ଅବଧି ପାଇଁ ନିଯୁକ୍ତି ପାଇଛନ୍ତି। ତା' ସତ୍ତ୍ୱେ ଅଭିଜ୍ଞତା ଓ ଅବଦାନ ଆଧାରରେ ଅବସରପ୍ରାପ୍ତ ବାବୁମାନଙ୍କୁ ଅଣାଯାଉଛି। ନିକଟରେ ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଡ. ଅଶୋକ କୁମାର ଜୈନଙ୍କୁ ନିଯୁକ୍ତି ଦିଆଯାଇଛି, ଯିଏ କି ତେଲେଙ୍ଗାନା ବନ ଉନ୍ନୟନ ନିଗମର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଥିଲେ ଓ ଗତମାସରେ ଅବସର ନେଇଛନ୍ତି। ସେ ବର୍ତ୍ତମାନ ତିନିବର୍ଷ ପାଇଁ ନୀତି ଆୟୋଗର ପ୍ରମୁଖ ଉପଦେଷ୍ଟା (ଆପେକ୍ସ ସେଲ୍) ଭାବେ କାର୍ଯ୍ୟ କରିବେ। ତାଙ୍କ ନିଯୁକ୍ତିକୁ ପୂର୍ବ ଅଭିଜ୍ଞତା ଓ ନୀତି ଆୟୋଗ ପାଇଁ ଅବଦାନ ଦେବାର ସାମର୍ଥ୍ୟ ଦୃଷ୍ଟିରୁ ଯୁକ୍ତିଯୁକ୍ତ ଦର୍ଶାଯାଇଛି। ଭାରତୀୟ ହିମାଳୟ ଅଞ୍ଚଳର ଉନ୍ନୟନ ବିଷୟରେ ତାଙ୍କୁ ଜଣେ ବିଶେଷଜ୍ଞ ଭାବେ ବିଚାର କରାଯାଏ। ଏହା ପୂର୍ବରୁ ସି.କେ. ମୁରଲୀ ଓ ୟୁ.କେ. ଶର୍ମାଙ୍କୁ ମଧ୍ୟ ଅବସର ପରେ ନୀତି ଆୟୋଗ ସଦସ୍ୟ ଭାବେ ଗ୍ରହଣ କରିଥିଲା। କିନ୍ତୁ ଅନେକେ ଏହି ଉଦ୍ୟମକୁ ଅବସରପ୍ରାପ୍ତ ବା ଚାକିରିରେ ଥିବା ଓ ନିଜ ରାଜ୍ୟ କ୍ୟାଡରକୁ ଫେରିବାକୁ ଚାହୁଁ ନ ଥିବା ବାବୁମାନଙ୍କ କ୍ୟାରିୟରର ସମ୍ପ୍ରସାରଣ ବୋଲି ବିବେଚନା କରୁଛନ୍ତି।

### ଇସ୍ତଫା ପରେ ଇସ୍ତଫା

କେରଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍‌ଙ୍କ ବ୍ୟକ୍ତିଗତ ସଚିବ ଇସ୍ତଫା ଦେବା ପରେ ପରେ ଏବେ ପଡ଼ିଛି ତାଙ୍କ ମୁଖ୍ୟ ପ୍ରମୁଖ ସଚିବଙ୍କ ପାଳି। ୧୯୮୧ ବ୍ୟାଚ୍ ଆଇଏଏସ୍ ଅଫିସର ନଳିନୀ ନେଟ୍ଟୋ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସିଏମ୍‌ଓରେ କେତେକ ରାଜନୈତିକ ନିଯୁକ୍ତିକୁ ନେଇ ମତପାର୍ଥକ୍ୟ ହେତୁ ନେଟ୍ଟୋ ଇସ୍ତଫା ଦେଲେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ନିର୍ବାଚନ ସରିବା ପର୍ଯ୍ୟନ୍ତ ରହିବା ପାଇଁ କହିଥିଲେ ମଧ୍ୟ ସେ ସେଥିରେ ରାଜି ହୋଇ ନ ଥିଲେ। ମିଳିଥିବା ରିପୋର୍ଟ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କ ସହ ତାଙ୍କର ସମ୍ପର୍କ ଖରାପ ହୋଇଥିଲା ଏବଂ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଦେଖାଯାଉ ନ ଥିଲା। ଆଗରୁ ପିନାରାୟି ବିଜୟନ୍‌ଙ୍କ ସରକାରରେ ନେଟ୍ଟୋ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୬ରେ ଅବସର ପରେ ପରେ ବିଜୟନ୍ ତାଙ୍କୁ ତାଙ୍କର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଥିଲେ।

### ବାବୁଙ୍କ ଖେଳ ରାଜକୋଷକୁ କାଳ

ମହାରାଷ୍ଟ୍ରର ପାଞ୍ଚଜଣ ବରିଷ୍ଠ ବାବୁ ଡାଭୋସରେ ପାଞ୍ଚଦିନର ରହଣି ପାଇଁ ୭.୬୩ କୋଟି ଟଙ୍କାର ବିଲ୍ ପ୍ରଦାନ କରିଛନ୍ତି। ରାଜ୍ୟର ଏହି ପ୍ରତିନିଧି ଦଳରେ ଥିଲେ ଅତିରିକ୍ତ ମୁଖ୍ୟ ସଚିବ ଏସ୍.ଏମ୍. ଗୱାଇ। ଉକ୍ତ ବିଲ୍ ଏବେ ରାଜ୍ୟ ଆକାଉଣ୍ଟ୍ସ ବିଭାଗର ବିଚାରାଧୀନ ଅଛି। ଯଦି ବିଲ୍‌ଟି ପାସ୍ ହୋଇଯାଏ, ତେବେ ରାଜକୋଷରୁ ଏହି ବିପୁଳ ଟଙ୍କା ପଇଠ କରାଯିବ। ଟୁଇଟରରେ ଏହାକୁ ନେଇ ପ୍ରବଳ କ୍ରୋଧ ପ୍ରକାଶ ପାଇଥିଲେ ମଧ୍ୟ ଫଡ଼ନବିସ୍ ସରକାର ଏହା ଉପରେ କୌଣସି ତଦନ୍ତ ଆଦେଶ ଦେଇନାହାନ୍ତି। ଏତେ ବିପୁଳ ପରିମାଣର ଟଙ୍କା ବାବୁମାନେ ୫ ଦିନରେ କେମିତି ଖର୍ଚ୍ଚ କଲେ ତାହା ନ ଜାଣି ଟଙ୍କା ପଇଠ କରାଗଲେ ଟିକସଦାତାଙ୍କ ଅର୍ଥ ବରବାଦ ହେବା ସାର ହେବ। ଡାଭୋସ ହେଉଛି ବିଶ୍ୱର ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ କ୍ରୀଡ଼ାର ସ୍ଥାନ। ପ୍ରତିବର୍ଷ ଜାନୁୟାରୀ ମାସରେ ଦୁଇ ସପ୍ତାହ ପାଇଁ ଏହା ସ୍ୱିଜରଲାଣ୍ଡର ଏକ ସ୍କିଇଙ୍ଗ୍ ଗ୍ରାମରେ ପରିଣତ ହୋଇଯାଏ। ଏହି କ୍ରୀଡ଼ାର ମଜା ନେବା ପାଇଁ ଏଠାକୁ ବିଶ୍ୱର ବିଖ୍ୟାତ, ଧନୀ ଓ କ୍ଷମତାଶାଳୀ ଲୋକମାନେ ଆସନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ଏଠାକୁ ବିଶ୍ୱର ଧନୀ ବ୍ୟବସାୟୀ ଓ କ୍ଷମତାଶାଳୀ ରାଜନେତାମାନଙ୍କୁ ନିମନ୍ତ୍ରଣ କରି ବାଣିଜ୍ୟ, ଜଳବାୟୁ ପରିବର୍ତ୍ତନ ପରି ବିଭିନ୍ନ ବିଶ୍ୱ ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ଦିଏ। ଏହି ବାର୍ଷିକ କାର୍ଯ୍ୟକ୍ରମରେ ଭାରତ ମଧ୍ୟ ଅଂଶଗ୍ରହଣ କରେ। କିନ୍ତୁ ଏ ବର୍ଷ ରାଜନେତାମାନଙ୍କ ଅପେକ୍ଷା କର୍ପୋରେଟ୍ ହସ୍ତୀମାନଙ୍କ ସଂଖ୍ୟା ବେଶ୍ ଅଧିକ ହୋଇଥିଲା। ବାବୁମାନଙ୍କ ସଂଖ୍ୟା ବି କିଛି କମ୍ ନ ଥିଲା। ତେବେ ଏ ନିର୍ବାଚନ ଋତୁରେ ଏ ବିପୁଳ ଅର୍ଥ ବିନର୍ବ୍ୟୟ ଘଟଣା ସାଧାରଣ ଜନତାଙ୍କ ଚିନ୍ତାଧାରା ଉପରେ ପ୍ରଭାବ ପକାଇବାର ଥିବାରୁ ସରକାର ଏ ପ୍ରସଙ୍ଗ ଉପରେ ଆଦୌ ଉଦାସୀନ ରହିବା ଉଚିତ ନୁହେଁ।

Email: dilipcherian@gmail.com

# ଲୋକେ ଅସୁଖୀ ତ ଅସଫଳ ସରକାର



ଡ. ସନ୍ତୋଷ କୁମାର ମହାପାତ୍ର

ଆଉ କିଛିଦିନ ପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତା'ର ୫ ବର୍ଷର ଶାସନ ସମାପ୍ତି କରିବ। କିନ୍ତୁ ଯେଉଁ ଆଶା ନେଇ ଦେଶବାସୀ ଏହି ସରକାର ଗଠନ କରିଥିଲେ ତାହା ଆଜି ପୂରଣ ହୋଇଛି କି? ପ୍ରଥମ କଥା ହେଉଛି କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ଅନେକ ଦୁର୍ନୀତିରେ ଲୋକମାନେ ଅତିଷ୍ଠହୋଇ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କୁ କ୍ଷମତାସୀନ କରିଥିଲେ। ସେତେବେଳେ କ୍ଷମତାକୁ ଆସିବା ପାଇଁ ଅନେକ ମନଭୁଲାଣିଆ ସ୍ଲୋଗାନ ଦିଆଯିବା ସହିତ ଭାଜପା ତରଫରୁ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା। ସେଥିମଧ୍ୟରୁ ଥିଲା ବିଦେଶରୁ କଳାଧନ ଫେରାଇ ଆଣି ପ୍ରତି ଲୋକଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା, ପ୍ରତ୍ୟେକ ବର୍ଷ ୨ କୋଟି ନୂତନ ନିଯୁକ୍ତି ସୃଷ୍ଟି କରିବା, ରାଜନୀତିରେ ଅପରାଧୀକରଣ ବନ୍ଦ କରିବା ସହିତ ଦୁର୍ନୀତି, ଭ୍ରଷ୍ଟାଚାର ରୋକିବା, ଦରଦାମ୍ ନିୟନ୍ତ୍ରଣ କରିବା, ସମସ୍ତଙ୍କୁ ବିଦ୍ୟୁତ୍, ପାନୀୟଜଳ, ପାଇଖାନା ସୁବିଧା ଥିବା ବାସଗୃହ ଯୋଗାଇଦେବା, ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣ, ଚାଷୀମାନଙ୍କୁ ତାଙ୍କ ଚାଷ କାର୍ଯ୍ୟର ବ୍ୟୟ ଉପରେ ୫୦% ଲାଭ ପ୍ରଦାନକରି ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବା, ଲୋକପାଳ ନିଯୁକ୍ତି କରିବା, ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣି ମିନିମମ୍ ଗଭର୍ନମେଣ୍ଟ ଓ ମାକ୍ସିମମ୍ ଗଭର୍ନାନ୍ସ ନୀତିକୁ ଗୁରୁତ୍ୱ ଦେବା, ୟୁନିଫର୍ମ ସିଭିଲ କୋଡ୍ ପ୍ରଚଳନ କରିବା, ରାମମନ୍ଦିର ନିର୍ମାଣ ପାଇଁ ସମସ୍ତ ସମ୍ଭାବନା ସୃଷ୍ଟି କରିବା, କଶ୍ମୀର ପଣ୍ଡିତମାନଙ୍କୁ କଶ୍ମୀରକୁ ଫେରାଇ ଆଣିବା, ଜମ୍ମୁ-କଶ୍ମୀରରେ ଦକ୍ଷ ପ୍ରଶାସନ ପ୍ରଦାନ କରିବା ସହିତ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିବା। ଏତଦ୍‌ବ୍ୟତୀତ ଗଙ୍ଗା ପରିଷ୍କାର କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏଥିମଧ୍ୟରୁ ଅଧିକାଂଶ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ମଧ୍ୟରେ ରହିଯାଇଛି। 'ଅଚ୍ଛେ ଦିନ୍ ଆନେ ୱାଲା ହାଏ' ପରେ ବର୍ତ୍ତମାନ 'ମୋଦି ହାଏ ତୋ ମୁମ୍‌କିନ୍ ହାଏ' ସ୍ଲୋଗାନ ଦିଆଯାଉଛି।

ମୋଦି ସରକାରଙ୍କ ୨ଟି ସିଦ୍ଧାନ୍ତ ଆଲୋଡ଼ନ ସୃଷ୍ଟି କରିବା ସହିତ ସମାଲୋଚନାର ଶରବ୍ୟ ମଧ୍ୟ ହୋଇଥିଲା। ତାହା ହେଲା ବିମୁଦ୍ରୀକରଣ ଓ ଜିଏସ୍‌ଟି। କିନ୍ତୁ ବିମୁଦ୍ରୀକରଣ ଏକ ରାଜନୈତିକ ପଦକ୍ଷେପ ଥିଲା। ଏହା ଉତ୍ତରପ୍ରଦେଶ ନିର୍ବାଚନକୁ ଆଖିଆଗରେ ରଖି ନିଆଯାଇଥିଲା ବୋଲି ଅନେକେ ମତ ଦେଇଛନ୍ତି। କଳାଟଙ୍କା ଉଦ୍ଧାର, ଦୁର୍ନୀତି ହ୍ରାସ, ସନ୍ତ୍ରାସବାଦୀ କାର୍ଯ୍ୟକଳାପର ବିଲୋପ, ଜାଲ୍ ନୋଟ୍ କାରବାର ରୋକିବା ପାଇଁ ଏହି ସିଦ୍ଧାନ୍ତ ନିଆଯାଇଥିଲା ବୋଲି କୁହାଯାଉଛି। ପରେ ନଗଦ ମୁକ୍ତ ଅର୍ଥନୀତି ବା କମ୍ ନଗଦ ଅର୍ଥନୀତିର ଲକ୍ଷ୍ୟ ଯୋଡ଼ାଯାଇଥିଲା। କିନ୍ତୁ ପରିଣତିରେ ହେଲା କ'ଣ? ହେଲା ଏଇଆ ଯେ ସବୁ କଳାଟଙ୍କା ଧଳା ହୋଇଗଲା। କାରଣ ଅଚଳ ହୋଇଥିବା ଟଙ୍କାର ପ୍ରାୟ ୯୯%ରୁ ଊର୍ଦ୍ଧ୍ୱ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଫେରିଲା। ଜାଲ୍‌ନୋଟ୍ କାରବାର କମିବା ପରିବର୍ତ୍ତେ ବଢ଼ିଲା। ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହ୍ରାସ ପାଇଲାନାହିଁ, ଯାହାର ଜ୍ୱଳନ୍ତ ଉଦାହରଣ କଶ୍ମୀର।

ବାସ୍ତବରେ ଦୁର୍ନୀତିର ଉତ୍ସ ହେଉଛି ରାଜନୈତିକ ପ୍ରକ୍ରିୟା ଏବଂ ରାଜନୀତିର ଅପରାଧୀକରଣ। କୌଣସି ସରକାର ଏହାକୁ ବନ୍ଦ କରିବାକୁ ଚାହୁଁନାହାନ୍ତି, କାରଣ ନିର୍ବାଚନରେ ହଜାର ହଜାର କୋଟିର କଳାଟଙ୍କା ଖର୍ଚ୍ଚ ହେଉଛି, ଯାହା ବର୍ତ୍ତମାନ ସମସ୍ତେ ଅଙ୍ଗେ ନିଭାଉଛନ୍ତି। ଯେ କ୍ଷମତାରେ ରହୁଛି ସେ ଚାହୁଁଛି ଦଳୀୟ ପାଣ୍ଠିକୁ ଅର୍ଥ ପ୍ରଚୁର ଆସୁ। ଯେଉଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଛି, ସେଥିରେ କୌଣସି ଦଳୀୟ ପାଣ୍ଠିକୁ ଯିଏ ଦାନଦେବ, ତା'ର ନାମ ଗୋପନ ରଖାଯିବ। ଏହା ଦୁର୍ନୀତିକୁ ବେଶି ପ୍ରୋତ୍ସାହିତ କରୁଛି। ଏହି ବଣ୍ଡ୍ ମାଧ୍ୟମରେ ଯେତିକି ପାଣ୍ଠି ଆସୁଛି, ତହିଁରୁ ଭାଜପାକୁ କେବଳ ୯୫% ଆସୁଛି। ଅନ୍ୟ ଦଳ ତୁଳନାରେ ଭାଜପାକୁ ବହୁ ଅଧିକ ଅର୍ଥ ଆସୁଛି ଏବଂ ଏହାର ଆସେଟ୍ ମଧ୍ୟ ବହୁ ଅଧିକ। ପୁନଶ୍ଚ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଅନୁସାରେ ପ୍ରାୟ ୩୩% ସାଂସଦ ବା ବିଧାୟକଙ୍କ ନାମରେ ଅପରାଧର ଅଭିଯୋଗ ରହିଛି। ସେଥିରୁ ୪୮ଜଣଙ୍କ ନାମରେ ମହିଳାଙ୍କ ବିରୋଧରେ କରିଥିବା ଅପରାଧର ଅଭିଯୋଗ ରହିଛି। ଯଦି ଦଳଗତ କଥା ବିଚାର କରାଯାଏ ଭାଜପାରେ ସେହି ଅପରାଧୀଙ୍କ ସଂଖ୍ୟା ଅଧିକ। ଏଣୁ ଏସବୁର ସମାଧାନ ନ କରିବା ପର୍ଯ୍ୟନ୍ତ ଦୁର୍ନୀତି ହ୍ରାସ ପାଇବା କଷ୍ଟକର।

ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଏହି ସରକାର ଅମଳରେ ତଥ୍ୟ ବିକୃତୀକରଣର ଅଭିଯୋଗ ଉଠିଛି। ୧୦୮ ଜଣ ବିଶିଷ୍ଟ ବ୍ୟକ୍ତି ସରକାରଙ୍କୁ ଏ ସମ୍ପର୍କରେ ଲେଖିଛନ୍ତି। ସରକାର ତାଙ୍କ ଅମଳରେ ଅଧିକ ଅଭିବୃଦ୍ଧି ଏବଂ ଉପା ସରକାର ଅମଳରେ କମ୍ ଅଭିବୃଦ୍ଧି ଦେଖାଇବା, ନିଯୁକ୍ତି ଅଧିକ ଦେଖାଇବା ଏବଂ ନିଜର ବିଫଳତାକୁ ସଫଳତାର ରୂପ ଦେବା ପାଇଁ ତଥ୍ୟ ପ୍ରସ୍ତୁତିର ପଦ୍ଧତିରେ ପରିବର୍ତ୍ତନ କରିବାର ଅଭିଯୋଗ ଆସିଛି, ଯାହା ଭାରତ ଇତିହାସରେ କେବେ ଦେଖିବାକୁ ମିଳି ନ ଥିଲା। ଏପରି କାର୍ଯ୍ୟକୁ ବିରୋଧକରି ଜାତୀୟ ପରିସଂଖ୍ୟାନ ଆୟୋଗରୁ ୨ ଜଣ ଇସ୍ତଫା ଦେଇଛନ୍ତି। କେବଳ ସେତିକି ନୁହେଁ, ବିଭିନ୍ନ ନିୟାମକ ସଂସ୍ଥାରେ ହସ୍ତକ୍ଷେପ ଯୋଗୁ ଏହାର ମୁଖ୍ୟ ସବୁ ଇସ୍ତଫା ଦେଉଛନ୍ତି। ନୀତି ଆୟୋଗର ପାନଗାରିଆ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍, ରିଜର୍ଭ ବ୍ୟାଙ୍କର ଗଭର୍ନର ଉର୍ଜିତ ପଟେଲ ଇସ୍ତଫା ଦେବା ଏହାର ଜ୍ୱଳନ୍ତ ଉଦାହରଣ। ସରକାରଙ୍କୁ ଅର୍ଥନୀତିରୂପକ ଗାଡ଼ିର ଡ୍ରାଇଭର ଭାବେ ବିଚାର କରାଗଲେ, ନିୟାମକ ସଂସ୍ଥା ଓ ଗଣମାଧ୍ୟମକୁ ବ୍ରେକ୍ ଭାବେ ବିଚାର କରାଯିବ। ବ୍ରେକ୍ ଯଦି ଦୁର୍ବଳ ହୁଏ, ତେବେ ଅର୍ଥନୀତି ଅବସ୍ଥା କ'ଣ ହେବ ସହଜରେ ଅନୁମେୟ। ଜରୁରିକାଳୀନ ପରିସ୍ଥିତି ପରେ ବର୍ତ୍ତମାନ ପ୍ରଥମଥର ପାଇଁ ସ୍ୱାଧୀନ ମତଦେବା କଷ୍ଟକର ହୋଇଛି। ଅଧିକାଂଶ ଗଣମାଧ୍ୟମ ସ୍ୱାଧୀନତା ହରାଇଲା ବେଳେ ବୁଦ୍ଧିଜୀବୀମାନେ ଆଜି ସର୍ବାଧିକ ଅବହେଳିତ। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏ ସରକାର ଭାବାବେଗ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗକୁ ବେଶି ପ୍ରଚାର କରୁଛନ୍ତି ଏବଂ କ୍ଷୁଧା, ଦାରିଦ୍ର୍ୟ, ବେକାରି ଓ ବୈଷମ୍ୟ ଭଳି ସମସ୍ୟାଠାରୁ ଲୋକଙ୍କୁ ଦୂରେଇରଖିବାର ପ୍ରୟାସ କରୁଛନ୍ତି, ଯାହା ଗଣତନ୍ତ୍ରର ପରିପନ୍ଥୀ।

ସରକାର ୨ କୋଟି ନିଯୁକ୍ତି ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ କଥା ସତ ଯେ ଯିଏ ବି ସରକାର କରୁନା କାହିଁକି ବେକାରି ପରି ସମସ୍ୟା ସମାଧାନ କରିବା ସହଜସାଧ୍ୟ ନୁହେଁ। କିନ୍ତୁ ସରକାରଙ୍କ ପ୍ରଚେଷ୍ଟା ଅବ୍ୟାହତ ରହିବା ଉଚିତ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ସରକାର ନିଯୁକ୍ତି ବୃଦ୍ଧି ବିଶେଷକରି ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରୟାସ କରୁନାହାନ୍ତି, ଯାହା ବିସ୍ଫୋରକ ସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଏନ୍‌ଏସ୍‌ଏସ୍‌ଓର ଆକଳନ ଅନୁଯାୟୀ ୨୦୧୭-୧୮ରେ ୬.୫କୋଟି ଯୁବତୀଯୁବକ ବେକାର ଏବଂ ବେକାରି ହାର ୬.୧%, ଯାହା ଗତ ୪୫ ବର୍ଷରେ ସର୍ବାଧିକ। ସବୁଠାରୁ ଚିନ୍ତାର ବିଷୟ ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ପରିଗଣିତ ହେଲେ ମଧ୍ୟ ବିଭିନ୍ନ ସୂଚକାଙ୍କରେ ଅତି ନିମ୍ନରେ ରହିଛି। ଅଭିବୃଦ୍ଧିର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରୁନାହିଁ। ଭାରତର ୧% ଲୋକଙ୍କ ପାଖରେ ଦେଶର ମୋଟ ସମ୍ପଦର ୫୧.୫୩% ଏବଂ ୧୦% ଲୋକଙ୍କ ପାଖରେ ୭୭.୪% ରହିଛି।

ଜଣେ ପ୍ରଶ୍ନ କରିପାରେ ସରକାରଙ୍କ ଅମଳରେ କ'ଣ କିଛି ଭଲ ଯୋଜନା ହୋଇନି, ନିଶ୍ଚୟ ହୋଇଛି। କିନ୍ତୁ ଏକ ସରକାରଙ୍କୁ ପ୍ରଶଂସା କରାଯିବ ସେତେବେଳେ ଯେତେବେଳେ ସେହି ସରକାର ଜିଡିପି ଅନୁସାରେ ଅଧିକ ଟିକସ ଆଦାୟ କରିବେ, ବଜେଟ ଆକାର ଜିଡିପି ଅନୁସାରେ ବୃଦ୍ଧି ପାଇବ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ କ୍ଷେତ୍ରରେ ବେଶି ବ୍ୟୟବରାଦ ହେବ। ଏପରି ହେଲେ ସମଗ୍ର ଜନତାଙ୍କ ଉପରେ ଏହାର ସୁପ୍ରଭାବ ପଡ଼ିବ। କିନ୍ତୁ ଜିଡିପି ଅନୁସାରେ ବଜେଟ ଆକାର ହ୍ରାସ ପାଉଛି। ଦୀର୍ଘବର୍ଷ ଧରି ଜିଡିପି ଅନୁସାରେ ଟିକସ ଆଦାୟ (କେନ୍ଦ୍ର+ରାଜ୍ୟ) ପ୍ରାୟ ୧୭% ପାଖାପାଖି ରହିଛି, ଯାହା ଉନ୍ନତ ଦେଶ ତୁଳନାରେ ଅଧା। ଯଦି ନରେନ୍ଦ୍ର ମୋଦି ଏହାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥାନ୍ତେ ନିଶ୍ଚୟ ପ୍ରଶଂସାଯୋଗ୍ୟ ହୋଇଥାନ୍ତେ। କିନ୍ତୁ ସେ ଟିକସ ରିହାତି ଦେବା ସହିତ କିଛି ନିର୍ଦ୍ଦିଷ୍ଟ କର୍ପୋରେଟ୍‌ଙ୍କ ସମ୍ପଦ ବୃଦ୍ଧିକୁ ପ୍ରାଧାନ୍ୟ ଦେଲେ। ଗରିବ ସେହି ଗରିବ ରହିଗଲା। ପୁନଶ୍ଚ ଶିକ୍ଷା ଓ ସ୍ୱାସ୍ଥ୍ୟରେ ଜିଡିପି ଅନୁସାରେ ବ୍ୟୟ ହ୍ରାସ ପାଉଛି। ଫଳରେ ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ଭାରତ ପଛକୁ ଗତି କରୁଛି ବୋଲି କହୁଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ବ୍ୟୟ ଦୃଷ୍ଟିରୁ ଭାରତ ୧୫୧ ସ୍ଥାନରେ ଅର୍ଥାତ୍ ୧୫୦ଟି ଦେଶ ତଳେ। ମହିଳାମାନଙ୍କ ସ୍ଥିତି ଆହୁରି ନିମ୍ନଗାମୀ ହେବା ସହିତ ସେମାନଙ୍କ ଉପରେ ହିଂସା ବୃଦ୍ଧି ପାଉଛି। ସବୁଠାରୁ ଦୁଃଖର ବିଷୟ ଗତ କିଛିବର୍ଷ ହେବ ଭାରତୀୟମାନେ ଦିନକୁଦିନ ଅସୁଖୀ ହେଉଛନ୍ତି। ମୁଣ୍ଡ ପିଛା ଆୟ, ସାମାଜିକ ସହାୟତା, ହାରାହାରି ଆୟୁ, ସ୍ୱାଧୀନତା, ମହାନତା, ଦୟା, ଦୁର୍ନୀତି ହ୍ରାସକୁ ଭିତ୍ତିକରି ବିଶ୍ୱ ଖୁସି ସୂଚକାଙ୍କ ୨୦୧୯ରେ ଭାରତ ୧୫୦ଟି ଦେଶ ମଧ୍ୟରେ ୧୪୦ ସ୍ଥାନକୁ ଆସି ୧୩୯ଟି ଦେଶ ତଳେ। ୨୦୧୫ରେ ଭାରତ ୧୧୭ ସ୍ଥାନରେ ଥିଲା। ଭାରତୀୟମାନେ ଯଦି ଅସୁଖୀ, ତେବେ ସରକାର ସଫଳ ବୋଲି କିପରି କୁହାଯିବ?

ମୋ-୯୪୩୭୨୦୮୭୬୨,
skmohapatra67@gmail.com

# ପଞ୍ଜିକାରେ ଭବିଷ୍ୟତ ସୂଚନା



ହରିଶଙ୍କର ମିଶ୍ର

ପ୍ରତ୍ୟେକ ବର୍ଷ ମହାବିଷୁବ ପଣାସଂକ୍ରାନ୍ତିଠାରୁ ପ୍ରଚଳିତ ହେଉଥିବା ବାର୍ଷିକ ପଞ୍ଜିକା ଦୋଳପୂର୍ଣ୍ଣମୀ ଦିନ ଦୋଳବେଦିରେ ଗ୍ରହବିପ୍ର ପାଠ କରିବା ବିଧି ରହିଛି। ବର୍ଷ ମଧ୍ୟରେ ଶୁଭାଶୁଭ ତିଥି, ସ୍ନାନଯୋଗ, ଦୈନିକ ପଞ୍ଚାଙ୍ଗ ବ୍ୟାପ୍ତି ଭିତ୍ତିରେ ବିବିଧ ସୂଚନା ସହ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ, କୃଷି ସୂଚନା, ପାଣିପାଗ, ଶସ୍ୟାଦିର ଆୟ, ରାଜ୍ୟ ଓ ରାଷ୍ଟ୍ରଫଳର ପୂର୍ବାନୁମାନ ରହୁଥିବାରୁ ଏହି ସୂଚନା ଜାଣିବା ପାଇଁ କିଛି ବର୍ଷ ପୂର୍ବେ ଦୋଳବେଦି ନିକଟରେ ବେଶ୍ ଜନଗହଳି ହେଉଥିଲା। ଏହି ନିର୍ଣ୍ଣୟ ଗ୍ରହମାନଙ୍କର ସ୍ଥିତି ଓ ଚଳନ ସହ ଅନ୍ୟ ଗଣନା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ସୁଲଭ ମୁଦ୍ରଣ ପାଇଁ ଗଣନାରେ ବ୍ୟାପକ ଅମେଳ ସତ୍ତ୍ୱେ କେବଳ ବ୍ୟବସାୟିକ ଉଦ୍ଦେଶ୍ୟରେ ଏବେ ଅନେକ ପଞ୍ଜିକା ଉପଲବ୍ଧ ହେଉଥିବାରୁ ଆମ ଚଳଣିରେ ପଞ୍ଜିକାର ଭୂମିକା ଗୌଣ ହୋଇଯାଉଛି। ଗଣନା ନିର୍ଭୁଲ ରହିଲେ ପଞ୍ଜିକାପ୍ରଦତ୍ତ ସମସ୍ତ ତଥ୍ୟ ଓ ସୂଚନା ମଧ୍ୟ ତ୍ରୁଟିଶୂନ୍ୟ ହୋଇଥାଏ।

ଚଳିତ ବର୍ଷ (୨୦୧୮-୧୯) ଓଡ଼ିଶାରେ ପ୍ରଚଳିତ ଅଗ୍ରଣୀ ପଞ୍ଜିକାମାନଙ୍କରେ ପ୍ରଦତ୍ତ ଭବିଷ୍ୟ ସୂଚନାରୁ ଜଣାଯାଏ ଯେ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟବୃଦ୍ଧି ଓ ଆତଙ୍କବାଦର ସୂଚନା ଅନେକ ପଞ୍ଜିକାରେ ରହିଥିବା ବେଳେ ଭାଗ୍ୟଦୀପ ପ୍ରେସ ପଞ୍ଜିକାରେ ଶତ୍ରୁଙ୍କର ଗୁପ୍ତ ଆଞ୍ଚ ଠାବ ଓ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାରେ ସୀମାନ୍ତରେ ଯୁଦ୍ଧ ପରିସ୍ଥିତିର ସୂଚନା ଥିଲା। କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ପ୍ରଗତି ଓ ସମ୍ମାନ ବୃଦ୍ଧିର ସୂଚନା କିଛି ପଞ୍ଜିକାରେ ରହିଥିବା ବେଳେ ଅସଲି ଖଡିରତ୍ନ ପଞ୍ଜିକାରେ କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା ଦେଶ ଓ ବିଶ୍ୱସ୍ତରରେ ସୁନାମ ପାଇବାର ସୂଚନା ଥିଲା। ରାଧାରମଣ ପ୍ରେସର ପଞ୍ଜିକାନୁଯାୟୀ ଉପରସ୍ତରରେ ଦୁର୍ନୀତି ହ୍ରାସ ହେଲେ ବି ତଳସ୍ତରରେ ବୃଦ୍ଧି, ଯୋଗାଯୋଗରେ ଉନ୍ନତି, ପ୍ରଶାସନିକ ବିଫଳତା ସହ ଉଚ୍ଚ ନ୍ୟାୟାଳୟର ଦୃଷ୍ଟାନ୍ତମୂଳକ ରାୟର ସୂଚନା ଥିବାବେଳେ ଭାଗ୍ୟଜ୍ୟୋତି ପ୍ରେସ ପଞ୍ଜିକାରେ ଶୃଙ୍ଖଳିତ ଶାସନ, ନୂତନ ଯୋଜନା, ସବୁ ସ୍ତରରେ ଦୁର୍ନୀତି ହ୍ରାସ ଓ ବେକାରି ସମସ୍ୟା ସମାଧାନର ସୂଚନା ରହିଥିଲା। ଅସଲି ଖଡିରତ୍ନ ପଞ୍ଜିକାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଯୋଜନା ପ୍ରଣୟନରେ ମତଭେଦ, କିଛି ମନ୍ତ୍ରୀଙ୍କ ସ୍ୱଇଚ୍ଛାରେ ପଦତ୍ୟାଗ, ଯୋଜନାର ଅପବ୍ୟବହାର, କେନ୍ଦ୍ର ସରକାରଙ୍କ ବ୍ୟୟବହୁଳ ବିଜ୍ଞାପନ ସହ ରାଜ୍ୟରେ ସରକାରୀ କର୍ମଚାରୀ, ଶିକ୍ଷା ବିଶେଷତଃ ଆଇନ ବିଭାଗୀୟ ଆନ୍ଦୋଳନର ସୂଚନା ଥିଲା। ଶାରଳା ପଞ୍ଜିକାରେ ବ୍ୟଭିଚାର ବୃଦ୍ଧି, ଶିକ୍ଷା ବିଭାଗ ସମସ୍ୟା ସହ ରାଜନୈତିକ ଅସ୍ଥିରତା ଓ ଶାସନ ମୁଖ୍ୟଙ୍କର ଲୋକପ୍ରିୟତା ଦର୍ଶାଯାଇଥିଲା।

ସାମନ୍ତଚନ୍ଦ୍ରଶେଖରପଞ୍ଜିକାରେବର୍ଷଟିସାମଗ୍ରିକ ଭାବେ ଦେଶ ପାଇଁ ଶୁଭଦାୟକ ଦର୍ଶାଯାଇଥିବା ବେଳେ କର୍ମକୁଶଳୀ ପ୍ରଜାକଲ୍ୟାଣକାରୀ ଶାସନରେ ପ୍ରଜାଙ୍କର ଭୋଗବିଳାସ ବୃଦ୍ଧି, ଅପବ୍ୟୟ, ଖାଦ୍ୟ ଓ ଜଳର ଅପବ୍ୟବହାର, ଟଙ୍କାର ମୂଲ୍ୟ ହ୍ରାସ, ଟିକସ ବୃଦ୍ଧି, ପଡ଼ୋଶୀ ଦେଶ ସହ ଶୀତଳ ଯୁଦ୍ଧ, ସାମାଜିକ ସୁରକ୍ଷା, ଆତ୍ମନିଯୁକ୍ତି, ଦକ୍ଷତା ତାଲିମ ଆଦି ମାନବ ସମ୍ବଳର ବିକାଶ ସହ ଦେଶର ଅସ୍ମିତା ବୃଦ୍ଧିର ସୂଚନା ରହିଥିଲା। ହିଂସାତ୍ମକ ଘଟଣା, ଶାସନରେ ଦୁର୍ନୀତି ଓ ଗଣତନ୍ତ୍ରର ଚାରି ଖମ୍ବ ମଧ୍ୟରେ ବିବାଦର ସୂଚନା ମଧ୍ୟ ଥିଲା। ପ୍ରତ୍ୟେକ ପଞ୍ଜିକାରେ ବର୍ଷା ୫୦ ଦିନ ରହିଥିବା, କିନ୍ତୁ କୋହିନୂର ପ୍ରେସ ପଞ୍ଜିକାରେ ୭୨ ଦିନ ଦର୍ଶାଯାଇଥିବା ବେଳେ ତା୨୭।୭।୧୮ରିଖରେ ସଂଘଠିତ ଚନ୍ଦ୍ରଗ୍ରହଣର ସର୍ବମୋକ୍ଷ ସମୟ ସମସ୍ତ ପଞ୍ଜିକାଠାରୁ ଏଥିରେ ଭିନ୍ନ ରହିଥିଲା। ପ୍ରତ୍ୟେକ ସଂକ୍ରାନ୍ତି ଦିନ ପ୍ରଦତ୍ତ ପାଣିପାଗକୁ ଲକ୍ଷ୍ୟ କଲେ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାରେ ପ୍ରଦତ୍ତ ତଥ୍ୟ ଅନେକାଂଶରେ ସତ୍ୟ ହୋଇଥିବା ଜଣାଯାଏ।

ତେବେ ୨୦୧୯-୨୦ ମସିହା ପାଇଁ ପ୍ରକାଶିତ ପଞ୍ଜିକା ଦେଶ ତଥା ରାଜ୍ୟର ସାଧାରଣ ନିର୍ବାଚନ ବର୍ଷରେ ହେଉଥିବାରୁ ଏହାର ପୂର୍ବାନୁମାନର ଗୁରୁତ୍ୱ ରହିଛି। ମାତ୍ର ରାଧାରମଣ ପ୍ରେସ ବା କୋହିନୂର ପ୍ରେସ ପଞ୍ଜିକାରେ ଏ ସମ୍ପର୍କରେ ସାମାନ୍ୟତମ ସୂଚନା ନ ଥିବା ବେଳେ ଅନ୍ୟ ପଞ୍ଜିକା ଭଳି କେବଳ ବାତ୍ୟା, ବନ୍ୟା, ଘୂର୍ଣ୍ଣିଝଡ଼ରେ ଧନଜୀବନ ହାନିର ସୂଚନା ରହିଛି। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାରେ ପ୍ରଦତ୍ତ ରାଷ୍ଟ୍ରଫଳ ଓ ରାଜ୍ୟଫଳ ଅନୁଯାୟୀ କେନ୍ଦ୍ରରେ ସରକାର ପରିବର୍ତ୍ତନ ହୋଇ ନ ପାରେ। ରାଜ୍ୟରେ ସମର୍ଥନ ହ୍ରାସ ସତ୍ତ୍ୱେ ସରକାର ଅପରିବର୍ତ୍ତିତ ରହିବା ସହ ଶାସନ ମୁଖ୍ୟଙ୍କର ସ୍ୱାସ୍ଥ୍ୟ ପ୍ରତି ମନ୍ତବ୍ୟ ରହିଛି। ଅସଲି ଖଡିରତ୍ନ ପଞ୍ଜିକାରେ ମଧ୍ୟ କେନ୍ଦ୍ର ବା ରାଜ୍ୟ ସରକାର ଅପରିବର୍ତ୍ତିତ ରହିବା ସହ ଯୁବ ଓ ନାରୀ ନେତୃତ୍ୱର ସୂଚନା ରହିଛି। ଉଭୟ ପଞ୍ଜିକାରେ ଦେଶରେ ସାମ୍ବିଧାନିକ ସଂକଟ, ଐକ୍ୟ ଓ ସଂହତି ପ୍ରତି ଅସମ୍ମାନ ସତ୍ତ୍ୱେ ଦେଶର ବିବିଧ ସାଫଲ୍ୟର ସୂଚନା ରହିଛି। ଏଥି ସହ ନ୍ୟାୟପାଳିକା ଓ ସଂସଦ ମଧ୍ୟରେ ବିବାଦ, ପ୍ରାକୃତିକ ବିପର୍ଯ୍ୟୟର ସୂଚନା ମଧ୍ୟ ରହିଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଗଣନା ଓ ଶାସ୍ତ୍ର ବିଚାର ଠିକ୍ ରହିଲେ ପଞ୍ଜିକାପ୍ରଦତ୍ତ ସୂଚନା ତ୍ରୁଟିଯୁକ୍ତ ହୋଇ ନ ପାରେ। ତେଣୁ ରାଜ୍ୟର ବିଜ୍ଞ ଗଣକମାନେ ବ୍ୟବସାୟିକ ମନୋବୃତ୍ତି ପରିହାରପୂର୍ବକ ଠିକ୍ ଗଣନାରେ ପରିପୁଷ୍ଟ ପଞ୍ଜିକା ପ୍ରକାଶ କରାଇ ଏହାର ହୃତଗୌରବ ଫେରାଇ ଆଣନ୍ତୁ। ପଞ୍ଜିକା ସର୍ବ ଅନୁକରଣୀୟ ହୋଇ ସମାଜରେ ପୂର୍ବବତ୍ ମାର୍ଗଦର୍ଶିକା ହୋଇପାରିବ ଏଥିରେ ସନ୍ଦେହ ନାହିଁ।

୧୧୩-ଗୁଣ୍ଡିଚାବିହାର, ସର୍ବୋଦୟନଗର,
ପୁରୀ, ମୋ-୭୯୭୮୭୮୫୪୭୮

## ଏଇ ଭାରତରେ

ମାନବିକତା ସବୁ ଧର୍ମ, ସମ୍ପ୍ରଦାୟଠାରୁ ଊର୍ଦ୍ଧ୍ୱରେ। ଏହା ମଣିଷପଣିଆର ଏକ ମହତ୍ତ୍ୱପୂର୍ଣ୍ଣ ପରିପ୍ରକାଶ। ଉତ୍ତରପ୍ରଦେଶର ମାନବୀ ନାମ୍ନୀ ଜଣେ ମହିଳା କନ୍‌ଷ୍ଟେବଲ ସେବା ମାଧ୍ୟମରେ ମାନବିକତାର ଉଦାହରଣ ସୃଷ୍ଟିକରି ଅନ୍ୟମାନଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛନ୍ତି। ସମ୍ପ୍ରତି ମାନବୀ ସନ୍ଥ କବୀରନଗର ଜିଲାର ଧାନଘାଟା ଥାନାରେ କାର୍ଯ୍ୟ କରୁଛନ୍ତି। ସେ ଜଣେ ବେସାହାରା ବୃଦ୍ଧାଙ୍କ ସେବା କରିବା ସହିତ ତାଙ୍କୁ ଘରକୁ ନେଇଆସିଥିଲେ। ଘରେ ଖାଇବା ପିଇବାକୁ ଦେଇ ସୁସ୍ଥ କରାଇଥିଲେ। ପରେ ତାଙ୍କର ପେଟ ପୋଷିବା ଭଳି ଛୋଟମୋଟ କାମ ମଧ୍ୟ ଯୋଗାଇ ଦେଇଥିଲେ। ମାନବୀଙ୍କ ଭଳି ମଣିଷପଣିଆ ପୋଲିସ ବିଭାଗର ସମସ୍ତ କର୍ମଚାରୀଙ୍କ ପାଖରେ ରହିବା ଆବଶ୍ୟକ ବୋଲି ଡିଜିପି ପ୍ରକାଶ କରିଛନ୍ତି। ତାଙ୍କ ପ୍ରଶଂସାରେ ପୋଲିସ ବିଭାଗ ଶତମୁଖ ହୋଇଛି। ଡିଜିପି ଏ.ପି. ସିଂ ମାନବୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବା ସହିତ ତାଙ୍କ ପାଇଁ ପୋଲିସ ବିଭାଗ ଗର୍ବିତ ବୋଲି ଟୁଇଟ୍ କରିଛନ୍ତି।

### ଚିରନ୍ତନୀ

ଜଳିଉଠୁ ଗଗନର ଅଗଣିତ
ଜ୍ୟୋତି ରାଶି ତଳେ
ଅସୀମ ଆଶାର ରୂପେ ଶିଖା ତାର
ଖେଳୁ ଏ ବିଶ୍ୱରେ।

(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୯୪

- ଜର୍ଜିଆ ଏବଂ ଆବଖାଜିଆ ଯୁଦ୍ଧବିରତି ଲାଗୁ ସହିତ ପରସ୍ପର ମଧ୍ୟରେ ବନ୍ଦୀ ଏବଂ ଶରଣାର୍ଥୀ ବିନିମୟ ପାଇଁ ଏକ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷରିତ।
- ବୋସନିଆ ସର୍ବୀୟ ଓ ମୁସଲିମ ସୈନ୍ୟମାନଙ୍କ ମଧ୍ୟରେ ଗୋରାଜେଠାରେ ଆରମ୍ଭ ହୋଇଥିବା ସଂଘର୍ଷରେ ୪୯ ଜଣ ମୃତ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | 5 | | | | 6 | | | 4 | | 0 | | | |
| | | 0 | C | | 8 | | | | 9 | | | 7 | 1 | 3 |
| 6 | | | | D | 4 | | | | B | | | | | |
| C | 3 | | | | | | | E | | 7 | | | 4 | |
| | | 4 | | | | | 8 | | | E | | A | | 0 |
| 2 | | 6 | | 7 | | | | D | 0 | | | B | | E |
| D | | | | | | | | B | | 2 | | 6 | 0 | 9 |
| 9 | | E | D | | | 0 | | 8 | | | 6 | | | |
| | | | | 1 | B | C | | | 5 | 4 | | | | 2 |
| | | | 8 | 9 | | | | | | | B | 1 | | |
| 3 | | 9 | | B | | | 2 | 0 | | | 5 | E | | 7 |
| | | | | 8 | 9 | | 6 | | | | | | | |
| | | | 3 | | | | | | 6 | | 7 | 0 | 8 | 1 |
| | | | 4 | | E | | 5 | 1 | | | 2 | | D | B |
| | | | 5 | | | | | 7 | A | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 3 | C | 5 | B | D | A | 1 | 0 | 6 | 4 | 7 | 2 | E |
| 1 | D | A | 0 | 6 | 9 | B | C | E | 3 | 7 | 2 | 8 | 4 | 5 |
| C | 5 | 6 | 2 | 7 | E | 3 | 8 | 4 | B | A | D | 1 | 9 | 0 |
| 4 | B | 7 | A | 1 | 3 | 9 | 0 | 2 | 5 | 8 | E | D | 6 | C |
| E | 0 | 2 | 8 | D | 4 | 5 | 7 | 6 | C | 1 | 9 | A | 3 | B |
| A | E | B | 5 | 4 | 1 | 7 | 3 | 0 | 9 | 2 | 8 | C | D | 6 |
| 0 | 6 | 9 | D | B | 8 | 1 | 5 | A | E | 3 | C | 2 | 7 | 4 |
| 2 | C | 5 | 7 | E | A | 6 | 4 | 8 | D | B | 1 | 9 | 0 | 3 |
| 7 | 4 | 8 | 3 | 2 | C | E | D | 9 | 6 | 0 | 5 | B | 1 | A |
| 3 | 1 | D | 6 | 9 | 0 | 2 | B | C | A | 4 | 7 | E | 5 | 8 |
| B | 7 | 1 | E | C | 5 | 8 | 6 | D | 4 | 9 | 3 | 0 | A | 2 |
| 8 | 3 | 4 | B | A | 7 | C | 2 | 5 | 1 | D | 0 | 6 | E | 9 |
| D | 9 | 0 | 1 | 8 | 6 | A | E | 3 | 2 | 5 | B | 4 | C | 7 |
| 5 | A | E | 9 | 0 | 2 | 4 | 1 | B | 7 | C | 6 | 3 | 8 | D |
| 6 | 2 | C | 4 | 3 | D | 0 | 9 | 7 | 8 | E | A | 5 | B | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଧାବୀଙ୍କ ପରୀକ୍ଷାଖାତା

ମହାଶୟ,

ମାଟ୍ରିକ୍ ଓ +୨ ପରୀକ୍ଷା ଛାତ୍ରୀଛାତ୍ରଙ୍କ କ୍ୟାରିୟର ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରଶ୍ନ ବିଭିନ୍ନ ଭାବରେ ଆସେ, କେବଳ ମେଧାବୀ ଛାତ୍ରମାନେ ତାହାର ଠିକ୍ ଉତ୍ତର ଦେଇପାରିଥାନ୍ତି। ଯଦି ବୋର୍ଡ, ଯୁକ୍ତ ଦୁଇ ପରିଷଦ ପ୍ରତିବର୍ଷ ସର୍ବୋଚ୍ଚ ନମ୍ବର ରଖୁଥିବା ପିଲାଙ୍କ ଉତ୍ତରଖାତା ନିଜ ନିଜର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବେ, ତେବେ ଆଗାମୀ ବର୍ଷରେ ପିଲାମାନଙ୍କୁ ଏହା ବହୁ ସାହାଯ୍ୟ କରିପାରିବ ଏବଂ ସେମାନେ ପରୀକ୍ଷା ଚାପରୁ ମୁକ୍ତି ପାଇବେ। ୨୦୧୯ରେ ବୋର୍ଡ, ପରିଷଦ ଏହି କାର୍ଯ୍ୟ ଆରମ୍ଭ କରନ୍ତୁ।

କେ. ରବି, ଜିଜିପି କଲୋନୀ, ଭୁବନେଶ୍ୱର

### ଆମ ପୂର୍ବପୁରୁଷ

ଆକାର ପଟେଲଙ୍କ(୧୦।୩)ଲେଖା 'ଆମ ପୂର୍ବପୁରୁଷ' ବାସ୍ତବ କଥା। ପ୍ରଭୁ ଶ୍ରୀରାମଚନ୍ଦ୍ର ଆର୍ଯ୍ୟ ଥିଲେ। ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ ସମସ୍ତଙ୍କ ଭିତରେ ଆର୍ଯ୍ୟ ଅଛନ୍ତି। ତେଣୁ ଶ୍ରୀରାମ ସମସ୍ତଙ୍କର। ଆମେ ଜାତି ଲେଖିବା ସମୟରେ ଅନେକେ ଆର୍ଯ୍ୟ ହିନ୍ଦୁ, ଆର୍ଯ୍ୟ ମୁସଲମାନ, ଆର୍ଯ୍ୟ ଖ୍ରୀଷ୍ଟିଆନ ଇତ୍ୟାଦି ଲେଖିଥାଉ। ଯେହେତୁ କାରଣ ଆମକୁ ଜଣାନାହିଁ, ତେଣୁ ସମାଧାନ ହୋଇପାରୁନାହିଁ। ଅର୍ଥାତ୍ ଖାଲି ହିନ୍ଦୁମାନେ କାହିଁକି ରାମମନ୍ଦିର କରିବେ, ସମସ୍ତେ ମିଶିକରି ରାମମନ୍ଦିର କରିବା ଉଚିତ। କାରଣ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀବୁଦ୍ଧ, ଶ୍ରୀରସୁଲ, ଶ୍ରୀଯୀଶୁ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ସମସ୍ତେ ଏକ ଈଶ୍ୱରଙ୍କ ଅବତାର ଏବଂ ଏକ ବାର୍ତ୍ତାବାହୀ।


ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବନ୍ୟଜନ୍ତୁ ସହରମୁହାଁ

ଏହି ସ୍ତମ୍ଭରେ ଡ. ନଟବର ନାୟକଙ୍କ 'ବନ୍ୟଜନ୍ତୁ ସହରମୁହାଁ କାହିଁକି' ଲେଖାଟି ସମୟୋପଯୋଗୀ। ଜଙ୍ଗଲରେ ଖାଲୁଆ ସ୍ଥାନରେ ବର୍ଷାଜଳ ସଂଗ୍ରହ ପାଇଁ ଚୁଆ ଖୋଳିହେବ। ହାତୀ ପାଇଁ ବାଉଁଶଗଛ ଲଗାହୋଇ ପାରିବ। ବନ୍ୟଜନ୍ତୁଙ୍କ ପାଇଁ ଘଞ୍ଚ ବନଭୂମି ସୃଷ୍ଟି କରିବାକୁ ହେବ। ବନ ବିଭାଗର କର୍ମଚାରୀମାନଙ୍କ ଭିତରୁ ଯେଉଁମାନେ ଏଭଳି କାମ କରିବାକୁ ଆଗ୍ରହୀ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉ।

ଡ. ବାବାଜୀ ଚରଣ ସେଠୀ, ଭୁବନେଶ୍ୱର-୨

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ‘ସରକାର ଗଢ଼ିବାର ପ୍ରଥମ ଦିନ ମିଳିବ କାଳିଆ ଟଙ୍କା’

କୋରାପୁଟ/ଜୟପୁର,୫।୪ (ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)

ବିଜେଡି ସରକାର ଗଢ଼ିଲେ ପ୍ରଥମ ଦିନରେ ହିତାଧିକାରୀଙ୍କୁ କାଳିଆ ଯୋଜନାର ଅର୍ଥ ପ୍ରଦାନ କରିବ। ବାକି ଥିବା ୨୫ ଲକ୍ଷ ଚାଷୀ କାଳିଆ ଯୋଜନାର ଅର୍ଥ ୨ଟି କିସ୍ତିରେ ପାଇବେ। ଅବିଭକ୍ତ କୋରାପୁଟ ମାଟିରେ ନିର୍ବାଚନୀ ପ୍ରଚାର ବେଳେ ଏଭଳି ପ୍ରତିଶ୍ରୁତି ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ମୁଖ୍ୟମନ୍ତ୍ରୀ କୋରାପୁଟ ଓ ମାଲକାନଗିରି ଜିଲାରେ ମାରାଥନ୍ ପ୍ରଚାର କରିଛନ୍ତି। ଜୟପୁର ମାଟିରୁ ବିଜେଡି ଇସ୍ତାହାରର ସାମାନ୍ୟ ପ୍ରାକ୍ ସୂଚନା ଦେଇ ନବୀନ କହିଛନ୍ତି, ଇସ୍ତାହାରରେ କୃଷକ କଲ୍ୟାଣକୁ ଆମେ ସର୍ବାଗ୍ରେ ରଖିଛୁ। କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଲାଭ ପାଇଲେଣି। ଆଗକୁ ମଧ୍ୟ ବଳକା ଚାଷୀ ଲାଭ ପାଇବେ। କେହି ଜଣେ ମଧ୍ୟ ଏଥିରୁ ବଞ୍ଚିତ ହେବେନାହିଁ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ୍ କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ପ୍ରଥମେ ମାଲକାନଗିରି ଜିଲାର କାଳିମେଳା ଓ ମାଥିଲିରେ ନିର୍ବାଚନୀ ସଭା କରିବା ପରେ ମୁଖ୍ୟମନ୍ତ୍ରୀ ଅପରାହ୍ନରେ କୋରାପୁଟ ଜିଲାର ପଟ୍ଟାଙ୍ଗି, ଦଶମନ୍ତପୁର, ଡୁମୁରିପୁଟ ଓ ଜୟପୁରରେ ପ୍ରଚାର ସଭା ଓ ରୋଡ୍ ଶୋ କରିଥିଲେ। ବିଭିନ୍ନ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଓଡ଼ିଶାରେ ବିଗତ ଦିନରେ ଫାଇଲିନ ଓ ହୁଦ୍‌ହୁଦ୍ ଭଳି ବନ୍ୟା ବାତ୍ୟା ବେଳେ କେନ୍ଦ୍ରର କୌଣସି ନେତା ଏଠାରେ ପହଞ୍ଚି ନଥିବା ବେଳେ ଏବେ ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶା ଲୋକଙ୍କ ପାଖକୁ ଆସୁଛନ୍ତି। ପୋଲାଭରମ ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରିଛନ୍ତି କେନ୍ଦ୍ର ସରକାର। କେବିକେ ଯୋଜନା ଓ ଅନୁସୂଚିତ ଜାତି, ଜନଜାତି ପିଲାଙ୍କ ଛାତ୍ରବୃତ୍ତି ବନ୍ଦ କରି ସ୍ଥାନୀୟ ବିକାଶରେ ବାଧକ ସାଜିଥିବା ଭାଜପାକୁ ଲୋକେ ଗ୍ରହଣ କରିବେ ନାହିଁ। ଜଳସେଚନ ପାଇଁ ଓଡ଼ିଶା ଖର୍ଚ୍ଚ କରିଛି ୨୦ ହଜାର କୋଟି। କେନ୍ଦ୍ର ଦେଇଛି ମାତ୍ର ୨୫୦ କୋଟି। ଏଥିରୁ ଆଦିବାସୀ ଓ ଚାଷୀଙ୍କ ପ୍ରତି କେନ୍ଦ୍ରର ଦରଦ କେତେ, ତାହା ଜଣାପଡୁଛି। ଚଳିତ ନିର୍ବାଚନରେ ଏହାର ଜବାବ ଦେବେ ଓଡ଼ିଶାବାସୀ। ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋର ପରିବାର। ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ୍ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅବିଭକ୍ତ କୋରାପୁଟ ଜିଲାର ଜନତାଙ୍କୁ ନିବେଦନ କରି କହିଛନ୍ତି। ପଟ୍ଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀର ମାଳିଡୋଲିଆମ୍ବ, ଦଶମନ୍ତପୁର ସଦର, କୋରାପୁଟ ବ୍ଲକ ଡୁମୁରିପୁଟ ପଡ଼ିଆ ଓ ଜୟପୁର ଦଶହରା ପଡ଼ିଆରେ ନିର୍ବାଚନୀ ସଭା ଓ ରୋଡ୍ ଶୋ କରି ମୁଖ୍ୟମନ୍ତ୍ରୀ କୋରାପୁଟ ଲୋକ ସଭା, ପଟ୍ଟାଙ୍ଗି, ଲକ୍ଷ୍ମୀପୁର ଓ କୋରାପୁଟ ବିଧାନସଭା କ୍ଷେତ୍ରର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ନିବେଦନ କରିଛନ୍ତି। ଏ ସମସ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ବିଜେଡିର କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା ଓ କୋରାପୁଟ ବିଧାନସଭା ପ୍ରାର୍ଥୀ ରଘୁରାମ ପଡାଲ, ପଟ୍ଟାଙ୍ଗି ପ୍ରାର୍ଥୀ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ପ୍ରାର୍ଥୀ ପ୍ରଭୁ ଜାନି ଉପସ୍ଥିତ ଥିଲେ।


କୋରାପୁଟର ଡୁମୁରୀପୁଟ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ଥାନୀୟ ନେତାମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରୁଛନ୍ତି।

**ଅବିଭକ୍ତ କୋରାପୁଟରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର**

- ବିଜେଡି ଇସ୍ତାହାରରେ ଚାଷୀଙ୍କୁ ପ୍ରାଥମିକତା
- କେନ୍ଦ୍ର ଉପରେ ବର୍ଷିଲେ ନବୀନ
- କେବିକେ, ଛାତ୍ରବୃତ୍ତି ଯୋଜନା ବନ୍ଦ କରିଛି କେନ୍ଦ୍ର

## ଆଜି ଆସୁଛନ୍ତି ମୋଦି, ଯୋଗୀ ଓ ଶ୍ରୀବାସ୍ତବ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ସାଧାରଣ ନିର୍ବାଚନ ପାଇଁ ସବୁ ଦଳର ପ୍ରସ୍ତୁତି ଜୋର୍‌ଦାର ଭାବେ ଆରମ୍ଭ ହୋଇଯାଇଛି। ଉଭୟ ଭାଜପା ଓ କଂଗ୍ରେସ ନିଜର କେନ୍ଦ୍ରୀୟ ନେତାଙ୍କୁ ଆଣି ଓଡ଼ିଶାରେ ପ୍ରଚାର ଚଳାଇଛନ୍ତି। ଏହି କ୍ରମରେ ଶନିବାର ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ସୁନ୍ଦରଗଡ ଜିଲା ଓ ସୋନପୁରଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କନ୍ଧମାଳ ଓ ବ୍ରହ୍ମପୁରଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଅନ୍ୟପଟେ ବଲିଉଡ ହାସ୍ୟ କଳାକାର ରାଜୁ ଶ୍ରୀବାସ୍ତବ ଶନିବାର ନିର୍ବାଚନ ପ୍ରଚାର ପାଇଁ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ରାଜୁ ଦିନ ୧୧ଟାରେ କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଏବଂ ଅପରାହ୍ନ ୧ଟାରେ କୋରାପୁଟର ବୈପାରିଗୁଡାଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଏନେଇ ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ୪ ବିଧାନସଭା ଆସନରେ କଂଗ୍ରେସର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର,୫।୪(ବ୍ୟୁରୋ)

କଂଗ୍ରେସ ପକ୍ଷରୁ ଶୁକ୍ରବାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ଅବସରରେ ଭଦ୍ରକ ଲୋକ ସଭା ଆସନ ଅନ୍ତର୍ଗତ ତିନି ବିଧାନସଭା କ୍ଷେତ୍ର ଚାନ୍ଦବାଲି, ବଡଶାହି, ସୋର ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଚାନ୍ଦବାଲିରେ ଦିଗମ୍ବର ଦାଶ, ସୋରରୁ ସୁରେନ୍ଦ୍ର ପ୍ରସାଦ ପ୍ରମାନିକ ଓ ବଡସାହିରୁ ଦେବ୍ୟାନୀ ବେହେରାଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିମୁଳିଆ ଆସନ ପାଇଁ କଂଗ୍ରେସ ଅନନ୍ତ ପ୍ରସାଦ ସେଠୀଙ୍କୁ ପ୍ରାର୍ଥୀ କରିଛି। ଦଳୀୟ ଟିକେଟ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଏକାଧିକ ନେତା ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଏଭଳି କ୍ଷେତ୍ରରେ ଟିକେଟ ବଣ୍ଟନ ପରେ ଅସନ୍ତୁଷ୍ଟ ହୋଇ ବହୁ ନେତା ଦଳ ଛାଡିବାକୁ ମଧ୍ୟ ପଛାଉ ନାହାନ୍ତି। ହେଲେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏସବୁକୁ ଭ୍ରୁକ୍ଷେପ ନ କରି ଗୋଟିଏ ଗୋଟିଏ ପରିବାରର ଦୁଇଜଣ ଲେଖାଏ ନେତାଙ୍କୁ ଟିକେଟ ଦେବାରେ ବ୍ୟସ୍ତ ଅଛନ୍ତି। ଦଳର ବହୁ ବରିଷ୍ଠ ନେତାଙ୍କ ନାମ ଏଥିରେ ଯୋଡି ହୋଇସାରିଛି। ଶୁକ୍ରବାର ଅନନ୍ତଙ୍କୁ ଟିକେଟ ମିଳିବାପରେ ପାରିବାରିକ ରାଜନୀତି ଫାଇଦା ଉଠାଉଥିବା ନେତାଙ୍କ କଥା ପୁଣି ଉଠିବା ଆରମ୍ଭ ହୋଇଛି। ଅନନ୍ତଙ୍କ ଝିଅ ମଧୁମିତା ସେଠୀଙ୍କୁ ଦଳ ଭଦ୍ରକ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏଭଳି ଏକାଧିକ ନେତାଙ୍କ ପରିବାରର ଦୁଇଜଣ ଲେଖାଏ ସଦସ୍ୟଙ୍କୁ ଟିକେଟ ମିଳିବା ପରେ ନିରଞ୍ଜନଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

# ମିଳିତ ସର୍ଭେ ଲାଗି ଓଡିଶା, ଆନ୍ଧ୍ରକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୫।୪

ବଂଶଧାରା ନଦୀ ଜଳକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ନେରାଡି ବ୍ୟାରେଜ୍ ସ୍ଥଳରେ ଉଭୟ ମିଳିତ ସର୍ଭେ କରିବା ଲାଗି ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ୍ (ଭିଡବ୍ଲ୍ୟୁଡିଟି) ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ମିତ ଏହି ବ୍ୟାରେଜ କାର୍ଯ୍ୟକ୍ଷମ ହେବା ପରେ ୧୦୬ ଏକର ଜମି ପାଣିରେ ବୁଡି ରହୁଛି। ଏହା ଉପରେ ଅଧ୍ୟକ୍ଷ ଡ. ଏମ.କେ. ଶର୍ମା, ଜଷ୍ଟିସ ବି.ଏନ୍. ଚତୁର୍ବେଦୀ ଏବଂ ଜଷ୍ଟିସ ପ୍ରତିଭା ରାଣୀଙ୍କୁ ନେଇ ଗଠିତ ଟ୍ରିବ୍ୟୁନାଲ୍‌ର ତିନିଜଣିଆ ଖଣ୍ଡପୀଠ ଉଭୟ ରାଜ୍ୟକୁ ଜୁଲାଇ ୮ ସୁଦ୍ଧା ସର୍ଭେ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ କରାଯାଇଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଉପସ୍ଥିତିରେ ଦୁଇ ରାଜ୍ୟର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ବୈଷୟିକ ଟିମ୍ ଏହି ସର୍ଭେ କରିବ ବୋଲି ଓଡ଼ିଶା ପକ୍ଷରୁ ଆଇନଜୀବୀ ରାଧେଶ୍ୟାମ ଜେନା କହିଛନ୍ତି। ସୂଚନାଯୋଗ୍ୟ କ୍ରମାଗତ ତିନିଦିନ ହେଲା ଭିଡବ୍ଲ୍ୟୁଡିଟି ଏହି ମାମଲାର ଶୁଣାଣି କରୁଛି। ଓଡିଶା ଦାଖଲ କରିଥିବା ସ୍ପଷ୍ଟୀକରଣ ଉପରେ ଟ୍ରିବ୍ୟୁନାଲ କେନ୍ଦ୍ର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ଜବାବ ରେକର୍ଡ କରିଥିଲେ।

**ବଂଶଧାରା ଜଳ ବିବାଦ**





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଢ଼ିବ ଗୀତା, ଖାଇବ ପିତା**
**ତେବେ ଯାଇ ହେବ ଜଗତ ଜିତା ।**

ଗୀତା ଅତ୍ୟନ୍ତ ପବିତ୍ର ଗ୍ରନ୍ଥ। ଜୀବନର ବହୁ ସାରତତ୍ତ୍ୱ ଗୀତାରେ ଉଲ୍ଲେଖ କରାଯାଇଛି। ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ। ପିତା ନିୟମିତ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପଥର ଛାତିଆ ଘର କରନ୍ତି**
**ପତର ଛାତିଆ ଉଡ଼ି ଯାଆନ୍ତି ।**

ଜୀବନର ଅନ୍ୟନାମ ସଂଘର୍ଷ। ସଂସାରରେ ଘର କରିଥିଲେ ଅନେକ ଦୁଃଖକଷ୍ଟ ସହିବାକୁ ପଡ଼ିଥାଏ। ଏଥିରେ ଭାଙ୍ଗି ନ ପଡ଼ି ଯିଏ ଧୈର୍ଯ୍ୟ ଧରି ବାଟ ଚାଲେ ସିଏ ହିଁ ସଂସାରରେ ତିଷ୍ଠି ରହେ। ପରନ୍ତୁ ଯିଏ ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହୋଇପଡ଼େ ବିପଦକୁ ସାମ୍ନା କରିବାକୁ ଭୟପାଏ ତା'ପକ୍ଷେ ସଂସାରରେ ରହି ବାଟଚାଲିବା ଅତ୍ୟନ୍ତ କଷ୍ଟକର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଜେଡି ସିଇସିଙ୍କ ଦ୍ୱାରସ୍ଥ: ଚାଷୀଙ୍କୁ ମିଳୁ 'କାଳିଆ' ଟଙ୍କା

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଲୋକପ୍ରିୟ 'କାଳିଆ' ଯୋଜନା ବନ୍ଦକୁ ନେଇ ଶେଷରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ ଦ୍ୱାରସ୍ଥ ହୋଇଛି ବିଜୁ ଜନତା ଦଳ (ବିଜେଡି) । ରାଜ୍ୟର ଚାଷୀକୁଳଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ 'କାଳିଆ' ଯୋଜନା ଚାଲୁରଖିବା ସହ ସହାୟତା ଅର୍ଥ ବଣ୍ଟନ ଉପରୁ କଟକଣା ହଟାଇବାକୁ ବିଜେଡି ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ଲୋଡିଛି । ପ୍ରତିନିଧି ଦଳ ସହ ଚାଷୀ ପ୍ରତିନିଧିମାନେ ସାମିଲ ହୋଇ ଶୁକ୍ରବାର ସିଇସି ସୁନୀଲ ଆରୋରାଙ୍କୁ ଭେଟିଛନ୍ତି।

ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ବିଜେଡି ଦର୍ଶାଇଛି ଯେ, ଚାଷୀକୁଳର ସର୍ବାଙ୍ଗୀନ ବିକାଶ ପାଇଁ ନିର୍ବାଚନ ତାରିଖ ଘୋଷଣା ହେବାର ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଥିଲେ। ଦେଶ ବିଦେଶର ବିଶେଷଜ୍ଞମାନେ ଏହି ସୁଦୂରପ୍ରସାରୀ ଯୋଜନାର ଭୂରି ଭୂରି ପ୍ରଶଂସା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏଥିରୁ ଉପକୃତ ହୋଇସାରିଲେଣି। 'କାଳିଆ' ସହାୟତା ବାବଦ ଦୁଇଟି କିସ୍ତିରେ୧୮୫୦ କୋଟି ଟଙ୍କା ଚାଷୀଙ୍କୁ ଡିବିଟି ଜରିଆରେ ଦିଆଯାଇଛି। ଏହି ସହାୟତା ପାଇବାକୁ ଆଉ ୧୪.୯୩ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୦.୪୧ ଲକ୍ଷ ଭୂମିହୀନ ଚାଷୀ ପରିବାରଙ୍କୁ ତାଲିକାଭୁକ୍ତ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁହେବା ପୂର୍ବରୁ ଗତ ମାର୍ଚ୍ଚ ୧ରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀ ତାଲିକା ପ୍ରକାଶ ପାଇଥିଲା। ମାତ୍ର ଆଚରଣ ବିଧିର ଆଳ ଖୋଜି ଭାଜପା ଏହି ଯୋଜନାକୁ ବନ୍ଦ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ସମର୍ଥ ହୋଇଛି। ବିଜେଡିର ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ଭାଜପା ରାଜନୈତିକ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ଏଭଳି ଚକ୍ରାନ୍ତ କରିଛି। ମିଥ୍ୟା ଅଭିଯୋଗ ଦର୍ଶାଇ 'କାଳିଆ' ଯୋଜନା ବନ୍ଦ କରିବାକୁ ଗତ ମାର୍ଚ୍ଚ ୧୩ ତାରିଖରେ ଭାଜପାର ଏକ ପ୍ରତିନିଧି ଦଳ ସିଇଓଙ୍କଠାରେ ଦାବି କରିଥିଲା । ଇତିମଧ୍ୟରେ ବିଜେଡି ପ୍ରତିନିଧି ଦଳ ସିଇଓଙ୍କୁ ଭେଟି 'କାଳିଆ'ଯୋଜନା ଚାଲୁ ରଖିବାକୁ ବାରମ୍ବାର ଅନୁରୋଧ କଲେଣି। ମାତ୍ର ଭାଜପା ଚାପ ଯୋଗୁଁ ତାହା ବନ୍ଦ ହୋଇ ରହିଛି। 'କାଳିଆ' ଯୋଜନା ବନ୍ଦ ହୋଇଯିବା ଯୋଗୁଁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ବେସାହାରା ହୋଇଯାଇଛନ୍ତି। ନିର୍ବାଚନ କମିଶନ ଏହାର ବିଚାର କରି ତ୍ୱରିତ୍ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଅନୁରୋଧ କରାଯାଇଛି। ସେହିଭଳି ଚାଷୀ ପ୍ରତିନିଧିଙ୍କ ପକ୍ଷରୁ ମଧ୍ୟ ସିଇସିଙ୍କୁ ପୃଥକ୍ ସ୍ମାରକପତ୍ର ଦିଆଯାଇଛି। ଓଡ଼ିଶାରେ କୃଷିର ବିକାଶ ଓ ଚାଷୀକୂଳଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ 'କାଳିଆ' ଯୋଜନାରୁ ବହୁତ ସୁବିଧା ମିଳୁଛି। ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ଚାଷୀ ଏଥିରୁ ଉପକୃତ ହୋଇଥବା ବେଳେ ୨୫ ଲକ୍ଷ ଚାଷୀ ସୁବିଧା ପାଇବାକୁ ଅପେକ୍ଷା କରିଛନ୍ତି। ମାତ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ବନ୍ଦ କରିଦେବା ଯୋଗୁଁ ଚାଷୀକୂଳ ଉପରେ ଚଡ଼କ ପଡ଼ିଛି। ନିର୍ବାଚନ କମିଶନ ଏହା ଉପରେ ହସ୍ତକ୍ଷେପ କରି ତୁରନ୍ତ କଟକଣା ହଟାଇବାକୁ ସେମାନେ ଦାବି କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟିଥିବା ବିଜେଡି ପ୍ରତିନିଧି ଦଳରେ ଏମ୍‌ପି ପିନାକୀ ମିଶ୍ର, ମୁଖପାତ୍ର ତଥା ଆଇଟି ସେଲ୍ ଅଧ୍ୟକ୍ଷ ଅମର ପଟ୍ଟନାୟକ, ଡ. ସସ୍ମିତ୍ ପାତ୍ର, ସୁଲୋଚନା ଦାସ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର ସାମିଲ ହୋଇଥିଲେ। ସେହିଭଳି ଚାଷୀପ୍ରତିନିଧି ଦଳରେ କିଶୋର ଚନ୍ଦ୍ର ଦେବତା, ନନ୍ଦଲାଲ ବେହେରା, ପଞ୍ଚାନନ ଦଳପତି, ନାରାୟଣ ସାହୁ ପ୍ରମୁଖ ସାମିଲ ଥିଲେ।

**ଭାଜପା ଚାପରେ ବନ୍ଦ ହୋଇଛି ଯୋଜନା**

# ନବୀନ ନିବାସ ସମ୍ମୁଖରେ ସୁର ସମର୍ଥକଙ୍କ ବିକ୍ଷୋଭ

**କାକଟପୁର ରାଜନୀତି**
- ଦଳ ଛାଡ଼ି ରବି ଭାଜପାରେ
- ଅଣଦେଖା ଅଭିଯୋଗ ଆଣିଲେ ରବି

ଭୁବନେଶ୍ୱର,୫।୪(ବ୍ୟୁରୋ)- ପୁରୀ ଜିଲା ଅନ୍ତର୍ଗତ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତି ରୋଚକ ସ୍ଥିତିରେ ପହଞ୍ଚିଛି। କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। କାକଟପୁର ନିର୍ବାଚନମଣ୍ଡଳୀ ଲାଗି କିଛିଦିନ ପୂର୍ବେ ବିଧାୟକ ଥିବା ସୁରେନ୍ଦ୍ର ସେଠୀଙ୍କ ନାଁ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଘଟଣାକ୍ରମେ ଭାଜପାରୁ ସେହି ଆସନ ପାଇଁ ପ୍ରାର୍ଥୀ ହୋଇଥିବା ତୁଷାରକାନ୍ତି ବେହେରା ବିଜେଡିରେ ସାମିଲ ହୋଇଛନ୍ତି। ତେଣୁ ସୁରଙ୍କ ପ୍ରାର୍ଥିତ୍ୱ ନେଇ ଅନିଶ୍ଚିତତା ଦେଖାଦେଇଛି। ଏମିତି କି କିଛିଦିନ ପୂର୍ବରୁ ସୁର ସେଠୀଙ୍କୁ ପ୍ରଦାନ କରାଯାଇଥିବା ଦଳୀୟ ଟିକେଟ ଫେରାଇ ଅଣାଯାଇଥିବା ସୂତ୍ରରୁ ପ୍ରକାଶ। ସୁରଙ୍କୁ ପ୍ରାର୍ଥୀ କରାଯାଉ ନ ଥିବାରୁ ତାଙ୍କ ସମର୍ଥକମାନେ ଶୁକ୍ରବାର ନବୀନ ନିବାସ ସମ୍ମୁଖରେ ଧାରଣା ଦେଇଥିଲେ। ତେଣୁ ତାଙ୍କ ରାଜନୈତିକ ଭବିଷ୍ୟତ ନେଇ ଅନିଶ୍ଚିତତା ଜାରି ରହିଛି। ଅପରପକ୍ଷରେ ତୁଷାରକାନ୍ତି ପ୍ରାର୍ଥୀ ହେବା ଘଟଣା ଆଲୋଚନା ପରେ ପୁରୁଖା ନେତା ଦଳ ଛାଡ଼ିଛନ୍ତି। ୨୦୦୯ରୁ ୨୦୧୪ ଯାଏ ବିଧାୟକ ଥିବା ରବି ମଲିକ ଶୁକ୍ରବାର ପୂର୍ବାହ୍ନରେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ପୂର୍ବରୁ ରାଜ୍ୟ ଯୋଜନା ବୋର୍ଡର ସଭ୍ୟ କରାଯାଇଥିଲା। ଉକ୍ତ ପଦବୀରୁ ମଧ୍ୟ ରବି ଇସ୍ତଫା ଦେଇଛନ୍ତି। ଇସ୍ତଫାର କେଇଘଣ୍ଟା ପରେ ରବି ରାଜଧାନୀ ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟକୁ ଆସି ପଦ୍ମ ଦଳରେ ଯୋଗଦେଇଛନ୍ତି। ତାଙ୍କୁ ଭାଜପା କାକଟପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ରବିଙ୍କ ସମେତ ସ୍ଥାନୀୟ ବିଜେଡି ନେତା ଯୋଗେନ୍ଦ୍ର ପାଢ଼ୀ, ଆରତି ପ୍ରହଲ୍ଲାଦ, ପବିତ୍ର ସ୍ୱାଇଁ , ଅଭୟ ରାଉତ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଭାଜପାରେ ସାମିଲ ହେବା ପରେ ରବି କହିଛନ୍ତି ଯେ, ଦୀର୍ଘ ୩୦ ବର୍ଷ ହେବ ଜନତା ଦଳ ଏବଂ ବିଜେଡି ସହ ଜଡ଼ିତ ଥିଲି। ବିଜୁବାବୁଙ୍କ ସହ ମଧ୍ୟ ଉତ୍ତମ ସମ୍ପର୍କ ଥିଲା। ଧୀରେ ଧୀରେ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଅଣଦେଖା କରାଗଲା। ସ୍ଥାନୀୟ ଅଞ୍ଚଳରେ କାହାକୁ ପ୍ରାର୍ଥୀ କରାଯିବ, କାହାକୁ ଦଳକୁ ଅଣାଯିବ, ସେନେଇ ତାଙ୍କ ସହ ଆଲୋଚନା କରାଯାଉନାହିଁ। ଏହିସବୁ ଘଟଣା ତାଙ୍କୁ ଦଳ ଛାଡ଼ିବାକୁ ବାଧ କରିଥିବା ରବି କହିଛନ୍ତି।


**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



✓ ସୁରେଶ ଚନ୍ଦ୍ର ନାୟକ
ଚାପୁଣ୍ଡିଆ, ଚରମ୍ପା, ଭଦ୍ରକ
ଆବିର୍ଭାବ : ୦୮/୦୪/୧୯୪୪
ତିରୋଧାନ: ୨୮/୦୩/୨୦୧୭
"କେମିତି ଭୁଲିବୁ ଆମେ ତୁମ ସ୍ମୃତି
ବଞ୍ଚିଛୁ ନାଁକୁ ହେଲେ ଫାଟିଯାଏ ଛାତି"
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


**ପ୍ରଥମ ପୃଷ୍ଠାରୁ...**

## ଭାରତ ଖସାଇନାହିଁ...

ଅନୁସାରେ ପାକିସ୍ତାନର କୌଣସି ଏଫ୍-୧୬କୁ ଭାରତ ଖସାଇନାହିଁ। ଏଫ୍-୧୬କୁ ଆତଙ୍କବାଦ ନିରୋଧୀ ଅଭିଯାନ ପାଇଁ ଆମେରିକାଠାରୁ ଆଣି ଭାରତୀୟ ସେନାଘାଟିକୁ ଟାର୍ଗେଟ କରିବା ପାଇଁ ପାକିସ୍ତାନ ବ୍ୟବହାର କରିଛି ବୋଲି ନୂଆଦିଲ୍ଲୀ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ଏହାର ପ୍ରମାଣ ସ୍ୱରୂପ ୨୮ ତାରିଖରେ ଏଏମ୍‌ଆର୍‌ଏଏମ୍ କ୍ଷେପଣାସ୍ତ୍ରର ଖଣ୍ଡବିଖଣ୍ଡିତ ଅବଶେଷ ମଧ୍ୟ ଆଇଏଏଫ୍ ଦେଖାଇଥିଲା। ସେତେବେଳେ ଭାରତୀୟ ସୀମାରେ ଏଫ୍-୧୬ର ଭଗ୍ନାବଶେଷ ନ ମିଳିବାରୁ ପାକିସ୍ତାନୀ ପାଇଲଟଙ୍କ ଜୀବନ ରହସ୍ୟ ଘେରରେ ରହିଯାଇଥିଲା। ମାତ୍ର ଉକ୍ତ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସମ୍ପୂର୍ଣ୍ଣ ଘଟଣାକ୍ରମ ସମ୍ପର୍କରେ ଅବଗତ ଆମେରିକାର ଦୁଇଜଣ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଭାରତର ଦାବିକୁ ଖଣ୍ଡନ କରିଛନ୍ତି। ସେମାନେ ପାକିସ୍ତାନ ଯାଇ ସେଠାରେ ସମସ୍ତ ଏଫ୍-୧୬କୁ ଗଣିବା ପରେ ଜାଣିବାକୁ ପାଇଛନ୍ତି ଯେ ଆମେରିକା ଯେତୋଟି ଯୁଦ୍ଧବିମାନ ଦେଇଥିଲା, ସବୁ ସୁରକ୍ଷିତ ଅଛି। ସେହି ସମୟରେ ବିଶ୍ୱ ସମୁଦାୟକୁ ଭାରତୀୟ କର୍ତ୍ତୃପକ୍ଷ ବିଭ୍ରାନ୍ତ କରିଥିଲେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକାର ଦୁଇ ଅଧିକାରୀଙ୍କ ମଧ୍ୟରୁ ଜଣେ କହିଛନ୍ତି, ଏଫ୍-୧୬ ଯୁଦ୍ଧବିମାନ ଗଣି ପ୍ରକୃତ କଥା ଜାଣିବା ପାଇଁ ଆମେରିକାକୁ ପାକିସ୍ତାନ ଆମନ୍ତ୍ରଣ କରିଥିଲା। କାରଣ ପାକିସ୍ତାନକୁ ଆମେରିକା ଏଫ୍-୧୬ ଦେବା ପୂର୍ବରୁ ସ୍ୱାକ୍ଷରିତ ଚୁକ୍ତିରେ ଆବଶ୍ୟକ ହେଲେ ୱାଶିଂଟନ ଯୁଦ୍ଧବିମାନ ସଂଖ୍ୟାକୁ ନେଇ ସମୀକ୍ଷା କରିପାରିବ ବୋଲି ସର୍ତ୍ତରେ ଇସ୍‌ଲାମାବାଦ ରାଜି ହୋଇଥିଲା। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବାରୁ ତତ୍କାଳ ଯୁଦ୍ଧବିମାନ ଗଣିବା ସମ୍ଭବ ହୋଇ ନ ଥିଲା। ଏହାର ଅନେକ ସପ୍ତାହ ପରେ ଆମେରିକାର ଦୁଇ ପ୍ରତିରକ୍ଷା ଅଧିକାରୀ ସେଗୁଡ଼ିକୁ ଗଣିଛନ୍ତି। ଅର୍ଥାତ୍ ଭାରତୀୟ ବାୟୁସୀମାକୁ କୌଣସି ଏଫ୍-୧୬ ଅନୁପ୍ରବେଶ କରି ନ ଥିଲା ବୋଲି ଏଥିରେ ସ୍ପଷ୍ଟ କରାଯାଇଛି। ଆଇଏଏଫ୍ କୌଣସି ଏଫ୍-୧୬କୁ ଖସାଇନାହିଁ ଏବଂ ଓଲଟା ପିଏଏଫ୍ ଭାରତର ଦୁଇଟି ଯୁଦ୍ଧବିମାନ ଖସାଇଛି ବୋଲି ପାକିସ୍ତାନ ଯାହା ଦାବି କରିଆସୁଛି, ଏହି ରିପୋର୍ଟ ତା' ଉପରେ ମୋହର ମାରିଛି।

ରିପୋର୍ଟ ସାମ୍ନାକୁ ଆସିବା ପରେ ଭାରତକୁ ମିଛୁଆ ସାବ୍ୟସ୍ତ କରିବାରେ ଲାଗିପଡ଼ିଛି ପାକିସ୍ତାନ। ଭାରତ ଏବେ ସତ କଥା କହୁ ବୋଲି ପଡ଼ୋଶୀ ଦେଶ ଦାବି କରିଛି। ପାକିସ୍ତାନୀ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର କହିଛନ୍ତି, ଭାରତ ନିଜ 'ମିଛ ଦାବି'ରୁ ଓହରି ସତ ସ୍ୱୀକାର କରୁ। ଏହାସହ ପାକିସ୍ତାନ ଆକ୍ରମଣରେ ଧ୍ୱଂସ ହୋଇଥିବା ଆଇଏଏଫ୍‌ର ଅନ୍ୟ ଯୁଦ୍ଧବିମାନ ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରୁ ବୋଲି ଗଫୁର ଦାବି କରିଛନ୍ତି।

## ବିନା ମରୁଡ଼ିରେ ବି ...

ବର୍ଷେ ଭିତରେ ପୂରା କରିଦେବେ। ମରୁଡ଼ି ହେଇ ନ ଥିଲେ ବି ମରୁଡ଼ି ଅଞ୍ଚଳ ଘୋଷଣା କରି ଚାଷୀଙ୍କ ଲାଗି ଟଙ୍କା କରାଇ ଦେବେ। ଏ ଅଞ୍ଚଳର ଯୁବକମାନଙ୍କୁ ନବୀନ ନିବାସ ପର୍ଯ୍ୟନ୍ତ ନେବା ଦାୟିତ୍ୱ ମୋର। 'ଏବେ ଆପଣଙ୍କ ଦାୟିତ୍ୱ ମୋତେ ଭୋଟ୍ ଦେବା ଆଉ ମୋର ଦାୟିତ୍ୱ ଆପଣଙ୍କ ସେବା କରିବା' ବୋଲି ନବ ଏହି ସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ 'ଆପଣ ନିଷ୍ପତ୍ତି ନିଅନ୍ତୁ। ଅନ୍ୟ ଦଳକୁ ଭୋଟ ଦେଲେ କ'ଣ ପାଇବେ' ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ।

ଏହାକୁ ନେଇ ବିରୋଧୀ ମୁହଁ ଖୋଲିଛନ୍ତି। ଅତୀତରେ କ୍ଷମତାର ଅପବ୍ୟବହାର କରି ସରକାରୀ ଅର୍ଥର ଦୁରୁପଯୋଗ କରିଛି ବିଜେଡି । ବର୍ତ୍ତମାନ ନିର୍ବାଚନୀ ସଭାରେ ଏହା ସ୍ପଷ୍ଟ ପ୍ରମାଣିତ ହେଲା। କ୍ଷମତାକୁ ଆସିଲେ ବିଜେଡି କ'ଣ ଯେ ନ କରିବ ଏଥିରେ ଜଣାପଡୁଛି ବୋଲି କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରଭାରୀ ସୁଶୀଲ କୁମାର କର କହିଛନ୍ତି। ହେଲେ ନବଙ୍କୁ ସୁରକ୍ଷା ଦେବାକୁ ଯାଇ ବ୍ଲକ ବିଜେଡି ସଭାପତି ରାଜକୁମାର ଶୁକ୍ଲା କହିଛନ୍ତି, ବିଜେଡିର ନିର୍ବାଚନୀ ଇସ୍ତାହାର ଅନୁସାରେ ନବ ଦାସ ଏ ସବୁ କହିଛନ୍ତ। ଚାଷୀମାନେ ମରୁଡ଼ି ସହାୟତା ରାଶି ପାଇଁ ବାରମ୍ବାର ଦୌଡି ଦୌଡି ହଇରାଣ ହେଉଥିବାରୁ ଏହିଭଳି କୁହାଯାଇଛି ବୋଲି ସେ ସଫେଇ ଦେଇଛନ୍ତି। ଏ ବିଷୟରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ସେ ଏ ନେଇ କିଛି ଜାଣିନାହାନ୍ତି କିମ୍ବା ଭିଡିଓ ଦେଖି ନାହାନ୍ତି। ଅଭିଯୋଗ ପାଇଲେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ସଭାରେ ନବଙ୍କ ସହ ବାମରା ବ୍ଲକ ସଭାପତି ରାଜକୁମାର ଶୁକ୍ଲା, କୁଚିଣ୍ଡା ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ କିଶୋରଚନ୍ଦ୍ର ନାଏକ, କିର୍ମିରା ବ୍ଲକର ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣମୟୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିବାରୁ ନବ ଭୋଟ ପାଇଁ ପ୍ରତିଶ୍ରୁତି ଦେବାରୁ ସୁଯୋଗକୁ ହାତଛଡା କରିବାକୁ ଚାହିଁ ନ ଥିଲେ।

## ଜୟଦେବ କଂଗ୍ରେସ...

ପ୍ରାର୍ଥିପତ୍ର ଯାଞ୍ଚର ଶୁଣାଣି କରିବେ ବୋଲି ଜଣାପଡ଼ିଛି । ନୀତୀଶ ନିଜ ଓକିଲଙ୍କ ଜରିଆରେ ଏହି ଅଭିଯୋଗ ଆଣିଛନ୍ତି। ନୀତୀଶଙ୍କ ଓକିଲ ଅଭିଯୋଗ କରିଛନ୍ତି ଯେ ନଳିନୀଙ୍କ ପ୍ରାର୍ଥିପତ୍ରରେ ଦୁଇଟି ତ୍ରୁଟି ରହିଛି। ନଳିନୀ ନିର୍ବାଚନ କମିଶନଙ୍କ ନିୟମକୁ ଉଲ୍ଲଂଘନ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୂର୍ବ ସଚିବ ପଦବୀରୁ ଅବସର ନେବା ପରେ ନଳିନୀ ଦୁଇଟି ସରକାରୀ ସଂସ୍ଥାର ନିର୍ଦ୍ଦେଶକ ପଦବୀରେ ରହିଛନ୍ତି। ଗୋଟିଏ ହେଲା ଓଡ଼ିଶା କନ୍‌ଷ୍ଟ୍ରକ୍ସନ କର୍ପୋରେଶନ(ଓସିସି) ଏବଂ ଅନ୍ୟଟି ହେଲା ଓଡ଼ିଶା ପୋଲିସ ଗୃହ ନିର୍ମାଣ ନିଗମ । ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥିପତ୍ର ଦାଖଲ କରିବା ପରେ ମଧ ନଳିନୀ ଉକ୍ତ ଦୁଇଟି ପଦବୀରୁ ଇସ୍ତଫା ଦେଇନାହାନ୍ତି ବୋଲି ନୀତୀଶ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନଳିନୀ ନାମାଙ୍କନପତ୍ରରେ ଅନେକ ସ୍ଥାନ ଖାଲି ଛାଡ଼ିଛନ୍ତି, ଯାହାକି ନିର୍ବାଚନ କମିଶନ ନିୟମ ମୁତାବକ ପୂରଣ କରିବା ବାଧ୍ୟତାମୂଳକ। ଏହି ଆଧାରରେ ତାଙ୍କର ପ୍ରାର୍ଥିପତ୍ର ଖାରଜ ହେବା ଦରକାର ବୋଲି ନୀତୀଶଙ୍କ ଓକିଲ ଯୁକ୍ତି ବାଢ଼ିଛନ୍ତି।

ସେହିପରି ଅନନ୍ତଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଅଭିଯୋଗ କରିଛନ୍ତି ଯେ ନାମାଙ୍କନପତ୍ର ଦାଖଲ କରିବା ପରେ ମଧ୍ୟ ଅନନ୍ତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇ ନାହାନ୍ତି। ତାଙ୍କ ପ୍ରାର୍ଥିପତ୍ର ଖାରଜ ହେବା ଆବଶ୍ୟକ। ଏହାର ଜବାବରେ ଅନନ୍ତ କହିଛନ୍ତି, ସେ ଅଧ୍ୟକ୍ଷ ପଦବୀରୁ ଏପ୍ରିଲ ୪ ତାରିଖରୁ ଇସ୍ତଫା ଦେଇସାରିଛନ୍ତି।

## କନିଷ୍କ କାଟାରିଆ ...

ଶୁଭେନ୍ଦୁ ପାତ୍ର, ୪୭୮ ର୍ୟାଙ୍କରେ ସୋନାଲିନ୍ ଶୁଭଦର୍ଶିନୀ ରହିଛନ୍ତି।

ସୂଚନାଯୋଗ୍ୟ, ଆଇଏଏସ୍, ଆଇଏଫ୍‌ଏସ୍, ଆଇପିଏସ୍, ସେଣ୍ଟ୍ରାଲ ସର୍ଭିସ୍ ଗ୍ରୁପ୍-ଏ ଓ ଗ୍ରୁପ୍-ବି ପାଇଁ ମୋଟ ୭୫୯ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮୨ଜଣ ମହିଳା ଥିବାବେଳେ ୫୭୭ଜଣ ପୁରୁଷ ଅଛନ୍ତି। ସେହିଭଳି ପ୍ରଥମ ୨୫ଜଣଙ୍କ ମଧ୍ୟରେ ୧୦ଜଣ ମହିଳା ଏବଂ ୧୫ଜଣ ପୁରୁଷ ଅଛନ୍ତି। ଗତବର୍ଷ ଜୁନ୍ ମାସରେ ସିଭିଲ୍ ସର୍ଭିସ୍ ପାଇଁ ପ୍ରିଲିମ୍‌ନାରୀ ପରୀକ୍ଷା ହୋଇଥିଲା। ପ୍ରାୟ ୧୦ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ଆବେଦନ କରିଥିବା ବେଳେ ପାଖାପାଖି ୫ଲକ୍ଷ ପରୀକ୍ଷା ଦେଇଥିଲେ। ଗତବର୍ଷ ସପ୍ଟେମ୍ବରରେ ଅନୁଷ୍ଠିତ ମେନ୍ ପରୀକ୍ଷା ପାଇଁ ୧୦,୪୬୮ଜଣ ମନୋନୀତ ହୋଇଥିଲେ। ସେହିପରି ଗତ ଫେବୃୟାରୀରୁ ମାର୍ଚ୍ଚ ଭିତରେ ହୋଇଥିବା ପର୍ସନାଲ ଟେଷ୍ଟ ପାଇଁ ୧୯୯୪ଜଣ ମନୋନୀତ ହୋଇଥିଲେ।

## ହସ୍ତକ୍ଷେପ କରିବାକୁ ...

ମାମଲାର ଗୁରୁତ୍ୱକୁ ନେଇ କୌଣସି ମନ୍ତବ୍ୟ ଦେଇ ନ ଥିବାବେଳେ ଏହା ଉପରେ ହାଇକୋର୍ଟଙ୍କ ମତାମତ ଜାଣିବାକୁ ଚାହିଁବେ ବୋଲି କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି ଉପସ୍ଥିତ ରହି କୋର୍ଟଙ୍କୁ କହିଥିଲେ, ମାମଲାର ଜାତୀୟ ଗୁରୁତ୍ୱ ରହିଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେବା ଉଚିତ। ତେବେ ଆବେଦନ ପ୍ରତ୍ୟାହାର କରିନେଇ ହାଇକୋର୍ଟ ଯିବା ଲାଗି ଖଣ୍ଡପୀଠ ଆବେଦନକାରୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ସୂଚନାଯୋଗ୍ୟ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ମୋବାଇଲ ସିମ୍ କାର୍ଡ ପାଇବା ଲାଗି ଆଧାରକୁ ପରିଚୟ ପ୍ରମାଣ ଭାବେ ଜଣେ ନିଜ ଇଚ୍ଛାରେ ବ୍ୟବହାର କରିପାରିବ। କେନ୍ଦ୍ର ସରକାର ଆଣିଥିବା ଉକ୍ତ ଅଧ୍ୟାଦେଶକୁ ମାର୍ଚ୍ଚ ୩ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION | BUSINESS | FINANCE

**ନାମଲେଖା ବିଜ୍ଞାପନ**
ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ (RTE) ୨୦୦୯ ଅନୁଯାୟୀ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ଆମ ଅନୁଷ୍ଠାନରେ ଅରୁଣ (NURSERY) ଶ୍ରେଣୀରେ ୨୫% ସ୍ଥାନ S.C, S.T, APL, CWSN ର ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଗଣା ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଇଚ୍ଛୁକ ଅଭିଭାବକମାନେ ୦୮।୦୪।୨୦୧୯ରିଖ ଠାରୁ ୨୫।୦୪।୨୦୧୯ ପର୍ଯ୍ୟନ୍ତ ବିଦ୍ୟାଳୟରେ ଏଥିନିମନ୍ତେ ଆବେଦନ କରିପାରିବେ।
ସ୍ୱା./- ଶ୍ରୀଯୁକ୍ତ ସ୍ୱାଧୀନ ମହାନ୍ତି
ସମ୍ପାଦକ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପ୍ଲଟ୍-୬୦୩, ବ୍ରହ୍ମେଶ୍ୱର କଲୋନୀ, ରସୁଲଗଡ଼, ଭୁବନେଶ୍ୱର
ମୋ ନଂ: ୮୦୯୩୨୯୯୭୮୮/ ୮୦୯୩୨୯୯୮୧୪

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

**!!ଋଣ ଋଣ ଋଣ!!**
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

**ଋଣ ଋଣ ଋଣ**
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

**ନାମଲେଖା ବିଜ୍ଞାପନ**
ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ (RTE) ୨୦୦୯ ଅନୁଯାୟୀ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ଆମ ଅନୁଷ୍ଠାନରେ ପ୍ରଥମ ଶ୍ରେଣୀରେ ୨୫% ସ୍ଥାନ S.C, S.T, APL, CWSN ର ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଗଣା ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଇଚ୍ଛୁକ ଅଭିଭାବକମାନେ ୦୮।୦୪।୨୦୧୯ରିଖ ଠାରୁ ୨୫।୦୪।୨୦୧୯ ପର୍ଯ୍ୟନ୍ତ ବିଦ୍ୟାଳୟରେ ଏଥିନିମନ୍ତେ ଆବେଦନ କରିପାରିବେ।
ସ୍ୱା./- ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ନନ୍ଦ
ପ୍ରଧାନ ଆଚାର୍ଯ୍ୟ
କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟା ମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର

**SMS JOB**
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

**FINANCE**
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

**VINAY FINANCE**
VINAY ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
(ବିଦ୍ୟାର୍ଥୀ /ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧାମରା ବନ୍ଦରରେ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ

# ପ୍ରଦର୍ଶିତ ହେଲା ମେରାଇନ ଶୋ



ମେରାଇନ ଶୋ ପ୍ରଦର୍ଶନ କରାଯାଉଛି।

**ଭଦ୍ରକ ଅଫିସ, ୫।୪**

ଭଦ୍ରକ ଜିଲା ଧାମରା ବନ୍ଦରରେ ଶୁକ୍ରବାର ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧାମରା ବନ୍ଦର ମଧ୍ୟରେ ଏକ ମେରାଇନ ଶୋ ଆୟୋଜନ କରାଯାଇଥିଲା। ଯେଉଁଥିରେ ଟଗ୍‌ବୋଟ୍ସ ଏବଂ ଡ୍ରେଜର ଦକ୍ଷତା ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅଗ୍ନି ନିବାରଣ, ତୈଳ ନିର୍ଗମନ ପ୍ରତିରୋଧ, ଲୋକଙ୍କୁ ବିପଦରୁ ଉଦ୍ଧାର କରିବା, ଗଭୀର, ଶୀଘ୍ର ଏବଂ ଠିକ୍ ଖନନ ଆଦି ଶକ୍ତି ପ୍ରଦର୍ଶିତ ହୋଇଥିଲା। ଶାନ୍ତି ସାଗର ୧୮, ଡଲଫିନ ୯, ବ୍ରାହ୍ମଣୀ, ବାହୁଡ଼ା, ବୈତରଣୀ ଆଦି ଟଗ୍ ଏହି ନୌବାଣିଜ୍ୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଆଦାନୀ ପୋର୍ଟ ନୌବାଣିଜ୍ୟଭିତ୍ତିକ ପରିବେଶ, ନୌବାଣିଜ୍ୟ ସୁରକ୍ଷା ଏବଂ ନିରାପତ୍ତାକୁ ବର୍ଷ ବର୍ଷ ଧରି ଗୁରୁତ୍ୱ ଦେଇଆସିଛି। ଶୁକ୍ରବାର ଏପିଏସ୍‌ଇଜେଡ୍ ଭାରତର ସର୍ବବୃହତ ଘରୋଇ ବହୁମୁଖୀ ପରିଚାଳିତ ବନ୍ଦର ଏବଂ ନିକଟରେ ବାର୍ଷିକ ୨୦୦ ଏମ୍ଏମ୍‌ଟିର କାରବାରରେ ପହଞ୍ଚିପାରିଛି। ପ୍ରତିବର୍ଷ ଏପ୍ରିଲ ୫ ତାରିଖକୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି। ୧୯୬୪ ମସିହାରୁ ଏହି ଦିବସକୁ ଆନୁଷ୍ଠାନିକ ଭାବେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ଏହା ହେଉଛି ୫୬ତମ ଜାତୀୟ ନୌବାଣିଜ୍ୟ ଦିବସ। ସମଗ୍ର ବିଶ୍ୱରେ ସୁରକ୍ଷା ଏବଂ ପରିବେଶଭିତ୍ତିକ ବାଣିଜ୍ୟ ପରିବହନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଦିବସ ସୁଯୋଗ ଦେଇଛି।

# ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୭.୭୬ ଲକ୍ଷ ଟଙ୍କା ଜବତ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୫।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କରଙ୍ଗାମାଲ ଗାଁରେ ଫ୍ଲାଇଂ ସ୍କ୍ୱାଡ୍ ଗୋଟିଏ ବୋଲେରୋରୁ ୭ ଲକ୍ଷ ୭୬ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ଡ୍ରାଇଭରଙ୍କ ସମେତ ୫ଜଣଙ୍କୁ ପୋଲିସ ଅଟକ ରଖିଛି। ସେହି ଗାଡ଼ିରୁ କଂଗ୍ରେସ ପତାକା ସହ ବ୍ୟାନର, ପୋଷ୍ଟର ଜବତ କରାଯାଇଛି।



- ଡ୍ରାଇଭରଙ୍କ ସମେତ ୫ ଅଟକ
- ଜବତ ଗାଡ଼ିରୁ ମିଳିଲା କଂଗ୍ରେସର ବ୍ୟାନର, ପୋଷ୍ଟର

ଫ୍ଲାଇଂ ସ୍କ୍ୱାଡ୍ (ନଂ.୨) ବୋଡ଼େନର ଅତିରିକ୍ତ ତହସିଲଦାର ନନ୍ଦକିଶୋର ସାହୁଙ୍କ ନେତୃତ୍ୱରେ ଗୁରୁବାର କରଙ୍ଗାମାଲରେ ବିଭିନ୍ନ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବୋଲେରୋ(ନଂ.ଓଡି ୨୬-୯୫୧୫)କୁ ଯାଞ୍ଚ କରାଯାଉଥିବା ବେଳେ ସେଥିରୁ ବ୍ୟାପକ ପରିମାଣର କଂଗ୍ରେସର ଝଣ୍ଡା, ପୋଷ୍ଟର ସହ ଏକ ବ୍ୟାଗରେ ଥିବା ୭ ଲକ୍ଷ ୭୬ ହଜାର ଟଙ୍କା ଜବତ କରାଯାଇଥିଲା। ଡ୍ରାଇଭର ତରାପୁରର ସରୋଜ ବରାତ (୨୬), ସୁରେନ୍ଦ୍ର ନିଆଳ (୪୨), ଝମ୍ପେଶ୍ୱର ସଲମା (୩୦), ଜନ୍ମେଜୟ ସିଂ ଦେଓ (୪୮), ଆଶିଷ ରଞ୍ଜନ ପଣ୍ଡା (୩୧) ଙ୍କୁ ବୋଡେନ ଥାନା ପୋଲିସରେ ଜିମା ଦିଆଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି । ଏ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ ରାସ୍ତାକୁ ସିଲ କରି ଯାଞ୍ଚ ଚାଲିଛି। କୌଣସି ବେଆଇନ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।




# ‘#ମିଟୁ’ କାହାଣୀ ଶେୟାର କଲେ ଅଭିନେତ୍ରୀ ଶ୍ରୁତି ମରାଠେ

**ମୁମ୍ବାଇ:** ‘ଆସା ମି ତାସା ମି ’, ‘ପ୍ରେମସୂତ୍ର’ ଭଳି ମରାଠୀ ଫିଲ୍ମ ପାଇଁ ସୁପରିଚିତ ଅଭିନେତ୍ରୀ ଶ୍ରୁତି ମରାଠେ ଜଣେ ସିନେମା ପ୍ରଯୋଜକଙ୍କର ତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ବିଷୟରେ ମୁହଁ ଖୋଲିଛନ୍ତି। ଏକ ଫିଲ୍ମରେ ସେ ଅଡିଶନ୍ ଦେବାକୁ ଯାଇଥିବା ବେଳେ ତାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦିଆଯାଇଥିବା ସେ କହିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ହେଉଥିବା କାଷ୍ଟିଂ କାଉଚ୍ ବିଷୟ ସେ ହ୍ୟୁମ୍ୟାନ୍ସ ଅଫ୍ ବମ୍ବେ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ପୋଷ୍ଟ କରିଛନ୍ତି। କାମ ଦେବା ବାହାନାରେ ପ୍ରଯୋଜକ ଡାକିବା ପରେ ସେ ତାଙ୍କୁ ଭେଟିଥିଲେ। ତାଙ୍କୁ ଫିଲ୍ମରେ ପ୍ରମୁଖ ଭୂମିକା ଦିଆଯିବ ବୋଲି କହିବା ପରେ ପ୍ରଯୋଜକ ‘କମ୍ପ୍ରମାଇଜ୍’ ଏବଂ ‘ୱାନ୍ ନାଇଟ୍’ ଭଳି ଶବ୍ଦ ପ୍ରୟୋଗ କରିଥିଲେ। ଏ ବିଷୟରେ ଅନ୍ୟମାନଙ୍କୁ ଜଣାଇବା ପରେ ସେମାନେ ପ୍ରୋଜେକ୍ଟ ଛାଡ଼ି ଚାଲିଯିବାକୁ କହିଥିଲେ।

ଏକ ତାଲିମ ଫିଲ୍ମରେ ସେ ବିକିନି ପରିଧାନ କରିଥିବାର ଦୃଶ୍ୟ କିପରି ସୋସିଆଲ ମିଡିଆରେ ବିବଦମାନ ପରିସ୍ଥିତି ସୃଷ୍ଟି କରିଥିଲା ତାହା ସେ ମନେପକାଇଥିଲେ। ସିନେମାକୁ ପ୍ରଥମ କରି ଆସିଥିବାବେଳେ ଏକ ଦକ୍ଷିଣ ଭାରତୀୟ ଫିଲ୍ମରେ ମୋତେ ବିକିନି ପିନ୍ଧିବାକୁ କୁହାଯାଇଥିଲା। ଦୁଇଥର ଚିନ୍ତା ନ କରି ମୁଁ ରାଜି ହୋଇଯାଇଥିଲି। ଏହାପରେ ଦର୍ଶକଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଥିଲା, କିପରି ଶୁଟିଂ ପାଇଁ ରାଜି ହୋଇଗଲେ? ଏହା କ'ଣ ଆବଶ୍ୟକତା ଥିଲା?? ଏହିସବୁ ପ୍ରଶ୍ନକୁ ସାମ୍ନା କରିବା ଅପେକ୍ଷା ସେତେବେଳେ ଫିଲ୍ମରେ ସୁଯୋଗ ପାଇବା ତାଙ୍କ ପାଇଁ ବଡକଥା ଥିଲା।

ଏହାର କିଛିବର୍ଷ ପରେ ମରାଠୀ ଫିଲ୍ମରେ ସେ ଲୋକପ୍ରିୟତା ହାସଲ କରିବା ପରେ ବିକିନି ପିନ୍ଧିବା ଦୃଶ୍ୟ ଦର୍ଶକଙ୍କ ମନରୁ ଦୂରେଇ ଯାଇଥିଲା ବୋଲି ପ୍ରକାଶ କରିଛନ୍ତି। ୨୦୧୮ରେ ଅଭିନେତ୍ରୀ ତନୁଶ୍ରୀ ଦତ୍ତା ନାନା ପାଟେକରଙ୍କ ବିରୋଧରେ ଏକ ପୁରୁଣା ଘଟଣାକୁ ନେଇ ଅଭିଯୋଗ କରିବା ପରେ ଭାରତରେ #ମିଟୁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହାପରେ ବିଭିନ୍ନ କ୍ଷେତ୍ରରେ ଯୌନ ଉତ୍ପୀଡନର ଶିକାର ହୋଇଥିବା ମହିଳାମାନେ କ୍ରମାଗତ ଭାବେ ମୁହଁ ଖୋଲିଥିଲେ।






## ପିନାକୀଙ୍କ ପ୍ରାର୍ଥିପତ୍ର ଖାରଜ ଆବେଦନ

# ଯାଞ୍ଚ ପରେ କାଏମ ରଖିଲେ ଜିଲାପାଳ

**ପୁରୀ ଅଫିସ, ୫।୪**

ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ରଙ୍କ ପ୍ରାର୍ଥିପତ୍ର ଖାରଜ ପାଇଁ ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର ରିଟର୍ଣ୍ଣିଂ ଅଫିସର ତଥା ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟରେ ଦରଖାସ୍ତ କରିଥିଲେ। ସେ ଦର୍ଶାଇଥିଲେ ଯେ, ପିନାକୀ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ କରିଥିଛନ୍ତି। ଏଥିସହ କେତେକ ତଥ୍ୟ ମଧ୍ୟ ଲୁଚାଇଥିବା ନେଇ ପାତ୍ର ଅଭିଯୋଗ କରିଥିଲେ। ଶୁକ୍ରବାର ନାମାଙ୍କନପତ୍ର ଯାଞ୍ଚ କରିସାରିବା ପରେ ଜିଲାପାଳ ପିନାକୀଙ୍କ ପ୍ରାର୍ଥିପତ୍ର କାଏମ୍ ରଖିଛନ୍ତି।

ଏ ସମ୍ପର୍କରେ ଜିଲାପାଳ କହିଥିଲେ, ଭାଜପା ପ୍ରାର୍ଥୀ ପାତ୍ର ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ରଙ୍କ ପ୍ରାର୍ଥିପତ୍ରକୁ ନେଇ ଦରଖାସ୍ତ କରିଥିଲେ। ପିନାକୀଙ୍କ ସତ୍ୟପାଠରେ ତ୍ରୁଟି, ତଥ୍ୟ ଲୁଚାଇବା ଭଳି କେତେକ ଅଭିଯୋଗ ଆଣିଥିଲେ। କିନ୍ତୁ ଯାଞ୍ଚ କରାଯାଇ ପିନାକୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଅଭିଯୋଗକାରୀ ଚାହିଁଲେ ଉପର କୋର୍ଟର ଆଶ୍ରୟ ନେଇପାରିବେ।

## ସଂକ୍ଷେପରେ

### ଭୋଟ୍ ଦେବାକୁ ଆହ୍ୱାନ



**ବ୍ରହ୍ମପୁର ଅଫିସ୍,୫।୪:** ମହାମାୟୀ ମହିଳା କଲେଜ ପରିସରରେ ନୂତନ ଭୋଟର୍‌ଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସମସ୍ତେ ଭୋଟ୍ ଦେବାକୁ ଆହ୍ୱାନ ଦିଆଯାଇଥିଲା । କଲେଜ ଅଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ । ବରିଷ୍ଠ ଅଧ୍ୟାପିକା ଡ. ସ୍ୱର୍ଣ୍ଣଲତା ପାଢ଼ୀ, ପ୍ରାଧ୍ୟାପିକା ଡ. କଳ୍ପନା ସାହୁ, ପ୍ରାଧ୍ୟାପିକା ଡ. ମଞ୍ଜୁଲତା ପାତ୍ର ଯୋଗଦେଇ ଭୋଟଦାନ ଅଧିକାର ସମ୍ପର୍କରେ ସଚେତନ କରିଥିଲେ । ଶତାଧିକ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ତରଫରୁ ଆୟୋଜିତ ହୋଇଥିଲା। ଅଧ୍ୟାପିକା ଏବଂ ଅଧ୍ୟାପକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଆକ୍ରମଣ ମାମଲା: ୬ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୫।୪:** ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଜ୍ୟୋତି ନଗରରେ ହୋଇଥିବା ଏକ ଆକ୍ରମଣ ଘଟଣାର ୬ ଅଭିଯୁକ୍ତଙ୍କୁ ଜିଲା ଜଜ୍ ବିଭୂ ପ୍ରସାଦ ରାଉତରାୟ ଶୁକ୍ରବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ସେମାନେ ହେଲେ ପ୍ରଶାନ୍ତ ନାୟକ, ବାବୁଲା ନାୟକ, ବାୟା ନାୟକ, ରେଣୁ ନାୟକ, ଝୁନୁ ନାୟକ ଓ ଗଜେନ୍ଦ୍ର ନାୟକ । ୨୩ ତାରିଖ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୁକୁଡ଼ାଖଣ୍ଡି ଜ୍ୟୋତି ନଗରର ବସନ୍ତ ହାତୀ ଓ ଅନ୍ୟମାନଙ୍କୁ ଆକ୍ରମଣ ହୋଇଥିଲା । ବସନ୍ତ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୬ ଅଭିଯୁକ୍ତଙ୍କୁ ୨୪ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ନେଇ ନଂ .୬୭/୧୯ରେ ମାମଲା ରୁଜୁ ହୋଇଥିଲା । ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଜିଲା ଜଜ୍ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ମୁଦାଲାଙ୍କ ଓକିଲ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ସର୍ମିଷ୍ଠା କର ସୂଚନା ଦେଇଛନ୍ତି ।

### ନାଟ୍ୟକାରଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ୍,୫।୪:** ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ, କଳାକାର ପୀତାମ୍ବର ପାଢ଼ୀ ଏବଂ ବିଶିଷ୍ଟ ନିର୍ଦ୍ଦେଶକ ତଥା କଳାକାର ସୀମାଞ୍ଚଳ ପ୍ରଧାନଙ୍କ ବିୟୋଗରେ ଓଡ଼ିଶା ସାଂସ୍କୃତିକ ସଂସଦ ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ହିଲ୍‌ପାଟଣାସ୍ଥିତ ଗଣେଶ ମନ୍ଦିର ପରିସରରେ ସଂସଦର ଉପସଭାପତି ଟି.ଆପ୍ପା ରାଓଙ୍କ ଅଧ୍ୟକ୍ଷତାରେ ଏହି ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ନାଟକ ଜଗତ ପ୍ରତି ସେମାନଙ୍କ ଅବଦାନକୁ ମନେ ପକାଇବା ସହ ସ୍ମୃତିଚାରଣ କରାଯାଇଥିଲା। ସଂପାଦକ ଭବାନୀ ଶଙ୍କର ମିଶ୍ର, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ପ୍ରଭାକାନ୍ତ ପାଣିଗ୍ରାହୀ, ତ୍ରିପତି ନାୟକ, ମଦନ ମିଶ୍ର, ମନୋଜ ଦଣ୍ଡପାଟ, ରାଜୁ ପାଢ଼ୀ, କୈଳାସ ପାଣିଗ୍ରାହୀ, କୃଷ୍ଣ ପଣ୍ଡା, ଅମୂଲ୍ୟ ରଞ୍ଜନ ସାହୁ, ସୁଦୀପ ସାହୁ, ଶିବରାମ ସାବତ, ଗଙ୍ଗାଧର ମିଶ୍ର, ସସ୍ମିତା କୁମାରୀଙ୍କ ସମେତ ବହୁ କଳାକାରମାନେ ଉପସ୍ଥିତ ଥିଲେ ।

# ୫ ସାହି ପରିକ୍ରମା, ବନଦୁର୍ଗା ରଥ ଆମନ୍ତ୍ରଣ

ବ୍ରହ୍ମପୁର ଅଫିସ,୫।୪

ମା' ବୁଢ଼ୀ ଠାକୁରାଣୀ ଯାତ୍ରା ସହ ଗଞ୍ଜାମ ଜିଲାର ପ୍ରସିଦ୍ଧ ଦଣ୍ଡଯାତ୍ରାରେ ଦୁଲୁକୁଛି ବ୍ରହ୍ମପୁର ସହର । ଗୋଟିଏ ପଟେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଓ ଅନ୍ୟପଟେ ସହରର ବିଭିନ୍ନ ଗଳିରେ ମା' କାଳୀଙ୍କ ଦଣ୍ଡଯାତ୍ରା ସହରରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଛି । ଶୁକ୍ରବାର ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରାର ଥିଲା ଅଷ୍ଟମ ଦିବସ। ବାପ ଘରେ ମା'ଙ୍କୁ ଦର୍ଶନ ପାଇଁ ଅସ୍ଥାୟୀ ପୀଠରେ ସକାଳୁ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। ମହିଳାମାନେ ଭକ୍ତମାନେ ପ୍ରଥମେ ଧର୍ମଝଣ୍ଡା ମୂଳରେ ହଳଦୀ ପାଣି ଢାଳ ପୂଜା କରିବା ପରେ ମା'ଙ୍କୁ ନାଲି ଚୁଡ଼ି, ଶାଢ଼ୀ ଓ ଭୋଗ ଲାଗି କରିଥିଲେ । ଯାତ୍ରାସ୍ଥଳରେ ବିଭିନ୍ନ ମାନସିକ ବେଶଧାରୀଙ୍କୁ ଦେଖିବାକୁ ମିଳିଛି । ବାଘ, କୃଷ୍ଣ, ରାଧା, ପିଲାଖାଇ ଡାହାଣୀ ଆଦି ବିଭିନ୍ନ ବେଶ ଧାରଣ କରି ମାନସିକଧାରୀମାନେ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ମନରଞ୍ଜନ କରୁଛନ୍ତି । ଅନ୍ୟପକ୍ଷରେ ମା'ଙ୍କ ଆମନ୍ତ୍ରଣ ପରେ ଦୋଳି, ବିଞ୍ଝଣା, ଡଙ୍ଗା, ଜ୍ୱାଳାମୁଖୀ, ବୀରଲକ୍ଷ୍ମଣ ଆଦି ବହୁ ରଥ ଯାତ୍ରା ଦାଣ୍ଡକୁ ଆସିବାକୁ ପ୍ରସ୍ତୁତ ହେଉଛନ୍ତି।




ଶୁକ୍ରବାର ସନ୍ଧ୍ୟାରେ ନୂତନ ଟାହିଆ ପୂଜାର୍ଚ୍ଚନା ପରେ ମା'ଙ୍କ ଘଟରେ ଲଗାଯାଇଥିଲା । ରାତ୍ରିରେ ପାରମ୍ପରିକ ଭାବେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରିଥିଲା । ବାଦ୍ୟବାଜଣା, ମହୁରୀ, ହୁଳହୁଳି ନାଦ ମଧ୍ୟରେ ଦେବକୀ (ଠାକୁରାଣୀଙ୍କ ମା') ମୁଖ୍ୟଘଟକୁ ମୁଣ୍ଡାଇଥିବା ବେଳେ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇଥିଲେ । ଶୋଭାଯାତ୍ରା ପ୍ରଥମେ ରାଜବାଟିକୁ ଯାଇଥିଲା। ସେଠାରେ ମହୁରୀ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତୀ କରିବା ସହ ଭୋଗ ଅର୍ପଣ କରିଥିଲେ । ରାଜବାଟିରେ ମା'ଙ୍କ ପୂଜାର୍ଚ୍ଚନା ପର୍ବ ପରେ ଶୋଭାଯାତ୍ରା ୫ ସାହି ବଡବଜାର, ପାଟରାସାହି, ଜେମି ସାହି, ମଙ୍ଗଳବାରମ ପେଟା, ଇଲୁୱାରି ସାହି, ଚନ୍ଦ୍ରମା ସାହି ପରିକ୍ରମା କରିଥିଲା । ଆଗା ସାହି ମଧ୍ୟ ଦେଇ ଘଟ ପରିକ୍ରମା



ମାନସିକ ବେଶଧାରୀଙ୍କ ପିଲାଖାଇ ଡାହାଣୀ ବେଶ ।

ବେଳେ ମୁଖ୍ୟଘଟଧାରୀ ମା' ଦେବକୀ ବନଦୁର୍ଗା ରଥକୁ ଯାତ୍ରା ଦାଣ୍ଡକୁ ଆସିବାକୁ ଆମନ୍ତ୍ରଣ କରିଥିଲେ । ପରମ୍ପରା ଅନୁସାରେ ମା'ଙ୍କ ଆମନ୍ତ୍ରଣର ଦୁଇରୁ ତିନି ଦିନ ମଧ୍ୟରେ ଏହି ରଥର ପ୍ରସ୍ତୁତି ପର୍ବ ଆରମ୍ଭ ହେବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି । ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଆଗରେ ପୂର୍ଣ୍ଣକୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ, କର୍ପୁର ମିଶା ପାଣି ଢାଳି ପୂଜାର୍ଚ୍ଚନା କରିଥିଲେ । ଏହାପରେ ମା' ଘଟ ଶୋଭଯାତ୍ରା ଚନ୍ଦ୍ରମାସାହି, ନଡିଆ ବଜାର ହୋଇ ଅସ୍ଥାୟୀ ପୀଠକୁ ବହୁଡିଥିଲା । ଗୁରୁବାର ଯାତ୍ରା ଆରମ୍ଭ ହୋଇ ଏକ ସପ୍ତାହ ବିତିଥିବାରୁ ଆସନ୍ତା ସପ୍ତାହରୁ ଯାତ୍ରାରେ ଭିଡ ଜମିବ । ବହୁ ମାନସିକଧାରୀ ବେଶ ହେବେ। ଏଥିପାଇଁ ଯାତ୍ରା ସ୍ଥଳରେ ପୂର୍ବରୁ ଆୟୋଜକଙ୍କ ପକ୍ଷରୁ ଅସ୍ଥାୟୀ ପୀଠରେ ସିସି କ୍ୟାମେରା ଲଗାଯାଇଥିବା ବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଦେଶୀବେହେରା ସାହି ବଣିଜ ସଂଘ ପକ୍ଷରୁ ଆଉ ୮ ସିସି କ୍ୟାମେରା ଯାତ୍ରସ୍ଥଳରେ ଲଗାଯିବା ନେଇ ସୂଚନା ମିଳିଛି । ଅନ୍ୟପଟରେ ଅସ୍ଥାୟୀ ପୀଠ ନିକଟରେ ସିଟି ହସପିଟାଲ ପକ୍ଷରୁ ଜରୁରୀ କାଳିନ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଛି । ସେହିପରି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଯାତ୍ରା ସ୍ଥଳରେ ପାନୀୟ ଜଳ ପାଇଁ ୧୦ ରୁ ୧୨ ଟି ଅସ୍ଥାୟୀ ଷ୍ଟାଣ୍ଡପୋଷ୍ଟ ବ୍ୟବସ୍ଥା କରାଯାଇଛି । ଯାତ୍ରାସ୍ଥଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

## ସେଲ୍ଫି କର୍ଣ୍ଣର



ଆଶୁତୋଷ



କମଳାକାନ୍ତ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପଣ୍ଡ: ୬ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର ।

ବ୍ରହ୍ମପୁର ଅଫିସ,୫।୪

ହଳଦିଆପଦର ପେଟ୍ରୋଲ ପମ୍ପରେ ଗୁରୁବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା ଚଳାଉଥିବା ୬ ଜଣଙ୍କୁ ଗୋଷାଣି ନୂଆଗାଁ ପୋଲିସ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଇନ୍ଦିରା ଆବାସ କଲୋନୀର ଏସ. ତୋଫାନ, ଟି.ଚେରମା, ଏସ.ସୁକୁରୁ, ଟି. ତୋଫାନ, ଟି. ଜଳନ୍ଧର ଓ ଟି.ଭୀମା। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨ ରାଉଣ୍ଡ ଗୁଳି, ୨ ବୋମା, ୨ ଖଣ୍ଡା, ଲୁହାଛଡ଼ ଓ ୮୭୦ ଟଙ୍କା ଜବତ କରାଯାଇଛି। ଗୋଷାଣି ନୂଆଗାଁ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପ୍ରଭାତ ଚନ୍ଦ୍ର ରାଉତରାୟ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ବ୍ରହ୍ମପୁର ରେଳୱେ ଷ୍ଟେଶନ ୪ନଂ.ପ୍ଲାଟଫର୍ମ ସମ୍ମୁଖ ଏକ ହୋଟେଲ କଡରେ ଗୁରୁବାର ରାତିରେ କେତେଜଣ ବସି ଡକାୟତି ଯୋଜନା କରୁଥିବା ପୋଲିସ ଖବର ପାଇଥିଲା । ଗୋଷାଣି ନୂଆଗାଁ ଥାନାଧିକାରୀ ସୁମିତ କୁମାର ସରେନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଜେରା ବେଳେ ସେମାନେ ହଳଦିଆପଦର ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ଜଣାପଡିଥିଲା। ଏ ନେଇ ନଂ. ୪୦/୧୯ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି, ଥାନାଧିକାରୀ ସରେନ ଓ ଟାଉନ ଥାନା ଆଇଆଇସି ସନ୍ତୋଷିନୀ ଓରାମ ଉପସ୍ଥିତ ଥିଲେ ।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୫।୪

ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ବିଜିପୁର କେନାଲ ସାହିର ନିରଞ୍ଜନ ବେହେରା ଓରଫ ରଞ୍ଜନଙ୍କୁ ଗିରଫ କରିଛି। ନିରଞ୍ଜନ ସୋସିଆଲ ମିଡିଆରେ ଜଣେ ଯୁବତୀଙ୍କୁ ତାଙ୍କ ସାଙ୍ଗର ଅଶ୍ଳୀଳ ଫଟୋ ପଠାଇଥିଲେ। ଯୁବତୀ ଜଣକ ଉକ୍ତ



ଗିରଫ ଅଭିଯୁକ୍ତ।

ଫଟୋ ସମ୍ପୃକ୍ତା ସାଙ୍ଗକୁ ଦେଖାଇଥିଲେ। ସାଙ୍ଗ ଜଣକ ଏ ନେଇ ୧୦ ଦିନ ତଳେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ନଂ.୮୫/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ମୋବାଇଲ ନମ୍ବର ଟ୍ରାକିଂ କରି ନିରଞ୍ଜନଙ୍କୁ ପୋଲିସ ଧରିଥିଲା । ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି ।

## ଅଲମ୍ପିକ୍ ଟ୍ରାଏଲ୍‌ରେ ଭାଗନେବେ ରବି କୁମାର

ବ୍ରହ୍ମପୁର ଅଫିସ,୫।୪

ଆସନ୍ତା ୭ରୁ ପଞ୍ଜାବର ପଟିଆଲାଠାରେ ଜାତୀୟ ଭାରୋତ୍ତୋଳନ ସଂଘ ତରଫରୁ ଅଲମ୍ପିକ୍ସ ପାଇଁ ଚୟନ ଶିବିର(ଟ୍ରାଏଲ୍) ଅନୁଷ୍ଠିତ ହେବ। ଏହି ଶିବିରରେ ଆନ୍ତର୍ଜାତୀୟ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ କାଟୁଲୁ. ରବି କୁମାର ଭାଗନେବେ। ମେ ୨୩ ପର୍ଯ୍ୟନ୍ତ ଏହି ଶିବିର ହେବ। ଶୁକ୍ରବାର ରବି କୁମାର ପଟିଆଲା ପାଇଁ ଯାତ୍ରା କରିଛନ୍ତି । ଏହି ଅବସରରେ ତାଙ୍କୁ ବୀର ହନୁମାନ କ୍ଲବ ତରଫରୁ ଶୁଭେଚ୍ଛା ଦିଆଯାଇଛି । ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କ୍ଲବ ପରିସରରେ ଅନୁଷ୍ଠିତ ହୋଇଥିଲା । କ୍ଲବର ସଭାପତି ରଘୁନାଥ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା ଭାରୋତ୍ତୋଳନ ସଂଘର ସଂପାଦକ ଗାଗାରିନ୍ ନାୟକ, କୋଚ୍ ରମେଶ ପାଢ଼ୀ, ସୀତାକାନ୍ତ ପଟ୍ଟନାୟକଙ୍କ ସମେତ କ୍ଲବର ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଜାତୀୟ ଚୟନ ଶିବିରକୁ ଯୋଗ୍ୟତା ମିଳିଥିବା ଯୋଗୁ ଖୁସି ଲାଗୁଥିବା କହିଛନ୍ତି ରବି କୁମାର। ଏଥିପାଇଁ ସଂଘକୁ ସେ କୃତଜ୍ଞତା ଜଣାଇଛନ୍ତି। ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ପୂର୍ବରୁ ଯେତିକି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ କରିଥିଲି, ତାହାଠୁ ଅଧିକ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବି ବୋଲି ଦୃଢ଼ ବିଶ୍ୱାସ ରହିଥିବା ରବି କୁମାର ପ୍ରକାଶ କରିଥିଲେ ।



ସମ୍ବର୍ଦ୍ଧନା ସଭାରେ ବକ୍ତବ୍ୟ ରଖୁଛନ୍ତି ରବି କୁମାର ।

## ■ ଯନ୍ତ୍ରଣା ଦେଉଛି ଅସମ୍ପୂର୍ଣ୍ଣ ଜାନିବିଲି ପ୍ରକଳ୍ପ

# ଖାଲରେ ଫସିଲା ବିଜେଡି ପ୍ରଚାର ଗାଡ଼ି




ଗାଡ଼ିକୁ ବାହାର କରିବାକୁ ଚେଷ୍ଟା ଚାଲିଛି ।

ବ୍ରହ୍ମପୁର ଅଫିସ୍,୫।୪

ଜାନବିଲି ପ୍ରକଳ୍ପ ପାଇଁ ବ୍ରହ୍ମପୁର ସାରା ରାସ୍ତାକୁ ଖୋଳି ପାଇପ୍ ପୋତାଯାଇଛି । ହେଲେ ପାଇପ୍ ପୋତିବା ପରେ ଠିକ୍ ଭାବେ ମାଟି ଭର୍ତ୍ତି କରାଯାଇନି । ଫଳରେ ସାମାନ୍ୟ ବର୍ଷା ହେଲେ କିମ୍ବା ଭାରିଯାନ ଗଲେ ଏହି ଖାଲଗୁଡ଼ିକରେ ଗାଡ଼ି ଫସିଯାଉଛି । ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଶୁକ୍ରବାର ଗେଟ୍‌ବଜାର ଅଞ୍ଚଳରେ ବିଜେଡ଼ିର ପ୍ରଚାର ଗାଡ଼ି ଏପରି ଏକ ଖାଲରେ ଫସି ଯାଇଥିବା ଦେଖିବାକୁ ମିଳିଥିଲା । ଜାନବିଲି ପ୍ରକଳ୍ପରେ ପାଇପ୍ ବିଛାଯାଇଥିବା ଖାଲରେ ଗାଡ଼ିର ଆଗ ଚକ ପଡ଼ିଯାଇଥିଲା । ଚାଳକ ଏବଂ କେତେକ ବିଜେଡ଼ି କର୍ମୀ ବହୁତ ସମୟ ପର୍ଯ୍ୟନ୍ତ କସରତ କରିବା ପରେ ଗାଡ଼ି ପଦାକୁ ବାହାରିଥିଲା । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ସହରକୁ ଜଳଯୋଗାଣ ପାଇଁ ପ୍ରାୟ ୪୮୯କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି ଜାନବିଲି ପ୍ରକଳ୍ପ । ଏହି ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ହୋଇନାହିଁ । ହେଲେ ଆଦର୍ଶ ଆଚରଣବିଧି ଲାଗୁ ହେବା ଆଶଙ୍କାରେ ମାର୍ଚ୍ଚ ୩ରେ ତରବରିଆ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ଉଦ୍‌ଘାଟନ କରିଦେଇଥିଲେ । ଯାହାକୁ ନେଇ ବିଭିନ୍ନ ସଂଗଠନ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ବର୍ତ୍ତମାନ ଯାଏ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ସାହି ସାହିରେ ପାଇପ୍ ବିଛାଇବା ପାଇଁ ରାସ୍ତାକୁ ଖୋଳି ଦିଆଯାଇଛି । ପାଇପ୍ ପକାଇବା ପରେ ଠିକ୍ ଭାବେ ମାଟି ଭର୍ତ୍ତି କରାଯାଉନାହିଁ ।

# ଗଞ୍ଜାମ ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଉପସ୍ଥିତ ନିର୍ବାଚନ ଅଧିକାରୀ, ନିର୍ବାଚିତ କର୍ମକର୍ତ୍ତା ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୫।୪

ଗଞ୍ଜାମ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ୩୦ରେ ସରିଛି। ରବୀନ୍ଦ୍ର ନାଥ ପାଣିଗ୍ରାହୀ ସଭାପତି, କୈଳାସ ଚନ୍ଦ୍ର ପାଣିଗ୍ରାହୀ ସମ୍ପାଦକ, ଚିତ୍ତରଞ୍ଜନ ଶତପଥୀ ଉପସଭାପତି ଓ ଯୁଗ୍ମ ସମ୍ପାଦକ ଭାବେ କିରଣ କୁମାର ମଣ୍ଡଳ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଛନ୍ତି। ଏହି ଅବସରରେ ପୂର୍ବତନ ସଭାପତି ମୋହନ ସିଙ୍ଗାରୀ, ପୂର୍ବତନ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ, ପୂର୍ବତନ ଉପସଭାପତି ରବୀନ୍ଦ୍ର କୁମାର ଦେଓ ଓ ପୂର୍ବତନ ଯୁଗ୍ମ ସମ୍ପାଦକ ବାପୁଜୀ ପଟ୍ଟନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓକିଲ ସଂଘର ସମସ୍ତ ସଦସ୍ୟଙ୍କ ସହଯୋଗରେ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ନୂତନ ସଭାପତି ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ ପରେ କହିଛନ୍ତି। କୋର୍ଟ ପରିସରରେ ପୋଷ୍ଟ ଅଫିସ ସ୍ଥାପନ, ଏଟିଏମ, ଶ୍ରମ କୋର୍ଟ ଓ ଖାଉଟି ଅଦାଲତର ସର୍କିଟ ବେଞ୍ଚ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇବର୍ଷ ତଳେ ମଞ୍ଜୁର ହୋଇଥିବା ବେଳେ ତାହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଥିଲେ । ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଶିଶିର କୁମାର ପାଢ଼ୀ, ବସନ୍ତ କୁମାର ପଣ୍ଡା, ମାଗୁଣି ଚରଣ ପଲାଇ, ତପନ କୁମାର ଦାସ, ଶତ୍ରୁଘ୍ନ ପାତ୍ର, କରୁଣାକର ପାଣିଗ୍ରାହୀ, କିଶୋର ଚନ୍ଦ୍ର ବିଷୋୟୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

## ■ ଯୋଗୀ ଆଦିତ୍ୟନାଥ ଆସିବେ ଆଜି

# ବିବେକ ବିହାର ପଡ଼ିଆରେ ନିର୍ବାଚନୀ ସଭା

ବ୍ରହ୍ମପୁର ଅଫିସ,୫।୪

ଭାଜପାର ନିର୍ବାଚନୀ ପ୍ରଚାର ପାଇଁ ଶନିବାର ବ୍ରହ୍ମପୁର ଆସିବେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗି ଆଦିତ୍ୟ ନାଥ । ମହାନଗର ଉପକଣ୍ଠ ବିବେକ ବିହାର ପଡ଼ିଆରେ ଆୟୋଜିତ ଜନ ସମାବେଶକୁ ସେ ସମ୍ବୋଧିତ କରିବେ। ଭାଜପା ପ୍ରାର୍ଥୀମାନଙ୍କ ପାଇଁ ସେଠାରେ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି । ଯୋଗୀଙ୍କ ଗସ୍ତ ପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ପର୍ବକୁ ଜୋରଦାର କରାଯାଇଛି । ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାନସଭା ପ୍ରାର୍ଥୀ ତଥା ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଏହି ସୂଚନା ଦେଇଛନ୍ତି ।

ବକ୍ସିପାତ୍ର ଓ ପତି ଆହୁରି କହିଥିଲେ ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର,



ଖବରଦାତା ସମ୍ମିଳନୀରେ ଭୃଗୁ ବକ୍ସିପାତ୍ର ଓ କାହ୍ନୁ ପତି।

ଦିଗପହଣ୍ଡି, ଚିକିଟି ଆଦି ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବେ ଦଳର ଏହି ଷ୍ଟାର ପ୍ରଚାରକ। ମୋହନା ଓ ପାରଳାଖେମୁଣ୍ଡି ଆସନର ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ଦିନ ତଳେ ଗଜପତି ଜିଲାରେ ପ୍ରଚାର କରିଥିଲେ। ଯୋଗୀ ଶନିବାର କନ୍ଧମାଳ ଜିଲାରେ ନିର୍ବାଚନୀ ପ୍ରଚାର ସାରି ଅପରାହ୍ନରେ ବ୍ରହ୍ମପୁର ଆସିବେ।

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଏବେ ରାଜନୀତିର କେନ୍ଦ୍ରବିନ୍ଦୁ ହୋଇଛି । ଗତ ବୁଧବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କନିଷି ଠାରେ ଦଳର ନିର୍ବାଚନୀ ପ୍ରଚାର ଶୁଭାରମ୍ଭ କରିଥିଲେ। ଏହାର ଦୁଇଦିନ ପରେ ସେହି ନିର୍ବାଚନ ମଣ୍ଡଳୀ ଅଧିନ ଆମ୍ବପୁଆ ନିକଟ ବିବେକ ବିହାରକୁ ଆସି ପ୍ରଚାର କରିବେ ଯୋଗୀ। ପରବର୍ତ୍ତୀ ପର୍ଯ୍ୟାୟରେ ସିନେ ଅଭିନେତ୍ରୀରୁ ରାଜନେତ୍ରୀ ହୋଇଥିବା ଜୟପ୍ରଦା ମଧ୍ୟ ଗଞ୍ଜାମ ଗସ୍ତରେ ଆସି ଭାଜପାର ନିର୍ବାଚନୀ ସଭାରେ ଯୋଗଦେବାର ଆପାତତଃ କାର୍ଯ୍ୟକ୍ରମ ଥିବା ଦଳର କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।

## ସଂକ୍ଷେପରେ

### ଦଣ୍ଡୁଆଙ୍କ ସନ୍ଦେହ ଜନକ ମୃତ୍ୟୁ

କ.ନୂଆଗାଁ/ଫିରିଙ୍ଗିଆ,୫।୪(ଡି.ଏନ୍.ଏ.)- କ.ନୂଆଗାଁ ବ୍ଲକର ସାରଙ୍ଗଗଡ଼ରେ ରତଙ୍ଗ ଦଣ୍ଡରେ ଯୋଗଦେଇଥିବା ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ସାରଙ୍ଗଗଡ଼ ଅଶୋକ ନଗର ସାହିର ତ୍ରିଲୋଚନ ମୁଖୀ। ତ୍ରିଲୋଚନ ମନସ୍କାମନା ପୂରଣ କରିବା ପାଇଁ ରତଙ୍ଗ ଦଣ୍ଡରେ ଯୋଗ ଦେଇଥିଲେ। ରତଙ୍ଗ ଦଣ୍ଡ ଗୁରୁବାର ଶେଷ ଜକୋଡି ଗ୍ରାମରେ ଧୂଳି ଦଣ୍ଡ ଖେଳି ସାରି ପାଣିଦଣ୍ଡ ପାଇଁ ଘଟକୁ ଯାଇଥିଲେ। ପାଣି ଦଣ୍ଡ ସାରି ସମସ୍ତେ ଗ୍ରାମକୁ ଫେରିଥିଲେ ମଧ ତ୍ରିଲୋଚନ ଆସିନଥିଲେ। ଶୁକ୍ରବାର ସକାଳେ ମିଲୁମାହା ରାସ୍ତାରେ ତାଙ୍କର ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫିରିଙ୍ଗିଆ ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦେଶୀ ମଦ ଜବତ, ୩ ଗିରଫ

**ଗୋପାଳପୁର,୫।୪:** ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ଗୋଳନ୍ଥରା ଥାନା ପୋଲିସ ତିନୋଟି ସ୍ଥାନରେ ଚଢ଼ାଉ କରି ଚୋରା ବିଦେଶୀ ମଦ ଜବତ ସହ ୩ ଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନବୀନ ଚନ୍ଦ୍ର ସାହୁ, ବୃନ୍ଦାବନ ସାହୁ ଓ ଗଣେଶ ସାହୁ। ଦୀର୍ଘଦିନ ହେଲା ଉକ୍ତ ଥାନା ଅନ୍ତର୍ଗତ ମେଦିନିପୁର ଗ୍ରାମରେ ଅଭିଯୁକ୍ତମାନେ ଚୋରା ବିଦେଶୀ ମଦ ବିକ୍ରି କରୁଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରି ନବିନଙ୍କଠାରୁ ୫ ଲିଟର ୪୦୦ ମିଲି, ବୃନ୍ଦାବନଙ୍କଠାରୁ ୪ ଲିଟର ୮୬୦ ମିଲି ଏବଂ ଗଣେଶଙ୍କ ଠାରୁ ୪ ଲିଟର ୫୦୦ ମିଲି. ବିଦେଶୀ ମଦ ଜବତ କରି ସେମାନଙ୍କୁ କାବୁ କରିଥିଲା। ଏ ନେଇ କେଶ ନଂ. ୯୬, ୯୭ ଓ ୯୮/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ତୁମୁଡିବନ୍ଧ କଂଗ୍ରେସର ମିଶ୍ରଣ ପର୍ବ

ତୁମୁଡିବନ୍ଧ,୫।୪(ଡି.ଏନ୍.ଏ.)- ତୁମୁଡିବନ୍ଧ ବ୍ଲକର ମୁଣ୍ଡିଗଡ ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବ୍ଲକ କଂଗ୍ରେସ ସଭାପତି ପ୍ରମୋଦ କୁମାର ମାନସେଠଙ୍କ ଅଧକ୍ଷତାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୁଣ୍ଡିଗଡ ପଞ୍ଚାୟତ ହରିଜନସାହି, ଡଙ୍ଗରିପଡା, ବଲାନପଡା, ନୂଆସାହି, ପୁରୁଣାସାହି, ବାଟବାଡି, ସୁନାଗାଁ, ଦାଗିରିଗାଁ, ତରଲଙ୍ଗି ଆଦି ଗ୍ରାମର ବହୁ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ବିଜେଡିର ପୂର୍ବତନ ବ୍ଲକ ସଭାପତି ରାଜକିଶୋର ବାରିକ, କର୍ଣ୍ଣ ମଣ୍ଡଳ, ବଚନ ସିଂ ବାରିକ, ଭ୍ରମରବର ବାରିକ, ସୁଧୀର ନାୟକ, କପିନ୍ଦ୍ର ନାୟକ ପ୍ରମୁଖ। କାର୍ଯ୍ୟକ୍ରମରେ କଂଗ୍ରେସର କାର୍ଯ୍ୟକାରୀ ସଭାପତି ହିରାସିଂ ମଣ୍ଡଳ, ଉପେନ୍ଦ୍ର ମହାପାତ୍ର, ସୁଧୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଲିଆଗୁଡା ଜଙ୍ଗଲରୁ ବନ୍ଧୁକ, ଗୁଳି ଜବତ

- ନୟାଗଡ଼ ଅସ୍ତ୍ରାଗାରରୁ ଲୁଟ୍ ହୋଇଥିବା ସନ୍ଦେହ
- ହିଟାଗାନ୍ଧୀ ଗ୍ରାମରୁ ୨ ବନ୍ଧୁକ ଜବତ, ୨ ଗିରଫ, ତଦନ୍ତ ଆରମ୍ଭ

ମୋହନା/ଚନ୍ଦ୍ରଗିରି,୫।୪(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଥାନା ମଳାସପଦର ପଞ୍ଚାୟତସ୍ଥିତ ଭାଲିଆଗୁଡା ଜଙ୍ଗଲରୁ ମୋହନା ପୋଲିସ ଓ ସିଆର୍‌ପିଏଫ ଯବାନଙ୍କ ମିଳିତ ଅପରେଶନରେ ଏକ ଇନ୍‌ସାସ୍ ରାଇଫଲ, ମାଗାଜିନ୍ ଓ ଗୁଳି ଜବତ ହୋଇଛି। ଏଥିସହ ପୋଲିସର ଅନ୍ୟଏକ ଟିମ୍ ହିଟାଗାନ୍ଧୀ ଗ୍ରାମରେ ଚଢାଉ କରି ୨ଜଣଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରି ସେମାନଙ୍କୁ ଗିରଫ କରିଛି। ଇନ୍‌ସାସ ରାଇଫଲ୍‌ଟି ୨୦୦୮ରେ ନୟାଗଡ ଅସ୍ତ୍ରାଗାରରୁ ଲୁଟ୍ ହୋଇଥିବା ଅନୁମାନ କରାଯାଉଛି ଓ ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ଗଜପତି ଏସ୍‌ପି ସାରା ଶର୍ମା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଗଜପତି ଏସ୍‌ପିଙ୍କୁ ଭାଲିଆଗୁଡା ଜଙ୍ଗଲରେ ବନ୍ଧୁକ ପୋତାଯାଇଥିବା ଓ ମଳାସପଦର ପଞ୍ଚାୟତ ହିଟାଗାନ୍ଧୀ ଗ୍ରାମର ୨ ଜଣ ଲୋକଙ୍କ ପାଖରେ ୨ଟି ଦେଶୀ ବନ୍ଧୁକ ରହିଥିବା ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ସିଆରପିଏଫ ଯବାନଙ୍କ ସହିତ ଶୁକ୍ରବାର ସକାଳେ ଭାଲିଆଗୁଡା ଜଙ୍ଗଲରେ ତଲାସି କରି ପୋତା ଯାଇଥିବା ବନ୍ଧୁକକୁ ଠାବ କରାଯାଇଥିଲା। ଏଥିରେ ବିୟୁଟିଟି ନଂ. ପିଟିଏସ୍-୯୧ ଲେଖାଯାଇଛି। ଏହା ବ୍ୟତୀତ ସେଠାରୁ ୫ଟି ମାଗାଜିନ୍, ୮୬ଟି ଗୁଳି ମଧ୍ୟ ଜବତ ହୋଇଥିଲା। ଏସବୁ ୨୦୦୮ରେ ନୟାଗଡ ଟ୍ରେନିଂ ସ୍କୁଲ ଅସ୍ତ୍ରାଗାରରୁ ମାଓବାଦୀମାନେ ଲୁଟ୍ କରିଥିବା ଓ ମୋହନା ଥାନା ଭାଲିଆଗୁଡା ଗ୍ରାମଠାରେ ବିଗତ ଦିନରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ସମୟରେ ଉକ୍ତ ବନ୍ଧୁକ ଗୁଡିକୁ ବ୍ୟବହାର କରାଯାଇଥିଲା। ପରେ ଏହାକୁ ମାଓବାଦୀମାନେ ଜଙ୍ଗଲରେ ପୋତି ଚାଲିଯାଇଥିବା ସନ୍ଦେହ କରାଯାଉଛି ବୋଲି ଏସ୍‌ପି ଶର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେହିପରି ଗୁରୁବାର ମଧ୍ୟ ରାତିରେ ଏସଆଇ ପିଙ୍କି ମୁର୍ମୁ, ହେମନ୍ତ ସେଠୀ, ସିଆଇଏସ୍ଏଫ ଓ ପୋଲିସ ଫୋର୍ସ ସହ ହିଟାଗାନ୍ଧୀ ଗ୍ରାମ ନିକଟ ଜଙ୍ଗଲପାଖରେ ଏରିଆ ଡୋମିନେସନ ଡ୍ୟୁଟି କରିବା ସମୟରେ ବେଡିଙ୍ଗି ଗ୍ରାମର ରବି ମଲ୍ଲିକ, ହରିରାଜ ମଲ୍ଲିକଙ୍କ ଠାରୁ ୨ଟି ବନ୍ଧୁକ ଜବତ କରିଥିଲେ। ଏ ନେଇ ମୋହନା ଥାନାରେ ନଂ. ୬୨/୧୯ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ଏସ୍‌ପି ସାରା ଶର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।

- ପୁଣି ଚର୍ଚ୍ଚାରେ ଆନନ୍ଦଙ୍କ କଳାକୃତି

# ଏକ ଇଞ୍ଚରୁ କମ ଉଚ୍ଚତାର ଓଟ

ବ୍ରହ୍ମପୁର ଅଫିସ,୫।୪

ସଫଳତା ଆଗରେ ହାର ମାନିଛି ବୟସ। ଏହାକୁ ପ୍ରମାଣିତ କରିଛନ୍ତି ବ୍ରହ୍ମପୁର ଠାକୁରାଣୀ ମନ୍ଦିର ସାହିର ୬୮ ବର୍ଷୀୟ ଶିଳ୍ପୀ ଏସ. ଆନନ୍ଦ ରାଓ। ପରିଣତ ବୟସରେ ବ୍ରାସ(ପିତ୍ତଳ)ରେ ଭାରତର ବହୁ ଛୋଟ, ବଡ ଐତିହାସିକ ମଡେଲ କରି ବିଶ୍ୱ ଦରବାରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପୂର୍ବରୁ ଆନନ୍ଦଙ୍କ ୨୨ଟି ପିତ୍ତଳ କଳାକୃତି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିଲା। ଏବେ ବିଶ୍ୱର ସବୁଠାରୁ କ୍ଷୁଦ୍ର ଯାହାର ଉଚ୍ଚତା ଏକ ଇଞ୍ଚରୁ କମ୍ ଓଟ ତିଆରି କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏହାକୁ ସେ ୩ ଦିନରେ ପ୍ରସ୍ତୁତ କରିଥିବା କହିଛନ୍ତି। ଦେଶ ସ୍ୱାଧୀନ ହେବା ବେଳେ ବ୍ୟବହୃତ ହୋଇଥିବା ଅସ୍ତ୍ରଶସ୍ତ୍ର, ବିମାନ, ଜହାଜଗୁଡିକୁ କଳାକୃତି ମାଧ୍ୟମରେ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ମୂଳ ଲକ୍ଷ୍ୟ ବୋଲି ଆନନ୍ଦ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୩ ବର୍ଷରେ ଆନନ୍ଦଙ୍କର ପିତ୍ତଳରେ ୩୪ଟି ଛୋଟ ଓ ବଡ ଐତିହାସିକ ମଡେଲ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ସେହିପରି ତାଙ୍କ ଦ୍ୱାରା ପିତ୍ତଳରେ ନିର୍ମିତ ୫୫ ଇଞ୍ଚ ଉଚ୍ଚର ନେତାଜୀ ୱାରଶିପ, ୨ ଫୁଟ ଉଚ୍ଚତାର ବ୍ରହ୍ମପୁରଠାରୁ ଆଣ୍ଡାମାନ ୱାରଶିପ ମଡେଲ, ୯ ଇଞ୍ଚ ଉଚ୍ଚତା ଓ ୧୫ ଇଞ୍ଚ ଓସାରର ରାଜା ଗଜପତି ରେଲୱେ, ୧୧ ଇଞ୍ଚ ଉଚ୍ଚତା ଓ ୧୦ ଇଞ୍ଚ ଓସାରର ରାଜା ଖଲ୍ଲିକୋଟ ୱାରଶିପ, ୫ ଇଞ୍ଚ ଉଚ୍ଚତା ଓ ୧୦ ଇଞ୍ଚ ଓସାର ରାଜା ଧରାକୋଟ ମିଗ ସିକ୍ସଟିନ ରକେଟ ସହ ମହୁରୀ ରାଜାଙ୍କ ତୋପ ଆଦି ମଡେଲ ଇଣ୍ଡିଆ ଚାଇନା ବୁକ ଅଫ ରେକର୍ଡରେ ସ୍ଥାନିତ ହୋଇଛି। ୨୦୧୭ରେ ଦିଲ୍ଲୀର ଇଣ୍ଡିଆ ବୁକ ଅଫ ୱାର୍ଲ୍ଡ ଷ୍ଟେଜ କାର୍ଯ୍ୟକ୍ରମରେ ବିଶ୍ୱର ୧୦୦ ରେକର୍ଡଧାରୀଙ୍କ ମଧ୍ୟରେ ଆନନ୍ଦ ସମ୍ମାନିତ ହୋଇଥିଲେ।



# ଭିକାପଡ଼ାରେ ବଧୂହତ୍ୟା ଅଭିଯୋଗ

ଖଲ୍ଲିକୋଟ,୫।୪(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଭିକାପଡ଼ାରେ ଗୁରୁବାର ରାତିରେ ଜଣେ ବଧୂଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଜୟନ୍ତୀ ବାରିକ (୩୨)। ତାଙ୍କ ବାପା ସୁବାସ ଦୁହୁଡ଼ିଙ୍କ ଏତଲା କ୍ରମେ ପୋଲିସ ନଂ. ୮୩/୧୯ରେ ମାମଲା ରୁଜୁ କରିଛି। ଖଲ୍ଲିକୋଟ ଆଇଆଇସି ସୁନୀଲ କୁମାର ବେହେରା, ଏସ୍ଆଇ ମନସ୍ୱିନୀ ମାହାନ୍ତି, ଏସ୍ଆଇ ସିଲୁ ଧଳ ଏବଂ ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇ ତଦନ୍ତ ଚଳାଇଛନ୍ତି।

ପ୍ରକାଶ ଯେ, ମାଣିକପୁର ଗ୍ରାମର ଜୟନ୍ତୀ ୧୫ ବର୍ଷ ପୂର୍ବେ ଭିକାପଡ଼ାର ଜଣେ ବ୍ୟକ୍ତିଙ୍କୁ ହିନ୍ଦୁ ରୀତି ପ୍ରକାରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ପାରିବାରିକ କଳହ ଲାଗି ରହୁଥିଲା। ଜୟନ୍ତୀଙ୍କ ସ୍ୱାମୀ ତାଙ୍କୁ ଅନେକ ସମୟରେ ମାଡ଼ ମାରିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ତେଣୁ ସେ ବହୁ ସମୟ ବାପଘରେ ଆସି ରହୁଥିଲେ। ଗୁରୁବାର ରାତିରେ ଜୟନ୍ତୀଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ମାରି ଦେଇଥିବା ଅଭିଯୋଗ କରି ଜୟନ୍ତୀଙ୍କ ବାପା ସୁବାସ ଥାନାରେ ଏତଲା ଦେଇଛନ୍ତି। ଜୟନ୍ତୀଙ୍କ ୨ ପୁଅ ଅଛନ୍ତି। ଏହି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଥା ଶୁଣିବାକୁ ମିଳୁଥିବା ବେଳେ ଏହାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ତଦନ୍ତ ଜାରି ରହିଛି। ଖବର ଲେଖା ହେବା ସୁଦ୍ଧା ଅଭିଯୁକ୍ତ ସ୍ୱାମୀ ଗିରଫ ହୋଇନାହାନ୍ତି।

# ବାଲିଗୁଡ଼ାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ବାଲିଗୁଡ଼ା,୫।୪(ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଲିଗୁଡ଼ା ଉପଖଣ୍ଡ ପୋଲିସ୍ ପ୍ରଶାସନ ତରଫରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବାଲିଗୁଡ଼ା ପୋଲିସ୍ ଓ ସିଆରପିଏଫ୍ ଯବାନଙ୍କ ମିଳିତ ଉଦ୍ୟମରେ ଏକ ଶୋଭାଯାତ୍ରା ବାହାରି ଟାଉନ୍‌ର ସମସ୍ତ ସାହି, ଗଳିକନ୍ଦି ବୁଲି ନିର୍ବାଚନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସଚେତନ କରିଥିଲେ। ଫ୍ଲାଗମାର୍ଚ୍ଚର ନେତୃତ୍ୱ ନେଇଥିଲେ ସ୍ଥାନୀୟ ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା। ଫ୍ଲାଗ୍ ମାର୍ଚ୍ଚ ସହ ସହର ଦେଇ ଯାତାୟାତ କରୁଥିବା ସମସ୍ତ ଯାନବାହାନ ଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଥିବା ଥାନା ଅଧିକାରୀ ବେହେରା ପ୍ରକାଶ କରିଛନ୍ତି।

# ବାସନ୍ତିକ ନବରାତ୍ର ପୂଜା ଆରମ୍ଭ

ଦାରିଙ୍ଗବାଡ଼ି,୫।୪(ଡି.ଏନ.ଏ)

ଦାରିଙ୍ଗବାଡ଼ିରେ ଶୁକ୍ରବାରଠାରୁ ବାସନ୍ତିକ ନବରାତ୍ର ପୂଜା ଆରମ୍ଭ ହୋଇଛି। ସକାଳ ୫ଟାରେ ଆଳତି, ୮ଟାରେ ଶୁଭଖୁଣ୍ଟି ସ୍ଥାପନ, ପୂର୍ବାହ୍ନ ୧୦ଟାରେ ଜଳଯାତ୍ରା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଜଳ ଉଠାଇବା ପାଇଁ ଶୋଭାଯାତ୍ରାରେ ଶିବ ମନ୍ଦିର ପ୍ରାଙ୍ଗଣରେ ଥିବା ପୋଖରୀରୁ ଯାଇଥିଲେ। ବୁଲୁ ତ୍ରିପାଠୀଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ପରେ ୩୨୪ ମହିଳା ଜଳ କଳସ ଧରି ମା' ପାଟଖଣ୍ଡାଙ୍କ ମନ୍ଦିରରେ ପହଞ୍ଚିଥିଲେ। ପରେ ମା'ଙ୍କ ପୀଠରେ ହୋମ ଯଜ୍ଞ ସହ ପୂଜା ଆରମ୍ଭ ହୋଇଛି। ୯ ଦିନ ଧରି ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ଆଦି କରାଯିବ। ପ୍ରଥମ ଦିନ ମା'ଙ୍କୁ ଶୈଳପୁତ୍ରୀ ରୂପେ ପୂଜା କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡୀ, ପଞ୍ଚମ ଦିନରେ ସ୍କନ୍ଦମାତା, ଷଷ୍ଠ ଦିନରେ କାତ୍ୟାୟନୀ, ସପ୍ତମ ଦିନ କାଳରାତ୍ରୀ, ଅଷ୍ଟମ ଦିନ ମହାଗୌରୀ ଓ ନବମ ଦିନରେ ସିଦ୍ଧିଦାତ୍ରୀ ରୂପରେ ପୂଜାର୍ଚ୍ଚନା କରାଯିବ ବୋଲି ପୁରୋହିତ ବୁଲୁ ତ୍ରିପାଠୀ କହିଛନ୍ତି। ସୁରେନ୍ଦ୍ର ଦେହୁଡ଼ି ଏବଂ ମନୋରାମା ଦେହୁଡ଼ି କର୍ତ୍ତା ହୋଇଛନ୍ତି। ଶ୍ରୀରାମ ନବମୀରେ ପୂଜା ସରିବ ବୋଲି କମିଟିର ଦେବେନ୍ଦ୍ର ସାହୁ କହିଛନ୍ତି। ଉକ୍ତଦିନ ରାବଣ ପୋଡ଼ି ମଧ କରାଯିବ। ମା'ଙ୍କ ସ୍ଥାୟୀ ପୀଠରେ ଗୌରୀ ମୁନି ପୂଜା କରୁଛନ୍ତି। କମିଟିର ପତିତପାବନ ରାଉତ, ବିରଞ୍ଚି ନାରାୟଣ ସାହୁ, ଅଜିତ ଦାସ, ପିଙ୍କୁ ସାହୁ, ବାପି ପାଢ଼ୀ, ଆଲୋକ ଦାସ, ଜିଲୁ ଡାକୁଆ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରୁଛନ୍ତି।



କଳସ ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ମାନେ।

- କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଆମ୍ବପୁରକୁ ହରାଇ ଭେଜିପଦର ଚାମ୍ପିୟନ

ପାତ୍ରପୁର, ୫।୪(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଗୁଣ୍ଠା ପଞ୍ଚାୟତ ସାରଥିଚରଣପୁର ଗ୍ରାମରେ ୨୦ ଦିନ ଧରି ଚାଲିଥିବା ମା' ବୁଢ଼ୀ ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଭେଜିପଦର ଟିମ ଚାମ୍ପିୟନ ହୋଇଛି। ଭେଜିପଦର ଓ ଆମ୍ବପୁର ଟିମ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଭେଜିପଦର ଟିମ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ଜବାବରେ ଆମ୍ବପୁର ଟିମ ୧୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ କରି ପରାଜିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶ୍ରୀରୂପ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଟିମକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଆମ୍ବପୁର ଟିମକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କୁରେଶୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ୍ ଅଫ ଦି ସିରିଜ୍ ଭାବେ ରାଧାକାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ପପୁ ଓ ସରୋଜ ଅମ୍ପାୟର ରହିଥିଲେ। କ୍ରିଷ୍ଣା ରେଡ୍ଡୀ, ମଦନ ଦଳେଇ ପ୍ରମୁଖଙ୍କ ସହ ଗ୍ରାମବାସୀ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ। ଏଥିରେ ମୋଟ ୩୨ ଆଞ୍ଚଳିକ କ୍ରିକେଟ ଟିମ ଭାଗ ନେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।


# ମତ୍ସ୍ୟ ଫାର୍ମ ସୁପରଭାଇଜରଙ୍କ ଠାରୁ ୭ ଲକ୍ଷ ଜବତ

## ବିକ୍ରି କାଗଜପତ୍ର ଦାଖଲ, ଯାଞ୍ଚ ଆରମ୍ଭ

ଛତ୍ରପୁର,୫।୪(ଡି.ଏନ.ଏ.)

ମତ୍ସ୍ୟ ଫାର୍ମର ସୁପରଭାଇଜରଙ୍କ ବାଇକରୁ ୭ ଲକ୍ଷ ଟଙ୍କା ଯାଞ୍ଚବେଳେ ବ୍ରହ୍ମପୁର ଉପକଣ୍ଠ ଜଗନ୍ନାଥପୁର ଛକ ନିକଟରୁ ଗୁରୁବାର ରାତିରେ ଚମାଖଣ୍ଡି ପୋଲିସ ଜବତ କରିଥିଲେ। ଉକ୍ତ ଅର୍ଥ ମାଛ ବିକ୍ରି ଟଙ୍କା ବୋଲି ଜବତ ପରେ ସୁପରଭାଇଜର ଜଣଙ୍କ ପୋଲିସକୁ କହିଥିଲେ। ତେବେ ଏନେଇ ସେ ଆବଶ୍ୟକୀୟ କାଗଜପତ୍ର ଦେଖାଇପାରି ନଥିଲେ। ଶୁକ୍ରବାର ଉକ୍ତ କାଗଜପତ୍ର ସୁପରଭାଇଜର ଆଣି ଚମାଖଣ୍ଡି ପୋଲିସକୁ ଦେଇଥିଲେ। ଏହାପରେ ଚମାଖଣ୍ଡି ପୋଲିସ ପକ୍ଷରୁ ଜବତ ଲିଷ୍ଟକୁ ଛତ୍ରପୁର ବିଧାନସଭା ଆସନର ରିଟର୍ଣ୍ଣି ଅଫିସର ତଥା ଛତ୍ରପୁର ଉପଜିଲାପାଳ ପ୍ରିୟ ରଂଜନ ପୃଷ୍ଟିଙ୍କୁ ପ୍ରଦାନ କରିଥିବା ଶୁକ୍ରବାର ଯୋଗାଯୋଗ ବେଳେ ଚମାଖଣ୍ଡି ଥାନା ଆଇଆଇସି ସହଦେବ ମହାପାତ୍ର କହିଛନ୍ତି। ଅପରପକ୍ଷରେ ଯାଂଚ ଚାଲିଥିବା ଛତ୍ରପୁର ଉପଜିଲାପାଳ ତଥା ରିଟର୍ଣ୍ଣି ଅଫିସର ପୃଷ୍ଟି କହିଛନ୍ତି।

ପ୍ରକାଶ ଯେ, ଗଂଜାମ ବ୍ଲକ କୁଶପଲୀରେ ଥିବା ଫାର୍ମ ପୋଖରୀରେ ମାଛ ଚାଷ ହେଉଛି। ଏହାର ୨ ଜଣ ପାର୍ଟନର ଅଛନ୍ତି। ଜଣଙ୍କ ଘର ବ୍ରହ୍ମପୁର ଓ ଆଉ ଜଣଙ୍କ ଘର ନରେନ୍ଦ୍ରପୁରରେ। ମାଛ ବିକ୍ରି ପରେ ଫାର୍ମର ଅନ୍ୟତମ ମାଲିକ ବ୍ରହ୍ମପୁରର ଟଙ୍କା ନେଇ ଜଗନ୍ନାଥପୁର ଛକରେ ପହଞ୍ଚିଥିଲେ। ସେଠାରେ ୭ ଲକ୍ଷ ଟଙ୍କା ସୁପରଭାଇଜରଙ୍କୁ ସେ ଦେଇଥିଲେ। ଏହି ଟଙ୍କା ସୁପରଭାଇଜର ଜଣଙ୍କ ତାଙ୍କ ବାଇକ୍‌ରେ ନେଇ ନରେନ୍ଦ୍ରପୁରରେ ଥିବା ଅନ୍ୟତମ ମାଲିକଙ୍କୁ ଦେଇଥାନ୍ତେ। ବାଇକରେ ସୁପରଭାଇଜର ଜଣଙ୍କ ନରେନ୍ଦ୍ରପୁର ଯାଉଥିବା ବେଳେ ଜଗନ୍ନାଥପୁର ଛକରେ ପୋଲିସ ଯାଞ୍ଚ ବେଳେ ତାଙ୍କ ଗାଡ଼ିରୁ ୭ ଲକ୍ଷ ଟଙ୍କା ଜବତ କରିଥିଲେ।



# ଏବେ ଯଦି ନୁହେଁ, କେବେ ନୁହେଁ

ଚିଦାନନ୍ଦ ଜେନା
ଭୁବନେଶ୍ୱର,୫।୪

■ ଧମକାଇ ନେଲେ ବିଜେଡି ଟିକେଟ
■ ଚାପରେ ବିଜେଡି ସଭାପତି

ସାଧାରଣ ନିର୍ବାଚନ ଘୋଷଣା ହେବା ଦିନଠାରୁ ରାଜ୍ୟରେ ପ୍ରମୁଖ ଦଳଗୁଡ଼ିକର ପ୍ରାର୍ଥୀ ଚୟନ ଚର୍ଚ୍ଚାର ବିଷୟ ହୋଇଛି। ସମସ୍ତ ଦଳର ପ୍ରାର୍ଥୀ ଚୟନ ଅପେକ୍ଷା କ୍ଷମତାସୀନ ବିଜେଡି ପ୍ରାର୍ଥୀ ଚୟନକୁ ନେଇ ରାଜନୀତି ସରଗରମ ହୋଇଛି। ସେହି ଦଳରେ ଏବେସୁଦ୍ଧା ୨୧ରୁ ୨୧ ଲୋକ ସଭା, ୧୪୭ରୁ ୧୪୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇସାରିଲାଣି। ପ୍ରାର୍ଥୀ ଚୟନ ହୋଇ ନ ଥିବା ଆସନଗୁଡ଼ିକ ହେଉଛି- ମୟୂରଭଞ୍ଜର ବାରିପଦା ଏବଂ କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା ସଂରକ୍ଷିତ ଆସନ। ଅନେକ ଆସନରେ ପ୍ରାର୍ଥୀ ଘୋଷଣା ହୋଇସାରିଥିଲେ ବି ଅସନ୍ତୋଷ ଲାଗି ରହିଛି। ଏହିସବୁ ଆସନଗୁଡ଼ିକ ହେଉଛି- ଭଦ୍ରକ, ଜଗତ୍ସିଂହପୁର, ପାରାଦୀପ, ଜଳେଶ୍ୱର, ଭୁବନେଶ୍ୱର (ଜୟଦେବ), କାକଟପୁର, ଖଣ୍ଡପଡ଼ା ଏବଂ ନିଆଳି ପ୍ରମୁଖ। କେତେକ ନେତାଙ୍କୁ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ଇଚ୍ଛା ନ ଥାଇ ବି ଟିକେଟ ପ୍ରଦାନ କରାଯାଇଥିବା ରାଜ୍ୟରେ ଆଲୋଚନା ହେଉଛି। ଏହା ମଧ୍ୟରେ ରହିଛି- ପିପିଲି, ବେଗୁନିଆ, ଚିଲିକା, ରାଜନଗର, ଭୁବନେଶ୍ୱର(ମଧ୍ୟ), ଖଣ୍ଡପଡ଼ା ଓ ଚାନ୍ଦବାଲି। ଏତଦ୍ବ୍ୟତୀତ ବର୍ଷକ ମଧ୍ୟରେ ଦଳରେ ସାମିଲ ହୋଇ ରାଜନୈତିକ ପଦପଦବୀ ପାଇଥିବା ବ୍ୟକ୍ତିବିଶେଷ ବିଧାୟକ ଟିକେଟ ହାତେଇଛନ୍ତି। ଦଳୀୟ ଅସନ୍ତୋଷ ଏତେମାତ୍ରାରେ ବୃଦ୍ଧି ପାଇଲା ଯେ, ଦଳର ବହୁତ ନେତା ନିଜ ଆଡୁ ବିଜେଡି ଛାଡିବାକୁ ବାଧ୍ୟ ହେଲେ। ଏମାନଙ୍କ ମଧ୍ୟରେ ଅଛନ୍ତି- ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଏମ୍‌ପି ଅର୍ଜୁନ ଚରଣ ସେଠୀ, ବଳଭଦ୍ର ମାଝି, ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୂର୍ବତନ ଏମ୍‌ପି ମୋହନ ଯେନା, ବିଧାୟକ ହୋଇଥିବା ଦେବରାଜ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ବାସନ୍ତୀ ମଲ୍ଲିକ ଏବଂ ସୁକାନ୍ତ ନାୟକ ପ୍ରମୁଖ।

ଏସବୁ ଘଟଣାବଳୀକୁ ବାଦ୍ ଦେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବରିଷ୍ଠ ବିଧାୟକ ଦେବାଶିଷ ନାୟକ, ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ଭଳି ନେତାଙ୍କ ଟିକେଟ୍ କଟିବା ମଧ୍ୟ ଭିନ୍ନ ସଙ୍କେତ ଦେଉଛି। ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ କହିବାନୁଯାୟୀ ବିଜେଡି ସଭାପତି ପୂର୍ବ ନିର୍ବାଚନ ଭଳି ସୁରୁଖୁରୁରେ ଟିକେଟ୍ ବଣ୍ଟନ କରି ପାରିଲେ ନାହିଁ। କାରଣ ୨୦୦୦, ୨୦୦୪, ୨୦୦୯ ନିର୍ବାଚନରେ ଦଳର କିଛି ବରିଷ୍ଠ ନେତା ଏବଂ ଅବସରପ୍ରାପ୍ତ ପ୍ରଶାସକ ପ୍ୟାରୀମୋହନ ମହାପାତ୍ର ଟିକେଟ୍ ବଣ୍ଟନ ବ୍ୟାପାର ସମ୍ଭାଳିଥିଲେ। ୨୦୧୨ରେ ପ୍ୟାରୀମୋହନଙ୍କ ସମ୍ପର୍କ ବିଜେଡି ସହ ଛିନ୍ନ ହେବା ପରେ ୨୦୧୪ ଟିକେଟ ବଣ୍ଟନରେ ତତ୍କାଳୀନ ଧର୍ମଶାଳା ବିଧାୟକ କଳ୍ପତରୁ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ନିର୍ବାଚନ ପୂର୍ବରୁ ଟିକିନିଖି ଭାବେ ସର୍ଭେ କରାଯାଇ ପ୍ରତ୍ୟେକଟି ଆସନ ପାଇଁ ପ୍ରାର୍ଥୀ ଚୟନ କରାଯାଇଥିଲା। ଏହା ପରେ ଦଳର ଦାୟିତ୍ୱ ବୁଝିବା ପାଇଁ ନବୀନଙ୍କ ପରେ କେହି ରାଜନୈତିକ ବ୍ୟକ୍ତିଙ୍କ ଆବିର୍ଭାବ ହୋଇନାହିଁ।

ସେହିପରି ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ରାଜନୀତିକୁ ଅନୁଶୀଳନ କଲେ ଏହା ସ୍ପଷ୍ଟ ଯେ, ଦୀର୍ଘଦିନ ଧରି କ୍ଷମତାରେ ଥିବା ବିଜେଡି ସର୍ବାଧିକ ଶାସନ ବିରୋଧୀ ହାୱାର ସମ୍ମୁଖୀନ ହୋଇଛି। ଏହା ବ୍ୟତୀତ, ସାଧାରଣରେ ବିଶ୍ୱାସ କରାଯାଉଛି ଯେ, ୨୦୧୯ ନିର୍ବାଚନ ଉଭୟ ନବୀନ ପଟ୍ଟନାୟକ ଏବଂ ତାଙ୍କ ଦଳ ପାଇଁ ଶେଷ ଲଢ଼େଇ ହେବ। ସେଥିପାଇଁ 'ଏବେ ଯଦି ନୁହେଁ, କେବେ ନୁହେଁ ନୀତିରେ ସମସ୍ତେ ମାତିଛନ୍ତି। ପ୍ରତି ଆସନ ପିଛା ବିଜେଡି ଟିକେଟ ଆଶାୟୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିଲା। ବିଧାନସଭା ଆସନ ଟିକେଟ ପାଇଁ ଆଶାୟୀ ସବୁକିଛି କରିବାକୁ ପ୍ରସ୍ତୁତ ଥିଲେ। ଅପରପକ୍ଷରେ ଲୋକ ସଭା ଆସନ ପାଇଁ ଆଶାୟୀଙ୍କ ସଂଖ୍ୟା କମ୍ ଥିଲା। ବିଜେଡି ଟିକେଟ ପ୍ରଦାନ ଚାହିଦା ଦେଖି ଏହାର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ କେତେକ ନେତା ଆଗେଇ ଆସିଲେ। ଏହି ନିଲାମି ସେମାନଙ୍କ ପାଇଁ ବିପୁଳ ପରିମାଣର ଆର୍ଥିକ ଫାଇଦାର କାରଣ ହୋଇଥିବା ବେଳେ ଆଶାୟୀଙ୍କ ଅସନ୍ତୋଷକୁ ଉଗ୍ର କରିଛି। ସେହିପରି କିଛି ନେତା ମୁଖିଆଙ୍କ ଉପରେ ଚାପ ପକାଇବା ପାଇଁ ଦିନରାତି ନବୀନ ନିବାସ ସାମ୍ନାରେ ଶକ୍ତି ପ୍ରଦର୍ଶନ କଲେ। ଏମିତି କି ବିଜେଡି ଟିକେଟ ନ ମିଳିଲେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଧମକ ଦେଲେ ବୋଲି ଶୁଣିବାକୁ ମିଳିଛି। ଏଭଳି ଗୁଜବ ବିଶ୍ୱାସଯୋଗ୍ୟ ହେବା ପଛରେ ଏକ ମୁଖ୍ୟ କାରଣ ହେଲା, ଟିକେଟ ବଣ୍ଟନ ପଛରେ ବିଳମ୍ବ। ଏହାର ଅନ୍ୟ ଏକ ଉଦାହରଣ ହେଉଛି, ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ଦିନ ଚମ୍ପୁଆ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା। ବିଜେଡି ନିଜ ଆଡୁ ପ୍ରାର୍ଥୀ ନ ପାଇବା ପରେ ସ୍ଥାନୀୟ ପ୍ରଭାବଶାଳୀ ବିଧାୟକ ସନାତନ ମହାକୁଡ଼ଙ୍କ ସହଯୋଗ ଲୋଡ଼ିଥିଲା। ଏପରିକି ଚମ୍ପୁଆ ସହ କେନ୍ଦୁଝର ଲୋକ ସଭା ଆସନ ପାଇଁ ସନାତନଙ୍କ ସୁପାରିସକୁ କାର୍ଯ୍ୟକାରୀ କରାଯାଇଥିଲା ବୋଲି ନିଜେ ଗଣମାଧ୍ୟମକୁ କହିଛନ୍ତି। ଏହା ପ୍ରାର୍ଥୀ ଚୟନରେ ବିଜେଡିର ଅସହାୟତାକୁ ଦର୍ଶାଉଛି। ଚମ୍ପୁଆରେ ଦଳର ସଙ୍ଗଠନ ଥାଇ ବି ନିଜସ୍ୱ ପ୍ରାର୍ଥୀ ଦେଇ ପାରିଲା ନାହିଁ।

୨୦୧୭ରେ ହୋଇଥିବା ପଞ୍ଚାୟତ ନିର୍ବାଚନ ବିପର୍ଯ୍ୟୟ ପରେ ବିଜେଡିର ଦୁର୍ବଳତା ପଦାକୁ ଆସିଥିଲା। ଏହାପରେ ପରିସ୍ଥିତିକୁ ବଦଳାଇବା ପାଇଁ ବିଭିନ୍ନ ଚେଷ୍ଟା କରାଯାଇଥିଲା। ଝଡ଼ତୋଫାନ ପରି ସରକାରୀ ଯୋଜନା ଘୋଷଣା କରାଗଲା। ଏତେ ସବୁ ପରେ ବି ଟିକେଟ ବଣ୍ଟନ ସମୟରେ ବିଜେଡିକୁ ବହୁତ ହଇରାଣ ହେବାକୁ ପଡ଼ିଛି। ଏଥିରୁ ପ୍ରମାଣିତ ହେଉଛି ଯେ, ସମ୍ଭବତଃ ପ୍ରଥମଥର ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଧମକର ଶିକାର ହୋଇଥିଲେ। କେବଳ ସେତିକି ନୁହେଁ, ସନାତନ ମହାକୁଡ଼ଙ୍କ ଭଳି ଆହୁରି ଅନେକ ବ୍ୟକ୍ତି ନବୀନଙ୍କ ଦୁର୍ବଳତାର ସୁଯୋଗ ନେଲେ। ଏମିତି କି କେତେଜଣ ଏପରି ସୁବିଧା ହାତେଇଛନ୍ତି, ତାହା ବିଜୁ ଜନତା ଦଳର ଭବିଷ୍ୟତକୁ କେଉଁ ଭଳି ପ୍ରଭାବିତ କରିବ, ତାହା ଦେଖିବାକୁ ପର୍ଯ୍ୟବେକ୍ଷକ ଓ ରାଜ୍ୟବାସୀ ଅପେକ୍ଷାରତ।



କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଧ୍ରୁବଚରଣ ସାହୁଙ୍କୁ ବଦଳାଇବା ଦାବିରେ ଶୁକ୍ରବାର ଭୁବନେଶ୍ୱର ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର ଦଳୀୟ କର୍ମୀ ଓ ନେତା।

# ସୁନୀତାଙ୍କୁ ଅଟକାଇଲା ଫ୍ଲାଇଂ ସ୍କ୍ୱାଡ୍

ନୂଆଗାଁ, ୫।୪ (ଡି.ଏନ୍.ଏ.)


ଫ୍ଲାଇଂ ସ୍କ୍ୱାଡ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ସୁନୀତାଙ୍କୁ ଅଟକାଇ ଅନୁମତିପତ୍ର ମାଗୁଛନ୍ତି।

■ ରୋଡ ଶୋ, ସଭା ପାଇଁ ଅନୁମତି ପତ୍ର ନ ଥିଲା
■ ୪୫ ମିନିଟ ଅଟକ ପରେ ପ୍ରଚାର ପାଇଁ ଗଲେ

ଶୁକ୍ରବାର ସୁନ୍ଦରଗଡ଼ ବିଜେଡି ଲୋକ ସଭା ପ୍ରାର୍ଥୀ ସୁନୀତା ବିଶ୍ୱାଳଙ୍କୁ ଫ୍ଲାଇଂ ସ୍କ୍ୱାଡ୍ ପ୍ରାୟ ୪୫ ମିନିଟ୍ ଅଟକାଇ ରଖିଥିଲା। ରୋଡ ଶୋ, ସଭା ପାଇଁ ସେ ଜିଲା ପ୍ରଶାସନଙ୍କଠାରୁ ଆଣିଥିବା ଅନୁମତିପତ୍ର ଦେଖାଇ ପାରି ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶେଷରେ ଅନୁମତିପତ୍ର ଦେଖାଇବା ପରେ ଫ୍ଲାଇଂ ସ୍କ୍ୱାଡ ତାଙ୍କୁ ଯିବାକୁ ଅନୁମତି ଦେଇଥିଲା।

ସୁନିତା ସକାଳ ପ୍ରାୟ ସାଢ଼େ ୯ଟାରୁ ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ରୋଡ ଶୋ ଓ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ବ୍ଲକର କରଡେଗା ପଞ୍ଚାୟତରୁ ବିଜେଡିର ରୋଡ ଶୋ ଓ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥୀ ମଖଲୁ ଏକ୍କା, ବରିଷ୍ଠ ନାରୀନେତ୍ରୀ ମିନତି ଦେବତା, ବ୍ଲକ ସଭାପତି ଦିଗାମ୍ବର ଦାସ, ପରଭେଜ ଖାନ୍ ପ୍ରମୁଖ ସାମିଲ ହୋଇଥିଲେ। କରଡେଗା ଗାଁରେ ବିଜେଡିର ସଭାକାର୍ଯ୍ୟ ସରିଲା ପରେ ସୁନୀତାଙ୍କ ଗାଡି କୋକେରମା ଓ ହାତୀବାରି ପଞ୍ଚାୟତରେ ପହଞ୍ଚିଥିଲା। ଏହି ସମୟରେ ଫ୍ଲାଇଂ ସ୍କ୍ୱାଡ୍ ସେଠାରେ ପହଞ୍ଚି ସୁନୀତାଙ୍କୁ ରୋଡ ଶୋ ଓ ସଭା ପାଇଁ ଅନୁମତିପତ୍ର ମାଗିଥିଲା। ହେଲେ ସୁନୀତା ଅନୁମତି ଅଛି କହି କିଛି ଦୂର ଚାଲିଯାଇଥିଲେ। ଶେଷରେ ପୁରୁଣାପାଣିଠାରେ ମାଜିଷ୍ଟ୍ରେଟ ସମ୍ପିତ ଦାସଙ୍କ ଉପସ୍ଥିତିରେ ହାତୀବାରି ଥାନା ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ସୁନୀତାଙ୍କ ଗାଡିକୁ ଅଟକାଇ ଅନୁମତିପତ୍ର ମାଗିଥିଲେ। ହେଲେ ସେ ଅନୁମତିପତ୍ର ଦେଖାଇ ପାରି ନ ଥିଲେ। ପ୍ରାୟ ୪୫ ମିନିଟ ପରେ ଅନୁମତିପତ୍ର ତାଙ୍କ ପାଖରେ ପହଞ୍ଚିଲା ପରେ ତାଙ୍କୁ ଛଡ଼ା ଯାଇଥିଲା। ପରେ ସୁନୀତା ନୂଆଗାଁ ବ୍ଲକର ନୂଆଗାଁ, ବଡଯୋଜଦା, ଚିତାପେଡି, ଉର୍ମେଇ, ସୋରଡା, ବାରିଲେପ୍ଟା, ବାଗଡେଗା, ଖୁଣ୍ଟଗାଁ ଓ ତେତେରକେଲା ପଞ୍ଚାୟତଗୁଡିକୁ ଯାଇ ନିର୍ବାଚନ ପ୍ରଚାର କରିଥିଲେ।

# ମୋଦିଙ୍କ ଫକିରଗିରି ଏକ ନାଟକ: ବାଘେଲ

ନୂଆପଡ଼ା ଅଫିସ/ତରବୋଡ, ୫।୪(ଡି.ଏନ.ଏ.)


ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଜଣେ ଚା ବାଲା କହୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଦେଶର କୌଣସି ଗରିବ, ଦିନମଜୁରିଆଙ୍କୁ କପେ ଚା ଦେଇନାହାନ୍ତି। ସେ ନିଜକୁ ଫକିର ଭାବେ ପରିଚୟ ଦେଉଛନ୍ତି। ହେଲେ ୨ କୋଟି ଟଙ୍କାର ସୁଟ୍ ପିନ୍ଧୁଛନ୍ତି, ହାଇପ୍ରୋଫାଇଲ ବିଦେଶ ଗସ୍ତ କରି ୨ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନୀରବ ମୋଦିଙ୍କୁ ୩୦ ହଜାର କୋଟି ଏବଂ ଅମ୍ବାନୀଙ୍କୁ ୨୦ ହଜାର କୋଟି ଟଙ୍କାର ମୁନାଫା ଦେଇଛନ୍ତି। ତାଙ୍କର ଚା ବାଲା ଏବଂ ଫକିରଗିରି ଏକ ନାଟକ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି।

ଶୁକ୍ରବାର ଦିନ ପ୍ରାୟ ସାଢେ ୧୨ଟାରେ ନୂଆପଡ଼ା ଜିଲା ତରବୋଡ ହାଇସ୍କୁଲ ଖେଳ ପଡ଼ିଆରେ କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ସଭାର ଆୟୋଜନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ତଥା ନୂଆପଡ଼ା ବିଧାନସଭା ପ୍ରାର୍ଥୀ ଘାସିରାମ ମାଝିଙ୍କ ସଭାପତିତ୍ୱ ଆୟୋଜିତ ଏହି ସଭାରେ ବାଘେଲ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଛତିଶଗଡ଼ର ବିକାଶ କଥା କହିଥିଲେ। ଏହା ସହିତ ଗତ ନିର୍ବାଚନ ସମୟରେ ରାହୁଲ ଗାନ୍ଧୀଙ୍କ ଏଜେଣ୍ଡାକୁ କିପରି କାର୍ଯ୍ୟକାରୀ କରାଯାଇଥିଲା ତା'ର ବର୍ଣ୍ଣନା କରିଥିଲେ। ଛତିଶଗଡ଼ରୁ ବିକାଶର ଧାରା ଆରମ୍ଭ ହୋଇଛି। ନୂଆପଡାବାସୀ ଦୁଇ ପ୍ରାର୍ଥୀ ଘାସିରାମ ମାଝି ଏବଂ ଭକ୍ତଚରଣ ଦାସଙ୍କୁ ହାତଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ସେ ନିବେଦନ କରିବା ସହ ପରିବର୍ତ୍ତନର ଧାରାକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ଭକ୍ତଚରଣ ଦାସ, ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅନିଲ ଚୌଧୁରୀ ପ୍ରମୁଖ ଉଦ୍‌ବୋଧନ ଦେଇ ପୂର୍ବରୁ ଜିଲା ପାଇଁ ନିଆଯାଇ ଥିବା ବିଭିନ୍ନ ପଦକ୍ଷେପର ବିବରଣୀ ଉପସ୍ଥାପନ କରିଥିଲେ। ନୂଆପଡାର ବିକାଶ ପାଇଁ କଂଗ୍ରେସ ନୂଆ ସ୍ୱପ୍ନ ଦେଖିଛି। ଏଥିରେ ଜିଲାବାସୀ ସମର୍ଥନ କରି ଭୋଟଦେବାକୁ ଲୋକ ସଭା ପ୍ରାର୍ଥୀ ଦାସ ଆହ୍ୱାନ କରିଥିଲେ। ନୂଆପଡା ଜିଲା ସମସ୍ୟାରେ ଭାସୁଛି। ହେଲେ ବିଜେଡି ଏବଂ ଭାଜପାର ନେତାମାନେ ପଦବୀକୁ ଜାବୁଡ଼ି ଧରି ଦୁର୍ନୀତି କରିଚାଲିଛନ୍ତି। ଥରେ ତାଙ୍କୁ ସୁଯୋଗ ଦେବାକୁ ଘାସିରାମ ମାଝି ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହାଲ୍ଲା ସିଂ, ପ୍ରଦୀପ ସାହୁ, ରବୀନ୍ଦ୍ର ମଙ୍ଗରାଜ, ସୌରଭ ଚନ୍ଦ୍ରକାର, ଜିଲା ଉପସଭାପତି ଅଷାଢୁ ଦୁରିଆ, ମହମ୍ମଦ ଜୁନୈଦ୍, ରାଜେନ୍ଦ୍ର ଜୈନ, ଜିଲା ପରିଷଦ ସଭ୍ୟା ଉଷା ଚନ୍ଦ୍ରକାର, ଜଗଦୀଶ ସାହୁ, ଭକ୍ତଚରଣ ଶବର, ମହମ୍ମଦ ଇଶାକ୍, ବିରନଚି ବାଗ, ହେମ ଦାସ ପ୍ରମୁଖ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତୀକରଣ ପ୍ରସଙ୍ଗ

# 'ଲଙ୍କାରେ ହରିନାମ ଭଳି ଲାଗୁଛି'

ଭୁବନେଶ୍ୱର,୫।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁହଁରେ ମହିଳା ସଶକ୍ତୀକରଣ କଥା ଶୁଣିଲେ ଲଙ୍କାରେ ହରିନାମ ଭଳି ଲାଗୁଛି। ଓଡ଼ିଶାବାସୀ କୁନ୍ଦୁଲି ଓ ପିପିଲି ପୀଡ଼ିତାଙ୍କ ଦୁଃଖ କାହାଣୀ ଭୁଲିନାହାନ୍ତି। ସେମାନଙ୍କୁ କିଏ ନ୍ୟାୟ ଦେବ। ପିପିଲି ଗଣବଳାତ୍କାର ଓ ହତ୍ୟାକାଣ୍ଡର ଅଭିଯୁକ୍ତମାନଙ୍କ ମୁଖ୍ୟ ପୃଷ୍ଠପୋଷକଙ୍କୁ କାହିଁକି ମୁଖ୍ୟମନ୍ତ୍ରୀ ତିନିମାସ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି ଧର୍ମେନ୍ଦ୍ର କହିଛନ୍ତି, ଭୁବନେଶ୍ୱରରୁ ଜଣଙ୍କୁ ବିଜେଡି ଟିକେଟ୍ ଦେଇଛି, ଯାହାଙ୍କ କେଳେଙ୍କାରି ଯୋଗୁ ରାଜ୍ୟ ଲଜ୍ଜିତ ହୋଇଥିଲା। ମହିଳାଙ୍କୁ ସଶକ୍ତୀକରଣ କଥା କହୁଥିବା ମୁଖ୍ୟମନ୍ତ୍ରୀ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତମାନଙ୍କ ପୃଷ୍ଠପୋଷକଙ୍କୁ ଟିକେଟ୍ ଦେଲେ। କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟା କରିବାର ଉତ୍ତର କିଏ ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦୁଇଦିନ ତଳେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଅସଦାଚାରଣ ବିରୋଧରେ ନବୀନ ନିବାସ ଆଗରେ ଜଣେ ମହିଳା ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ଗତ ୩ବର୍ଷରେ ସରକାରୀ ଆଦିବାସୀ ଛାତ୍ରୀ ନିବାସରେ ୧୨ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମହିଳା ବିରୋଧୀ ହୋଇଥିବା ବେଳେ ରାଜ୍ୟର ୨୫ ଜିଲାରେ କୁପୋଷଣରେ ଶିଶୁଙ୍କ ଅବସ୍ଥା ଭୟଙ୍କର ହୋଇଛି। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ହେବାରେ ୧୦୦ବର୍ଷ ପୂରିବ। ଜନ୍ମ ହେଉଥିବା ପିଲା ସେତେବେଳେ ଯୁବକ ଅବସ୍ଥାରେ ଥିବେ। କିନ୍ତୁ ରାଜ୍ୟ ସରକାର ମହିଳା ଓ ଶିଶୁଙ୍କ ଉପରେ ଯେଉଁ ନୀତି ଆପଣାଉଛନ୍ତି ତାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ନିଜ ଡରକୁ ପ୍ରକାଶ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରେସ୍ ବିଜ୍ଞପ୍ତିରେ ମହିଳା ନେତୃତ୍ୱ କଥା ଉଲ୍ଲେଖ କରି ନବୀନବାବୁ ଅନ୍ତଃରାଷ୍ଟ୍ରୀୟସ୍ତରର ନେତ୍ରୀମାନଙ୍କ କଥା ଉଠାଇ ନ୍ୟୁଜିଲାଣ୍ଡ ଓ ଜର୍ମାନୀର ନାଁ ନେଇଛନ୍ତି। ହେଲେ ମୋଦିଙ୍କ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ମଧ୍ୟରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ ବିଶ୍ୱରେ ମହିଳା ନେତୃତ୍ୱର ନୂଆ ମାପକାଠି ତିଆରି କରିଛନ୍ତି। ସୀଥାରାମନଙ୍କ ଦାୟିତ୍ୱରେ ସର୍ଜିକାଲ ଷ୍ଟ୍ରାଇକ ଓ ପୁଲୱାମା ଆକ୍ରମଣର ପ୍ରତିଶୋଧ ଭଳି କାର୍ଯ୍ୟ ହୋଇପାରିଛି। ଏ ପ୍ରକାର ସଶକ୍ତ ମହିଳା ନେତୃତ୍ୱ ଅତୀତରେ ଭାରତୀୟ ରାଜନୀତିରେ ଦେଖିବାକୁ ମିଳି ନ ଥିଲା। ନବୀନବାବୁ ଯଦି ଏହି ଦୁଇ ନାରୀ ନେତ୍ରୀଙ୍କ ଉଦାହରଣ ଦେଇଥାନ୍ତେ ତେବେ ଭାରତୀୟ ମହିଳା ବିଶେଷତଃ ଓଡ଼ିଶାର ଭଉଣୀମାନଙ୍କୁ ପ୍ରେରଣା ମିଳିଥାନ୍ତା। ମୋଦିଙ୍କ ଲୋକପ୍ରିୟତା ବଢ଼ିବା ଯୋଗୁ ମୁଖ୍ୟମନ୍ତ୍ରୀ ଏପରି କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୟ ଶେଷ ହୋଇଆସିଲାଣି। ମୋଦିଙ୍କ ବିରୋଧରେ ଯେତେ ଅପପ୍ରଚାର କଲେ ମଧ୍ୟ ଓଡ଼ିଆ ଲୋକମାନେ ଏଥର ଦିଲ୍ଲୀ ଓ ଭୁବନେଶ୍ୱରରେ ଭାଜପାର ଡବଲ ଇଞ୍ଜିନ ସରକାର କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୨ ଆସନରେ ପ୍ରାର୍ଥୀ ବଦଳାଇଲା ଜେଏମ୍‌ଏମ୍

ବାରିପଦା ଅଫିସ,୫।୪

**ରାଇରଙ୍ଗପୁର ଓ ବାଙ୍ଗିରିପୋଷି ବିଧାନସଭା ଆସନ**


ଫାଗୁ ହାଁସଦା


ରାମଚନ୍ଦ୍ର ମୁର୍ମୁ

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍) ପକ୍ଷରୁ ଗତ ବୁଧବାର ରାଜ୍ୟର ଗୋଟିଏ ଲୋକ ସଭା ଓ ୫ ବିଧାନସଭା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରାର୍ଥୀ ଚୟନକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାଇରଙ୍ଗପୁର ଓ ବାଙ୍ଗିରିପୋଷି ବିଧାନସଭା ଦୁଇ ଆସନରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଥିବା ଶୁକ୍ରବାର ଦଳର କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ବାଙ୍ଗିରିପୋଷି ଆସନରେ ସୁନ୍ଦର ମୋହନ ସିଂଙ୍କ ସ୍ଥାନରେ ଜିଲା ସଭାପତି ଫାଗୁ ହାଁସଦା ଓ ରାଇରଙ୍ଗପୁର ଆସନରେ ସୁନାରାମ ଟୁଡୁଙ୍କ ବଦଳରେ ରାମଚନ୍ଦ୍ର ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଛି।

ପ୍ରାର୍ଥୀ ପରିବର୍ତ୍ତନ ନେଇ ଦଳରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି। ଗତ ବୁଧବାର ଦଳ ପକ୍ଷରୁ ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ଅଞ୍ଜନି ସୋରେନ ଏବଂ ୨ଟି ଲୋକ ସଭା କ୍ଷେତ୍ର ଅଧୀନ ସାରସକଣା ବିଧାନସଭା ଆସନରେ ମହେଶଚନ୍ଦ୍ର ହେମ୍ବ୍ରମ, ବାଙ୍ଗିରିପୋଷିରେ ସୁନ୍ଦର ମୋହନ, ମୋରଡାରେ କଳିଙ୍ଗ କେଶରୀ ଜେନା ଏବଂ ରାଇରଙ୍ଗପୁର ଆସନ ଲାଗି ସୁନାରାମ ଏବଂ ସୁନ୍ଦରଗଡ ଜିଲା ବୀରମିତ୍ରପୁର ବିଧାନସଭା ଆସନ ଲାଗି ସେବିୟନ ଆଇନ୍ଦଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଥିଲା। ଏହି ଘୋଷଣା କରିବାର କିଛି ସମୟ ପରେ କେତେକ ନିର୍ଦ୍ଦିଷ୍ଟ ଆସନରେ ଉପଯୁକ୍ତ ପ୍ରାର୍ଥୀ ଦିଆଯାଇ ନ ଥିବା ଦଳର ଜିଲା ସଭାପତି ଫାଗୁ ହାଁସଦା ଦର୍ଶାଇ ଅସନ୍ତୋଷ ବ୍ୟକ୍ତ କରି ଏହାର ପୁନର୍ବିଚାର କରାଯାଉ ବୋଲି ଦାବି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଦଳର ଉଚ୍ଚ କର୍ତ୍ତୃପକ୍ଷ ତାଙ୍କୁ ଆଲୋଚନା ଲାଗି ଡକାଇଥିଲେ। ଏହି ଘଟଣା କ୍ରମରେ ୨ ଆସନର ପ୍ରାର୍ଥୀ ବଦଳିଥିବା ଚର୍ଚ୍ଚା ହେଉଛି। ଉଲ୍ଲେଖନୀୟ ଯେ, ଚଳିତ ନର୍ବାଚନରେ ରାଜ୍ୟରେ କଂଗ୍ରେସ ଓ ଜେଏମ୍‌ଏମ୍ ମିଳିତ ଭାବେ ନିର୍ବାଚନ ଲଢ଼ିବା ସକାଶେ ଆଲୋଚନା ହୋଇଥିଲେ ମଧ୍ୟ ଏ ଯାଏ ଚୂଡାନ୍ତ ବୁଝାମଣା ହୋଇପାରି ନାହିଁ। କଂଗ୍ରେସ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ଏହି କ୍ଷେତ୍ର ଅଧୀନ କେବଳ ବାରିପଦା, ଯଶିପୁର ଓ ଉଦଳା ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟ ଆସନ ଖାଲି ପଡିଛି। ଭାଜପା ଓ ବିଜେଡି ସବୁ ଆସନରେ ପ୍ରାର୍ଥୀ ଘୋଷଣା କରି ଏବେ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

## ସଂକ୍ଷେପରେ

### ତାତି ବଢୁଛି, ପ୍ରଚାର ଜମୁଛି



ସୋରଡା,୫।୪(ଡି.ଏନ.ଏ.)- ସୋରଡା ଅଞ୍ଚଳରେ ପ୍ରବଳ ଖରା ଯୋଗୁ ତାତି ବଢୁଥିବାବେଳେ ପ୍ରଚାର ମଧ ଜମୁଛି। ପ୍ରଚଣ୍ଡ ଖରାକୁ ଖାତିର ନ କରି ପ୍ରାର୍ଥୀମାନେ ଭୋଟରଙ୍କ ପାଖରେ ପହଞ୍ଚୁଛନ୍ତି। ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବା ବେଳେ ଗ୍ରାମାଞ୍ଚଳ ଜନସାଧାରଣ ଧାର୍ମିକ ଭାବନରେ ମସ୍‌ଗୁଲ ରହିଛନ୍ତି । ଗୋଟିଏ ପଟେ ଢୋଲ ମହୁରି ଶବ୍ଦ ଶୁଭୁଥିବାବେଳେ ଅନ୍ୟପଟେ ଭୋଟ ପ୍ରଚାର ପାଇଁ ମାଇକ ଶବ୍ଦରେ ଗାଁଦାଣ୍ଡ କମ୍ପୁଛି। ବିଜେଡି ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଖୋଲାଗାଡ଼ିରେ ସକାଳୁ ସମର୍ଥକମାନଙ୍କ ସହ ବାହାରି ଗ୍ରାମାଞ୍ଚଳରେ ପ୍ରଚାର ଚଳାଇଛନ୍ତି। ଭାଜପାର ପ୍ରାର୍ଥୀ ନୀଳମଣି ବିଷୋୟୀ ମଧ ଖୋଲାଗାଡ଼ିରେ ଦଳୀୟ ଗୀତ ସମେତ ପ୍ରଚାରରେ ଲାଗିଛନ୍ତି । କଂଗ୍ରେସର ସଂଗ୍ରାମ କେଶରୀ ମହାନ୍ତି ମଧ ବିଭିନ୍ନ ଗ୍ରାମ ପରିକ୍ରମା କରୁଛନ୍ତି । ଏପଟେ ୩ ଦଳର ନିର୍ବାଚନ କାର୍ଯ୍ୟାଳୟ ବଡଦାଣ୍ଡରେ ଖୋଲାଯାଇଥିବାରୁ ସବୁ ସମୟରେ ସେଠାରେ ଗହଳି ଚହଳି ଲାଗି ରହୁଛି।

### ଲାଇନପଡ଼ାରେ ଅଷ୍ଟଶମ୍ଭୁ ମିଳନ

ଶଙ୍କରାଖୋଲ,୫।୪(ଡି.ଏନ୍.ଏ.)- ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଲାଇନ୍‌ପଡ଼ାରେ ଅଷ୍ଟଶମ୍ଭୁ ଦଣ୍ଡ ମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଅଷ୍ଟଶମ୍ଭୁ ଦଣ୍ଡକୁ ଆୟୋଜକ ବରସାହି, ବ୍ରାହ୍ମଣ ପଦରୁ ହାଟପଦା, କୁସୁମେଣ୍ଡି ଗ୍ରାମବାସୀ ସ୍ୱାଗତ କରି ନଗର ପରିକ୍ରମା କରିବା ପରେ ଦୁର୍ଗାମଣ୍ଡରେ ପୂଜା କରାଯାଇଥିଲା। ପରେ ମଧାହ୍ନରେ ଧୂଳିଦଣ୍ଡ, ଅପରାହ୍ନରେ ପାଣିଦଣ୍ଡ, ରାତିରେ ଅଗ୍ନିଦଣ୍ଡ ସହ ପୌରାଣିକ ଆଧାରିତ ଦଣ୍ଡ ଚରିତ୍ର ପରିବେଷଣ କରିଥିଲେ। ସନ୍ଧ୍ୟାରେ ଏମ୍‌ଇ ସ୍କୁଲ ପଡ଼ିଆରେ ଅଷ୍ଟଶମ୍ଭୁ ଦଣ୍ଡ ମିଳନ ଉତ୍ସବ ହୋଇଛି। ହୁଳହୁଳି ଶବ୍ଦରେ ସେଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶିଶିବାଲି (ବରଗଡ଼ା ବାଲୁଙ୍କେଶ୍ୱର), ବରେଗୁଡ଼ା (ଯୋଗେଶ୍ୱର ବାବା), କ୍ଷେତାପାଜୁ (ସପ୍ତେଶ୍ୱର ବାବା), କିଲୁପଙ୍ଗା ଆନନ୍ଦେଶ୍ୱର ବାବା, ମହାକୁଡ଼ପାଲି (ଚମ୍ପେଶ୍ୱର ବାବା) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଭାପତି ଯୁଧିଷ୍ଠିର ବେହେରା, ଉପସଭାପତି ଶରତ କୁମାର ଭୋଇ, ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଆସିକା,୫।୪(ଡି.ଏନ୍.ଏ)- ଆସିକା ବସ୍‌ଷ୍ଟାଣ୍ଡ ପରିବାର ସଂଲଗ୍ନ ଏକ ପରିତ୍ୟକ୍ତ ଗୃହରୁ ଶୁକ୍ରବାର ମଧାହ୍ନରେ ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି। ମୃତକଙ୍କ କୌଣସି ପରିଚୟ ମିଳି ନ ଥିବା ବେଳେ ତାଙ୍କୁ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।
ବେକରେ ଏକ ଗାମୁଛା ବାନ୍ଧି ଭଙ୍ଗା ରୁଜା କୋଠରୀର ଝୁଲୁଥିବା ଅବସ୍ଥାରେ ଉକ୍ତ ଯୁବକକୁ ଉଦ୍ଧାର କରାଯାଇଥିଲା। ମୃତ ଦେହ ସମ୍ପୂର୍ଣ୍ଣ ଷଢ଼ି ଯାଇଥିବା ବେଳେ ଏହା ସପ୍ତାହେ ପୂର୍ବରୁ ହୋଇଥିବା ପୋଲିସ ଅନୁମାନ କରୁଛି। ପୋଲିସ ମୃତଦେହ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଛେଦ କରିଛି। ଏ ନେଇ ଆସିକା ଥାନାରେ ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ତେବେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନଥିବା ବେଳେ ବ୍ୟବଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି ।


### ୪ ଗ୍ରାମରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଗୋପାଳପୁର,୫।୪-ପ୍ରଥମ ପର୍ଯ୍ୟାୟ ନିର୍ବାଚନ ତାରିଖ ନିକଟତର ହେଉଥିବା ବେଳେ ଗ୍ରାମାଞ୍ଚଳରେ କିଭଳି ଶାନ୍ତି ଶୃଙ୍ଖଳା ରହିବ ସେ ନେଇ ଗୋପାଳପୁର ଥାନା ପୋଲିସ ପକ୍ଷରୁ ୪ଟି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ସିଆଇଏସ୍‌ଏଫ୍ ଯବାନମାନେ ଉତ୍ତେଜନାପୂର୍ଣ୍ଣ ବୁଥ ଯଥା ଲୁହାଝର, ସିନ୍ଧିଗାଁ, ଶୀତଳାପଲ୍ଲୀ ଓ ବାଦପୁର ଗ୍ରାମଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଗ୍ରାମରେ ଅପରାଧ କାର୍ଯ୍ୟକଳାପ ଓ ଚୋରା ମଦ କାରବାର ହେଉଥିଲେ ପୋଲିସକୁ ସୂଚନା ଦେବା ପାଇଁ ମହନ୍ତ କହିଛନ୍ତି।

## ■ପୁଇଁତୋଳାରେ ପାନୀୟ ଜଳ ସମସ୍ୟା
# ପାଣି ପାଇଁ ମହିଳାଙ୍କ ଧାରଣା

ଗଞ୍ଜାମ,୫।୪(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ.୮ ପୁଇଁତୋଳା ବାରିକିସାହି ନିକଟରେ ଗତ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାୟ ୧୮ ପରିବାର ରହି ଆସୁଛନ୍ତି। ଦୀର୍ଘବର୍ଷ ହେବ ସେଠାରେ ସ୍ଥାୟୀ ଭାବେ ରହି ଆସୁଥିଲେ ମଧ ସେଠାକୁ ପ୍ରଶାସନ ପକ୍ଷରୁ ପାନୀୟ ଜଳ ବନ୍ଦୋବସ୍ତ ହୋଇନାହିଁ। ଫଳରେ ଉକ୍ତ ପରିବାର ପାଣି ପାଇଁ ନାହିଁ ନ ଥିବା ଅସୁବିଧା ହେଉଛନ୍ତି। ଏହାର ପ୍ରତିବାଦ କରି ଗ୍ରାମଠାରୁ କିଛି ଦୂରରେ ଥିବା ଓଭରହେଡ (ଜଳ ସଂରକ୍ଷଣ) ଟ୍ୟାଙ୍କ ଗେଟ୍ ସମ୍ମୁଖରେ ଶୁକ୍ରବାର ସକାଳ ୭ଟାରେ ଧାରଣାରେ ବସିଥିଲେ। ପାଣି ପମ୍ପ ଚଳାଉଥିବା କର୍ମଚାରୀଙ୍କୁ ଛାଡ଼ି ନ ଥିଲେ। ଫଳରେ ଗ୍ରାମକୁ ପାଣି ଆସିବାରେ ବହୁ ବିଳମ୍ବ ଘଟିଥିଲା। ଧାରଣା ଦେବାର ପ୍ରାୟ ୨ ଘଣ୍ଟା ପରେ ଦାୟିତ୍ୱରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ବରାଳ ଏବଂ ଠିକାଦାର ଗିରିଜା ଶଙ୍କର ମହାପାତ୍ର ଧାରଣାସ୍ଥଳ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନ ସମୟ ଏବଂ ଆଚରଣ ବିଧି ଲାଗୁ ହୋଇଥିବାରୁ ବର୍ତ୍ତମାନ ପାଇପ ପକାଯିବା ସମ୍ଭବ ନୁହେଁ। ନିର୍ବାଚନ ପରେ ପଦକ୍ଷେପ ନିଆଯିବ ଏବଂ ସେପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାରୁ ଓହରିଥିଲେ।



ଗେଟ୍ ସମ୍ମୁଖରେ ମହିଳାମାନେ ଧାରଣାରେ ବସିଛନ୍ତି।

## ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର,୫।୪(ଡି.ଏନ.ଏ.)

ଗାଲେରୀ ଫାଣ୍ଡି ବଦାଙ୍ଗିର ମଉନାବତି ନାୟକ ଗୁରୁବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସପିଟାଲକୁ ପଠାଇ ଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ବଦାଙ୍ଗିର ମଉନାବତି ବାପଘର ଭଞ୍ଜନଗର ଥାନା କେ.ବିରିବରପୁରରେ ନିଜ ଝିଅମାନଙ୍କୁ ନେଇ କିଛିମାସ ହେବ ରହୁଥିଲେ। ଗୁରୁବାର ସନ୍ଧ୍ୟାରେ ଘରେ ଓଦା ଲୁଗା ଶୁଖାଉଥିବା ବେଳେ କୌଣସି କାରଣରୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ପରିବାର ଲୋକେ ମଉନାବତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଉନାବତିଙ୍କୁ ଉଦ୍ଧାର କରିବାକୁ ଯାଇ ୨ଜଣ ମଧ ଆହତ ହୋଇଛନ୍ତି।

## ଭୋଟର ସଚେତନତା ଶିବିର

ପୁରୁଷୋତ୍ତମପୁର,୫।୪(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ତାରାତାରିଣୀ କଲେଜରେ ଶୁକ୍ରବାର ଭୋଟର ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ବିଘ୍ନରାଜ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ସୀମାଞ୍ଚଳ ପଟ୍ଟନାୟକ, ଡ. ରମେଶ ଚନ୍ଦ୍ର ସେନାପତି, ଡ. ବିଜୟ କୁମାର ମିଶ୍ର, ଅଧ୍ୟାପିକା ଡ. ଗାୟତ୍ରୀ ଦାଶ ଯୋଗଦେଇ କିଭଳି ଆସନ୍ତା ନିର୍ବାଚନରେ ଭୋଟ ଦିଆଯିବ, ଭୋଟଦାନ ଲାଗି କଣ କଣ ପରିଚୟ ପତ୍ର ଆବଶ୍ୟକ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ଓ ସମୀକ୍ଷା କରିଥିଲେ। ଏହାକୁ କଲେଜର କର୍ମଚାରୀମାନେ ପରିଚାଳନା କରିଥିଲେ।

## ଚନ୍ଦ୍ରଗିରିରେ ଦଣ୍ଡନାଚ, ନାଟକ ମଞ୍ଚସ୍ଥ

ଚନ୍ଦ୍ରଗିରି,୫।୪(ଡି.ଏନ୍.ଏ.)

ଚନ୍ଦ୍ରଗିରି ଗ୍ରାମରେ ଗଞ୍ଜାମ ଜିଲା ପାଟପୁର ଗ୍ରାମର ଦଣ୍ଡନାଚ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳୁ ମାନସିକଧାରୀ ଦଣ୍ଡୁଆମାନେ ମା' ମାଣିକେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଢୋଲବାଜଣା ସହ ଗ୍ରାମ ପରିକ୍ରମା କରିଥିଲେ। ପାଟଦଣ୍ଡୁଆଙ୍କ ତତ୍ତ୍ୱାବଧାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ମହାମାୟୀ ମା' କାଳୀଙ୍କୁ ନିଷ୍ଠାର ସହ ପୂଜା କରି ଦଣ୍ଡୁଆମାନେ ଆଞ୍ଚଳିକ ଭାଷାରେ ହଳୁଆ ଗୀତ ସାଙ୍ଗକୁ, ପଖାଳ କଂସାରେ ପଖାଳ ଖାଇ ନୃତ୍ୟ ପରିବେଷଣ କରିଥିଲେ। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅଞ୍ଚଳବାସୀ ମା'ଙ୍କ ସନ୍ଧ୍ୟା ଆଳତିରେ ଯୋଗଦେବା ସହ ଦଣ୍ଡୁଆମାନଙ୍କ ମଧ୍ୟରାତ୍ର ପ୍ରସାଦ ସେବନ ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ମଧ୍ୟରାତ୍ର ପରେ ମା' କାଳୀଙ୍କୁ ଦର୍ଶନ ସାଙ୍ଗକୁ କାଳୀକା ନୃତ୍ୟ, ଚଢ଼େୟା ନାଚ ପରିବେଷଣ ସରିବା ପରେ ପାଟପୁର ଗ୍ରାମ ଦଣ୍ଡନାଚ ପୂଜାର ସାମାଜିକ ନାଟକ 'ଗୁପ୍ତ ସମ୍ପର୍କ' ମା' ମାଣିକେଶ୍ୱରୀ ମନ୍ଦିର ସମ୍ମୁଖରେ ମଞ୍ଚସ୍ଥ କରାଯାଇଥିଲା। ଖରାଦିନ ହୋଇଥିବାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ସାଙ୍ଗକୁ ବିଭିନ୍ନ ପ୍ରକାର ପଣା ବଣ୍ଟନ କରାଯାଇଥିଲା। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



ଦଣ୍ଡୁଆମାନେ ଧୂଳିଦଣ୍ଡ ପରିବେଷଣ କରୁଛନ୍ତି।

## ପାଟପୁର ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଦିଗପହଣ୍ଡି,୫।୪(ଡି.ଏନ.ଏ.)

ନିର୍ବାଚନକୁ ଦୃଷ୍ଟିରେ ରଖି ଗୁରୁବାର ପାଟପୁର ପୋଲିସ ପକ୍ଷରୁ ଗମ୍ଭାରିଗୁଡ଼ା, କଙ୍କୋରଡ଼ା ଓ ଡେଙ୍ଗାଡ଼ି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଆଇଆଇସି ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଗ୍ରାମର ମୁଖ୍ୟ ରାସ୍ତାଗୁଡ଼ିକରେ ମାର୍ଚ୍ଚ କରିଥିଲେ । ଆଦର୍ଶ ଆଚରଣ ବିଧି ସମ୍ପର୍କରେ ସଚେତନ କରାଇବା ଓ ଭୟମୁକ୍ତ ହୋଇ ନିର୍ଭୀକ ଭାବେ ମତଦାନ କରିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା ।

## ଚନ୍ଦାହାଣ୍ଡି ଘାଟିରେ ଅଟୋ ଓଲଟି ୭ ଆହତ


ଝରିଗାଁ, ୫।୪(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଘାଟିରେ ଶୁକ୍ରବାର ଏକ ଅଟୋ ଓଲଟି ୭ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୪ ଛାତ୍ରୀଛାତ୍ର ଅଛନ୍ତି। ଗୁରୁତର ୩ ଛାତ୍ରୀଛାତ୍ର ଏବଂ ୨ ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଧଡିପାଣି ସେବାଶ୍ରମ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ସକାଶେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ଦେବା ପାଇଁ ଉମରକୋଟ ବ୍ଲକ ସିଉନାଗୁଡା, ସାନବାସିନି ଏବଂ ବିଜାଗୁଡା ଗ୍ରାମର ଅଭିଭାବକମାନେ ସେମାନଙ୍କ ଝିଅପୁଅଙ୍କୁ ସାଙ୍ଗରେ ଧରି ଏକ ଅଟୋରେ ଯାଉଥିଲେ। ଚନ୍ଦାହାଣ୍ଡି ଘାଟିରେ ଅଟୋର ହଠାତ୍ ବ୍ରେକ୍ ଫେଲ ହୋଇଥିଲା। ଏହି ସମୟରେ ଅଟୋରେ ବସିଥିବା ଡ୍ରାଇଭର ସମେତ ୯ ଜଣଙ୍କ ମଧ୍ୟରୁ ଜଣେ ଡେଇଁ ପଡିଥିଲା। ପରେ ଅଟୋଟି ରାସ୍ତା ମଝିରେ ଓଲଟି ପଡିଥିଲା। ଫଳରେ ୭ ଜଣ ଆହତ ହୋଇଥିଲେ। ସେହି ଘାଟି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସହାୟତାରେ ସେମାନେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ଝରିଗାଁ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ଏବଂ ଏସଆଇ ଅଞ୍ଜନ କୁମାର ଜାଲ ପହଞ୍ଚିଥିଲେ।

## ମହିଳା କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର,୫।୪(ଡି.ଏନ.ଏ.)

ଛତ୍ରପୁର ମହିଳା ଡିଗ୍ରୀ କଲେଜ ପରିସରରେ ଗୁରୁବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅଧକ୍ଷା ଡ. ସୁମିତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ବ୍ରହ୍ମପୁରସ୍ଥିତ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ପ୍ରତ୍ୟକ ନାଗରିକର ଭୋଟ ଦେବାର ଅଧିକାର ରହିଛି। ପ୍ରତିଟି ଭୋଟ ମୂଲ୍ୟବାନ। ତେଣୁ ପ୍ରତ୍ୟେକ ଭାରତୀୟ ନାଗରିକ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାସହ ଭୋଟ ସଚେତନତା ଉପରେ ଆଲୋକପାତ କରିଥିଲେ। କଲେଜର ସମସ୍ତ ଛାତ୍ରୀ ଯେପରି ଭୋଟ ଦେବେ ଏବଂ ନିଜନିଜ ପରିବାର ସଦସ୍ୟମାନଙ୍କୁ ମଧ ଭୋଟ ଦେବା ପାଇଁ କହିବାକୁ ଡ. ତ୍ରିପାଠୀ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଲିଜାରାଣୀ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ସି.ଏଚ. ସୃତିଲୟା ସଭା ପରିଚାଳନା କରିଥିଲେ। ଅଧାପିକ କବିତା ସାହୁ, ଡ.ଯାଜ୍ଞସେନୀ ପାଣିଗ୍ରାହୀ, ମଧୁଛନ୍ଦା ସାମନ୍ତରାୟ, ବନୀତା ନାହାକ, ଲିଲି ବେହେରା, ସନ୍ତୋଷ କୁମାର ବିଷୋଇ, ଗୀତାଞ୍ଜଳି ସାମନ୍ତରାୟ, ଏମ୍ ଜନାର୍ଦ୍ଦନ ରେଡ୍ଡୀ, ପି. ନାଗମା, ବି.ଏଲେୟା ସହଯୋଗ କରିଥିଲେ।



ଉପସ୍ଥିତ ଅତିଥି।

## କାଠ ବୋଝେଇ ଡାଲା ଅଟୋ ଜବତ, ଚାଳକ ଗିରଫ

ଦିଗପହଣ୍ଡି,୫।୪(ଡି.ଏନ.ଏ.)

ଦିଗପହଣ୍ଡି ବନ ବିଭାଗ ଏକ ଶାଗୁଆନ କାଠ ବୋଝେଇ ଡ଼ାଲା ଅଟୋ (ନଂ.ଓଡି୦୭ଏକ୍ସ-୦୮୮୪)କୁ ଜବତ କରିଛି। ଏନେଇ ବନବିଭାଗ ନଂ.ଓଆର୦୧/୧୯-୨୦ରେ ମାମଲା ରୁଜୁ କରି ଚାଳକ କେ.ନୂଆଗାଁ ଥାନା ଦେଉଳିଆପଡ଼ା ଗ୍ରାମର ସୁରେଶ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଗୁରୁବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିବା ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ ଜଣାଇଛନ୍ତି। ବୁଧବାର ସନ୍ଧ୍ୟାରେ ରେଞ୍ଜରଙ୍କ ନେତୃତ୍ୱରେ ନୂଆପଡ଼ା ବନପାଳ ବିଜୟ କୁମାର ମାଝି, ଏନ. ବାଲାଜୀ, ବନରକ୍ଷୀ ସସ୍ମିତା ପାତ୍ର, ତରୁଣ ଶବର, ପର୍ଶୁରାମ କାର୍ଯୀ ପ୍ରମୁଖ ନୂଆପଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଚାନ୍ଦପୁର ଛକରୁ ଦିଗପହଣ୍ଡି ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଅଟୋକୁ ଅଟକାଇ ଖାନତଲାସ କରାଯାଇଥିଲା। ସେଥିରେ ପ୍ରାୟ ୨୦ ଘନଫୁଟ ଶାଗୁଆନ କାଠ ପଟ୍ଟା ଥିବା ଜଣାପଡ଼ିଥିଲା। ଅଟୋକୁ ଜବତ କରି ଦିଗପହଣ୍ଡି ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା।



ଜବତ କାଠ ବୋଝେଇ ଡ଼ାଲା ଅଟୋ ।

## ପ୍ରଧାନ କଲୋନୀରେ ଧୂଳିଦଣ୍ଡ

ଜି.ଉଦୟଗିରି,୫।୪(ଡି.ଏନ୍.ଏ.)

ଜି.ଉଦୟଗିରି ପ୍ରଧାନ କଲୋନିଠାରେ ଅନନ୍ଦେଶ୍ୱର ଓ ମା' ରୁଦ୍ରକାଳୀଙ୍କ ଦଣ୍ଡନାଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦିନ ପ୍ରାୟ ୧୧ଟାରେ ଠାକୁରଙ୍କୁ ବରଣ କରାଯାଇଥିଲା। ଅପରାହ୍ନ ୨ଟାରେ ଧୂଳିଦଣ୍ଡ ପ୍ରଦର୍ଶନ କରାଯାଇଥିଲା। ଧୂଳିଦଣ୍ଡ ସମୟରେ କାଠୁରିଆ, ବାଘ, ଭାଲୁ ଓ ଧାନ ରୁଆ ନାଚକୁ ଶ୍ରଦ୍ଧାଳୁମାନେ ବେଶ ଉପଭୋଗ କରିଥିଲେ। ଦଣ୍ଡୁଆମାନେ ବିଭିନ୍ନ ଦଣ୍ଡ ଯଥା ମନ୍ଦିର ନିର୍ମାଣ, ହଳଦୀ ବଟା ଆଦି ପ୍ରଦର୍ଶନ କରିଥିଲେ। ପାଟଭୁକ୍ତା ଶରଣ ପଞ୍ଚାର ମାଝୀ, ଅଧିକାରୀ ବିଜୟ ନାୟକ, ଅସ୍ମିନ ନାୟକ ପ୍ରମୁଖ ଧୂଳିଦଣ୍ଡ ପରିଚାଳନା କରିଥିଲେ।

## କ୍ଲଷ୍ଟର ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ।

ହାତୀଓଟ,୫।୪

ହାତୀଓଟ କ୍ଲଷ୍ଟର ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ସିଆର୍‌ସିସି ଜଗନ୍ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହାତୀଓଟ ନୋଡାଲ୍ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ୧୨ଟି ବିଦ୍ୟାଳୟରୁ ପ୍ରାୟ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ହାତୀଓଟ ନୋଡାଲ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାଶଙ୍କର ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏଥିରେ ମୁଖ୍ୟତଃ ପ୍ରତ୍ୟେକ ବିଦ୍ୟାଳୟ ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ଉଜ୍ଜଳ, ଉତ୍ଥାନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିବା ସହ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନଙ୍କୁ ଉଜ୍ଜ୍ୱଳ, ଉତ୍ଥାନ, ପୁସ୍ତକ ବଣ୍ଟନ, ସମୟ ନିର୍ଘଣ୍ଟ, ଶିକ୍ଷକଙ୍କ ଯୋଜନା, ଦୈନିକ ମୂଲ୍ୟାୟନ, ଶିକ୍ଷକଙ୍କ ଲେସନ୍ ନୋଟ୍ ଇତ୍ୟାଦି ଉପରେ କ୍ଲଷ୍ଟରର ସିଆର୍‌ସିସି ଜଗନ୍ନାଥ ପଣ୍ଡା ବୁଝାଇବା ସହ ସମସ୍ତ ଶିକ୍ଷକ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ କରିବା ପାଇଁ ସଂକଳ୍ପ ନେଇଥିଲେ।

## ■ପୁରୁଷୋତ୍ତମପୁରରେ ସବ୍‌ଜଜ କୋର୍ଟ ପ୍ରତିଷ୍ଠା ଦାବି
# ଆନ୍ଦୋଳନରୁ ଓହରିଲା ଓକିଲ ସଂଘ,ସୋମବାର ଖୋଲିବ କୋର୍ଟ

ପୁରୁଷୋତ୍ତମପୁର,୫।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ସବ୍‌ଜଜ କୋର୍ଟ ପ୍ରତିଷ୍ଠା ଦାବିରେ ଓକିଲ ସଂଘ ପକ୍ଷରୁ ଦୀର୍ଘ ୬ମାସ ହେଲା ଚାଲିଥିବା ଆନ୍ଦୋଳନରେ ଶୁକ୍ରବାର ପୂର୍ଣ୍ଣଚ୍ଛେଦ ପଡିଛି। ଆନ୍ଦୋଳନରୁ ଓହରିବା ଲାଗି ନିଷ୍ପତ୍ତି ନେଇଛି ଓକିଲ ସଂଘ। ସୋମବାର ଠାରୁ କୋର୍ଟ ଖୋଲିବା ଲାଗି ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓକିଲ ସଂଘର ସାଧାରଣ ବୈଠକ ସଭାପତି ଜଗନ ମୋହନ ପଟ୍ଟନାୟକଙ୍କ ପୌରୋହିତରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ପୁରୁଷୋତ୍ତମପୁରରେ ସବ୍‌ଜଜ କୋର୍ଟ ପ୍ରତିଷ୍ଠା ଦାବିରେ ଯେଉଁ ଆନ୍ଦୋଳନ ଚାଲିଥିଲା ସେନେଇ ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ସରିଛି, ପୁରୁଷୋତ୍ତମପୁରରେ ସବ୍‌ଜଜ କୋର୍ଟ ପ୍ରତିଷ୍ଠା ଏକପ୍ରକାର ସ୍ପଷ୍ଟ ହୋଇଛି। ତେଣୁ ସୋମବାରଠାରୁ କୋର୍ଟକାର୍ଯ୍ୟ ସ୍ୱାଭାବିକ ଭାବେ ଚଲାଇବାକୁ ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଥିଲା। କୋର୍ଟ ଖୋଲିବା ନେଇ ସଂଘ ପକ୍ଷରୁ ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାରପତି, ହାଇକୋର୍ଟ, ଗଞ୍ଜାମ ଜିଲା ଦୌରାଜଜ୍, ଆଇନ ବିଭାଗ ସଚିବ, ଗଞ୍ଜାମ ଜିଲାପାଳ, ଏସ୍‌ପିଙ୍କୁ ଚିଠି ମାଧମରେ ଜଣାଇ ଦିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ସଂଘର ସମ୍ପାଦକ ପ୍ରଭାତ କୁମାର ପଟ୍ଟନାୟକ, ଉପ ସଭାପତି ରାମଚନ୍ଦ୍ର ଆଚାର୍ଯ୍ୟ, ସହ ସମ୍ପାଦକ ଗୋପବନ୍ଧୁ ନାୟକ, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଗତ ଅକ୍ଟୋବର ୯ ତାରିଖରୁ ଓକିଲ ସଂଘ ପକ୍ଷରୁ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବିରେ କୋର୍ଟ ବନ୍ଦ ରହିଥିଲା।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ଏବଂ ଓକିଲମାନେ ।

**ସଂକ୍ଷେପରେ**

## ବାପ, ପୁଅଙ୍କ ନିର୍ବାଚନ ପ୍ରଚାର, ରୋଡ଼ ଶୋ



**ଦିଗପହଣ୍ଡି,୫।୪(ଡି.ଏନ.ଏ.):** ଦିଗପହଣ୍ଡିରେ ବିଜେଡି ବିଧାୟକ ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଓ ତାଙ୍କ ପୁଅ ବିପ୍ଳବ କୁମାର ପାତ୍ର ବିଭିନ୍ନ ପଞ୍ଚାୟତ ଅଧୀନ ଗ୍ରାମାଞ୍ଚଳଗୁଡ଼ିକରେ ଚଳାଇଥିବା ରୋଡ-ଶୋରେ ଦଳୀୟ ନେତା ଓ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟଙ୍କ ଉପସ୍ଥିତରେ ଭୋଟ ଭିକ୍ଷା କରିଥିଲେ। ଗୁରୁବାର ବମକେଇ ଜିଲା ପରିଷଦ ଜୋନ ଚକିପଡ଼ା, ମଦନମୋହନପୁର, ବମକେଇ, ସିନ୍ଧିଖାଲି, ନାରାୟଣପୁର, କୁମରଡ଼ା, ଖଇରପଙ୍କ, ମୁଣ୍ଡପୋତା, ବିଏଲଏନପୁର, ଗୌଡ଼ଗାଁ, ରାଇପୁର, ବନମାଳୀ, ଦାଉଣୀ, ଲହୁଣିଆ, ଗୋପିନାଥପୁର, ଭ୍ରମରପୁର, ସମାସିଙ୍ଗ ଆଦି ଗ୍ରାମରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପଥପ୍ରାନ୍ତ ସଭା ଓ ବାଇକ୍ ଶୋଭାଯାତ୍ରା ହୋଇଥିଲା । ବୁଧବାର ସିଦ୍ଧେଶ୍ୱର, କୋଟିନଡ଼ା, ଗୋକର୍ଣ୍ଣପୁର, ଆଙ୍କୋରଡ଼ା, କୁସପଡ଼ା, ବି.ତୁରୁବୁଡ଼ି ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପକ୍ଷରୁ ନିର୍ବାଚନ ପ୍ରଚାର କରାଯାଇଥିଲା। ସ୍ଥାନୀୟ ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, କେ. ହରିବନ୍ଧୁ ରେଡ୍ଡୀ, ଅସିତ କୁମାର ସାହୁ, ନୀରଞ୍ଜନ ରେଡ୍ଡୀ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ପ୍ରାର୍ଥୀ ପ୍ରଚାରରେ ସାମିଲ ଥିଲେ।

## ସିପିଆଇ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ



**ହିଞ୍ଜିଳିକାଟୁ,୫।୪(ଡ଼ି.ଏନ୍.ଏ.):** ଆସିକା ଲୋକସଭା ଆସନ ନିମନ୍ତେ କଂଗ୍ରେସ ସମର୍ଥନରେ ସିପିଆଇ ପ୍ରାର୍ଥୀ ହୋଇଥିବା ରାମକୃଷ୍ଣ ପଣ୍ଡାଙ୍କ ଦ୍ୱାରା ଶୁକ୍ରବାର ବଇଁଚବଣିଆଠାରେ ଦଳୀୟ ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ରାଜ୍ୟରେ ବେକାରୀ, ଦାଦନ ଶ୍ରମିକ ସମସ୍ୟା, ଜମିକୁ ପାଣି ଅଭାବ, ଶୀତଳଭଣ୍ଡାର ଅଭାବ ଦୂର ପାଇଁ କେନ୍ଦ୍ରର ଭାଜପା ସରକାରଙ୍କୁ ହଟାଇବାକୁ ରାମକୃଷ୍ଣ ଉପସ୍ଥିତ କଂଗ୍ରେସ ଓ ସିପିଆଇ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ନିର୍ବାଚନର କାର୍ଯ୍ୟାଳୟ ଉଦ୍‌ଘାଟନ ବେଳେ କଂଗ୍ରେସ ସଭାପତି ପଦ୍ମଚରଣ ସାହୁ, ଶେରଗଡ଼ କଂଗ୍ରେସର ରାମକୃଷ୍ଣ ପଣ୍ଡା, ଲଳିତ ମୋହନ ଦାଶ, ପ୍ରକାଶ ପାତ୍ର, ପର୍ଶୁରାମ ସାହୁ ପ୍ରମୁଖଙ୍କ ସହ ଦୁଇ ଦଳର ବହୁ ନେତା କର୍ମୀ ଯୋଗ ଦେଇଥଲେ।

## ବୁଗୁଡ଼ା ବ୍ଲକରେ ଶ୍ରୀକାନ୍ତଙ୍କ ନିର୍ବାଚନ ପ୍ରଚାର



**ବୁଗୁଡ଼ା,୫।୪(ଡି.ଏନ.ଏ.):** ବୁଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ନିର୍ବାଚନ ପ୍ରଚାର କରିଛନ୍ତି। ଶ୍ରୀକାନ୍ତ ତାଙ୍କ ଦଳୀୟ କର୍ମୀଙ୍କୁ ନେଇ ଗୌଡ଼ିଆବୋରଦା, ଗାନ୍ଧିଗ୍ରାମ, ଗୁଡ଼ିପଲ୍ଲୀ, କୁଞ୍ଜବନ, କାନସୁକା, କନ୍ଧପଥରାପଲ୍ଲୀ, ସୁବୁଦ୍ଧିପଲ୍ଲୀ, ରାମଣ୍ଡା, ସୋଲଣ୍ଡି, ବେତାରସିଙ୍ଗି, ଗୋଳାବନ୍ଧ ଆଦି ଗ୍ରାମକୁ ଯାଇ ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। କିଶୋର ଚନ୍ଦ୍ର ବେହେରା, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ପାଢ଼ୀ, ଜିଲା ଯୁବ ବିଜେଡି ସମ୍ପାଦକ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ବିବେକାନନ୍ଦ ବାରିକ, ଟୁକୁନା ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଭୁବନେଶ୍ୱରୀ ଖଟାଇ, ସୁଶାନ୍ତ କୁମାର ଆପଟ୍ଟଙ୍କ ସମେତ ବହୁ ଦଳୀୟ କର୍ମୀ ପ୍ରଚାରରେ ସାମିଲ ଥିଲେ ।

## ବ୍ରହ୍ମପୁର ବିଧାନସଭା:ସବୁ ପ୍ରାର୍ଥୀ ଶିକ୍ଷିତ

# ଅଧିକାଂଶ ପଢ଼ିଛନ୍ତି ବାଣିଜ୍ୟ, ଆଇନ

**ବ୍ରହ୍ମପୁର ଅଫିସ୍,୫।୪**

ସରିଯାଇଛି ନାମାଙ୍କନପତ୍ର ଦାଖଲ। ଚୂଡ଼ାନ୍ତ ହୋଇଛି ପ୍ରାର୍ଥୀ ତାଲିକା। ଏବେ ଚାଲିଛି ପ୍ରଚାର ଲଢ଼େଇ। ଘରକୁ ଘର, ସାହିକୁ ସାହି ଯାଇ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରୁଛନ୍ତି। ଭୋଟର୍‌ଙ୍କ ଗୋଡ଼ ଧରୁଛନ୍ତି। ସାଥୀର ଖାଉଛନ୍ତି, ପିଉଛନ୍ତି। ଜିତିଲେ କଣ କରିବେ, ତା'ର ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। ଅନ୍ୟପଟେ ଭୋଟର୍ ମଧ୍ୟ ପ୍ରାର୍ଥୀମାନଙ୍କୁ ପରଖିବା ଆରମ୍ଭ କରି ଦେଇଛନ୍ତି। ବିଶେଷକରି ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା, ସମ୍ପତ୍ତି, ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ଭୋଟର୍‌ମାନେ ମଧ୍ୟ ତଥ୍ୟ ଯୋଗାଡ଼ କରୁଛନ୍ତି। ନିର୍ବାଚନ କାର୍ଯ୍ୟାଳୟରେ ଏସବୁ ତଥ୍ୟ ଉପଲବ୍ଧ ରହିଛି। ସେଥିରୁ ଜଣାଯାଇଛି ଯେ, ବ୍ରହ୍ମପୁର ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱୀତା କରୁଥିବା ସମସ୍ତ ପ୍ରାର୍ଥୀ ଉଚ୍ଚ ଶିକ୍ଷିତ। ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ୍ ହୋଇଥିବା ବେଳେ ଆଇନ୍‌ରେ ମାଷ୍ଟର ଡିଗ୍ରୀ ହେଉଛି ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା। ସେହିଭଳି ଆଉ କେତେକ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ବାଣିଜ୍ୟରେ ଡିଗ୍ରୀ। ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସେମାନେ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ ରହିଛି।

ବ୍ରହ୍ମପୁର ବିଧାନସଭା ଆସନରେ ମୋଟ ୧୦ ପ୍ରାର୍ଥୀ ଅଛନ୍ତି। ବିଜେଡ଼ି ତରଫରୁ ବିକ୍ରମ କୁମାର ପଣ୍ଡା ପ୍ରାର୍ଥୀ ହୋଇଥିବା ବେଳେ ଭାଜପାରୁ କାହ୍ନୁ ଚରଣ ପତି, କଂଗ୍ରେସର ଲିଙ୍ଗରାଜ ଚୌଧୁରୀ, ବହୁଜନ ସମାଜ ପାର୍ଟିରୁ ଅଶୋକ କୁମାର ସାହୁ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ୬ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ରହିଛନ୍ତି। ସେମାନେ ହେଲେ ଗୋବିନ୍ଦ ଚନ୍ଦ୍ର ସାହୁ, ଶିବାନୀ ଶଙ୍କର ମିଶ୍ର, ଅବନୀ କୁମାର ଗୟା, ଜୀବନ ପାତ୍ର, ଶିବ ଶଙ୍କର ଦାସ ଏବଂ ସୁମିତ ପାତ୍ର। ଏହି ୧୦ଜଣ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଦେଖିଲେ ଜଣାଯାଏ ଯେ, ପ୍ରାୟତଃ ସମସ୍ତ ପ୍ରାର୍ଥୀ ଉଚ୍ଚ ଶିକ୍ଷିତ। ବିଜେଡ଼ି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କ ଶିକ୍ଷାଗତ ଯୋଗ୍ୟତା ହେଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ମାଷ୍ଟର୍ ଡିଗ୍ରୀ। ସେ ୧୯୯୫ ମସିହାରେ ଏହି ଡିଗ୍ରୀ ହାସଲ କରିଥିଲେ। ଏଥି ସହ ସେ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରୁ ୧୯୯୮ ମସିହା ମେ'ରେ ଆଇନରେ ବ୍ୟାଚଲର୍ ଡିଗ୍ରୀ ପାଇଛନ୍ତି। ଭାଜପାର କାହ୍ନୁଚରଣ ପତି ବୃତ୍ତିରେ ଜଣେ ଆଇନଜୀବୀ। ସେ ମଧ୍ୟ ଆଇନ୍ ଛାତ୍ର। ୧୯୯୪ ରେ ସେ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରୁ ବ୍ୟାଚଲର୍ ଡିଗ୍ରୀ ହାସଲ କରିଛନ୍ତି। ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଦେଖିଲେ କଂଗ୍ରେସର ଲିଙ୍ଗରାଜ ଚୌଧୁରୀ ସବୁଠୁ କମ୍ ପାଠ ପଢ଼ିଛନ୍ତି। ସେ ମାତ୍ର ମାଟ୍ରିକ୍ ପଢ଼ିଛନ୍ତି। ସିବିଏସ୍‌ଇ ବୋର୍ଡ଼ରୁ ସେ ମାଟ୍ରିକ୍ ପଢ଼ିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ବହୁଜନ ସମାଜ ପାର୍ଟିର ଅଶୋକ କୁମାର ସାହୁ ମଧ୍ୟ ଆଇନ ପାଠ ପଢ଼ିଛନ୍ତି। ସେ ଏଲ୍‌ଏଲ୍‌ବିରେ ବ୍ୟାଚେଲର୍ ଯୋଗ୍ୟତା ହାସଲ କରିଛନ୍ତି।

ସ୍ୱାଧୀନ ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ବେଶ୍ ଭଲ ରହିଛି। ସୁମିତ ପାତ୍ର ସାମ୍ବାଦିକତା ଏବଂ ଗଣଯୋଗାଯୋଗରେ ମାଷ୍ଟର୍ ଡିଗ୍ରୀ ହାସଲ କରିଛନ୍ତି। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୨୦୧୧ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ନେତା ଶିବାନୀ ଶଙ୍କର ମିଶ୍ର ଜଣେ ବିଜ୍ଞାନ ବିଭାଗର ଛାତ୍ର। ସେ ଭୂତତ୍ତ୍ୱ ବିଜ୍ଞାନରେ ମାଷ୍ଟର୍‌ଡିଗ୍ରୀ ହାସଲ କରିଛନ୍ତି। ୨୦୧୧ରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରୁ ଶିବାନୀ ପାସ୍ କରିଥିଲେ। ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ତଥା ସାମାଜିକ କର୍ମୀ ଅବନୀ ଗୟା ସବୁଠୁ ଅଧିକ ପାଠ ପଢ଼ିଛନ୍ତି। ସେ ମାଷ୍ଟର୍ ଇନ୍ ଆର୍ଟ୍‌ସ, ମାଷ୍ଟର୍ ଇନ୍ ଲିଗାଲ୍ ଲ', ଏମ୍‌ଫିଲ୍ ସହ ସାମ୍ବାଦିକତା ଏବଂ ଗଣଯୋଗାଯୋଗରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଜୀବନ ପାତ୍ର ଏବଂ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ବାଣିଜ୍ୟରେ ବ୍ୟାଚେଲର୍ ଡିଗ୍ରୀ। ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ତଥା ସ୍ୱାଧୀନ ପ୍ରାର୍ଥୀ ଶିବ ଶଙ୍କର ଦାସଙ୍କ ଶିକ୍ଷାଗତ ଯୋଗ୍ୟତା ହେଲା ବ୍ୟାଚେଲର୍ ଇନ୍ ଆର୍ଟ୍ସ। ସେ ତାମିଲନାଡ୍ରୁର ବିନାୟକ ମିଶନ୍ ବିଶ୍ୱବିଦ୍ୟାଳୟରୁ ଏହି ଡିଗ୍ରୀ ହାସଲ କରିଛନ୍ତି।

ପୂର୍ବରୁ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତାର ସେତେଟା ଗୁରୁତ୍ୱ ରହୁନ ଥିଲା। କିନ୍ତୁ ବର୍ତ୍ତମାନ ଭୋଟର୍‌ମାନେ ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ଦେଖି ଭୋଟ୍ ଦେଇଥାନ୍ତି। ଏଣୁ ଅନେକ ପ୍ରାର୍ଥୀ ସେମାନଙ୍କ ନିର୍ବାଚନ ପ୍ରଚାର ବେଳେ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ମଧ୍ୟ କହୁଥିବା ଦେଖିବାକୁ ମିଳୁଛି।

## ବିଜେଡି ପାଇଁ ପ୍ରଚାର କଲେ ରାମଚନ୍ଦ୍ର



ରାମଚନ୍ଦ୍ରଙ୍କ ନିର୍ବାଚନ ପ୍ରଚାର।

**ଛତ୍ରପୁର ନିର୍ବାଚନ ମଣ୍ଡଳୀ**

**ଗଞ୍ଜାମ,୫।୪(ଡି.ଏନ.ଏ.)**

ସାଧାରଣ ନିର୍ବାଚନକୁ ଆଉ ୫ଦିନ ବାକି। ସମସ୍ତ ଦଳ ପକ୍ଷରୁ ପ୍ରଚାର ଜୋରଦାର ହେଲାଣି। ବିଭିନ୍ନ ରାଜନୈତିକ ଦଳର ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀମାନେ ନିଜ ସପକ୍ଷରେ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଗୁରୁବାର ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଗଞ୍ଜାମ ବ୍ଲକର ସାନରାମଚନ୍ଦ୍ରପୁର, ଝୁଡିଏସପୁର, ମଲାଡ଼, ସନ୍ତୋଷପୁର ଓ ପୋଇରାଶି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାରାଥନ ପ୍ରଚାର କରିଥିଲେ। ଏଥିରେ ସମିତିସଭ୍ୟ ସୁରଥ ପାହାନ, ମଲାଡ଼ ସରପଞ୍ଚ ପ୍ରଭାତ ସେଠୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲା କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରା, ଜିଲା ପରିଷଦ ସଭ୍ୟା ଜେ. ସନ୍ତୋଷୀ, ବ୍ଲକ ଉପାଧ୍ୟକ୍ଷା ମିନତୀ ପ୍ରଧାନ, ହୁମ୍ମା ସରପଞ୍ଚ ଚନ୍ଦ୍ରମୋହନ ସାହୁ, ସମିତିସଭ୍ୟ ଛାୟାକାନ୍ତ ପ୍ରଧାନ, ବ୍ଲକ ସମ୍ପାଦକ କୃଷ୍ଣ ପଲାଇ, ଅମୁଲ୍ୟ ଦଳାଇ ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## କଂଗ୍ରେସ ଛାଡ଼ିଲେ ଜିଲା ଉପସଭାପତି

# ଫୁଲବାଣୀ ନିର୍ବାଚନମଣ୍ଡଳୀରେ ଦଳକୁ ମହଙ୍ଗା ପଡ଼ିବ

**ଫୁଲବାଣୀ ଅଫିସ, ୫।୪**



କନ୍ଧମାଳ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ। ସବୁ ଦଳର ପ୍ରାର୍ଥୀ ପ୍ରଚାର ଜୋରଦାର କରିଛନ୍ତି। ଏହି ସମୟରେ ଫୁଲବାଣୀ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି । ଜିଲା ଉପ ଉପସଭାପତି ସୁଦର୍ଶନ କହଁର ଦଳ ଛାଡିଛନ୍ତି। ଶୁକ୍ରବାର ସେ ବିଧିବଧ ଭାବେ ତାଙ୍କ ଇସ୍ତଫାପତ୍ର ରାଜ୍ୟ କଂଗ୍ରେସ କମିଟି ସଭାପତିଙ୍କ ପାଖକୁ ଜିଲା କଂଗ୍ରେସ କମିଟି ଜରିଆରେ ପଠାଇଛନ୍ତି। ସୁଦର୍ଶନ ଦଳ ଛାଡିଥିବାରୁ ଫୁଲବାଣୀ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ସୁଦର୍ଶନ ଫିରିଙ୍ଗିଆ ବ୍ଲକ ତଥା ଫୁଲବାଣୀ ନିର୍ବାଚନମଣ୍ଡଳୀରେ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପରିଚିତ । ୨୦୧୪ ନିର୍ବାଚନରେ ସେ କଂଗ୍ରେସରୁ ଟିକେଟ ପାଇ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ । ଶେଷ ମୁହୂର୍ତ୍ତରେ ଟିକେଟ ପାଇ ବି ସେ ୨୧ ହଜାର ୫୧୦ ଖଣ୍ଡ ଭୋଟ ପାଇଥିଲେ ।

ଚଳିତ ଥର ମଧ ପ୍ରାର୍ଥୀ ହେବାକୁ ଆଶା ରଖିଥିଲେ । ଏଥିପାଇଁ ପୂର୍ବରୁ ସେ ନିଜ ସଙ୍ଗଠନ ମଜବୁତ କରିଥିଲେ । ଚଳିତଥର ପ୍ରାର୍ଥୀ ପାଇଁ ତାଙ୍କ ନାମ ସ୍କିନିଂ କମିଟିରେ ଥିଲା । ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ଟିକେଟ କାଟି ଦିଆଗଲା । ସୁଦର୍ଶନ ଏବେ ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତର ସମିତିସଭ୍ୟ ଅଛନ୍ତି। ତାଙ୍କର ଦଳ ଛାଡିବା କଂଗ୍ରେସ ଗଣିତକୁ ଅକଳରେ ପକାଇ ଦେଇଛି। ୧୯୮୫ରୁ ବିଜୟର ସ୍ୱାଦ ଚାଖି ନ ଥିବା କଂଗ୍ରେସ ପୁଣି ଇତିହାସର ପୁନରାବୃତି କରିବ କି କିଛି ନୂଆ କରିବ ତାହା ଦେଖିବାକୁ ହିଁ ବାକି ରହିବ ବୋଲି ସବୁଠି ଆଲୋଚନା ଜୋର ଧରିଛି।

ଦଳର ହାଇକମାଣ୍ଡଙ୍କ ପାଖରେ କିଛି କଥା ପହଞ୍ଚୁ ନାହିଁ । ରାଜ୍ୟ କଂଗ୍ରେସ ମନଇଚ୍ଛା ଟିକେଟ ଦେଉଛି। ୧୯୯୨ରୁ ପ୍ରତ୍ୟେକ୍ଷ ରାଜନୀତିରେ ରହିଛି । ଗତ ନିର୍ବାଚନ ହାରି ଏଥର ନିଶ୍ଚିତ ଜିତିବା ଲକ୍ଷ୍ୟରେ ଥିଲି । ହେଲେ ଟିକେଟ ଦିଆଗଲା ନାହିଁ । ତେଣୁ ବାଧ ହୋଇ ଦଳ ଛାଡୁଛି ବୋଲି ସୁଦର୍ଶନ କହିଛନ୍ତି। ଆଗାମୀ ଦିନରେ କୋଉ ଦଳକୁ ଯିବି ତାହା ନିଷ୍ପତ୍ତି କରିନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଭାଜପାର ମିଶ୍ରଣପର୍ବ, ପୀତାମ୍ବରଙ୍କ ପ୍ରଚାର



ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଓ ଅନ୍ୟମାନେ।

**ଶେରଗଡ଼,୫।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଧବଳପୁରସ୍ଥିତ ଝିଙ୍କାରେଶ୍ୱର ପୀଠରେ ଶୁକ୍ରବାର ଭାଜପାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବହୁକର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାନନ୍ଦ ମହାପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ହିଞ୍ଜିଳି ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଓ ଧବଳପୁର ମଣ୍ଡଳ ସଭାପତି କୈଳାସ ବେହେରା ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ମହୁପଦର ପଞ୍ଚାୟତ ପଦ୍ମପୁର ଗ୍ରାମର ଗୋବିନ୍ଦ ପାତ୍ର, ଆମ୍ବୁଆବାଡ଼ିର ମୁରଲି ସେଠୀ, ଶେରଗଡ଼ ଗ୍ରାମର କୈଳାଶ ଚନ୍ଦ୍ର ଷଡ଼ଙ୍ଗୀ ଓ ସୁବାସ ଚନ୍ଦ୍ର ପଶୁପାଳକ ପ୍ରମୁଖ ସେମାନଙ୍କ ବହୁ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ସୁଶାସନ ପ୍ରତି ଆକୃଷ୍ଟ ଓ ବିଜେଡିରେ ଅଣଦେଖା ଯୋଗୁ ଦଳତ୍ୟାଗ କରି ଭାଜପାରେ ଯୋଗ ଦେଇଛୁ ବୋଲି ସେମାନେ କହିଥିଲେ। ଆସିକାର ଭାଜପା ନେତା ରାଘବ ପରିଡ଼ା ଓ ଜିଲା କାର୍ଯ୍ୟକାରିଣୀ ସଦସ୍ୟ କଂସ ସ୍ୱାଇଁ, କୃଷକ ମୋର୍ଚ୍ଚାର ସଭାପତି ବୃନ୍ଦାବନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସମସ୍ତ କର୍ମୀ ଧବଳପୁର, ଶୋଲଶଳା ଗ୍ରାମରେ ପୀତାମ୍ବରଙ୍କ ପାଇଁ ପ୍ରଚାର କରିଥିଲେ।

## ଖଜୁରିପଡ଼ା ବ୍ଲକରେ ବିଜେଡିର କର୍ମୀ ସମ୍ମିଳନୀ

**ଖଜୁରିପଡ଼ା,୫।୪(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକରେ ବିଜେଡିର ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁରଙ୍କ ନେତୃତ୍ୱରେ ଦୁଢ଼ୀପଡ଼ା ପଞ୍ଚାୟତର ବାରପୁଲିଆରେ ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ବିଜୁବାବୁଙ୍କ ଫଟୋରେ ପ୍ରଦୀପ ପ୍ରଜ୍ୱଳନ କରି ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଙ୍ଗଦ କହଁର ଉଦ୍‌ଘାଟନ କରିଥିଲେ। ବ୍ଲକ ସଭାପତି ପଙ୍କଜ କୁମାର ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂ, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ସୁଧିର କହଁରଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ନିର୍ବାଚନରେ ଦଳୀୟ ବିଧାୟକ ପ୍ରାର୍ଥୀ ଏବଂ କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଅଚ୍ୟୁତ ସାମନ୍ତକୁ ଭୋଟ ଦେଇ ବିଜୟୀ କରିବାକୁ କୁହାଯାଇଥିଲା।

## ହଟାଗଲା ହୋର୍ଡିଂ, ବ୍ୟାନର

**ରାଇକିଆ,୫।୪(ଡ଼ି.ଏନ.ଏ):** ରାଇକିଆ ଅଞ୍ଚଳରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ଏହିପରିପ୍ରେକ୍ଷୀରେ ବିଭିନ୍ନ ସରକାରୀ ସ୍ଥାନରେ ଲଗାଯାଇଥିବା ବ୍ୟାନର ପୋଷ୍ଟର ଲଗାଯାଇଥିଲା। ଏଥିରେ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ ହେଉଥିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଲାଗିଥିବା ପତାକା, ହୋର୍ଡ଼ିଂ, ବ୍ୟାନର ହଟାଇ ଦିଆଯାଇଛି। ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତଙ୍କ ଉପସ୍ଥିତିରେ ରାଇକିଆ ସହରରେ ଲଗାଯାଇଥିବା ବିଭିନ୍ନ ଦଳୀୟ ପତାକାକୁ ବାହାର କରାଯାଇଥିଲା। କୌଣସି ଅନୁମତି ନ ଥାଇ ଏସବୁ ଲଗା ଯାଇଥିବାରୁ ହଟାଇ ଦିଆଯାଇଥିବା ବିଡ଼ିଓ କହିଛନ୍ତି ।

# ଭାଜପା ପ୍ରାର୍ଥୀଙ୍କ ପ୍ରଚାରରେ ଅଭିନେତ୍ରୀ ଅନୁ

**ଗଞ୍ଜାମ,୫।୪(ଡି.ଏନ.ଏ.)**

ଭାଜପା ପକ୍ଷରୁ ବ୍ରହ୍ମପୁର ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀ ହୋଇଥିବା ଭୃଗୁବକ୍ସି ପାତ୍ର ଏବଂ ଛତ୍ରପୁର ବିଧାୟକ ଆସନ ପ୍ରାର୍ଥୀ ପ୍ରଶାନ୍ତ କୁମାର କରଙ୍କ ପାଇଁ ଓଡିଆ ଅଭିନେତ୍ରୀ ଅନୁ ଚୌଧୁରୀ ପ୍ରଚାର କରିଛନ୍ତି। ଗଞ୍ଜାମ ବ୍ଲକ ସମେତ ପୁଇଁତୋଳା ଗ୍ରାମରେ ସେ ପ୍ରଚାର କରିଛନ୍ତି। ୨ ପ୍ରାର୍ଥୀଙ୍କ ସମେତ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ହୁମ୍ମା ମଣ୍ଡଳ ସଭାପତି କିର୍ତ୍ତନ ଦାସ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଧରଣୀଧର ବେହେରା, ନଗର ସଭାପତି କାନ୍ତାରୀ ଦଳାଇ, ପୂର୍ବତନ କାଉନସିଲର ରଞ୍ଜନ ବେହେରା, ଶରତ ଚନ୍ଦ୍ର ବେହେରା, ମତ୍ସ୍ୟଜୀବୀ ସଂଘ ସଭାପତି ଭୀମସେନ ବେହେରାଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



ପ୍ରାର୍ଥୀଙ୍କ ସହ ପ୍ରଚାର କରୁଛନ୍ତି ଅନୁ ଚୌଧୁରୀ।

## ଭାଜପା ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ

**ସୋରଡା,୫।୪(ଡି.ଏନ୍.ଏ.)**

ଭାଜପା ତରଫରୁ ଶୁକ୍ରବାର ଏକ ରୋଡ୍ ଶୋ ଅନୁଷ୍ଠିତ ହୋଇଯାଇଛି। ଭାଜପାର ଆସିକା ଲୋକସଭା ପ୍ରାର୍ଥିନି ଅନିତା ପ୍ରିୟଦର୍ଶିନୀ, ବିଧାୟକ ପ୍ରାର୍ଥୀ ନିଳମଣୀ ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଦାଶ, ରାଧାମୋହନ ସ୍ୱାଇଁ, ଯୁବନେତା କବିରାଜ ସ୍ୱାଇଁ ପ୍ରମୁଖ ଖୋଲାଜିପ୍‌ରେ ଶୋଭାଯାତ୍ରାରେ ଯାଇ ଭୋଟ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରା ବଡବୋରସିଂରୁ ବାହାରି ନିର୍ବାଚନ ମଣ୍ଡଳିର ୩୭ ଗାଁ ପରିକ୍ରମା କରିଥିଲା। କେନ୍ଦ୍ର ଓ ରାଜ୍ୟରେ ସୁଦୃଢ଼ ସରକାର ଗଠନ ପାଇଁ ଭାଜପା ଏକମାତ୍ର ବିକଳ୍ପ ବୋଲି ଭୋଟରଙ୍କୁ ନେତାମାନେ କହିଥିଲେ। ରବୀନ୍ଦ୍ର ପାତ୍ର, ସୁରେନ୍ଦ୍ର ସାହୁ, ସୁଧାକର ରାଉତ, ରାମକୃଷ୍ଣ ସ୍ୱାଇଁ, ବାସୁଦେବ ସାହୁ ପ୍ରମୁଖ ଏହି ରୋଡ୍‌ଶୋର ପରିଚାଳନା କରିଥିଲେ।




ରୋଡ୍ ଶୋରେ ଯାଉଛନ୍ତି ଭାଜପା ପ୍ରାର୍ଥୀ।

## ଓଡ଼ାସିଙ୍ଗିରେ କଂଗ୍ରେସର ନିର୍ବାଚନୀ ସଭା

# ସାମିଲ ହେଲେ କଇଠଡ଼ା ବିଜେଡି ନେତା

**ଦିଗପହଣ୍ଡି,୫।୪(ଡି.ଏନ.ଏ.)**

ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ବିଜେଡିର ମୂଳଦୁଆ ଦୋହଲିବା ଆରମ୍ଭ କଲାଣି । ଶୁକ୍ରବାର ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ ସମିତିସଭ୍ୟ ବାସୁଦେବ ରେଡ୍ଡୀ ତାଙ୍କର ବହୁ ସଂଖ୍ୟକ ସମର୍ଥକଙ୍କ ସହ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିବା ଘୋଷଣା କରିଛନ୍ତି । ଓଡ଼ାସିଙ୍ଗି ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ପ୍ରଚାର ସଭାରେ ଗଞ୍ଜାମ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ ଜେନା, ଜିଲା କଂଗ୍ରେସ କାର୍ଯ୍ୟକର୍ତ୍ତା ଜି. ସାଇରାମ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଧକ୍ଷତା କରିଥିଲେ। ସଭାରେ ଦଳୀୟ ନେତୃବୃନ୍ଦ ଉଦବୋଧନ ଦେଇ ଦୀର୍ଘ ୧୯ ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଗରିବ ଜନସାଧାରଣଙ୍କ ପ୍ରତି କୌଣସି ସୁବିଧା ସୁଯୋଗ ପ୍ରଦାନ କରି ନ ଥିବା କହିଥିଲେ। ତେଣୁ ଚଳିତ ନିର୍ବାଚନରେ ନବୀନ ସରକାର ହଟିବା ଦରକାର ବୋଲି କହିଥିଲେ। କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ଏବଂ ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡାଙ୍କୁ ଭୋଟ ଦେବା ପାଇଁ ସଭାରେ ଉପସ୍ଥିତ ନେତୃବୃନ୍ଦ ଲୋକଙ୍କୁ ନିବେଦନ କରିଥିଲେ । ସଭାରେ କଂଗ୍ରେସ ନେତା ଭି. ଶ୍ୟାମ ସୁନ୍ଦର ରାଜୁ, ଏସ. ସୀତା ରେଡ୍ଡୀ, ନୀଳକଣ୍ଠ ପଟ୍ଟନାୟକ, ଭଗବାନ ସ୍ୱାଇଁ, ଜଗବନ୍ଧୁ ମିଶ୍ର ପ୍ରମୁଖ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।



ସଭାରେ ବିଧାୟକ ପ୍ରାର୍ଥୀ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ରନ୍ଧା ମଦ ଜବତ ୨ ଗିରଫ

ଆସିକା,୫।୪(ଡି.ଏନ୍.ଏ)-ଆସିକା ଥାନା ବସଷ୍ଟାଣ୍ଡ ଆଇବି କ୍ୟାମ୍ପ ଏରୋଗୋଲା ବସା ଓ ହରିଡ଼ାପଦର ଗ୍ରାମରେ ପୋଲିସ ଶୁକ୍ରବାର ଚଢାଉ କରି ୫୫ ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ଏରୋଗୋଲା ବସାର ଏ. ଶିବାଜୀ ଓ ହରିଡାପଦରର ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ଗିରଫ କରାଯାଇଛି। ଏ ନେଇ ଆସିକା ଥାନାରେ ନଂ. ୧୦୯ ଓ ୧୧୦/୧୯ରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

### ଯୁବତୀଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୫।୪(ଡି.ଏନ.ଏ.)-ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଗ୍ରାମ ଡିମିରି ସାହିର ଜଣେ ଯୁବତୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୋନାଲୀ ଜେନା। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ପାଟପୁର ପୋଲିସ ମୃତଦେହ ଜବତ କରି ନଂ. ୬/୧୯ରେଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଯୁବତୀ ଜଣକ ଗୁରୁବାର ରାତି ପ୍ରାୟ ୨ଟାରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି ।

**ବୋମାମାଡ଼ ମାମଲା**

### ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ

ବ୍ରହ୍ମପୁର ଅଫିସ,୫।୪-ଫାଷ୍ଟଫୁଡ ଦୋକାନ ଉପରକୁ ହୋଇଥିବା ବୋମାମାଡ଼ ମାମଲାର ବିଚାର କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ) ପ୍ରମାଣ ଅଭାବରୁ ଅଭିଯୁକ୍ତ ସମୀର ନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ୨୦୧୭ ଏପ୍ରିଲ ୨୩ରେ ଦଣ୍ଡପାଣି ସାହୁ ଜଗବନ୍ଧୁ ସାହିରେ ଥିବା ତାଙ୍କ ଫାଷ୍ଟଫୁଡ ଦୋକାନରେ ବସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସମୀର ଉକ୍ତ ଦୋକାନ ଉପରକୁ ଏକ ବୋମା ଫିଙ୍ଗିଥିଲେ। ବୋମାଟି କାନ୍ଥରେ ବାଜିଥିଲା । ସେ ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ମହିଳା ଆହତ ହୋଇଥିଲେ । ପରେ ଦଣ୍ଡପାଣି ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୫୯/୧୯ ମାମଲା ରୁଜୁ କରି ସମୀରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଶୁକ୍ରବାର ସିଜେଏମ ପ୍ରଜ୍ଞା ପରମିତା ରାଉଳ ୭ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ସମିର ନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରାଜେନ୍ଦ୍ର ସାବତ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗତ ମୋହନ ପଟ୍ଟନାୟକ ଏବଂ ଉପେନ୍ଦ୍ର ସାହୁ ମକଦ୍ଦମା ପରିଚାଳନା କରିଥିଲେ ।

### ୨ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୫।୪-ଜିଲା ଦୌରାଜଜଙ୍କ କୋର୍ଟ ପରିସରରେ ଜିଲାର ଦୁଇ ବିଚାରପତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ଦୌରାଜଜ ବିଭୁ ପ୍ରସାଦ ରାଉତରାୟ ସଭାପତିତ୍ୱ କରିଥିଲେ । ଛତ୍ରପୁର କୋର୍ଟର ସବଜଜ୍ ସତ୍ୟ ନାରାୟଣ ପାତ୍ରଙ୍କୁ ବରଗଡ଼ ସିଜେଏମ ଭାବେ ବଦଳି ହୋଇଛି । ସେହିପରି ଛତ୍ରପୁର କୋର୍ଟ ସବଜଜ୍ ଭାବେ ସ୍ୱୟଂପ୍ରଭା ଆଚାର୍ଯ୍ୟଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି । ଖଲିକୋଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜନ୍ମେଜୟ ପଲାଇଙ୍କୁ ଜୟପୁର ଏସଡିଜେଏମ ଭାବେ ବଦଳି ନିର୍ଦ୍ଦେଶ ହୋଇଥିବା ବେଳେ ତାଙ୍କରି ସ୍ଥାନରେ ଶାନ୍ତିଶ୍ରୀ ମହାନ୍ତିଙ୍କୁ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି । ବିଦାୟକାଳୀନ ସଭାରେ ସିଭିଲ ରେଜିଷ୍ଟ୍ରାର ଏସକେ ସେଠଙ୍କ ସହ ଗଞ୍ଜାମ ଜିଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା

# ବିଧାୟକ ପ୍ରାର୍ଥୀ ଏନ୍ଏସି ଅଫିସରେ ତାଲା ପକାଇଲେ

ଭଞ୍ଜନଗର,୫।୪(ଡି.ଏନ.ଏ.)

ଭଞ୍ଜନଗର ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ବିରେନ୍ଦ୍ର ଗୌଡ ଶୁକ୍ରବାର ଏନ୍ଏସି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ହଠାତ୍ ତାଲା ପକାଇବାକୁ ନେଇ ନେଇ ବିବାଦ ଦେଖାଦେଇଥିଲା। କିଛି ସମୟ ପରେ ପୋଲିସ ପହଞ୍ଚି ବିରେନ୍ଦ୍ରଙ୍କୁ ବୁଝାଶୁଝା କରିବା ପରେ ସମସ୍ୟାର ସମାଧାନ ହେବାସହ ତାଲା ଖୋଲିଥିଲା।

ପ୍ରକାଶ ଯେ, ଭଞ୍ଜନଗର ଏନ.ଏ.ସି ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ସରିବା ପରେ ବର୍ତ୍ତମାନ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱରେ ଏନଏସିଅଫିସ । ଅଫିସରମାନେ ଏନଏସିର ବିକାଶ ପ୍ରତି ପୂର୍ବଭଳି ଗୁରୁତ୍ୱ ଦେଉନାହାନ୍ତି। ଯାହାକୁ ନେଇ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଧିକାଂଶ ସାହି ଛକରେ କୁଢ଼ କୁଢ଼ ମଇଳା ଗଦା ହୋଇରହିଛି। ବିଭିନ୍ନ କାରଣ ଯୋଗୁ ସଫେଇ ହୋଇପାରୁନାହିଁ। ଯାହାକୁ ନେଇ ସହରବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଭେଜିପୁଟର ପ୍ରେମଜିତ୍ ପଟ୍ଟନାୟକଙ୍କ ଘର ସମ୍ମୁଖରେ ଅଧିକାଂଶ ଦିନ ମଇଳା ଗଦା ହୋଇ ରହୁଛି। ମଇଳା ସଫା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଭିନ୍ନ ସମୟରେ ଏନଏସି ଅଧିକାରୀଙ୍କୁ ଭେଟି ଦାବୀ କରିଛନ୍ତି। କିନ୍ତୁ ସଫେଇ ନିୟମିତ ହେଉନାହିଁ। ଏହିଭଳି ପରିସ୍ଥିତିରେ ଶୁକ୍ରବାର ସକାଳ ୧୦ଟା ସମୟରେ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧିନ ବିଧାୟକ ପ୍ରାର୍ଥୀ ବିରେନ୍ଦ୍ର ଗୌଡ଼ ହଠାତ୍ କାର୍ଯ୍ୟାଳୟକୁ ଯାଇ ତାଲା ପକାଇ ଦେଇଥିଲେ। ସହର ସଫେଇ ବ୍ୟବସ୍ଥା ସୁଧାର ନଆସିବା ପର୍ଯ୍ୟନ୍ତ ତାଲା ଖୋଲିବି ନାହିଁ ବୋଲି ଗୌଡ଼ ଜିଦ୍ ଧରିଥିଲେ। ଏହାପରେ ପୋଲିସ ପ୍ରଶାସନିକ ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଚିଂ ବିରେନ୍ଦ୍ରଙ୍କୁ ବୁଝାଶୁଝା କରିବା ପରେ ତାଲା ଖୋଲିଥିଲା।

# ନିର୍ବାଚନ ପ୍ରଚାର କଲେ ଚନ୍ଦ୍ରଶେଖର, ସୁବାସ



ବିଜେଡି ପକ୍ଷରୁ ରୋଡ୍ ଶୋ

ଛତ୍ରପୁର,୫।୪(ଡି.ଏନ.ଏ.)

ଛତ୍ରପୁର ସହରରେ ବିଜେଡି ପକ୍ଷରୁ ଶୁକ୍ରବାର ନିର୍ବାଚନୀ ପ୍ରଚାର କରାଯାଇଛି। ସ୍ଥାନୀୟ ବିଶେଶ୍ୱର ମନ୍ଦିରରୁ ଏକ ରୋଡ୍ ଶୋରେ ବାହାରି ଦଳୀୟ ନେତା ଓ କର୍ମୀ ମାନେ ଅପରବସଷ୍ଟାଣ୍ଡ, ମଝି ବଜାର, ରିକାପଲ୍ଲୀ, ବାରାକ ସାହି, ଲାଇନ୍ ସାହି, ଗିଲଟିପେଟା ସାହି, ଠାକୁରାଣୀ ମନ୍ଦିର ଛକ ଆଦି ସାହିରେ ନିର୍ବାଚନ ପ୍ରଚାର କରାଯାଇଥିଲା। ବିଜେଡିର ବ୍ରହ୍ମପୁର ଲୋକସଭା ଆସନ ପ୍ରାର୍ଥି ଚନ୍ଦ୍ରଶେଖର ସାହୁ ଓ ଛତ୍ରପୁର ବିଧାନସଭା ଆସନ ପ୍ରାର୍ଥି ସୁବାସ ଚନ୍ଦ୍ର ବେହେରା ଏହି ରୋଡ୍ ଶୋ ମାଧ୍ୟରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ପ୍ରଚାରରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ଆଦିକନ୍ଦ ସେଠୀ, ପୂର୍ବତନ କାଉନସିଲର ଟି. ଚନ୍ଦ୍ରଶେଖର ରାଓ ଓ କିଶୋର ଚନ୍ଦ୍ର ସେନାପତି, ଜି ପାପା ରାଓ ପ୍ରମୁଖ ସାମିଲ ଥିଲେ। ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛତ୍ରପୁର ସହରରେ ରୋଡ୍ ଶୋ କରିଥିବା ବେଳେ ପୁଣି ବିଜେଡି ପକ୍ଷରୁ ଏହି ରୋଡ୍ ଶୋ ମାଧ୍ୟରେ ପ୍ରଚାର ନେଇ ସହରରେ ରାଜନୀତି ସରଗରମ ହୋଇଉଠିଛି।

# ଛତ୍ରପୁରରେ ଭାଜପାର ରୋଡ୍‌ଶୋ

ଛତ୍ରପୁର,୫।୪(ଡି.ଏନ.ଏ.)

ଛତ୍ରପୁରରେ ଭାଜପା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ରୋଡ୍ ଶୋ ମାଧ୍ୟମରେ ନିର୍ବାଚନ ପ୍ରଚାର କରାଯାଇଛି। ବ୍ରହ୍ମପୁର ଲୋକସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ଛତ୍ରପୁର ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ପ୍ରଶାନ୍ତ କର ଏହି ରୋଡ ଶୋ ମାଧ୍ୟମରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସ୍ଥାନୀୟ ଫାୟାରଷ୍ଟେସନ ଛକ ନିକଟ ଜାତୀୟ ରାଜପଥରୁ ଭାଜପା ପକ୍ଷରୁ ଏହି ରୋଡ୍ ଶୋ ଆରମ୍ଭ ହୋଇ ଦେବୀନଗର, ରିକାପଲ୍ଲୀ ଛକ, ମଝି ବଜାର ଓ ଅପରବସଷ୍ଟାଣ୍ଡ ଦେଇ ଛତ୍ରପୁର ସହରରେ ନିର୍ବାଚନ ପ୍ରଚାର କରାଯାଇଥିଲା। ଏଥିରେ ଭାଜପାର ଷ୍ଟାର ପ୍ରଚାରକ ଅନୁ ଚୌଧୁରୀ ସାମିଲ ହୋଇ ଭୃଗୁ ଓ ପ୍ରଶାନ୍ତଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଛତ୍ରପୁର ନଗର ଭାଜପା ସଭାପତି ପ୍ରଦୀପ ପାଢୀ, ଭୀମସେନ ବେହେରା, ବସନ୍ତ ବେହେରା, ଚୈତନ୍ୟ ପ୍ରଧାନ, ପି. ରଘୁନାଥ ରେଡ୍ଡୀ, ଲକ୍ଷ୍ମୀ ପଣ୍ଡା, କେ ରାମାରାଓ, ଜି. ମନୋଜ ରେଡ୍ଡୀ, ରଘୁ ରେଡ୍ଡୀ, ପି. ଧରମା ରେଡ୍ଡୀ, ବ୍ରଜ ମୋହନ ଆଚାର୍ଯ୍ୟ, ଜିଲା ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡା, କୀର୍ତ୍ତନ ଦାସ ପ୍ରମୁଖ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିଲେ।


ରୋଡ୍ ଶୋ ।

## ସାମ୍ପ୍ରଦାୟିକ ଶକ୍ତିକୁ କ୍ଷମତାଚ୍ୟୁତ ପାଇ ଆହ୍ୱାନ

ବ୍ରହ୍ମପୁର ଅଫିସ,୫।୪

ସାମ୍ପ୍ରଦାୟିକ ଶକ୍ତିକୁ କ୍ଷମତାଚ୍ୟୁତ କରିବା ଉପରେ ବ୍ରହ୍ମପୁର ଲୋକସଭା କଂଗ୍ରେସ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ଗୁରୁତ୍ୱାରୋପ କରିଛନ୍ତି । ତେଣୁ ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଐକ୍ୟବଦ୍ଧ ହୋଇ ପଦକ୍ଷେପ ନେବାକୁ ସେ ନିବେଦନ କରିଥିଲେ । ଲୋକସଭା କ୍ଷେତ୍ରର ଆଦିବାସୀ ବହୁଳ ଅଞ୍ଚଳ ମାନଙ୍କରେ ନାଇଡୁ ନିର୍ବାଚନୀ ପ୍ରଚାର ବେଳେ କେନ୍ଦ୍ରର ଭାଜପା ନେତୃତ୍ୱାଧିନ ଏନଡିଏ ସରକାରକୁ ଟାର୍ଗେଟ କରି ବର୍ଷିଥିଲେ । ରାଜ୍ୟ ବିଜେଡି ସରକାରଙ୍କ ଦୀର୍ଘ ବର୍ଷର ଶାସନରେ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁମାନେ ଅବହେଳିତ ହୋଇଥିବା ଅଭିଯୋଗ ବାଢ଼ିଥିଲେ । ନବୀନ ପଟ୍ଟନାୟକ ସରକାର ଶିଳ୍ପର ବିକାଶ ପ୍ରତି ଆଖି ବୁଜି ଦେଇଥିବାରୁ କାମଧନ୍ଦା ନପାଇ ହଜାର ହଜାର ଲୋକ ବାହାର ରାଜ୍ୟରେ ଦାଦନ ଖଟୁଥିବା ଦର୍ଶାଇ କଡ଼ା ସମାଲୋଚନା କରିଥିଲେ। କଂଗ୍ରେସକୁ ଜିତାଇଲେ ଏହି ଲୋକସଭା କ୍ଷେତ୍ରର ବିଭିନ୍ନ ସ୍ଥାନରେ ଶିଳ୍ପ ଏବଂ ବିଦ୍ୟୁତ ଉତ୍ପାଦ ପ୍ଲାଣ୍ଟ ସ୍ଥାପନ ଲାଗି ପଦକ୍ଷେପ ନେବାର ସେ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ ନାଇଡୁ ଜଣେ ଶିଳ୍ପପତି ହୋଇଥିବାରୁ ନିର୍ବାଚନୀ ପ୍ରଚାର ବେଳେ ଶିଳ୍ପ ତଥା କଳକାରଖାନା ପ୍ରତିଷ୍ଠାକୁ ମୁଖ୍ୟ ପ୍ରସଙ୍ଗ କରୁଛନ୍ତି । ବ୍ରହ୍ମପୁରସ୍ଥ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହା କୁହାଯାଇଛି । ନାଇଡୁଙ୍କ ସହିତ ମୋହନା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଦାଶରଥୀ ଗମାଙ୍ଗଙ୍କ ସମେତ ଅନ୍ୟ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ ।

# ମୋ ଭୋଟ, ମୋ ଅଧିକାର ସେଲ୍‌ଫି



ଜିଲାପାଳ, କଲେଜ ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି।

ଛତ୍ରପୁର,୫।୪(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୨ ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ କରି ଭୋଟ ଦେଉଥିବା କଲେଜ ଛାତ୍ରୀଛାତ୍ର ମାନଙ୍କୁ ସଚେତନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଅନ୍ୟ ସ୍ଥାନମାନଙ୍କରେ ମୋ ଭୋଟ ମୋ ଅଧିକାର ନେଇ ସେଲ୍‌ଫି ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ କଲେଜ ଛାତ୍ରୀଛାତ୍ର ଯୋଗଦେଇ ସେଲ୍‌ଫି ଉଠାଇଥିଲେ। ୧୧ ତାରିଖରେ ଛତ୍ରପୁଠାରେ ବ୍ରହ୍ମପୁର ଲୋକସଭା ଆସନ ଓ ଛତ୍ରପୁର ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। ଏହି ପରିପ୍ରେକ୍ଷୀରେ ୧୧ ତାରିଖରେ ସମସ୍ତ ଭୋଟର କିଭଳି ନିଜର ମତଦାନ ସାବ୍ୟସ୍ତ କରିବେ ସେ ନେଇ ସଚେତନ କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ନିର୍ବାଚନ ଅଧିକାରୀ ବିଜୟାନନ୍ଦ ସେଠୀ, ଶିକ୍ଷାବିତ୍ ଚିନ୍ମୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ କଲେଜ ଛାତ୍ରୀ ଛାତ୍ର ମାନଙ୍କୁ ନିଜେ ଭୋଟ ଦେବା ସହ ପରିବାର ସଦସ୍ୟଙ୍କୁ ଭୋଟ ଦେବାକୁ ପ୍ରବର୍ତ୍ତାଇବା ପାଇଁ ସଚେତନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମୋ ଭୋଟ ମୋ ଅଧିକାର ସମ୍ପର୍କୀୟ ସେଲଫି କର୍ନର ବିଭିନ୍ନ ମୁଖ୍ୟଛକ ମାନଙ୍କରେ ରହିବ ବୋଲି କୁହାଯାଇଛି।

# ପର୍ଯ୍ୟବେକ୍ଷକ, ଜିଲାପାଳ ତାଲିମ କେନ୍ଦ୍ର ବୁଲିଲେ

ଭଞ୍ଜନଗର,୫।୪(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବିଗତ କିଛିଦିନ ହେବ ଇଭିଏମ୍ ମେସିନରେ ପ୍ରାର୍ଥୀମାନଙ୍କ ନାମ,ଚିହ୍ନ ଯୋଡ଼ା କାର୍ଯ୍ୟ ଚାଲିଛି। ଏଥିସହ ଶୁକ୍ରବାର ସ୍ଥାନୀୟ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଇଭିଏମ୍ ମେସିନ୍ ବ୍ୟବହାର ଓ ନିର୍ବାଚନ ପରିଚାଳନ କିଭଳି ହେବ ସେନେଇ ନିର୍ବାଚନ ଦାୟିତ୍ୱରେ ଥିବା ବିଭିନ୍ନ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ସମୟରେ ସାଧାରଣ ପର୍ଯ୍ୟବେକ୍ଷକ, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଏସ୍‌ପି ବ୍ରିଜେଶ କୁମାର ରାୟ ପ୍ରମୁଖ ତାଲିମ କେନ୍ଦ୍ର ଓ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜକୁ ବୁଲିବାକୁ ଯାଇଥିଲେ। ଭଞ୍ଜନଗର କଲେଜରେ ଆସିକା, ଭଞ୍ଜନଗର ଓ ସୋରଡ଼ା ନିର୍ବାଚନମଣ୍ଡଳୀର ଷ୍ଟ୍ରଙ୍ଗ ରୁମ୍ ହୋଇଛି। ଏଠାରୁ ବିଭିନ୍ନ ବୁଥ୍‌କୁ ଭିଭିପାଟ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଯିବ। ଏଥିସହ ଏଠାରେ ହିଁ ଗଣତି ହେବ। ତେଣୁ ବିଗତ କିଛିଦିନ ହେବ ଭଞ୍ଜନଗର କଲେଜରେ ବିଭିନ୍ନ ବିଭାଗର ଅଧିକାରୀମାନେ ଦୈନନ୍ଦିନ ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟକୁ ତଦାରଖ କରୁଛନ୍ତି।

# କୁକୁଡ଼ାଖଣ୍ଡି ବ୍ଲକ୍‌ରେ ପିଙ୍କିଙ୍କ ପ୍ରଚାର


ଭାଜପା ପ୍ରାର୍ଥିନୀଙ୍କ ନିର୍ବାଚନ ପ୍ରଚାର।

ଦିଗପହଣ୍ଡି,୫।୪(ଡି.ଏନ.ଏ.)

ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥିନୀ ତଥା ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କ କୁକୁଡ଼ାଖଣ୍ଡି ବ୍ଲକରେ ଦମ୍‌ଦାର ନିର୍ବାଚନ ପ୍ରଚାର ରାଜନୈତିକ ପାଣିପାଗକୁ ସରଗରମ କରିଛି। ଗୁରୁବାର ଭାଜପା ପକ୍ଷରୁ ଦଳୀୟ କର୍ମୀମାନେ ପ୍ରାର୍ଥିନୀ ପିଙ୍କିଙ୍କୁ ନେଇ ବିଶାଳ ବାଇକ ଶୋଭାଯାତ୍ରା କରିଥିଲେ। ବାଲିପଡ଼ା, ଡେଙ୍ଗାପଦର, ନଳୀହାଡ଼, ରୋହିଗାଁ, ବଉଳଝୋଳି, ଫାଦିରିପଲ୍ଲୀ, ବିରିବାଡ଼ିଆ, କାଲୁଆଛକ, ଲାଞ୍ଜିଆ, ଦକ୍ଷିଣପୁର, ଗୁଣ୍ଟବନ୍ଧ ଆଦି ଗ୍ରାମରେ ପିଙ୍କି ପ୍ରଚାର କରିଥିଲେ। ଆଗାମୀ ୧୧ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ମହନ୍ତ ଚିନ୍ମୟାନନ୍ଦ ଦାସ, ଶ୍ରୀଧର ଦେଓ ପ୍ରମୁଖ ବହୁ ସଂଖ୍ୟକ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ଗଠନ

ବ୍ରହ୍ମପୁର ଅଫିସ୍,୫।୪

ଗଂଜାମ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ନାମକ ଏକ ନୂତନ ସଂଗଠନ ଶୁକ୍ରବାର ଗଠନ କରାଯାଇଛି । ଉତ୍କଳ ଆଶ୍ରମ ଠାରେ ଏହାର ପ୍ରଥମ ବୈଠକ ବସିଥିଲା । ରାଜ ବିହାରୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ସଂଘର ନୂତନ କମିଟି ପ୍ରଥମ ଗଠନ କରାଯାଇଥିଲା। ରାସ ବିହାରୀ ଦାସ ସଭାପତି ଏବଂ ସୂର୍ଯ୍ୟକାନ୍ତ ପାତ୍ର ସଂପାଦକ ଭାବେ ମନୋନିତ ହୋଇଥିଲେ । ଆନ୍ଧ୍ର ବ୍ୟାଙ୍କର ପୂର୍ବତନ ମ୍ୟାନେଜର୍ କାହ୍ନୁଚରଣ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା । କମିଟିରେ ଗୌରୀଶଙ୍କର ଦାଶ, ଅଶୋକ କୁମାର ସାହୁ, ଲକ୍ଷ୍ମୀଚରଣ ଦାଶ, ଶିଶିର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ବସନ୍ତ କୁମାର ଗନ୍ତାୟତ, ଗଣପତି ବେହେରା, ବିନୋଦ କୁମାର ଜେନା, ଡି. ଆପା ରାଓ, ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଦେବରାଜ କୋଠିଆ, ଡା. ଶ୍ରୀବତ୍ସ ଦଳେଇ, ପ୍ରକାଶ ଚନ୍ଦ୍ର ପଣ୍ଡା, ଡା. ବାସୁଦେବ ଲିମା, ସୁବାସ ଚନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ରହିଛନ୍ତି । ଏହି କମିଟି ପ୍ରତ୍ୟେକ ମାସର ପ୍ରଥମ ରବିବାର ବସିବ । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏହି ସଂଘରେ ସାମିଲ୍ କରିବା ଦିଗରେ ପଦକ୍ଷେପ ନିଆଯିବ । ଶେଷରେ ପୂର୍ଣ୍ଣଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା।

# କାମରେ ଆସୁନି ଜନଜାତି ହାଟ

ରାଇକିଆ,୫।୪(ଡି.ଏନ.ଏ)

ରାଇକିଆ ବ୍ଲକର ଗୁମାମାହା, ସୁଗଡ଼ବାଡ଼ି ଏବଂ ରାଇକିଆଠାରେ ଗତ ସେପ୍ଟେମ୍ବରରୁ ଜନଜାତି ହାଟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ କରାଯାଇ ବ୍ୟବସାୟୀ ମାନେ ଦୋକନ ଖୋଲିବା ପାଇଁ ପିଣ୍ଡି ନିର୍ମାଣ କରିଛନ୍ତି। ପାନୀୟ ଜଳ, ଶୌଚାଳୟର ବ୍ୟବସ୍ଥା ମଧ୍ୟ କରାଯାଇଛି। କିନ୍ତୁ କାମ ସରିବାର ୬ ମାସ ବିତି ଯାଇଥିଲେ ମଧ୍ୟ ଏହାକୁ ଉଦ୍‌ଘାଟନ କରାଯାଉନାହିଁ। ଏହି ସବୁ ସ୍ଥାନରେ ଅସାମାଜିକଙ୍କ ଆଡ୍ଡା ଜମିଛି। ବ୍ୟୟବହୁଳ ଭାବରେ ଏହିସବୁ ଯୋଜନା କରାଯାଇଥିଲେ ମଧ୍ୟ ପରିଚାଳନା ଗତ ଅବ୍ୟବସ୍ଥା ଯୋଗୁ ଏହା କାର୍ଯ୍ୟରେ ଲାଗିବା ପୂର୍ବରୁ ନଷ୍ଟ ହେବାକୁ ବସିଛି। ରାଇକିଆ ବ୍ଲକରେ ସାପ୍ତାହିକ ହାଟର ଗୁରୁତ୍ୱ ରହିଛି। ଗ୍ରାମାଞ୍ଚଳର ଲୋକେ ହାଟ ଉପରେ ନିର୍ଭରଶୀଳ ରହିଆନ୍ତି। ସୁଗଡ଼ବାଡ଼ି, ଗୁମାମାହା, ରାଇକିଆରେ ପ୍ରତ୍ୟକ ସପ୍ତାହରେ ନିୟମିତ ହାଟ ବହୁତ ବର୍ଷରୁ ହୋଇଆସୁଛି। ନୂତନ ଭାବେ ତିଆରି ହୋଇଥିବା ଏହି ଜନଜାତି ହାଟ କାର୍ଯ୍ୟକ୍ଷମ ହୋଇଥିଲେ ଲୋକେ ଉପକୃତ ହୋଇପାରିଥାନ୍ତେ। ଏ ନେଇ ରାଇକିଆ ବିଡିଓ ରଶ୍ମି ରଞ୍ଜନ ମହନ୍ତ କହିଛନ୍ତି, ହାଟ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଉଛି। ପଞ୍ଚାୟତଗୁଡ଼ିକୁ ହାଟ ହସ୍ତାନ୍ତର କରାଗଲାପରେ ନୂତନ ଭାବେ ନିର୍ମିତ ହୋଇଥିବା ଜନଜାତିହାଟ କାର୍ଯ୍ୟକ୍ଷମ କରାଯିବ।


ନିର୍ମିତ ହୋଇଥିବା ଜନଜାତି ହାଟ ।

# ବିଜେଡିର ମହିଳା ସମାବେଶ

ଆସିକା,୫।୪(ଡି.ଏନ୍.ଏ)

ଆସିକା ବ୍ଲକ ବରଗାଁରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ଲୋକସଭା ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ, ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ, ଜିଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ବିଜେଡି ସରକାରଙ୍କ ପକ୍ଷରୁ ମହିଳାମାନଙ୍କ ସାମଗ୍ରୀକ ଉତ୍‌ଥାନ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ନିର୍ବାଚନରେ ମଧ୍ୟ ମହିଳାଙ୍କୁ ପ୍ରାଧାନ୍ୟ, ମିଶନ ଶକ୍ତି ମାଧ୍ୟମରେ ଆତ୍ମ ନିର୍ଭରଶୀଳ କରି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ଲାଗି ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ବିଚାରଧାରାକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଆସିକାର ବିଜେଡି ପ୍ରାର୍ଥିନୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ କରାଯାଇଥିଲା। ଯୁବନେତା ଶିବ ନାହାକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଗବାନ ସାହୁ, ଟୁଟୁ ମଳିକ, ସତ୍ୟନାରାୟଣ ସ୍ୱାଇଁ, ନଚିକେତା ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡ଼ା, ଦିଲୀପ ପାଣିଗ୍ରାହୀ, ଅଜିତ ଚୌଧୁରୀ, ମନୋଜ ନାହାକ, ନାଗାର୍ଜୁନ ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ।


ବିଜେଡି ମହିଳା ସମାବେଶରେ ଯୋଗଦେଇଥିବା ମହିଳାମାନେ।

## ସଂକ୍ଷେପରେ

### ଭାଜପାରେ ବିଜେଡିର ବହିଷ୍କୃତ ନେତା



**ବ୍ରହ୍ମଗିରି, ୫।୪(ଡି.ଏନ୍.ଏ.):** ନିର୍ବାଚନ ପୂର୍ବରୁ ଦଳବଦଳ ପ୍ରକ୍ରିୟା ଖୁବ୍ ଜୋରରେ ଚାଲିଥିବାବେଳେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଏଥିରୁ ବାଦ୍ ପଡ଼ିନି। ବିଜୁ ଜନତା ଦଳରୁ ବହିଷ୍କୃତ ହୋଇଥିବା ବ୍ରହ୍ମଗିରି ବ୍ଲକର ଦୁଇ ନେତା ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରସନ୍ନ ବରାଳ ଓ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନରୁ ସ୍ଥାନୀୟ ବିଧାୟକଙ୍କ ଉପରେ ଅସନ୍ତୁଷ୍ଟ ଥିବା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କେତେଜଣ କର୍ମୀ, ପ୍ରସନ୍ନ ଏବଂ କୃଷ୍ଣଚନ୍ଦ୍ର ବିଧାୟକଙ୍କୁ ବିରୋଧକରିବା ପରେ ସେମାନଙ୍କୁ ଦଳବିରୋଧୀ କାର୍ଯ୍ୟକଳାପ ପାଇଁ ଗତ ମାସ ୧୯ ତାରିଖରେ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ଏ ନେଇ ଏହି ଦୁଇ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶୁକ୍ରବାର ଭାଜପାର ବିଧାୟକ ପ୍ରାର୍ଥୀ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଉପସ୍ଥିତରେ ବ୍ରହ୍ମଗିରି ମେଳଣପଡ଼ିଆରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଏହି ଦୁଇଜଣଙ୍କ ସହ ସସ୍ମିତା ସାହୁ, ବ୍ରାହ୍ମଣିଆ ଗ୍ରାମପଞ୍ଚାୟତର ସମିତି ସଭ୍ୟା ନିରୁପମା ଦାସ ଓ ସେମାନଙ୍କ ୫ଶହ ସମର୍ଥକ ଯୋଗଦେଇଥିଲେ। ଆସନ୍ତା ୮ ତାରିଖରେ ଏମାନେ ଆନୁଷ୍ଠାନିକ ଭାବେ ପଦ୍ମ ଧରିବେ ବୋଲି ସୂଚନା ଦେଇଛନ୍ତି।



କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ଟିକେଟ ପାଇଥିବା ସୁରେନ୍ଦ୍ର ସେଠୀଙ୍କୁ ପ୍ରାର୍ଥିତ୍ୱରୁ ବଞ୍ଚିତ ନ କରିବା ଦାବିରେ ସ୍ଥାନୀୟ ଅଞ୍ଚଳର ନେତା ଓ କର୍ମୀମାନେ ଭୁବନେଶ୍ୱର ନବୀନ ନିବାସ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରୁଛନ୍ତି।



ବିଡିଏ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ନ ଦେଇ ଭୁବନେଶ୍ୱର-ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଅନନ୍ତ ନାରାୟଣ ଜେନାଙ୍କ ପ୍ରାର୍ଥିତ୍ୱକୁ ନାକଚ କରିବା ଦାବିରେ ଭାଜପା ପକ୍ଷରୁ ଏଡିଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ।

### ■ ଟ୍ରକ୍-କାର ମୁହାଁମୁହିଁ ଧକ୍କା

# ଭାଜପା ନେତା ରାଷ୍ଟ୍ରପତିଙ୍କ ସମେତ ୨ ମୃତ

**ସୋନପୁର,୫।୪(ନି.ପ୍ର.)**



ରାଷ୍ଟ୍ରପତି ବେହେରା।

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସୋନପୁର ଥାନା ଅନ୍ତର୍ଗତ ସିଆଲଜୁରି ଢାବା ସମ୍ମୁଖରେ ଏକ ହାଇୱା ଟ୍ରକ୍ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ଭାଜପା ନେତା ରାଷ୍ଟ୍ରପତି ବେହେରା(୪୩)ଙ୍କ ସହିତ ତାଙ୍କ ସହଯୋଗୀ ଧର୍ମରାଜ ଯାଦବ(୪୦)ଙ୍କ ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ରାଷ୍ଟ୍ରପତିଙ୍କ ସହିତ ଭୁବନେଶ୍ୱର ଯାଉଥିବା ବଙ୍ଗୋମୁଣ୍ଡା ବ୍ଲକ ବିରିପାଲି ଗ୍ରାମର ହେମନ୍ତ ସାଗର ଓ ଅନ୍ତର୍ଯ୍ୟାମୀ ମହାକୁଡ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି

ଦ୍ରୁତଗତିରେ ବଲାଙ୍ଗୀର ଅଭିମୁଖେ ଯାଉଥିବା ହାଇୱା ଟ୍ରକ୍ (ନଂ ଓଡି୧୫ସି-୪୨୨୧) ରାଷ୍ଟ୍ରପତି ଓ ତାଙ୍କ ସମର୍ଥକମାନେ ବସିଥିବା ଗିନଲ୍ଟ ଡଷ୍ଟର କାର (ନଂ. ଓଡି୦୩ଏଲ-୪୩୩୪)କୁ ସାମ୍ନା ପଟୁ ଧକ୍କା ହୋଇଥିଲା। ଗୁରୁତର ଆହତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋନପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ପୋଲିସ ଜବତ କରିଛି। ମୃତ ଧର୍ମରାଜଙ୍କ ଭାଇ ଦେବରାଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି।

ରାଷ୍ଟ୍ରପତି ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତିରେ ୨ଥର ଉପାଧ୍ୟକ୍ଷ ଥିଲେ। ପୂର୍ବରୁ ସେ ବିଜେଡିରେ ଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ପାଇଁ ଦଳୀୟ ଟିକେଟ ଆଶାୟୀ ଥିଲେ। ୨୦୧୪ରେ ବିଜେଡି ଟିକେଟ୍ ନ ମିଳିବାରୁ ସେ ଭାଜପାରେ ଯୋଗ ଦେଇଥିଲେ। ଭାଜପାର ସେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଭାଜପାରୁ ବିଧାୟକ ଟିକେଟ୍ ନ ମିଳିବାରୁ ସେ ଅସନ୍ତୁଷ୍ଟ ଥିଲେ। ପୁଣି ବିଜେଡିକୁ ଫେରିବା ପାଇଁ ରାଷ୍ଟ୍ରପତି ନିଜ ସମର୍ଥକଙ୍କୁ ୩ଟି ବସ୍‌ରେ ଧରି ଗୁରୁବାର ରାତିରେ କଣ୍ଟାବାଞ୍ଜିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଶୁକ୍ରବାର ସେ ନବୀନ ନିବାସରେ ବିଜେଡିରେ ସାମିଲ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ତାଙ୍କ ଇଚ୍ଛା ଅଧୁରା ରହିଗଲା ବୋଲି ସମର୍ଥକମାନେ କହିଛନ୍ତି। ଦୁର୍ଘଟଣା ପରେ ସମର୍ଥକମାନେ ପୁଣି କଣ୍ଟାବାଞ୍ଜି ଫେରି ଯାଇଛନ୍ତି। ବଙ୍ଗୋମୁଣ୍ଡାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅପରାହ୍ନରେ ରାଷ୍ଟ୍ରପତିଙ୍କ ମରଶରୀର ପହଞ୍ଚିବା ପରେ ଆମ୍ବେଦକର ଛକରେ ଅଞ୍ଚଳବାସୀ ଓ ସମର୍ଥକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ■ ଡିସିପିଙ୍କୁ ଅଭିଯୋଗ ଜଣାଇଲା ଭାଜପା ଟିମ୍

# 'ଭାଜପା ପୋଷ୍ଟରକୁ ଶାସକ ଦଳ ବିକୃତ କରୁଛି'



ଭାଜପା ପକ୍ଷରୁ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରାଯାଉଛି।

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ଶାସକ ବିଜେଡିକୁ ନିର୍ବାଚନ ହାରିବା ଭୟ ଘାରିଲାଣି। ତେଣୁ ବିଭିନ୍ନ ଉପାୟରେ ଭାଜପାକୁ ବଦନାମ ପାଇଁ ଉଦ୍ୟମ କରାଯାଉଛି। ଏପରି କି ଭାଜପା ପୋଷ୍ଟରକୁ ଶାସକ ଦଳ ବିକୃତ କରୁଛି ବୋଲି ଗୁରୁତର ଅଭିଯୋଗ ଆଣିଛନ୍ତି ଭାଜପା ଆଇନ ପ୍ରକୋଷ୍ଠର ଆବାହକ ରବି ଶଙ୍କର ପଟ୍ଟନାୟକ। ସେ କହିଛନ୍ତି ଯେ, ରାଜଧାନୀର ବିଭିନ୍ନ ସ୍ଥାନରେ ଲାଗିଥିବା ଭାଜପା ପୋଷ୍ଟରକୁ ଶାସକ ଦଳର ବ୍ୟକ୍ତିମାନେ ବିକୃତ କରୁଛନ୍ତି। ଏପରିକି ଭାଜପାର ଦଳୀୟ ଚିହ୍ନ ଉପରେ ନୀରବ ମୋଦି, ବିଜୟ ମାଲ୍ୟାଙ୍କ ସହ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ଫଟୋ ଲଗାଉଛନ୍ତି। ଏଭଳି ପୋଷ୍ଟର ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ନେଇ ଭାଜପାର ଏକ ଟିମ୍ ଶୁକ୍ରବାର ଅପରାହ୍ନରେ ଡିସିପିଙ୍କୁ ଭେଟି ଏକ ଅଭିଯୋଗପତ୍ର ଦେଇଛନ୍ତି। ସେଥିରେ ଉଲ୍ଲେଖ ହୋଇଛି ଯେ, ନନ୍ଦନକାନନ ରାସ୍ତାରେ ଲାଗିଥିବା ହୋର୍ଡିଂରେ ଏଭଳି ବିକୃତ ଫଟୋ ଲଗାଇ ଦଳ ଓ ପ୍ରାର୍ଥୀଙ୍କୁ ବଦନାମ କରାଯିବାକୁ ଚେଷ୍ଟା ଚାଲିଛି। ଭାରତୀୟ ଦଣ୍ଡ ବିଧାନ ଆଇନର ଧାରା ୪୨୫, ୪୮୯, ୪୯୯, ୫୦୪, ୫୦୬ ଓ ୩୪ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ। ତେଣୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଆଇନ ଏବଂ ଅଭିଯୋଗ ପ୍ରକୋଷ୍ଠର ଆବାହକ ସୂର୍ଯ୍ୟ ଦାସ ଓ ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ। ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଡିସିପି ଅନୁପ କୁମାର ସାହୁ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳ କହିଛନ୍ତି। ଏ ନେଇ ଦୁଇଦିନ ତଳେ ଭାଜପା ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇ ଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଶାସକ ଦଳର ବ୍ୟକ୍ତିମାନେ ଏଭଳି କାମ କରିବା ପାଇଁ ସାହସ ଜୁଟାଉଥିବା ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଭାଜପାର ଏଭଳି ଅଭିଯୋଗକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ଏହା ଆମ ଦଳୀୟ କର୍ମୀଙ୍କ କାର୍ଯ୍ୟଧାରା ନୁହେଁ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି।

# ଆମିଷ ଖାଉଛନ୍ତି ୯୭% ଓଡ଼ିଆ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଆମିଷ ଖାଉଛନ୍ତି ଓଡ଼ିଶାର ୯୭ ପ୍ରତିଶତରୁ ଅଧିକ ଲୋକ। ଦେଶର ଏକ ପ୍ରମୁଖ ଆମିଷପ୍ରିୟ ବା ନନ୍-ଭେଜିଟେରିଆନ୍ ପପୁଲେଶନ ରାଜ୍ୟ ଭାବେ ଓଡ଼ିଶାର ନାମ ବହୁ ଆଗରେ ରହିଛି। ରାଜ୍ୟର ପ୍ରାୟ ୯୭.୩୫ ପ୍ରତିଶତ ଲୋକ ଆମିଷ ଖାଉଥିବା ବେଳେ ମାତ୍ର ୨.୬୫ ପ୍ରତିଶତ ଲୋକ ନିରାମିଷ ଖାଦ୍ୟ ଖାଇଥାଆନ୍ତି। ରେଜିଷ୍ଟ୍ରାର୍ ଜେନେରାଲ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। ସେହିଭଳି ଭାରତରେ ୭୧ ପ୍ରତିଶତ ଲୋକ ଆମିଷ ଖାଉଥିବା ବେଳେ ମାତ୍ର ୨୯ ପ୍ରତିଶତ ନିରାମିଷ ଖାଇଥାଆନ୍ତି। ତେଲେଙ୍ଗାନାରେ ସର୍ବାଧିକ ୯୮.୮ ପ୍ରତିଶତ ଲୋକ ମାଂସ ଖାଇଥାଆନ୍ତି। ଏହା ତଳକୁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ କେରଳ କ୍ରମାନ୍ୱୟରେ ରହିଛନ୍ତି। ନିର୍ବାଚନ ପୂର୍ବରୁ ଏ ସମ୍ପର୍କିତ ରିପୋର୍ଟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଛି। ପୂର୍ବରୁ ୨୦୧୪ରେ ରେଜିଷ୍ଟ୍ରାର୍ ଜେନେରାଲ ଅଫ୍ ଇଣ୍ଡିଆ ଏବଂ ୨୦୧୭ରେ ନ୍ୟାଶନାଲ ଏକାଡେମୀ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ମ୍ୟାନେଜମେଣ୍ଟ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟରୁ ମଧ୍ୟ ସମାନ ତଥ୍ୟ ପଦାକୁ ଆସିଥିଲା।

ରେଜିଷ୍ଟ୍ରାର୍ ଜେନେରାଲ ଆଣ୍ଡ୍ ଦି ସେନ୍‌ସସ୍ କମିଶନରଙ୍କ ତଥ୍ୟ ଅନୁଯାୟୀ, ଓଡ଼ିଶା ଦେଶର 'ହାଇ ନନ୍-ଭେଜିଟେରିଆନ୍' କାଟାଗୋରୀ ତାଲିକାରେ ରହିଛି। ଜାତୀୟସ୍ତରରେ କରାଯାଇଥିବା ଏହି ସର୍ଭେ ଅନୁଯାୟୀ ତାଲିକାର ୪ର୍ଥ ସ୍ଥାନରେ ଓଡ଼ିଶା ରହିଥିବା ବେଳେ ରାଜ୍ୟର ୩ ପ୍ରତିଶତରୁ ବି କମ୍ ଲୋକ ଶାକାହାରୀ। ଉଭୟ ସହର ଏବଂ ଗ୍ରାମାଞ୍ଚଳର ଅଧିକାଂଶ ଯୁବପିଢ଼ି ଆମିଷରେ ମଟନ୍, ଚିକେନ୍ ଓ ମାଛ ଖାଇବାକୁ ପସନ୍ଦ କରିଥାଆନ୍ତି। ଅନ୍ୟପକ୍ଷରେ ଭାରତର ଚିତ୍ର ଦେଖିଲେ ଜଣାପଡ଼େ, ୧୫ବର୍ଷରୁ ଅଧିକ ୭୧ ପ୍ରତିଶତ ଭାରତୀୟ ଆମିଷ ଖାଦ୍ୟ ଖାଇଥାଆନ୍ତି। ଦେଶର ୭୦ ପ୍ରତିଶତ ମହିଳା ହେଉଛନ୍ତି ଆମିଷାଷି। ତେଲେଙ୍ଗାନାରେ ସର୍ବାଧିକ ୯୮.୬ ପ୍ରତିଶତ ମହିଳା ଏବଂ ୯୮.୮ ପ୍ରତିଶତ ପୁରୁଷ ଆମିଷ ସେବନ କରିଥାଆନ୍ତି। ଏହା ତଳକୁ ପଶ୍ଚିମବଙ୍ଗର ୯୮.୫୫ ପ୍ରତିଶତ, ଆନ୍ଧ୍ରପ୍ରଦେଶର ୯୮.୨୫ ପ୍ରତିଶତ, ଓଡ଼ିଶା ୯୭.୩୫ ପ୍ରତିଶତ ଏବଂ କେରଳର ୯୭ ପ୍ରତିଶତ ଲୋକ ଆମିଷାଶୀ। ରାଜସ୍ଥାନର ୭୦ ପ୍ରତିଶତ ଲୋକ ନିରାମିଷାଶୀ ହୋଇଥିବା ବେଳେ ହରିୟାଣା ଓ ପଞ୍ଜାବରେ ୬୫ରୁ ୭୦ ପ୍ରତିଶତ ଲୋକ ନିରାମିଷ ଖାଦ୍ୟ ଉପରେ ନିର୍ଭର କରିଥାଆନ୍ତି। ତେବେ ଗୁଜରାଟର ସର୍ବାଧିକ ଲୋକ ନିରାମିଷ ଖାଇଥାଆନ୍ତି ବୋଲି ଯେଉଁ ଧାରଣା ରହିଥିଲା, ତାହାକୁ ଏହି ରିପୋର୍ଟ ଭୁଲ୍ ପ୍ରମାଣିତ କରିଛି। ଏଠାରେ ପ୍ରତି ୫ ଜଣରେ ୨ଜଣ ଲୋକ ଆମିଷ ଖାଉଥିବା ବେଳେ ପ୍ରାୟ ୪୦ ପ୍ରତିଶତ ଲୋକ ଏଠାରେ ଆମିଷ ସେବନ କରିଥାଆନ୍ତି, ଯାହାକି ପଞ୍ଜାବ, ହରିୟାଣା ଓ ରାଜସ୍ଥାନଠାରୁ ଅଧିକ।

# ବଙ୍ଗୀୟ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇ ଭୋଟ ମାଗିଲେ ମୁଖ୍ୟମନ୍ତ୍ରୀ

**କାଲିମେଲା/ମାଲକାନଗିରି, ୫।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲାର ଲାଲ ଗଡ଼ଭାବେ ପରିଚିତ କାଲିମେଲା ଓ ମାଥିଲିରେ ଶୁକ୍ରବାର ନିର୍ବାଚନୀ ପ୍ରଚାର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜିଲାର ମୋଟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ରହିଛନ୍ତି ବଙ୍ଗୀୟ ଶରଣାର୍ଥୀ। ତାଙ୍କ ଭୋଟ ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରିବ। ସେଥିପାଇଁ ସେମାନଙ୍କ ଭୋଟ ଉପରେ ସବୁ ଦଳର ନଜର। ବଙ୍ଗୀୟ ଭୋଟ ବ୍ୟାଙ୍କ ହାତେଇବାକୁ ସେମାନଙ୍କର ଥିବା ସମସ୍ତ ସମସ୍ୟାର ନିଜେ ସମାଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର କାଲିମେଲା ନିର୍ବାଚନୀ ସଭାରେ ଯୋଗଦେଇ ପ୍ରତିଶ୍ରୁତି ଦେଇଛନ୍ତି।

ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ କାଲିମେଲାରେ ପହଞ୍ଚି ଥିଲେ ମୁଖ୍ୟମନ୍ତ୍ରୀ। ସେଠାରେ ଜିଲା ବିଜେଡି ସଭାପତି ମାନସ ମାଡକାମି, ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ରମେଶ ମାଝି, ମାଲକାନଗିରି ବିଧାୟକ ପ୍ରାର୍ଥୀ ମୁକୁନ୍ଦ ସୋଡି ମୁଖ୍ୟମନ୍ତ୍ରୀଙ୍କୁ ସଭା ମଞ୍ଚକୁ ପାଛୋଟି ନେଇଥିଲେ। ୧୫ ମିନିଟ ଅଭିଭାଷଣରେ କେନ୍ଦ୍ର ସରକାର ଓ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ ମୁଖ୍ୟମନ୍ତ୍ରୀ। କେନ୍ଦ୍ର ଅବହେଳା କଥା ଉଠାଇ ସେ ପୋଲାଭରମ ପ୍ରକଳ୍ପ କାହା ସ୍ୱାର୍ଥରେ ଚାଲୁଛି ବୋଲି ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର କେବିକେ ଯୋଜନା ସହ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କ ଛାତ୍ର ବୃତ୍ତି ବନ୍ଦ କଲେ। ଓଡିଶାରେ ବଡ ବଡ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେହି ଆସିଲେ ନାହିଁ। ଏବେ କେନ୍ଦ୍ର କୁମ୍ଭୀର କାନ୍ଦଣା କାନ୍ଦୁଛି। ଓଡିଶାବାସୀ ଏହାର ଉଚିତ ଜବାବ ଦେବେ। ସାଢେ ୪ କୋଟି ଓଡିଶାବାସୀ ମୋ ପରିବାର। ବିଜେଡି ପରିବାର ଆପଣଙ୍କ ସହ ସବୁବେଳେ ଅଛି। ଆଗ ଅପେକ୍ଷା ଜିଲାରେ ବହୁ ବିକାଶ ହୋଇଛି। ଗୁରୁପ୍ରିୟା ସେତୁଠାରୁ ଆରମ୍ଭ କରି ରାସ୍ତାଘାଟ, ବଡ ମେଡିକାଲ ଏଭଳି ବହୁ ଯୋଜନା କାର୍ଯ୍ୟକାରୀ ହୋଇଛି। ଯାହା ବାକି ରହିଛି ତାହା ଆଗାମୀ ଦିନରେ ପୂରଣ ହେବ ବୋଲି ମଞ୍ଚାସୀନ ଅନ୍ୟ ନେତାମାନେ କହିଥିଲେ। ମାନସ ମାଡକାମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ମୁଖ୍ୟମନ୍ତ୍ରୀ ୧୨.୩୦ରେ କାଲିମେଲାରୁ ମାଥିଲି ବ୍ଲକ ଅଭିମୁଖେ ଯାଇଥିଲେ। ସେଠାରେ ଏକ ନିର୍ବାଚନୀ ସଭାରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଥିଲେ।



କାଲିମେଲାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

# ଓମ୍‌ପ୍ରକାଶଙ୍କୁ ନୂଆ ଦାୟିତ୍ୱ ଦେଲା ଭାଜପା

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଜଗତ୍‌ସିଂହପୁର ଜିଲାର ପୂର୍ବତନ ସଭାପତି ତଥା ରାଜ୍ୟ ହାଉସିଂ କର୍ପୋରେଶନର ପୂର୍ବତନ ଅଧ୍ୟକ୍ଷ ଓମ୍‌ପ୍ରକାଶ ରାୟଙ୍କୁ ଭାଜପା ଅବିଭକ୍ତ କଟକ ଜିଲା ପୁରାତନ କାର୍ଯ୍ୟକର୍ତ୍ତା ସଂଯୋଜକ ଦାୟିତ୍ୱ ଦେଇଛି। ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ରାଜ୍ୟ ଉପସଭାପତି ସମୀର ମହାନ୍ତି ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଭାଜପା ପ୍ରତିଷ୍ଠା ଦିବସରେ ଅବିଭକ୍ତ କଟକ ଜିଲାର ସମସ୍ତ ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ସଙ୍ଗଠିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ପୁନଃ କ୍ଷମତାସୀନ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏକାଠି କରିବା ପାଇଁ ଓମ୍‌ପ୍ରକାଶଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସମୀର କହିଛନ୍ତି।


ଧରିତ୍ରୀ CAREER APPOINTMENT
every Wednesday & Saturday

REQUIRED URGENTLY
M/S. West Coast Diesels LLP, Rajkot, Gujarat manufacturer of "ALFA" make diesel engines, generators, alternator etc., requires Sale Officer & Diesel Engine Mechanic for Odisha branch office. Interested candidates having good knowledge and willing to work may send their complete bio-data by E-Mail within 15 days from publication of this advertisement to : The General Manager (East Zone), M/S. West Coast Diesels LLP, HIG-II/34, BDA Housing Colony, Kapila Prasad, Bhubaneswar-751002.
E-mail: odisha@wcdllp.com, Mob.: 9337003316, 0674-2590511

କାର୍ ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍ ପାଇଁ।
ଯୋଗାଯୋଗ ପାଇଁ
Mob No:
7381075901
9437496020

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଲଣ୍ଡ୍ରି କମ୍ପାନୀରେ କାମ କରିବା ପାଇଁ
ଆବଶ୍ୟକ
୧.ଡ୍ରାଇଭର (ମ୍ୟାଜିକ୍ ଏବଂ ଅଟୋ)
୨. ଆଇରନ କାରିଗର
୩. ମହିଳା / ପୁରୁଷ
Contact - 8018172594
9078000108

Urgently Required
Bhubaneswar based Timber Company required 2 Nos. Managers having Graduate or +2 Qualification, Helper- 2 Nos.
Please Contact: Hota Associates, VSS Nagar, Bhubaneswar.
Ph: 7978802641

WANTED
Receptionist/ Manager, Office Assistant, Peon, Flex Operator for a leading Flex unit at Bhubaneswar.
Contact
8093789452, 7873161992

ଆବଶ୍ୟକ
ଓଁ ସାଇ ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ପୁଅ ଓ ଝିଅ ଆବଶ୍ୟକ। ରହିବା ଓ ଖାଇବାର ସୁବିଧା ଅଛି। ଦରମା Rs.6,000/-
ଯୋଗାଯୋଗ:-9556896471
9583125591

URGENT REQUIRED
Bhubaneswar Airport
ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : +2/Graduation
Salary : Rs.14500 - Rs.25000)
Mob : 9090391585,
9090732106

SRI SAI WORLD SCHOOL
(CBSE) NURSERY TO V
Mugakani, Rajnagar, Kendrapara.
for Principal, Nursery Teacher, PRT, CLERK, PEON,
SEND C.V Within 7 days.
srisaiworldschool@gmail.com
Mob - 7008127035, 7978725083
Scrutinised candidates will be called for Interview.

Urgently Required for
OFFICIAL / HOTEL JOBS
Salary : 8,000/- to 25,000/-
Qualification : 9th, 10th, +2, +3, ITI, Diploma.
Age : 18-35 years
9668051710

REQUIREMENT
1. Civil Engineer for ongoing work of building at Berhampur University. Candidate must have sufficient knowledge regarding building construction & preparation of Bill.
2. Computer Operator for office having sufficient knowledge of Typing & official works.
Both Salary Negotiable.
Contact Bhubaneswar:
8249407572, 8249414800

ଆବଶ୍ୟକ
ଭୁବନେଶ୍ୱରରେ ଏକ ଆୟୁର୍ବେଦିକ କ୍ଲିନିକ୍‌ରେ କାମ କରିବା ପାଇଁ ଝିଅପିଲା ଆବଶ୍ୟକ। ରହିବା ଖାଇବା ବ୍ୟବସ୍ଥା ଅଛି।
Samantarapur, Bhubaneswar
7749975576

WANTED
BOSCH Kitchen Appliances Require A Sales In Charge
For All Odisha With Full Experience In This Trade. He Will Be In Company Payroll.
Candidates Send CV
E-Mail:- rajmohanrohit@Gmail.Com
Contact Mob- 8249250386(11AM TO 2PM)

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ଆବଶ୍ୟକ
ଅଭିଜ୍ଞ ସିକ୍ୟୁରିଟି ଗାର୍ଡ ଆବଶ୍ୟକ ଭୁବନେଶ୍ୱର ପାଇଁ। ଆକର୍ଷଣୀୟ ବେତନ ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ଅଛି।
ଯୋଗାଯୋଗ:-
7978600321, 8249702080
0674-2384705

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

REQUIREMENT
INDIAN, CHINESE COOK- 12,000/ PM, ASSISTANT-8,000/ PM, WAITER- 6,500 / PM FOR AC RESTAURANT IN BHUBANESWAR
CONTACT:- 6370061224
8908107191

Contact: 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

Urgently Required
ଭୁବନେଶ୍ୱରରେ ସ୍କୁଲ ଭ୍ୟାନ୍ ପାଇଁ 3 Drivers & Spoken English Teacher ଆବଶ୍ୟକ ଅଛି। Family ରହିବା ସହିତ ୧୦,୦୦୦ରୁ ଉର୍ଦ୍ଧ୍ୱ ଦରମା।
9437072450

WANTED
Security Guard Housekeeping & Technical candidates.
Contact:
7504108134
9861275253

ME SUPER 30
Requires for our Coaching Center. From all over Odisha (Part/Full Time)
1.Educational Business Developer
2.Consultant & Receptionist
Plot No.165, District Centre, Chandrasekharpur, Bhubaneswar
Mob : 9777776141

## ସଂକ୍ଷେପରେ

### ବକେୟା ପାଇବା ପରେ ଜେଟ୍‌କୁ ତେଲ ଦେଲା ଆଇଓସିଏଲ୍

ନୂଆଦିଲ୍ଲୀ,୫-୪: ବକେୟା ମିଳିବାକୁ ନେଇ ଅସନ୍ତୁଷ୍ଟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍) ଶୁକ୍ରବାର କିଛି ଘଣ୍ଟା ପାଇଁ ଜେଟ୍ ଏୟାରୱେଜକୁ ତେଲ ଦେବା ବନ୍ଦ କରିଦେଇଥିଲା। ତେବେ କମ୍ପାନୀଠାରୁ ପ୍ରତିଶ୍ରୁତି ମିଳିବା ପରେ ଏହା ପୁନର୍ବାର ତେଲ ଦେବା ଆରମ୍ଭ କରିଛି। ଆଇଓସିଏଲ୍ ପକ୍ଷରୁ ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଜେଟ୍ ପକ୍ଷରୁ ତେଲ ବାବଦରେ ବକେୟା ପ୍ରଦାନ କରାଯାଇ ନ ଥିଲା। ଫଳରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ବିମାନ କମ୍ପାନୀକୁ ତେଲ ଦେବା ବନ୍ଦ କରାଯାଇଥିଲା। ସୂଚନାଥାଉ କି, ପ୍ରାୟ ୮ ହଜାର କୋଟି ଟଙ୍କା ଋଣ କରିଥିବା ଜେଟ୍ ଏୟାରୱେଜ ଏବେ ଗଭୀର ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ନେତୃତ୍ୱରେ ବ୍ୟାଙ୍କ ସମୂହ ଏହାର ପରିଚାଳନା ଭାର ହାତକୁ ନେଇଛନ୍ତି। ଋଣ ପୁନର୍ଗଠନ ଯୋଜନା କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବା କାରଣରୁ ଜେଟ୍‌ର ବକେୟା ପୈଠ କରିବାରେ ବିଳମ୍ବ ହେଉଛି। ଏବେ ଜେଟ୍‌ର ମାତ୍ର ୨୬ ବିମାନ ଉଡୁଥିବା ବେଳେ ଏହାକୁ ତୁରନ୍ତ ୧୫୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। ଅଦ୍ୟାବଧି କମ୍ପାନୀକୁ ଏହି ଟଙ୍କା ମିଳିନି।

### ସୁଧହାର ହ୍ରାସ ଚାହିଦା ବୃଦ୍ଧି କରିବ: ଆଲ୍ଲାହାବାଦ ବ୍ୟାଙ୍କ ଏମ୍‌ଡି

ନୂଆଦିଲ୍ଲୀ,୫-୪
ଆର୍‌ବିଆଇ ପକ୍ଷରୁ ହୋଇଥିବା ସୁଧହାର ହ୍ରାସ ଘରୋଇ ବଜାର ଉପରେ ଭଲ ପ୍ରଭାବ ପକାଇବ। ଏହା ବଜାରରେ ଚାହିଦା ବୃଦ୍ଧି କରିବ ବୋଲି ଆଲ୍ଲାହାବାଦ ବ୍ୟାଙ୍କ ଏମ୍‌ଡି ତଥା ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ଗୁରୁବାର ସୂଚନା ଦେଇଛନ୍ତି। ସୁଧହାର ହ୍ରାସ ହେବା ନେଇ ପୂର୍ବରୁ ଆଶା କରାଯାଉ ଥିଲା ବୋଲି ରାଓ କହିଛନ୍ତି। ଘରୋଇ ବଜାରରେ ଅଭିବୃଦ୍ଧି ହ୍ରାସ ଆଶଙ୍କା, ଚାହିଦାରେ ହ୍ରାସ, ଶିଳ୍ପ କାର୍ଯ୍ୟ କଳାପରେ ଧିମାବସ୍ଥା, ଋଣ ଅଭିବୃଦ୍ଧି ଉପରେ ପ୍ରଭାବ ଏବଂ ଏସିଆର ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ଅଧିକ ସୁଧହାର ରହିଥିବା ଘଟଣାକୁ ରିଜର୍ଭ ବ୍ୟାଙ୍କ ବିଚାର କରି ଏଭଳି ପଦକ୍ଷେପ ଗ୍ରହଣ କରିଛି ବୋଲି ରାଓ ମତ ରଖିଛନ୍ତି।

### ଡିଏନ୍ ରେଗାଲିଆରେ ବିଶ୍ୱ ଅଟିଜମ ସଚେତନତା

ଭୁବନେଶ୍ୱର,୫-୪
ବିଶ୍ୱ ଅଟିଜମ ସଚେତନତା ଦିବସ ୨୦୧୯ ଅବସରରେ ସ୍ଥାନୀୟ ପାତ୍ରପଡାସ୍ଥିତ ଡିଏନ୍ ରେଗାଲିଆ ମଲ୍‌ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଟିଜମ୍ ଯୋଗୁ ଉପୁଜୁଥିବା ବିଭିନ୍ନ ସମସ୍ୟା ଏବଂ ଶିଶୁଙ୍କ ମଧ୍ୟରେ ମନୋରଞ୍ଜନର ଆବଶ୍ୟକତା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଭୁବନେଶ୍ୱରର ଉଡ୍ ଆପଲ ସ୍କୁଲର ମିଳିତ ସହଯୋଗରେ ଏଭଳି ଏକ କାର୍ଯ୍ୟକ୍ରମ ମଲ୍ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ ଏକ ୩ଡି ହିନ୍ଦୀ ସିନେମା 'ଦମ୍‌ବୋ' ପ୍ରଦର୍ଶନ କରାଯାଇଥିଲା। ଏଭଳି ଏକ ପଦକ୍ଷେପ ଗ୍ରହଣ କରି ଅତ୍ୟନ୍ତ ଖୁସି ବୋଲି ଡିଏନ୍ ରେଗାଲିଆ ପକ୍ଷରୁ ମିନତି ନାୟକ ସୂଚନା ଦେଇଛନ୍ତି।



> ବାଣିଜ୍ୟ କ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜକୁ ଧ୍ୟାନରେ ରଖି ବିଶ୍ୱ ବାଣିଜ୍ୟ ସଙ୍ଗଠନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରାଯାଉଛି।
> —ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



> ଶିକ୍ଷା ଏବଂ ଦକ୍ଷତା ବିକାଶ ସହ ଶ୍ରମ ସଂସ୍କାରକୁ ସରକାର ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବାର ଆବଶ୍ୟକତା ରହିଛି।
> —ଆନନ୍ଦ ଶର୍ମା, କଂଗ୍ରେସ ନେତା

### ବେଜୋସ୍‌ଙ୍କ ସହ ଛାଡ଼ପତ୍ର ପ୍ରକ୍ରିୟା ଶେଷ

# ମ୍ୟାକେଞ୍ଜୀ ହେଲେ ବିଶ୍ୱର ୪ର୍ଥ ଧନୀ ମହିଳା

ୱାଶିଂଟନ,୫-୪

ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ସ୍ତ୍ରୀ ମ୍ୟାକେଞ୍ଜୀ ବିଶ୍ୱର ୪ର୍ଥ ସବୁଠାରୁ ଧନୀ ମହିଳା ହୋଇଛନ୍ତି। ବେଜୋସଙ୍କ ସହ ତାଙ୍କର ଡିଭୋର୍ସ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ମ୍ୟାକେଞ୍ଜୀଙ୍କୁ ଆମାଜନର ୪% ଶେୟାର ମିଳିଛି। ଏବେ ଏହାର ମୂଲ୍ୟ ୩୬.୫ ବିଲିୟନ ଡଲାର( ପ୍ରାୟ ୨.୫୨ ଲକ୍ଷ କୋଟି ଟଙ୍କା) ବୋଲି ଆକଳନ କରାଯାଇଛି। ମ୍ୟାକେଞ୍ଜୀଙ୍କ ଆଗରେ ରହିଛନ୍ତି ବିଶ୍ୱର ସବୁଠାରୁ ୩ ଧନୀ ମହିଳା। ଲୋରିୟଲ ଗ୍ରୁପ୍‌ର ଫ୍ରାଙ୍କୋଇସ ମୀୟର୍ସ ୫୩.୭ ବିଲିୟନ ଡଲାର ସହ ଶୀର୍ଷରେ ରହିଥିବା ବେଳେ ୱାଲମାର୍ଟର ଏଲଇସ ୱାଲ୍‌ଟନ ୪୪.୨ ବିଲିୟନ ଡଲାର ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତୃତୀୟ ସ୍ଥାନରେ ଥିବା ଜ୍ୟାକଲିନ ମାର୍ସ(ମାର୍ସ, ୟୁଏସ୍)ଙ୍କ ସମ୍ପତ୍ତି ମୂଲ୍ୟ ୩୭.୧ ବିଲିୟନ ଡଲାର ବୋଲି ଜଣାପଡିଛି। ତେବେ ମ୍ୟାକେଞ୍ଜୀଙ୍କ ନିକଟରେ ୪% ଶେୟାର ରହିବା ସତ୍ତ୍ୱେ ବେଜୋସ ୧୨% ଶେୟାର ସହ ବିଶ୍ୱର ସବୁଠାରୁ ଧନୀ ସ୍ଥାନ ଦଖଲରେ ରଖିଛନ୍ତି। ତାଙ୍କ ନିକଟରେ ୧୧୪ ବିଲିୟନ ଡଲାର ପ୍ରାୟ ୭.୮୭ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ଡିଭୋର୍ସ ପରେ ବେଜୋସ୍‌ଙ୍କୁ ତାଙ୍କର ପୂର୍ବତନ ସ୍ତ୍ରୀଙ୍କ ଭୋଟିଂ ଅଧିକାର ମିଳିଯାଇଛି। ଏହାର ଅର୍ଥ କମ୍ପାନୀର କୌଣସି ନିଷ୍ପତ୍ତିରେ ଏଣିକି ମ୍ୟାକେଞ୍ଜୀ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। ଏହାବ୍ୟତୀତ ବେଜୋସ୍‌ଙ୍କ ଖବରକାଗଜ ୱାଶିଂଟନ ପୋଷ୍ଟ ଓ ମହାକାଶ କମ୍ପାନୀ ବ୍ଲୁ ଅରିଜିନରେ ମଧ୍ୟ ମ୍ୟାକେଞ୍ଜୀଙ୍କ କୌଣସି ଅଂଶଧନ ରହିବ ନାହିଁ। ଉଲ୍ଲେଖଥାଉ କି, ବେଜୋସ ଓ ମ୍ୟାକେଞ୍ଜୀଙ୍କ ଆମାଜନରେ ଯୁଗ୍ମ ରୂପରେ ୧୬% ଅଂଶଧନ ରହିଛି। ଏହାବ୍ୟତୀତ ଜେଫଙ୍କ ଅନ୍ୟ ସ୍ଥାନରେ ବ୍ୟକ୍ତିଗତ ନିବେଶ ରହିଛି। ତେବେ ମ୍ୟାକେଞ୍ଜୀଙ୍କ ନିକଟରେ ଡିଭୋର୍ସ ପରେ ବିଶ୍ୱର ସର୍ବବୃହତ ଧନୀ ହେବାର ସୁଯୋଗ ଥିଲା। ୱାଶିଂଟନର ଆଇନ ଅନୁଯାୟୀ ବିବାହ ପରେ ଅର୍ଜିତ ସମ୍ପତ୍ତି ଡିଭୋର୍ସ ବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାଯାଇଥାଏ। ଏହା ହୋଇଥିଲେ ମ୍ୟାକେଞ୍ଜୀ ଉକ୍ତ ଗୌରବ ହାସଲ କରିପାରିଥାନ୍ତେ। ତେବେ ସେ ଏହା ଚାହିଁ ନ ଥିଲେ। ମ୍ୟାକେଞ୍ଜୀ ଚାହିଁଥିଲେ ବିଶ୍ୱର ଶୀର୍ଷ ଧନୀ ଥିବା ଜେଫ ବେଜୋସ ଚତୁର୍ଥ ସ୍ଥାନକୁ ଖସି ଯାଇଥାନ୍ତେ।


ମ୍ୟାକେଞ୍ଜୀ ଓ ଜେଫ୍ ବେଜୋସ୍।

### ଷ୍ଟାଟିଷ୍ଟିକାଲ ଡାଟା ବିବାଦ

## ବିଶ୍ୱାସଯୋଗ୍ୟତା ସନ୍ଦେହ ଦୂର କଲେ ପାନାଗାରିଆ

ନୂଆଦିଲ୍ଲୀ,୫-୪

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଷ୍ଟାଟିଷ୍ଟିକାଲ ଡାଟାକୁ ନେଇ ଉପୁଜିଥିବା ସନ୍ଦେହକୁ ଦୂର କରିଛନ୍ତି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ। ସେ କହିଛନ୍ତି ଯେ, କିଛି କୁଟିଳ ପ୍ରକୃତିର ଅର୍ଥନୀତିଜ୍ଞ ସରକାରୀ ଡାଟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସରକାରରେ ସେ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ଏହାକୁ ନେଇ କୌଣସି ବିବାଦ ନ ଥିଲା ବୋଲି କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ବୈଠକରେ ଯୋଗଦେବା ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି। ଉଲ୍ଲେଖଥାଉ କି, ଦେଶବିଦେଶର ପ୍ରାୟ ୧୦୮ ଅର୍ଥନୀତିଜ୍ଞ ତଥା ସମାଜବିଜ୍ଞାନୀ ଷ୍ଟାଟିଷ୍ଟିକାଲ ଡାଟା ପ୍ରକାଶରେ ରାଜନୈତିକ ହସ୍ତକ୍ଷେପ ନେଇ ଚିନ୍ତାବ୍ୟକ୍ତ କରିଥିଲେ ଏବଂ ଏହାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ସେମାନେ ମୂଳ ବର୍ଷ ତଥା ଜିଡିପି ଅଭିବୃଦ୍ଧି ତଥ୍ୟରେ ସଂଶୋଧନ ନେଇ ପ୍ରଶ୍ନ ଉଠାଇଛନ୍ତି। ପାନାଗାରିଆ କହିଛନ୍ତି ଯେ, ଡାଟା ପ୍ରସ୍ତୁତିରେ ଭାରତ ସରକାର ଆଇଏମ୍ଏଫ୍, ବିଶ୍ୱ ବ୍ୟାଙ୍କ ଏବଂ ଜାତିସଂଘର ଆର୍ଥିକ ପ୍ରତିଷ୍ଠାନର ମାନଦଣ୍ଡକୁ ପାଳନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେହି ହେଲେ ଏନେଇ ପ୍ରଶ୍ନ ଉଠାଇନାହାନ୍ତି। ସେ କହିଛନ୍ତି ଯେ, ଡାଟାକୁ ନେଇ ପ୍ରଶ୍ନ କରୁଥିବା ଅର୍ଥନୀତିଜ୍ଞମାନେ କେଉଁଠାରେ ତ୍ରୁଟି ରହିଛି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ଉଚିତ।


ଅରବିନ୍ଦ ପାନାଗାରିଆ।

## ସିଂହଭ୍ରାତାଙ୍କୁ ଜେଲ ପଠାଇବା ଲାଗି ସୁପ୍ରିମକୋର୍ଟଙ୍କ ଚେତାବନୀ

ନୂଆଦିଲ୍ଲୀ,୫-୪

ଡାଇଚି ସାଙ୍କ୍ୟୋ ମାମଲାରେ ରାନବାକ୍ସିର ପୂର୍ବତନ ପ୍ରମୋଟର ସିଂହ ଭ୍ରାତା ମାଲବିନ୍ଦର ଏବଂ ଶିବିନ୍ଦର ସିଂହଙ୍କ ଜବାବରେ ସୁପ୍ରିମକୋର୍ଟ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଡାଇଚିକୁ ୪ ହଜାର କୋଟି ଟଙ୍କା ଦେବା ଲାଗି ଦିଆଯାଇଥିବା ନିର୍ଦ୍ଦେଶ ପାଳନରେ ଅବହେଳା କରାଯାଇଥିବାର ପ୍ରମାଣ ମିଳିଲେ ସିଂହ ଭ୍ରାତାଙ୍କୁ ଜେଲ୍ ପଠାଇ ଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଶୁଣାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ରେ ହେବ ବୋଲି ଅଦାଲତ କହିଛନ୍ତି। ଉଲ୍ଲେଖଥାଉ କି, ରାନବାକ୍ସି ସହ ଜାପାନୀ ଫାର୍ମା କମ୍ପାନୀ ଡାଇଚି ସାଙ୍କ୍ୟୋର ଦୀର୍ଘଦିନ ହେଲା ବିବାଦ ଚାଲିଛି। ଉଭୟ କମ୍ପାନୀ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବାକୁଯାଇ ସିଙ୍ଗାପୁରସ୍ଥିତ ମଧ୍ୟସ୍ଥତା ଅଦାଲତ ରାନବାକ୍ସିକୁ ୩୫୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଭାରତୀୟ କମ୍ପାନୀ ଏହା ପ୍ରଦାନ କରି ନ ଥିଲା। ଏହାପରେ ଡାଇଚି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା। ସିଙ୍ଗାପୁର ଅଦାଲତଙ୍କ ନିର୍ଦ୍ଦେଶକୁ ରାନବାକ୍ସି ପାଳନ କରୁ ବୋଲି ଡାଇଚି ପକ୍ଷରୁ ନିବେଦନ କରାଯାଇଥିଲା। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ସିଂହ ଭ୍ରାତାଙ୍କୁ ୪ ହଜାର କୋଟି ଟଙ୍କା ପରିଶୋଧ ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସିଂହଭ୍ରାତା ଏହା ଦେଇ ନ ଥିବାରୁ ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଆରମ୍ଭ ହୋଇଛି।



ଶିବିନ୍ଦର ଏବଂ ମାଲବିନ୍ଦର ସିଂହ ।

## ଟାଟାର ଇଞ୍ଜିନ ହେଲ୍‌ଥ ଚେକ୍‌ଅପ୍ ସର୍ଭିସ

ଭୁବନେଶ୍ୱର,୫-୪

TATA MOTOR

ପ୍ରମୁଖ ଯାନ ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ବାଣିଜ୍ୟିକ ଯାନଗୁଡିକ ଲାଗି ଇଞ୍ଜିନ ହେଲ୍‌ଥ ଚେକ୍‌ଅପ୍ ସର୍ଭିସ କ୍ୟାମ୍ପ ସାରା ଦେଶରେ ଆରମ୍ଭ ହୋଇଛି। ଏହା ଏପ୍ରିଲ ପହିଲାଠାରୁ ଆରମ୍ଭ ହୋଇଥିବା ବେଳେ ଜୁନ ୩୦ ଯାଏ ଚାଲିବ। ସାରା ଦେଶରେ ଥିବା ଟାଟା ମୋଟର୍ସର ୧୫୦୦ରୁ ଅଧିକ ଡିଲରଶିପ ଏବଂ ଅଧିକୃତ ସର୍ଭିସ ଷ୍ଟେଶନଗୁଡିକରେ ଏହି ସେବା ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କୋଲାଣ୍ଟ ଏବଂ ସ୍ପେୟାର ପାର୍ଟସ କ୍ଷେତ୍ରରେ ଏହି ସମୟରେ ରିହାତି ଦିଆଯିବ। ବିକ୍ରି ପରବର୍ତ୍ତୀ ସେବାକୁ ଆହୁରି ଉନ୍ନତ କରିବା ଦିଗରେ କମ୍ପାନୀ ସମ୍ପୂର୍ଣ୍ଣ ସେବା ଯୋଜନା ଗ୍ରହଣ କରିଛି। ଏଥିରେ ୨୬ରୁ ଊର୍ଦ୍ଧ୍ୱ ପଦକ୍ଷେପ ରହିଛି। ନିରନ୍ତର ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ସହ ଗ୍ରାହକଙ୍କୁ ନୂଆ ଟେକ୍ନୋଲୋଜି ଦ୍ୱାରା ଉନ୍ନତ କ୍ରୟ ଅଭିଜ୍ଞତା ଦିଗରେ ପଦକ୍ଷେପ ଜାରି ରହିଥିବା କମ୍ପାନୀର ଗ୍ରାହକ ସେବା ଗ୍ଲୋବାଲ ମୁଖ୍ୟ ଆର୍.ରାମକ୍ରିଷ୍ଣନ ସୂଚନା ଦେଇଛନ୍ତି।

## ହ୍ୟୁଣ୍ଡାଇର ଘରୋଇ ବଜାର ବିକ୍ରିରେ ଉନ୍ନତି

ଭୁବନେଶ୍ୱର,୫-୪

HYUNDAI

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ୍) ୨୦୧୮-୧୯ ଆର୍ଥିକ ବର୍ଷରେ ଘରୋଇ ବଜାର ବିକ୍ରିରେ ଉନ୍ନତି ହାସଲ କରିଛି। ଏହି ସମୟରେ କମ୍ପାନୀର ବିକ୍ରି ଅଭିବୃଦ୍ଧି ୧.୭% ରହିଛି। ୨୦୧୭-୧୮ରେ କମ୍ପାନୀ ୫.୩୮ ଲକ୍ଷ ୟୁନିଟ ଯାନ ଦେଶ ମଧ୍ୟରେ ବିକ୍ରି କରିଥିଲା। ଏହା ୨୦୧୮-୧୯ରେ ୫.୪୫ ଲକ୍ଷ ୟୁନିଟକୁ ବୃଦ୍ଧି ଘଟିଥିବା ଏହା ସୂଚନା ଦେଇଛି। ନୂତନ ଉଦ୍ଭାବନ, ବେଷ୍ଟ ଇନ୍ ସେଗମେଣ୍ଟ ପ୍ରଡକ୍ଟ, ସର୍ବୋତ୍ତମ ସେବା ଅଭିଜ୍ଞତା ପ୍ରଦାନ ଦିଗରେ ଗ୍ରାହକଙ୍କ ପ୍ରତି ରହିଥିବା ପ୍ରତିଶ୍ରୁତି ପାଳନ ଦିଗରେ ପ୍ରଚେଷ୍ଟା ଜାରି ରହିଥିବା କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ବିକାଶ ଜୈନ ସୂଚନା ଦେଇଛନ୍ତି। ଏହା ୨୦୧୮-୧୯ରେ ବିଦେଶକୁ ୧.୫୩ ୟୁନିଟ ଯାନ ରପ୍ତାନି କରିଛି। ୨୦୧୮-୧୯ରେ ଏଥିରେ ବୃଦ୍ଧି ଘଟି ୧.୬୩ ଲକ୍ଷ ୟୁନିଟ ରହିଥିବା ହ୍ୟୁଣ୍ଡାଇ ପକ୍ଷରୁ ସୂଚନା ରହିଛି।

## ଶହୀଦଙ୍କ ପରିବାରକୁ କାନାରା ବ୍ୟାଙ୍କର ସହାୟତା

ଭୁବନେଶ୍ୱର,୫-୪

କାନାରା ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ସିବିଓଏ) ପକ୍ଷରୁ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ପ୍ରସନ୍ନ କୁମାର ସାହୁଙ୍କ ପରିବାର ବର୍ଗଙ୍କୁ ସହାୟତା ପ୍ରଦାନ କରାଯାଇଛି। ସିବିଓଏ ୫୦,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ସୂଚନା ରହିଛି। ଏହାର ଉପସଭାପତି ପି.କେ. ମହାନ୍ତି, ସହାୟକ ସାଧାରଣ ସମ୍ପାଦକ ଏସ୍.ଏନ୍.ତ୍ରିପାଠୀ ଏବଂ କ୍ଷେତ୍ରୀୟ ସମ୍ପାଦକ ଏଚ୍.କେ. ପଣ୍ଡା ପ୍ରମୁଖ ଜଗତସିଂହପୁର ଜିଲାର ଶିଖର ଗ୍ରାମରେ ଶହୀଦ ସାହୁଙ୍କ ପରିବାରକୁ ସାକ୍ଷାତ କରିବା ସହ ଅର୍ଥରାଶିର ଚେକ୍ ପ୍ରଦାନ କରିଛନ୍ତି।

## କାମ ଆୟୁର୍ବେଦର ନୂଆ ଷ୍ଟୋର

ଭୁବନେଶ୍ୱର,୫-୪

କାମ ଆୟୁର୍ବେଦ ପକ୍ଷରୁ ଏହାର ନୂଆ ଷ୍ଟୋର ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ କମ୍ପାନୀର ଟେକ୍ସ କେୟାର ବିଜନେସ ରିପ୍ରେଜେଣ୍ଟେଟିଭ ମିତାଲି ଉନ୍ମୋଚନ କରିଥିଲେ। ଓଡିଶା ବଜାରରେ ଏହା କାମ ଆୟୁର୍ବେଦର ପ୍ରଥମ ଷ୍ଟୋର। ନୂଆ ଷ୍ଟୋର ଦ୍ୱାରା ଗ୍ରାହକଙ୍କୁ ଆକର୍ଷଣୀୟ ତଥା ଗୁଣବତ୍ତା ସେବା ଯୋଗାଣ ନେଇ କମ୍ପାନୀ ଯୋଜନା ରଖିଛି। ଏଠାରେ ଗ୍ରାହକ କାମ କୁମଦ ମିରାକ୍ୟୁଲସ ଫ୍ଲୁଇଡ, ବ୍ରିଙ୍ଗଦି ଇଣ୍ଟେନସିଭ୍ ହେୟାର ଟ୍ରିଟମେଣ୍ଟ, ଶୁଦ୍ଧ ଗୋଲାପ ଜଳ ଏବଂ ଆୟୁର୍ବେଦିକ ନାଇଟ କ୍ରିମ ଭଳି ବିଭିନ୍ନ ପ୍ରଡକ୍ଟ ଲାଭ କରି ପାରିବେ। ଶିକ୍ଷା ତଥା ଆଇଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ରାଜ୍ୟ ହୋଇଥିବା ବେଳେ ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଛୁ ବୋଲି କାମ ଆୟୁର୍ବେଦର ପ୍ରତିଷ୍ଠାତା ତଥା ସିଇଓ ବିବେକ ସାହାନୀ ଏହି ଅବସରରେ ସୂଚନା ଦେଇଛନ୍ତି।

## କାଇଜାଲା ଆପ୍ ସହ ଯୋଡ଼ି ହେବେ ରେଲୱେ କର୍ମଚାରୀ

ଭୁବନେଶ୍ୱର,୫-୪

ଭାରତୀୟ ରେଳବାଇର ୩ ନିୟୁତ କର୍ମଚାରୀ କାଇଜାଲା ମୋବାଇଲ ଆପ୍ ସହ ଯୋଡି ହେବେ। ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ରେଳକର୍ମଚାରୀମାନେ ମାଇକ୍ରୋସଫ୍ଟର ଏହି ମୋବାଇଲ ଆପ୍ ସହ ଯୋଡି ହେବେ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ରେଲୱେ ବୋର୍ଡର ଅଧ୍ୟକ୍ଷ ବିନୋଦ କୁମାର ଯାଦବ ଏହି ଆପ୍ଲିକେଶନକୁ ନିକଟରେ ଉଦ୍‌ଘାଟନ କରିଛନ୍ତି। ରେଲୱେ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୩୩ଟି ଏବଂ ୧୨୫ଟି ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଦିଗରେ ଏହି ଆପ୍ ସହାୟତା କରିବ। ଏହି ଆପ୍ ଗ୍ରୁପ କେତେକ ଡାକ୍ତର ମଣ୍ଡଳୀ, ପାରାମେଡିକାଲ ଷ୍ଟାଫ୍ ଓ ନର୍ସମାନଙ୍କ ଦ୍ୱାରା ପରିଚାଳିତ ହେବ। ଭିଡ଼ିଓ କନ୍‌ଫରେନ୍ସି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 9693 /ଭୁ.ଉ.କ., ଭୁବନେଶ୍ୱର ତା30.03.19 ରିଖ
CPM-I-348/91

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ଆପାର୍ଟମେଣ୍ଟ ହାଉସିଂ ପ୍ରକଳ୍ପ ଅନ୍ତର୍ଗତ ଫେଜ୍-୧ ଗୃହ ନଂ. ଏମ୍.ଆଇ.ଜି-I-S-14/21 କୁ ଶ୍ରୀ ଶରତ କୁମାର ସେଠୀ, ପିତା- ଜୟକୃଷ୍ଣ ସେଠୀ, ଗ୍ରାମ- କପୁରୀସିଂହ, ପୋଅ-ଓରଣ୍ଡା, ଥାନା-ଗୁରୁଡିଝାଟିଆ, ଜିଲ୍ଲା-କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଶରତ କୁମାର ସେଠୀ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଭରତ କୁମାର ସାହୁ, ପିତା- କାଶୀନାଥ ସାହୁ, ଗ୍ରାମ/ପୋଅ- ଜଗନ୍ନାଥପ୍ରସାଦ, ଥାନା-ଗଣିଆ, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧

### ଜାରି ହେଲା ନୂଆ ଆଇଟିଆର୍ ଫର୍ମ

# ଜଣାଇବାକୁ ହେବ ଅଧିକ ତଥ୍ୟ

ନୂଆଦିଲ୍ଲୀ,୫-୪

ଆୟକର ବିଭାଗ ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ବ୍ୟକ୍ତିଗତ ତଥା କମ୍ପାନୀଙ୍କ ପାଇଁ ନୂଆ ଆୟକର ରିଟର୍ନ (ଆଇଟିଆର) ଫର୍ମ ଜାରି କରିଛି। ଆୟକର ରିଟର୍ନ-୧ ଅର୍ଥାତ୍ 'ସହଜ'କୁ ଅପରିବର୍ତ୍ତିତ ରଖାଯାଇଛି। ଏହି ଫର୍ମ ଜରିଆରେ ଚାକିରିଆ ନିଜର ରିଟର୍ନ ଦାଖଲ କରିଥାନ୍ତି। ସେହିପରି ଆଇଟିଆର୍ ୨,୩,୪,୫,୬ ଏବଂ ୭ର କିଛି ଅଂଶକୁ ତର୍କସଙ୍ଗତ କରାଯାଇଛି। ବ୍ୟକ୍ତିଗତ ତଥା କମ୍ପାନୀଙ୍କୁ ୨୦୧୮-୧୯ରେ ହୋଇଥିବା ଆୟର ସୂଚନା ଦେଇ ଚଳିତ ଆର୍ଥିକ ବର୍ଷରେ ରିଟର୍ନ ଦାଖଲ କରିବାକୁ ହେବ। ଯେଉଁମାନଙ୍କର ଦରମା, ଗୋଟିଏ ଘର ଓ ସୁଧରୁ ମିଳୁଥିବା ଆୟକୁ ମିଶାଇ ବାର୍ଷିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବ ସେମାନେ ଆଇଟିଆର୍-୧ ଫର୍ମ ପୂରଣ କରି ଦାଖଲ କରିବେ। କୌଣସି କମ୍ପାନୀର ଡାଇରେକ୍ଟର ଅଥବା ଅଣତାଲିକାଭୁକ୍ତ ଇକ୍ୟୁଟି ଶେୟାରରେ ନିବେଶ କରିଥିବା ବ୍ୟକ୍ତି ଏହି ଆଇଟିଆର୍ ଫର୍ମ ଦାଖଲ କରିପାରିବେ ନାହିଁ। ଷ୍ଟାଣ୍ଡାର୍ଡ ଡିଡକ୍ସନ ବିକଳ୍ପ ସହିତ ଆଇଟିଆର୍-୧ଫର୍ମ ଆସିବ। ଆଇଟିଆର୍ ଦାଖଲ କଲା ବେଳେ ୨୦୧୮-୧୯ ବର୍ଷ ଲାଗି ଷ୍ଟାଣ୍ଡାର୍ଡ ଡିଡକ୍ସନ ବାବଦରେ ସର୍ବାଧିକ ୪୦ ହଜାର ଟଙ୍କା ଦାବି କରାଯାଇପାରିବ। ଯଦି ଟିକସଦାତାଙ୍କର ନିକଟରେ ଗୋଟିଏ ଘର ରହିଛି, ତେବେ ଆଇଟିଆର୍-୧ ଫର୍ମରେ ସେହି ଘରର ମାଲିକ ସେ ଅଛନ୍ତି ଅଥବା ଏହାକୁ ବିକି ଦେଇଛନ୍ତି ତାହା ଜଣାଇବାକୁ ହେବ। ଏହାଛଡ଼ା ଅନ୍ୟ ସୂତ୍ରରୁ ହେଉଥିବା ଆୟ ସମ୍ପର୍କରେ ମଧ୍ୟ ଉକ୍ତ ଫର୍ମରେ ସମ୍ପୂର୍ଣ୍ଣ ସୂଚନା ଦେବାକୁ ହେବ। ପୂର୍ବରୁ କେବଳ ଅନ୍ୟ ସ୍ରୋତ ସମ୍ପର୍କରେ ଜଣାଇବାକୁ ପଡୁଥିଲା। ସାଧାରଣତଃ ବ୍ୟାଙ୍କ ଆକାଉଣ୍ଟ ଓ ଫିକ୍ସ ଡିପୋଜିଟରୁ ମିଳୁଥିବା ସୁଧ ଆଦି ଅନ୍ୟ ସ୍ରୋତ ଆୟ ଭାବେ ଦର୍ଶାଯାଇଥାଏ। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦରମାରେ ମିଳୁଥିବା ଭତ୍ତା, ଅତିରିକ୍ତ ସୁବିଧା ଓ ଲାଭ ସମ୍ପର୍କରେ ଜଣାଇବାକୁ ହେବ। ନିଜ କମ୍ପାନୀରୁ ମିଳୁଥିବା ଅତିରିକ୍ତ ସୁବିଧା ସମ୍ପର୍କରେ ସୂଚନା ଦେବାକୁ ହେବ। ଏହାଛଡ଼ା ଘର ଭଡା ବାବଦରେ ଭତ୍ତା ମିଳୁଥିଲେ(ଟିକସରେ ଆଂଶିକ ଅଥବା ପୂର୍ଣ୍ଣ ଛାଡ଼ ମିଳେ), ତାହାର ମଧ୍ୟ ତଥ୍ୟ ଆଇଟିଆର୍-୧ରେ ଉଲ୍ଲେଖ କରିବାକୁ ହେବ। ଅଡିଟ ହେବାକୁ ନ ଥିବା ଆକାଉଣ୍ଟ ପାଇଁ ଆୟକର ରିଟର୍ନ ଦାଖଲର ଅନ୍ତିମ ସମୟସୀମା ଜୁଲାଇ ୩୧ ଧାର୍ଯ୍ୟ ହୋଇଛି।




नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul - 759 145, Odisha
CIN : L27203OR1981GOI000920
A NAVRATNA COMPANY

NOTICE INVITING TENDERS
Digitally signed online tenders are being invited from experienced bidders on OPEN / Two-part (E-tender) mode through Central Public Procurement Portal for the following jobs at NALCO,CPP Plant at Angul, Odisha :
1. NIT No. MC-4741, Name of the work : Replacement of damaged Tarfelt with APP membrane over TG building of unit # 7 to # 8, ESPs of unit # 1 to # 4 and CWPH.
2. NIT No. MC-4742, Name of the work : Transportation of Coal by Road from MCL, Talcher Coalfield to CPP, NALCO, Angul Including Handling of Coal & other related Services.
3. NIT No. MC-4745, Name of the work : Minor Overhauling of Turbine with other General Work.
For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to www.nalcoindia.com & http://eprocure.gov.in

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
F.No. J-11027(025)/2018-19/S&P Date: 05-04-2019
E-TENDER CALL NOTICE
Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for "(1) Nano Volume Spectrophotometer, (2) Spectrophotometer, (3) NB-UVB (Hand & Foot Machine), (4) Bubble CPAP at AIIMS, Bhubaneswar" in Two Bid System". The e-tender document along with last date of submission of the tender can be viewed and downloaded from the official website i.e. www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in. The sealed e-Tender will be received through Speed post/Reg. post/Courier/by hand only on or before due date & time by office of Sr. Procurement-Cum Store Officer, AIIMS, Bhubaneswar and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected. Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.
Sd/-
Sr. Procurement-Cum Store Officer
AIIMS, Bhubaneswar



ଅନ୍ୟ ରାଜ୍ୟ ଆସୋସିଏଶନଗୁଡ଼ିକରୁ ଅଫର ଆସୁଥିବାରୁ ମୁଁ ବିଦର୍ଭ ରଣ୍‌ଜୀ ଦଳର କୋଚ୍ ରହିବା ନେଇ ପୁନର୍ବିଚାର କରିପାରେ ।
– ଚନ୍ଦ୍ରକାନ୍ତ ପଣ୍ଡିତ, ପୂର୍ବତନ ଭାରତୀୟ ଉଇକେଟକିପର



ବିଭିନ୍ନ କଣ୍ଡିଶନ ସହିତ ଖାପ ଖୁଆଇ ବୋଲିଂ କରୁଥିବାରୁ ଜଣେ ନିର୍ଭରଯୋଗ୍ୟ ଫିଙ୍ଗର ସ୍ପିନର ଭାବେ ମୁଁ ତିଷ୍ଠି ରହିଛି ।
– ମହମ୍ମଦ ନବୀ, ଆଫଗାନିସ୍ତାନ କ୍ରିକେଟର

## ଆଜିର ମ୍ୟାଚ



ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ
ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ଅପରାହ୍ନ ୪ଟା

ସନରାଇଜର୍ସ ହାଇଦ୍ରାବାଦ
ବନାମ ମୁମ୍ବାଇ ଇଣ୍ଡିଆନ୍ସ
ପ୍ରସାରଣ
ସ୍ଥାନ : ହାଇଦ୍ରାବାଦ
ସମୟ : ରାତି ୮ଟା

ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### କାଠଯୋଡ଼ି-ସାର୍ତ୍ତୋଳ ଫାଇନାଲ

କଟକ ଅଫିସ,୫।୪-ଫୁଟ୍‌ବଲ କ୍ଲବ ଗ୍ୟାଲେକ୍ସି ପକ୍ଷରୁ ପ୍ୟାରିମୋହନ ସ୍କୁଲ ଗ୍ରାଉଣ୍ଡରେ ଅଲଓଡ଼ିଶା ସେଭେନ୍-ଏ ସାଇଡ୍ ଫୁଟବଲ ଟୁର୍ନାମେଣ୍ଟର ୧୬ବର୍ଷରୁ କମ୍ ବିଭାଗରେ କାଠଯୋଡ଼ି କ୍ଲବ ଓ ସାର୍ତ୍ତୋଳ କ୍ଲବ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ସେମି ମୁକାବିଲାରେ କାଠଯୋଡ଼ି ୨-୦ ଗୋଲରେ ରାଇଜିଂ ଷ୍ଟାର କ୍ଲବକୁ ଓ ସାର୍ତ୍ତୋଳ ୪-୩ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଭେଟେରାନ ଓ ସିନିୟର ବିଭାଗର ସେମିଫାଇନାଲ ମ୍ୟାଚ ଖେଳାଯିବ ।

### ବେଙ୍ଗଲଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୫।୪- ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୮୦ରନରେ ବେଙ୍ଗଲଠାରୁ ପରାସ୍ତ ହୋଇଛି। ୮ଟି ମ୍ୟାଚ୍ ଖେଳିସାରିଥିବା ଓଡ଼ିଶାର ଏହା ୫ମ ପରାଜୟ। ୨ଟି ବିଜୟ ଓ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ଓଡ଼ିଶା ଏଲିଟ୍ ଗ୍ରୁପ-ଏ ଆଣ୍ଡ ବି ପଏଣ୍ଟ ଟେବୁଲର ୧୩ତମ ସ୍ଥାନରେ ରହିଛି। ଶୁକ୍ରବାର ମ୍ୟାଚ୍‌ରେ ବେଙ୍ଗଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଓପନର ଦୀପ୍ତିଙ୍କ ୧୦୪ରନର ଇନିଂସ ବଳରେ ଦଳ ୭ ଉଇକେଟ ହରାଇ ୨୩୪ରନ କରିଥିଲା। ଓଡ଼ିଶା ପକ୍ଷରୁ ଲୁଇସା ଦାସ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୯ଉଇକେଟ ବିନିମୟରେ ୧୫୪ରନ କରିଥିଲା। ଅଞ୍ଜଳି ସିଂ ସର୍ବାଧିକ ୩୭ ରନ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍ସଓମ୍ୟାନ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ। ବେଙ୍ଗଲ ଅଧିନାୟିକା ତନୁଶ୍ରୀ ସରକାର, ଦୀପ୍ତି ଓ ଏସ୍.ପି ଆଇଚଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା ।

### ଦ୍ୱନ୍ଦ୍ୱରେ ସିଏସ୍‌କେ

ଚେନ୍ନାଇ,୫।୪- ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳ ଏବେ ଦ୍ୱନ୍ଦ୍ୱରେ ପଡ଼ିଛି। ଦଳର ଷ୍ଟାର ଅଲରାଉଣ୍ଡ ଡ୍ୱେନ ବ୍ରାଭୋ ଶନିବାର ଚେପକଠାରେ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଖେଳିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ସିଏସ୍‌କେ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସ୍ପଷ୍ଟ କରିଛନ୍ତି ଯେ, ବ୍ରାଭୋଙ୍କ ମାଂସପେଶୀ ଟାଣି ହୋଇଯାଇଛି। ସ୍କାନ କରାଯିବା ପରେ ବ୍ରାଭୋଙ୍କ ସମ୍ପର୍କରେ କିଛି କୁହାଯାଇ ପାରିବ। ସେ ଗତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ଅନୁପସ୍ଥିତିରେ ଆଗାମୀ ମ୍ୟାଚ୍‌ରେ ସିଏସ୍‌କେ ଦଳ ସ୍କଟ କୁଗେଲେଜିନଙ୍କୁ ଆଇପିଏଲ ପଦାର୍ପଣ କରିବାକୁ ସୁଯୋଗ ଦିଆଯାଇପାରେ। ପୂର୍ବରୁ ଡେଭିଡ ୱିଲି ବ୍ୟକ୍ତିଗତ କାରଣ ଯୋଗୁ ଚଳିତ ଆଇପିଏଲରୁ ଓହରି ଯାଇଛନ୍ତି। ଏଥିଯୋଗୁ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର କୁଗେଲେଜିନଙ୍କୁ ସୁଯୋଗ ମିଳବାର ବିଶେଷ ସମ୍ଭାବନା ରହିଛି।

### ଅନିଶ୍ଚିତତାରେ ଅଣ୍ଡରଟେକରଙ୍କ ରେସଲମାନିଆ

ନ୍ୟୁ ଜର୍ସି(ୟୁଏସ୍), ୫।୪- ଜଣାଶୁଣା ପେସାଦର ଡବ୍ଲ୍ୟୁଡବ୍ଲ୍ୟୁଇ ଷ୍ଟାର 'ଦ ଅଣ୍ଡରଟେକର' ଆଗାମୀ ରେସଲମାନିଆରେ ଅଂଶଗ୍ରହଣ କରିବା ନେଇ ଅନିଶ୍ଚିତତା ଲାଗି ରହିଛି। ଆଗାମୀ ରବିବାର ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟର ପ୍ରତ୍ୟେକ ମ୍ୟାଚ୍ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇସାରିଛି। ହେଲେ ଏଥିରେ ଅଣ୍ଡରଟେକରଙ୍କ ନାମ ସ୍ଥାନ ପାଇନାହିଁ। ଫଳରେ ଦୀର୍ଘ ୧୯ ବର୍ଷ ଧରି ତାଙ୍କର କ୍ରମାଗତ ରେସଲମାନିଆ ଖେଳିବା ଧାରା ଭଙ୍ଗ ହେବାର ସମ୍ଭାବନା ସୃଷ୍ଟି ହୋଇଛି।




ସାକ୍ରାମେଣ୍ଟୋ(କାଲିଫ୍): ଏନବିଏ ବାସ୍କେଟବଲ୍ ଟୁର୍ନାମେଣ୍ଟରେ କ୍ଲେଭେଲାଣ୍ଡ କାଭାଲିଅର୍ସ ବିପକ୍ଷ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚରେ ସାକ୍ରାମେଣ୍ଟୋ କିଙ୍ଗ୍ସ ଦଳର କୋରେ ବ୍ରିଓ୍ୱେର।

# ହାଇଦ୍ରାବାଦର ହ୍ୟାଟ୍ରିକ ବିଜୟ

ନୂଆଦିଲ୍ଲୀ, ୫।୪ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୯ଟି ବ ଲ ବାକିଥାଇ ୫ ଉଇକେଟରେ ପରାସ୍ତ କରି ସନରାଇଜର୍ସ ହାଇଦ୍ରାବାଦ ହ୍ୟାଟ୍ରିକ ବିଜୟ ହାସଲ କରିଛି। ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଗୁରୁବାର ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୮ ଉଇକେଟରେ ୧୨୯ ରନ କରିଥିଲା। ଜବାବରେ ହାଇଦ୍ରାବାଦ ୧୮.୩ ଓଭରରେ ୫ ଉଇକେଟ ବିନିମୟରେ ୧୩୧ ରନ କରି ବିଜୟୀ ହୋଇଥିଲା। ଏଥିସହିତ ହାଇଦ୍ରାବାଦ ତା'ର ତୃତୀୟ ବିଜୟ ହାସଲ କରିଥିବା ବେଳେ ଦିଲ୍ଲୀ ତୃତୀୟ ପରାଜୟ ବରଣ କରିଛି। ୪୮ରନର ଉପଯୋଗୀ ଇନିଂସ ଖେଳିଥିବା ହାଇଦ୍ରାବାଦ ଓପନର ଜନି ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୩୦ ରନର ସହଜ ବିଜୟ ଲକ୍ଷ୍ୟର ପିଛା କରି ହାଇଦ୍ରାବାଦ ଆରମ୍ଭରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଡେଭିଡ ୱାର୍ନର ଓ ଜନି ବେୟାରଷ୍ଟୋ ଓପନିଂ ଯୋଡ଼ିରେ ୪୧ ବଲରୁ ୬୪ ରନ ଯୋଗ କରିଥିଲେ। ୱାର୍ନର ୧୦ ରନ କରି କାଗିସୋ ରାବାଡ଼ାଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଏହାପୂର୍ବରୁ ପ୍ରଥମେ ବେୟାରଷ୍ଟୋ ୪୮ (୨୮ ବଲ, ୯ ଚୌକା, ୧ଛକା)ରନ କରି ରାହୁଲ ଟେଓ୍ୱାଟିଆଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ମନୀଷ ପାଣ୍ଡେ ୧୦ ରନ କରି ଇଶାନ୍ତ ଶର୍ମାଙ୍କ ବଲ୍‌ରେ ପୃଥ୍ୱୀ ଶ'ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ଅକ୍ଷର ପଟେଲଙ୍କ ବଲରେ ଶ୍ରେୟାସ ଆୟରଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୧୬ ରନ କରିଥିଲେ। ଦୀପକ ହୁଡା ୧୦ ରନ କରିଥିବା ବେଳେ ସନ୍ଦୀପ ଲାମିଚେନଙ୍କ ବଲ୍‌ରେ ରାବାଡ଼ାଙ୍କୁ କ୍ୟାଚ୍ ଦେଇଥିଲେ। ୟୁସୁଫ୍ ପଠାନ ୯ ରନ ଓ ମହମ୍ମଦ ନବୀ ୯ଟି ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୧୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଲାମିଚେନ, ଅକ୍ଷର, ରାବାଡ଼ା, ଟେଓ୍ୱାଟିଆ ଓ ଇଶାନ୍ତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ପକ୍ଷରୁ କେବଳ ଅଧିନାୟକ ଶ୍ରେୟାସ ଆୟରଙ୍କୁ ବାଦ୍ ଦେଲେ ବାକି ସବୁ ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ଆୟର ୪୧ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୪୩ ରନ କରି ସ୍ପିନର ରସିଦ ଖାଁଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଯୁବ ଓପନର ପୃଥ୍ୱୀ ଶ ୧୧, ଶିଖର ଧାୱନ ୧୨, କ୍ରିସ୍ ମୋରିସ ୧୭ ରନ କରି ଆଉଟ ହୋଇଥିଲେ। ତେବେ ଅକ୍ଷର ପଟେଲ ଦ୍ରୁତ ୨୩ ରନ (୧୩ ବଲ, ୧ ଚୌକା, ୨ ଛକା) କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଭୁବନେଶ୍ୱର କୁମାର, ମହମ୍ମଦ ନବୀ ଓ ସିଦ୍ଧାର୍ଥ କାଉଲ ଦୁଇଟି ଲେଖାଏ, ରସିଦ, ସନ୍ଦୀପ ଶର୍ମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଆକର୍ଷଣୀୟ ଶଟ୍ ଖେଳିବା ଅବସରରେ ଜନି ବେୟାରଷ୍ଟୋ ।

### ସଂକ୍ଷିପ୍ତ ସ୍କୋର

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୨୯/୮ (ଆୟର- ୪୩, ଅକ୍ଷର- ୨୩*, ମୋରିସ- ୧୭, ଧାୱନ- ୧୨, ପୃଥ୍ୱୀ- ୧୧, ଭୁବନେଶ୍ୱର- ୨/୨୭, ନବୀ- ୨/୨୧, କାଉଲ- ୨/୩୫, ରସିଦ- ୧/୧୮, ସନ୍ଦୀପ- ୧/୨୫) ।
- ସନରାଇଜର୍ସ ହାଇଦ୍ରାବାଦ ୧୮.୩ ଓଭରରେ ୧୩୧/୫ (ବେୟାରଷ୍ଟୋ- ୪୮, ନବୀ- ୧୭*, ଶଙ୍କର- ୧୬, ଲାମିଚେନ- ୧/୩୨, ଅକ୍ଷର-୧/୧୮, ରାବାଡ଼ା- ୧/୩୨, ଟେଓ୍ୱାଟିଆ- ୧/୧୦, ଇଶାନ୍ତ- ୧/୫)

# ଧୋନୀ– ଅଶ୍ୱିନ ଲଢେଇ ଆଜି

ଚେନ୍ନାଇ,୫।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶନିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଲିଗ୍‌ର ଏହି ୧୮ତମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ମଧ୍ୟରେ ନେତୃତ୍ୱର ଲଢେଇ ହେବ। କଠିନ ତଥା ପ୍ରତିକୂଳ ପରିସ୍ଥିତିରେ ଧୋନୀଙ୍କ ଶାନ୍ତ ଓ ଧୀର ଏବଂ ଅଶ୍ୱିନଙ୍କ ଆକ୍ରମଣାତ୍ମକ ସ୍ୱଭାବ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ପରାଜୟବରଣ କରିଛନ୍ତି। ସମାନ ୬ ଲେଖାଏ ପଏଣ୍ଟ ପାଇଥିଲେ ମଧ୍ୟ ନେଟ ରନ ରେଟ୍ ଦୃଷ୍ଟିରୁ ପଞ୍ଜାବ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଚେନ୍ନାଇ ତୃତୀୟ ସ୍ଥାନରେ ରହିଛି। ତେଣୁ ଏହି ମ୍ୟାଚ୍ ଜିତି ଉଭୟ ଦଳ ଅନ୍ୟକୁ ପଛରେ ପକାଇ ଉପରକୁ ଉଠିବାକୁ ଚେଷ୍ଟା କରିବ। କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାସ୍ତ ହୋଇଥିଲା। ତେଣୁ ଚେନ୍ନାଇ ପୁଣିଥରେ ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ରହିଛି। ଏମ୍. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଗତ ଦୁଇଟି ମ୍ୟାଚ୍‌ରେ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିଲା ଓ ମ୍ୟାଚ୍‌ଗୁଡିକ ଲୋ-ସ୍କୋରିଂ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମାତ୍ର ୭୦ ରନରେ ଅଲଆଉଟ ହୋଇଥିଲା। ଚେନ୍ନାଇକୁ ଏହି ମ୍ୟାଚ୍ ଜିତିବା ପାଇଁ ସାମାନ୍ୟ ସଂଘର୍ଷ କରିବାକୁ ପଡିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ହରାଇବା ପାଇଁ ଚେନ୍ନାଇକୁ ଝାଳ ବୁହାଇବାକୁ ପଡିଥିଲା। ଚେନ୍ନାଇର ସ୍ପିନ୍ ବିଭାଗ ବେଶ୍ ଦୃଢ। ସେହିପରି ଅଧିନାୟକ ଅଶ୍ୱିନଙ୍କ ସମେତ ପଞ୍ଜାବ ଦଳରେ ମୁଜିବ ଉର ରହମାନ, ଏମ୍. ଅଶ୍ୱିନ୍, ବିସ୍ମୟ ବୋଲର ସି.ଭି. ବରୁଣଙ୍କ ଭଳି କ୍ୱାଲିଟି ସ୍ପିନର ରହିଛନ୍ତି। ପଞ୍ଜାବର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲଙ୍କୁ ଘରୋଇ ବୋଲର ବେଶ୍ ସତର୍କତାର ସହ ବୋଲିଂ କରିବେ। ଗତ ୧ତାରିଖରେ ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଗେଲ ଖେଳି ନ ଥିଲେ। ଗେଲ୍‌ଙ୍କ ବିନା ଅନ୍ୟ ଖେଳାଳିଙ୍କ ପ୍ରଦର୍ଶନକୁ ପାଥେୟ କରି ବିଜୟୀ ହୋଇପାରିବ ବୋଲି ପଞ୍ଜାବ ସନ୍ଦେଶ ଦେବାକୁ ଚାହୁଁଥିଲା। ଅନ୍ୟପଟେ ଦଳଗତ ପ୍ରଦର୍ଶନକୁ ପାଥେୟ କରି ଚେନ୍ନାଇ ବିଜୟୀ ହୋଇଛି ଓ ଏହି ଲକ୍ଷ୍ୟରେ ମଧ୍ୟ ରହିଛି। ତେବେ ଓପନର ଅମ୍ବାତି ରାୟୁଡୁଙ୍କ ଫର୍ମକୁ ନେଇ ଚେନ୍ନାଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ଅଛି। ରାୟୁଡୁଙ୍କ ବଳରେ ମୁରଲୀ ବିଜୟଙ୍କୁ ସୁଯୋଗ ଦିଆଯାଇ ପାରେ। ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ହାମଷ୍ଟ୍ରିଂ ଇଞ୍ଜୁରିର ଶିକାର ହୋଇଥିବା ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଏହି ମ୍ୟାଚ୍ ଖେଳିବା ନେଇ ଆଶଙ୍କା ଦେଖାଦେଇଛି। ବ୍ରାଭୋ ଅନୁପସ୍ଥିତ ରହିଲେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ସ୍କଟ କୁଗେଲେଜିନ ଖେଳି ପାରନ୍ତି। ମୋହିତ ଶର୍ମା କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ ଚେନ୍ନାଇ ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଇପାରେ। ପୂର୍ବରୁ ଚେନ୍ନାଇର ସଦସ୍ୟ ଥିବା ଅଶ୍ୱିନ ତାଙ୍କ ନେତୃତ୍ୱରେ ଚେନ୍ନାଇକୁ ହରାଇବା ପାଇଁ ସବୁମତେ ଚେଷ୍ଟା କରିବେ ବୋଲି ଆଶା କରାଯାଉଛି।



ରବିଚନ୍ଦ୍ରନ ଅଶ୍ୱିନ, ମହେନ୍ଦ୍ର ସିଂ ଧୋନୀ।

# ହାଇଦ୍ରାବାଦକୁ ଭେଟିବ ମୁମ୍ବାଇ

ହାଇଦ୍ରାବାଦ,୫।୪(ପି.ଟି.)

ଚଳିତ ଆଇପିଏଲ୍‌ରେ ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ଓ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ଲିଗ୍‌ର ଏହି ୧୯ତମ ମ୍ୟାଚ୍‌ରେ ଦୁଇ ହାଇଦ୍ରାବାଦ ଓପନର ଜନି ବେୟାରଷ୍ଟୋ ଓ ଡେଭିଡ ୱାର୍ନରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ହାଇଦ୍ରାବାଦ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ହାଇଦ୍ରାବାଦ ଦୃଢ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ୩ଟି ବିଜୟ ହାସଲ କରିଥିଲା। ହାଇଦ୍ରାବାଦ ପଥମେ କୋଲକାତା ନାଇଟ୍ ରାଇଡର୍ସଠାରୁ ହାରିଥିଲା। ତେବେ ପରେ ରାଜସ୍ଥାନ, ବାଙ୍ଗାଲୋର ଓ ଦିଲ୍ଲୀକୁ ହରାଇ ହ୍ୟାଟ୍ରିକ ବିଜୟ ହାସଲ କରିଥିଲା। ଅନ୍ୟପଟେ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ବରଣ କରି ୪ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ହ୍ୟାଟ୍ରିକ ବିଜୟ ହାସଲ କରିଥିବା ହାଇଦ୍ରାବାଦର ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି ମୁମ୍ବାଇ। କ୍ରମାଗତ ୩ଟି ବିଜୟ ହାସଲ କରିଥିବା ଚେନ୍ନାଇକୁ ଗତ ମ୍ୟାଚ୍‌ରେ ହରାଇ ମୁମ୍ବାଇ ମଧ୍ୟ ଆତ୍ମବିଶ୍ୱାସ ହାସଲ କରିବା ସହ ଲୟକୁ ଫେରିଛି। ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଇଞ୍ଜୁରି କାରଣରୁ ଅଧିନାୟକ କେନ୍ ୱିଲିୟମସନଙ୍କ ବିନା ହାଇଦ୍ରାବାଦ ପଡିଆକୁ ଓହ୍ଲାଇଥିଲା। ଭୁବନେଶ୍ୱର କୁମାରଙ୍କ ନେତୃତ୍ୱରେ ମହମ୍ମଦ ନବୀ, ରସିଦ ଖାଁ, ସିଦ୍ଧାର୍ଥ କାଉଲଙ୍କୁ ନେଇ ହାଇଦ୍ରାବାଦ ବୋଲିଂ ବେଶ୍ ଦୃଢ ମନେହେଉଛି। ହାଇଦ୍ରାବାଦର ଦୁଇ ଓପନିଂ ଯୋଡି ୱାର୍ନର ଓ ବେୟାରଷ୍ଟୋ ପୁଣି କମାଲ କରିବେ ବୋଲି ଆଶା କରାଯାଉଛି। ଏହି ଯୋଡି କ୍ରମାଗତ ତୃତୀୟଥର ପାଇଁ ପ୍ରଥମ ଉଇକେଟ ଯୋଡିରେ ୧୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି।


ଅପରପକ୍ଷରେ ଅଧିନାୟକ ରୋହିତ ଶର୍ମା, ଯୁବରାଜ ସିଂ, ସୂର୍ଯ୍ୟକୁମାର ଯାଦବ, କ୍ୱିଣ୍ଟନ ଡିକକ୍, କିରନ ପୋଲାର୍ଡ ଓ ପାଣ୍ଡ୍ୟା ବ୍ରଦର୍ସଙ୍କୁ ନେଇ ମୁମ୍ବାଇ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ ମନେହେଉଛି। ତେବେ ଦକ୍ଷତା ଅନୁଯାୟୀ ମୁମ୍ବାଇର ବ୍ୟାଟିଂ ପ୍ରଦର୍ଶନ ଉଚ୍ଚକୋଟୀର ହୋଇପାରି ନାହିଁ। ତେବେ ଚେନ୍ନାଇକୁ ହରାଇବା ପରେ ମୁମ୍ବାଇ ବ୍ୟାଟିଂ ଲୟକୁ ଫେରିବା ପରି ମନେହେଉଛି। ଚେନ୍ନାଇ ବିପକ୍ଷରେ ମୁମ୍ବାଇ ଏକଦା ୮ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ତେବେ ସୂର୍ଯ୍ୟକୁମାର ଯାଦବ ୫୯ ଓ କ୍ରୁନାଲ ପାଣ୍ଡ୍ୟା ୪୨ ରନ କରି ମୁମ୍ବାଇକୁ ସମ୍ମାନଜନକ ୧୭୦ ରନ ସ୍କୋର ପ୍ରଦାନ କରିଥିଲେ। ଲସିଥ ମାଲିଙ୍ଗା, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ମୟଙ୍କ ମାର୍କଣ୍ଡେଙ୍କୁ ନେଇ ମୁମ୍ବାଇ ବୋଲିଂ ମଧ୍ୟ ବେଶ୍ ଶକ୍ତିଶାଳୀ ମନେହେଉଛି।

# ଶ୍ରୀସନ୍ଥଙ୍କ ଦଣ୍ଡାଦେଶର ପୁନଃ ବିଚାର କରିବେ ବିସିସିଆଇ ଅମ୍ବୁଡ୍‌ସମ୍ୟାନ

ନୂଆଦିଲ୍ଲୀ,୫।୪(ପିଟି)



ସୁପ୍ରିମକୋର୍ଟ ଶୁକ୍ରବାର ବିସିସିଆଇର ଅମ୍ବୁଡ୍‌ସମ୍ୟାନ ଜଷ୍ଟିସ ଡି. କେ. ଜୈନଙ୍କୁ ୩ ମାସ ମଧ୍ୟରେ ପୂର୍ବତନ ଭାରତୀୟ ପେସର ଏସ୍. ଶ୍ରୀସନ୍ଥଙ୍କ ଦଣ୍ଡାଦେଶକୁ ପୁନଃ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅଶୋକ ଭୂଷଣ ଓ କେ. ଏମ୍. ଜୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ବିସିସିଆଇ ପକ୍ଷରୁ କରାଯାଇଥିବା ଏକ ଆବେଦନର ଶୁଣାଣି କରି ଏହା କହିଛନ୍ତି। ୨୦୧୩ ଆଇପିଏଲ ସ୍ପଟ୍ ଫିକ୍ସିଂକୁ ନେଇ ଶ୍ରୀସନ୍ଥଙ୍କୁ ଦଣ୍ଡ ବିଧାନ କରିଥିବା ଡିସିପ୍ଲିନାରୀ କମିଟି ଏବେ କାର୍ଯ୍ୟକ୍ଷମ ନୁହେଁ। ଏଣୁ ଏହି ମାମଲାର ପୁନଃ ବିଚାର ଦାୟିତ୍ୱ ଅମ୍ବୁଡ୍‌ସମ୍ୟାନଙ୍କୁ ଦିଆଯାଇଛି। ଗତ ମାସ ୧୫ ତାରିଖରେ ଦେଶର ସର୍ବୋଚ୍ଚ କୋର୍ଟ ବିସିସିଆଇର ଡିସିପ୍ଲିନାରୀ କମିଟିକୁ ଶ୍ରୀସନ୍ଥଙ୍କ ଆଜୀବନ ବାସନ୍ଦାଦେଶ ଉପରେ ପୁନଃ ବିଚାର କରିବାକୁ କହିଥିଲା। କୋର୍ଟ ଆହୁରି କହିଛନ୍ତି ତାଙ୍କର ଏହି ରାୟ ଦିଲ୍ଲୀ ହାଇକୋର୍ଟରେ ଶ୍ରୀସନ୍ଥଙ୍କ ବିରୋଧରେ ଚାଲିଥିବା ଆପରାଧିକ ମାମଲା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ୨୦୧୩ ମେ'ରେ ଆଇପିଏଲ ସ୍ପଟ୍ ଫିକ୍ସିଂରେ ଜଡ଼ିତଥିବା ଅଭିଯୋଗରେ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ଶ୍ରୀସନ୍ଥ, ଅଙ୍କିତ ଚୌହ୍ୱାନ ଓ ଅଜିତ ଚାଣ୍ଡେଲା ଗିରଫ ହୋଇଥିଲେ। ୩ ଜଣ ଖେଳାଳିଙ୍କୁ ପରବର୍ତ୍ତୀ ସମୟରେ ବିସିସିଆଇ ପକ୍ଷରୁ ଆଜୀବନ ବାସନ୍ଦ କରାଯାଇଥିଲା। କୌଣସି ପ୍ରମାଣ ନ ମିଳିବାରୁ ୨୦୧୫ରେ ଦିଲ୍ଲୀ ହାଇକୋର୍ଟ ଶ୍ରୀସନ୍ଥ, ଚାଣ୍ଡେଲା ଓ ଅଙ୍କିତଙ୍କୁ ସ୍ପଟ୍ ଫିକ୍ସିଂ ମାମଲାରୁ ଦୋଷ ମୁକ୍ତ କରିଥିଲେ। ହେଲେ ଦିଲ୍ଲୀ ପୋଲିସ ଏହି ନିଷ୍ପତ୍ତିକୁ ବିରୋଧ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ହଂକଂ: ବିଶ୍ୱ ରଗ୍‌ବୀ ମହିଳା ସେଭେନ୍ସ ସିରିଜ କ୍ୱାଲିଫାୟର ୨୦୧୯ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଜାପାନର ମାତେତୋଗା ବୋଗିଦ୍ରମେନାଦେଭ (ଡାହାଣ)ଙ୍କୁ ରୋକିବାକୁ ଚେଷ୍ଟାକରୁଛନ୍ତି ସ୍କଟଲାଣ୍ଡର ଲିସା ଥମସନ।

“ ଯେତେବେଳେ ଏକ ଦଳ କ୍ରମାଗତ ଭଲ ପ୍ରଦର୍ଶନ କରିଚାଲେ ଅଧିନାୟକଙ୍କୁ ଦାୟିତ୍ୱ ତୁଲାଇବା ସହଜ ହୋଇଯାଇଥାଏ ।

– ଭୁବନେଶ୍ୱର କୁମାର, ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ



“ କ୍ରିକେଟର କେ.ଏଲ. ରାହୁଲ ମହିଳାମାନଙ୍କୁ ଖୁବ୍ ସମ୍ମାନ ଦେଇଥାନ୍ତି, ସେ 'କଫି ୱିଥ୍ କରନ' ବିବାଦରେ ଫସିଯିବା ଦୁଃଖର ବିଷୟ ।

– ପ୍ରୀତି ଜିଣ୍ଟା, ଅଭିନେତ୍ରୀ ତଥା କିଙ୍ଗ୍ସ ଇଲେଭେନ ପଞ୍ଜାବ ସହମାଲିକାଣୀ



## ସଂକ୍ଷେପରେ

### ନୀରଜ, ସିନ୍ଧୁଙ୍କୁ ପୁରସ୍କାର

କୁଆଲାଲମ୍ପୁର,୫।୪(ପିଟି)- ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି.ଭି.ସିନ୍ଧୁ ଓ ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଶୁକ୍ରବାର ଚଳିତ ବର୍ଷର ଶ୍ରେଷ୍ଠ ମହିଳା ଓ ପୁରୁଷ କ୍ରୀଡ଼ାବିତ ଭାବେ ଇଏସ୍‌ପିଏନ୍ ମଲ୍ଟି ସ୍ପୋର୍ଟ୍ସ ପୁରସ୍କାର ମିଳିଛି। ବିଡବ୍ଲୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଟାଇଟଲ ହାତେଇବା ସହ ୨୦୧୮ ସିଜନରେ ଭଲ ପ୍ରଦର୍ଶନ ପାଇଁ ଚଳିତ ବର୍ଷର ଶ୍ରେଷ୍ଠ ମହିଳା ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜଙ୍କୁ ଶ୍ରେଷ୍ଠ ପୁରୁଷ କ୍ରୀଡ଼ାବିତ ଭାବେ ଚୟନ କରାଯାଇଛି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଧାରୀ ସାଇନାଙ୍କୁ କମ୍‌ବ୍ୟାକ ଅଫ୍ ଦ ଇୟର ପୁରସ୍କାର ଏବଂ ଭାରତୀୟ ଶୁଟିଂ ଦଳର କୋଚ୍ ଜୟପାଲ ରାଣାଙ୍କୁ କୋଚ୍ ଅଫ୍ ଦ ଇୟର ପୁରସ୍କାର ମିଳିଛି। ରାଣାଙ୍କ ନେତୃତ୍ୱରେ ଭାରତୀୟ ଶୁଟିଂ ଦଳ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୬ ପଦକ ଜିତିଥିଲା। ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମହିଳା ଟେବୁଲ ଟେନିସ ଦଳକୁ ଟିମ୍ ଅଫ୍ ଦ ଇୟର ପୁରସ୍କାର ଦିଆଯାଇଛି।

### ମାଙ୍କଡିଙ୍ଗ୍ ନେଇ ମୁହଁ ଖୋଲିଲେ ଅଶ୍ୱିନ

ନୂଆଦିଲ୍ଲୀ,୫।୪(ପିଟି)-ଭାରତୀୟ ଷ୍ଟାର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋସ୍ ବଟଲରଙ୍କୁ ମାଙ୍କଡିଙ୍ଗ୍ ଆଉଟ୍ କରିବା ପରେ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ସେ ଶୁକ୍ରବାର ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଲୋକେ କ'ଣ ଅନୁଭବ କରୁଛନ୍ତି, ତାହା ସେମାନେ କହିପାରିବେ। ମାତ୍ର ମୋତେ ଭଲେନ୍ କହିପାରିବ ନାହିଁ। ନିଜକୁ ବଞ୍ଚାଇବା ଲାଗି ମୋର କିଛି କହିବାର ନାହିଁ। ବଟଲରଙ୍କୁ ମାଙ୍କଡିଙ୍ଗ ଆଉଟ୍ କରିବା ଯୋଜନାବଦ୍ଧ ନ ଥିଲା। ସେ ୪ରୁ ୫ ଥର ବଲ ପଡ଼ିବା ପୂର୍ବରୁ କ୍ରିଜ୍ ଛାଡ଼ି ଆଗକୁ ବଢ଼ିଥିଲେ। ବ୍ୟାଟ୍ସମ୍ୟାନ କ୍ରିଜ୍‌ରୁ ବାହାରକୁ ଗଲେ ଉଇକେଟରୁ ବଲ ସହ ବେଲ ଉଡାଇବା ନିୟମ ରହିଛି। ଏଥିରେ ମୁଁ କିଛି ଭୁଲ କରିଥିବା ଅନୁଭବ କରୁନାହିଁ। ଏଣୁ ପଶ୍ଚାତାପ କରିବାର ପ୍ରଶ୍ନ ଉଠୁନାହିଁ। କେହି ବ୍ୟାଟ୍ସମ୍ୟାନଙ୍କୁ କ୍ରିଜ୍‌ରେ ରହିବାକୁ କହି ନ ଥିଲେ। କିନ୍ତୁ କ୍ରିଜ୍ ମଧ୍ୟରେ ରହିବା ବଟଲରଙ୍କ ଦାୟିତ୍ୱ ଥିଲା ବୋଲି ଅଶ୍ୱିନ ଏକ ସାକ୍ଷାତକାରରେ କହିଛନ୍ତି। ଏଥିସହିତ ସେ ଆହୁରି କହିଛନ୍ତି, ମୋର ଯେଉଁମାନେ ନିକଟତର ସେମାନେ ଜାଣନ୍ତି ମୁଁ କଦାପି କିଛି ଭୁଲ କରିବି ନାହିଁ।

### ମାଲେସିଆ ଓପନରେ ହାରିଲେ ଶ୍ରୀକାନ୍ତ

କୁଆଲାଲମ୍ପୁର,୫।୪(ପିଟି)- ଭାରତୀୟ ପୁରୁଷ ଶଟଲର କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ଓପନ କ୍ୱାର୍ଟର ଫାଇନାଲରେ ଅଲିମ୍ପିକ୍ ଚାମ୍ପିୟନ ଚେନ୍ ଲଙ୍ଗଙ୍କଠାରୁ ହାରିଯାଇଛନ୍ତି। ଏଥିସହ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି। ଇଣ୍ଡିଆ ଓପନ ଫାଇନାଲିଷ୍ଟ ୮ମ ସିଡ୍ ଭାରତୀୟ ଖେଳାଳି ୧୮-୨୧, ୧୯-୨୧ ଗେମ୍‌ରେ ହାରି ଯାଇଛନ୍ତି। ଚଳିତ ସିଜନରେ ଏହା ଥିଲା ଶ୍ରୀକାନ୍ତଙ୍କ ୪ର୍ଥ କ୍ୱାର୍ଟର ଫାଇନାଲ। ମ୍ୟାଚ୍‌ର ପ୍ରଥମ ଗେମ୍‌ରେ ଏକଦା ଶ୍ରୀକାନ୍ତ ୧୬-୧୧ ପଏଣ୍ଟରେ ଆଗୁଆ ଥିଲେ। ହେଲେ ସେ ଅଗ୍ରଣୀ ବ୍ୟବଧାନକୁ ବଜାୟ ନ ରଖିପାରି ଗେମ୍ ହାତଛଡ଼ା କରିଥିଲେ। ଦ୍ୱିତୀୟ ଗେମ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ ଆହୁରି କଡ଼ା ସଂଘର୍ଷ ହୋଇଥିଲା। ଦୁଇ ଖେଳାଳି ୧୮-୧୮ ଓ ୧୯-୧୯ ଭଳି ବରାବର ସ୍ଥିତିରେ ଥିଲେ। କିନ୍ତୁ ଶେଷରେ ଚାଇନିଜ ଖେଳାଳି ବାଜି ମାରି ନେଇଥିଲେ। ୨୬ବର୍ଷୀୟ ଖେଳାଳିଙ୍କ ଚାଇନିଜ ଖେଳାଳି ଚେନ୍‌ଙ୍କ ବିପକ୍ଷରେ ଏହା ୫ମ ପରାଜୟ।

### ବୟୋଜ୍ୟେଷ୍ଠ ପ୍ରଶଂସକଙ୍କୁ ଭେଟିଲେ ଧୋନୀ

ମୁମ୍ବାଇ,୫।୪- ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବୟୋଜ୍ୟେଷ୍ଠ ପ୍ରଶଂସକଙ୍କୁ ଭେଟି ବିଭିନ୍ନ ବୟସ ବର୍ଗର ପ୍ରଶଂସକଙ୍କ ମନ ଜିତିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ପରେ ଜଣେ ବୃଦ୍ଧା ମହିଳାଙ୍କ ସମେତ ଦୁଇ ଜଣ ପ୍ରଶଂସକ ଧୋନୀଙ୍କୁ ଝଲକ ପାଇବା ପାଇଁ ଡ୍ରେସିଂ ରୁମ ବାହାରେ ଅପେକ୍ଷା କରିଥିଲେ। ଧୋନୀ ସେମାନଙ୍କୁ ନିରାଶ କରି ନ ଥିଲେ। ଡ୍ରେସିଂ ରୁମ୍‌ରୁ ଆସି ଧୋନୀ ସେମାନଙ୍କ ୫ ସହ ମିନିଟ୍ କଥା ହୋଇଥିଲେ। ଏହପରେ ଧୋନୀ ସେଲ୍ଫି ନେବା ସହ ଦୁଇ ପ୍ରଶଂସକଙ୍କୁ ଅଟୋଗ୍ରାଫ ଦେଇଥିଲେ। ବୃଦ୍ଧାଙ୍କ ସହ ଥିବା ଯୁବତି ଧୋନୀଙ୍କୁ ନମସ୍କାର କରିଥିଲେ। ଉକ୍ତ ବୃଦ୍ଧା ମହିଳାଙ୍କ ହାତରେ ଏକ ପ୍ଲାକାର୍ଡ ଥିଲା, ଯେଉଁଥିରେ ମୁଁ କେବଳ ଧୋନୀଙ୍କ ପାଇଁ ଏଠାରେ ବୋଲି ଲେଖା ଥିଲା।

# ଗୋଆ ବନାମ ଜାମସେଦପୁର

ଭୁବନେଶ୍ୱର, ୫।୪(କ୍ରୀଡ଼ା ପ୍ରତିନିଧି)




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ହେବାକୁଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଏଫ୍‌ସି ଗୋଆ ଓ ଜାମସେଦପୁର ଏଫସି ମଧ୍ୟରେ ମୁକାବିଲା ହେବ। ଏହାର ବିଜେତା ୯ ତାରିଖରେ ସେମିଫାଇନାଲରେ ଚେନ୍ନାଇ ସିଟି ଏଫସିକୁ ଭେଟିବ। ଉଭୟ ଗୋଆ ଓ ଜାମସେଦପୁର ଏଫସି ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଖେଳି ଏଠାକୁ ଆସିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଏଫସି ଗୋଆ ୩-୦ ଗୋଲରେ ଇଣ୍ଡିଆନ ଆରୋଜକୁ ହରାଇଥିବାବେଳେ ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ଓହରିଯିବାରୁ ଜାମସେଦପୁର ଏଫସି ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଫୁଟବଲରେ ଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ବେଶ୍ ଜଣାଶୁଣା। ଗତ ୨ ସିଜନ ଧରି ଏହି ଦୁଇ ଦଳର ମ୍ୟାଚ ବେଶ୍ ଉତ୍ତେଜନାପୂର୍ଣ୍ଣ ରହି ଆସିଛି। ସୁପର କପ୍ ଫୁଟବଲର ପ୍ରଥମ ସଂସ୍କରଣରେ ମଧ୍ୟ ଉଭୟ ଦଳ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିଥିଲେ। ମ୍ୟାଚରେ ୬ ଜଣ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଥିଲା। ଶେଷରେ ଏଫସି ଗୋଆ ୫-୧ ଗୋଲରେ ବିଜୟୀ ହୋଇଥିଲା।

ଚଳିତ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଅନ୍ୟତମ ଫେଭରାଇଟ ଦଳଭାବେ ଉଭା ହୋଇଛି ଏଫସି ଗୋଆ। ଗତ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ସିଜନରେ ଦଳ ଚମତ୍କାର ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ତେଣୁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଗୋଆ ସୁପରକପ୍‌ରେ ଅବତୀର୍ଣ୍ଣ ହୋଇଛି। ଇଣ୍ଡିଆନ ଆରୋଜ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ଦଳ ଏହାର ଏକ ନମୁନା ପ୍ରଦର୍ଶନ କରିସାରିଛି। ଆରୋଜ ବିପକ୍ଷରେ ଫେରାନ କୋରୋମିନାସ, ଇଡୁ ବେଡିଆ ଓ ହ୍ୟୁଗୋ ବୌମସ ଚମତ୍କାର ଟଚ୍‌ରେ ରହିଥିବା ପରିଲକ୍ଷିତ ହୋଇଥିଲା। ତେଣୁ ଜାମସେଦପୁର ବିପକ୍ଷରେ ଦଳର ପଲା ଭାରି ରହିବା ଆଶା କରାଯାଉଛି। ପ୍ରତିଯୋଗିତାର ଗତ ସଂସ୍କରଣରେ ସର୍ଗିଓ ଲୋବେରାଙ୍କ ଏଫସି ଗୋଆ ସେମିଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଇଷ୍ଟବେଙ୍ଗଲଠାରୁ ହାରି ବିଦାୟ ନେଇଥିଲା। ମାତ୍ର ଏଥର ଦଳ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବା ନେଇ ବେଶ୍ ଆଶାୟୀ।

ଜାମସେଦପୁର ଏଫସି ଗତ ଆଇଏସଏଲ ସିଜନ ଚମତ୍କାର ଭାବେ ଆରମ୍ଭ କରିଥିଲା। ମାତ୍ର ସିଜନ ଶେଷ ବେଳକୁ ଦଳର ପ୍ରଦର୍ଶନ ଦିଗହରା ହୋଇଥିଲା। ଫଳରେ ଦଳ ଶ୍ରେଷ୍ଠ ୪ ଦଳ ମଧ୍ୟରେ ରହିବାରେ ସକ୍ଷମ ହୋଇ ନ ଥିଲା। ଏବେ ପୁଣି ସତେଜ ମନରେ ସେସାର ଫର୍ନାଣ୍ଡୋଙ୍କ ଦଳ ସୁପର କପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ। ଚଳିତ ସୁପର କପ୍‌ରେ ଗୋଆ ଗୋଟିଏ ମ୍ୟାଚ ଖେଳି ସାରିଥିବାବେଳେ ଜାମସେଦପୁର ଦଳ ପ୍ରଥମଥର ପାଇଁ ପଡ଼ିଆକୁ ଓହ୍ଲାଇବାକୁ ଯାଉଛି। ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚର ୱାକଓଭର ଯୋଗୁ ଦଳ ନିଜର ଶକ୍ତି ପରୀକ୍ଷା କରି ପାରିନାହିଁ। ଏହା ବ୍ୟତୀତ ପ୍ଲେଇଂ କଣ୍ଡିଶନ ସହିତ ମଧ୍ୟ ଦଳ ପରିଚିତ ହୋଇ ପାରିନାହିଁ। ଚଳିତ ସିଜନରେ କିନ୍ତୁ ଗୋଆ ବିପକ୍ଷରେ ଜାମସେଦପୁରର ରେକର୍ଡ ଭଲ ରହିଛି। ୨୦୧୮ ନଭେମ୍ବରରେ ଜେଆରଡି ଟାଟା କମ୍ପ୍ଲେକ୍ସରେ ଏହି ଦଳ ଗୋଆକୁ ୪-୧ ଗୋଲରେ ହରାଇଥିବାବେଳେ ଚଳିତ ବର୍ଷ ପ୍ରାରମ୍ଭରେ ଗୋଟିଏ ପଏଣ୍ଟ ନେବାରେ ସକ୍ଷମ ହୋଇଥିଲା। ଗୋଆ ବିପକ୍ଷ ୪-୨ ବିଜୟରେ ଜାମସେଦପୁରର ମାଇକେଲ ସୋସାଇରାଜ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ସେ ଗୋଆ ଡିଫେନ୍ସକୁ ଭେଦ କରିବା ଲକ୍ଷ୍ୟରେ ରହିଛନ୍ତି।

# ସେମିରେ ଚେନ୍ନାଇ ସିଟି ଏଫ୍‌ସି

ଭୁବନେଶ୍ୱର,୫।୪(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପରକପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ଗତଥରର ଚାମ୍ପିୟନ୍ ତଥା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଟାଇଟଲ ବିଜେତା ବେଙ୍ଗାଲୁରୁ ଏଫ୍‌ସି ବିଦାୟ ନେଇଛି। ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆଇ- ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଏଫ୍‌ସିଠାରୁ ବେଙ୍ଗାଲୁରୁ ୨-୧ ଗୋଲରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଛି। ଏହି ଚାମ୍ପିୟନ ତଥା ହେଭିୱେଟ ମୁକାବିଲାରେ ବାଜିମାରି ଚେନ୍ନାଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ୧୫ତମ ମିନିଟରେ ଚେନ୍ନାଇର ନେଷ୍ଟୋର ଗୋରୋଡିଲୋ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୫ତମ ମିନିଟରେ ନେଷ୍ଟୋରଙ୍କ ଏକ ସୁନ୍ଦର ପାସକୁ ପେଡ୍ରୋ ମାଞ୍ଜି ଗୋଲରେ ପରିଣତ କରି ଚେନ୍ନାଇକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ୬୫ତମ ମିନିଟ୍‌ରେ ବେଙ୍ଗାଲୁରୁ ଅଧିନାୟକ ସୁନୀଲ ଛେତ୍ରୀ ହେଡ ଜରିଆରେ ଗୋଲ ଦେଇ ପରାଜୟ ବ୍ୟବଧାନ କମାଇଥିଲେ। ଏହାପରେ ଉଭୟ ଦଳ ଏକାଧିକ ସୁଯୋଗ ହାସଲ କରିଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲେ ଓ ଶେଷରେ ଚେନ୍ନାଇ ବିଜୟୀ ହୋଇଥିଲା।

### ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ-୨

# ନେପାଳକୁ ଭେଟିବ ଭାରତ

ମାଣ୍ଡାଲେ (ମ୍ୟାନ୍‌ମାର), ୫।୪

ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ-୨ରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ଶନିବାର କୌଶଳୀ ନେପାଳକୁ ଭେଟିବ। ଫେବୃୟାରୀ ପରେ ଦୁଇ ଦଳ ତୃତୀୟ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ହିରୋ ଗୋଲ୍ଡ କପ୍‌ରେ ନେପାଳ ୨-୧ଗୋଲରେ ଭାରତକୁ ହରାଇ ଦେଇଥିଲା। ପରେ ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ଭାରତ ୩-୧ଗୋଲରେ ବିଜୟ ସହ ପୂର୍ବ ପରାଜୟର ପ୍ରତିଶୋଧ ନେଇଥିଲା। ଭାରତୀୟ ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ମେମୋଲ ରକି କହିଛନ୍ତି ତାଙ୍କ ଦଳ ପ୍ରଥମେ ଗୋଲ ସ୍କୋର କରି ବିପକ୍ଷ ଦଳକୁ ଚାପରେ ରଖିବା ଲକ୍ଷ୍ୟରେ ରହିଛି। ବଲ୍‌କୁ ଅଧିକ ସମୟ ନିଜ ଅକ୍ତିଆରରେ ରଖିବା ନେପାଳର ଦକ୍ଷତା ରହିଛି। ଭୁବନେଶ୍ୱରରେ ଏହାର ନିଦର୍ଶନ ଦେଖିବାକୁ ମିଳିଛି। ମେମୋଲ କହିଛନ୍ତି ସବିତା ଭଣ୍ଡାରୀ ହେଉଛନ୍ତି ନେପାଳର ପ୍ରମୁଖ ଆଟାକିଂ ଖେଳାଳି। ତାଙ୍କୁ ଆମେ ନିୟନ୍ତ୍ରଣରେ ରଖିବା ଲାଗି ଚେଷ୍ଟା କରିବୁ। ନେପାଳ ଖେଳାଳିଙ୍କ ସହିତ ଆମ ଖେଳାଳିମାନଙ୍କର ସୁସମ୍ପର୍କ ରହିଛି, କିନ୍ତୁ ପଡ଼ିଆରେ ଆମେ ସେମାନଙ୍କୁ କୌଣସି ମତେ ଢିଲା ଦେବୁ ନାହିଁ। ପ୍ରତିଯୋଗିତାରୁ ଗୋଟିଏ ଦଳ କ୍ୱାଲିଫାଏ କରିବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଭାରତ ଓ ମ୍ୟାନମାରର ପଏଣ୍ଟ ସଂଖ୍ୟା ସମାନ ରହିଛି। ନେପାଳ ବିପକ୍ଷ ସାଫ୍ ଫାଇନାଲରେ ଏକ ଫ୍ରିକିକ୍‌କୁ ଗୋଲରେ ପରିଣତ କରିଥିବା ଡାଲିମା ଛିବର କହିଛନ୍ତି, ଆମେ ଦୁଇ ଦଳ ପରସ୍ପରର ଶକ୍ତି ଏବଂ ଦୋଷ ଦୁର୍ବଳତା ସମ୍ପର୍କରେ ଅବଗତ। ତେଣୁ ଯେଉଁ ଦଳ ପ୍ରଥମେ ଗୋଲ ସ୍କୋର କରିବ ସେ ଫାଇଦାରେ ରହିପାରେ।

# ବିଶ୍ୱକପ୍ ପୂର୍ବରୁ ଆଫଗାନିସ୍ତାନ ଅଧିନାୟକ ବହିଷ୍କୃତ

କାବୁଲ,୫।୪(ପି.ଟି.)



ଗୁଲବଦୀନ ନାଇବ

ଇଂଲଣ୍ଡରେ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଦୁଇମାସରୁ କମ୍ ସମୟ ଥିବା ବେଳେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ଅଧିନାୟକ ଅସଘର ଆଫଗାନଙ୍କୁ ପଦରୁ ବହିଷ୍କାର କରାଯାଇଛି। ବଦଳରେ ୩ଜଣଙ୍କୁ ଭିନ୍ନ ଭିନ୍ନ ଫର୍ମାଟର ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଏସିବି'ର ଏହି ନିଷ୍ପତ୍ତିକୁ ନେଇ ସିନିୟର ଖେଳାଳି ରସିଦ ଖାଁ ଓ ମହମ୍ମଦ ନବୀ ଅସନ୍ତୋଷ ଜାହିର କରିଛନ୍ତି। ୩ଟି ଫର୍ମାଟରୁ ଅସଘରଙ୍କୁ ନେତୃତ୍ୱରୁ ହଟାଯାଇଛି ବୋଲି ଏସିବି ସ୍ପଷ୍ଟ କରିଛି। ବଦଳରେ ଟେଷ୍ଟରେ ରମମତ ଶାହ, ଦିନିକିଆରେ ଗୁଲବଦୀନ ନାଇବ ଓ ଟି୨୦ ରସିଦ୍ ଖାଁଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ୨୦୧୫ରେ ନାଇବଙ୍କ ବଦଳରେ ୩୧ ବର୍ଷୀୟ ଅସଘରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଆଫଗାନିସ୍ତାନ ଆନ୍ତର୍ଜାତିକ କ୍ରିକେଟ କାଉନସିଲ୍ (ଆଇସିସି)ର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା ଓ ଗତମାସ ଡେରାଡୁନରେ ଆଫଗାନିସ୍ତାନ ଆୟର୍ଲାଣ୍ଡ ବିପକ୍ଷରେ ତା'ର ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। ୨୦୧୮ ଆଇସିସି ବିଶ୍ୱକପ୍ କ୍ୱାଲିଫାୟରରେ ମଧ୍ୟ ଆଫଗାନିସ୍ତାନକୁ ଅସଘର ବିଜେତା କରାଇଥିଲେ। ସେତେବେଳେ ଆଫଗାନିସ୍ତାନ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଅସଘରଙ୍କ ନେତୃତ୍ୱରେ ଆଫଗାନିସ୍ତାନ ସବୁ ଫର୍ମାଟରେ ୫୯ଟି ମ୍ୟାଚ୍‌ରୁ ୩୭ଟିରେ ବିଜୟ ହାସଲ କରିଥିଲା। ରସିଦ ଓ ନବୀ ଆଇପିଏଲ ଖେଳିଛନ୍ତି। ତେବେ ବୋର୍ଡର ଏହି ନିଷ୍ପତ୍ତିକୁ ଏହି ଦୁଇ କ୍ରିକେଟର ନାପସନ୍ଦ କରିଛନ୍ତି। ଆଉ କିଛିଦିନ ପରେ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଚୟନକମିଟିର ଏହି ନିଷ୍ପତ୍ତି ଅନିଶ୍ଚିତତା ସୃଷ୍ଟି କରିଛି ବୋଲି ରସିଦ ଟୁଇଟ୍ କରିଛନ୍ତି। ଏହା ଦଳ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ନବୀ କହିଛନ୍ତି। ଦଳରେ ନେତୃତ୍ୱ ନେବା ପାଇଁ ଅସଘର ହିଁ ଯୋଗ୍ୟ ଖେଳାଳି ବୋଲି ନବୀ କହିଛନ୍ତି।

# ପ୍ରଥମ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ୍

ଜାତୀୟ ଜୁ ଜୁଟ୍‌ସୁ ପ୍ରତିଯୋଗିତା

ଭୁବନେଶ୍ୱର, ୫।୪ (ସ୍ପୋର୍ଟ ବ୍ୟୁରୋ)




ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ଚେନ୍ନାଇଠାରେ ଚାଲିଥିବା ଜାତୀୟ ଜୁ ଜୁଟ୍‌ସୁ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଅନୁପମା ସ୍ୱାଇଁ ୫୨ କେଜି ଶ୍ରେଣୀ ଫାଇଟିଂ ସିଷ୍ଟମରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ପ୍ରିୟଦର୍ଶିନୀ ଘଟୁଆରୀ ୬୭ କେଜିରୁ କମ୍ ଫାଇଟିଂ ସିଷ୍ଟମ ଶ୍ରେଣୀରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ୪୪ କେଜିରୁ କମ୍ ଶ୍ରେଣୀରେ ମଧୁପ୍ରିୟା ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିଯୋଗୀଙ୍କ ଏହି ସଫଳତା ପାଇଁ ରାଜ୍ୟ ଜୁ ଜୁଟ୍‌ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ନୋବେଲ ଲରେଟ ଅଲିମ୍ପିଆନ ନୋଏଲ ବେକର

## ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ



ଏପ୍ରିଲ ୬ରେ ସାରା ବିଶ୍ୱରେ ଶାନ୍ତି ଓ ବିକାଶ ପାଇଁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି। ମିଳିତ ଜାତିସଂଘର ସାଧାରଣ ସଭାରେ ୨୦୧୩ ଅଗଷ୍ଟ ୨୩ରେ ପାରିତ ହୋଇଥିବା ନିଷ୍ପତ୍ତି ଅନୁସାରେ ୨୦୧୪ରୁ ପ୍ରତ୍ୟେକ ବର୍ଷ ଏପ୍ରିଲ ୬ରେ ଏହି ଦିବସ ପାଳନ ହେଉଛି। ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ୧୮୯୬ ଏପ୍ରିଲ ୬ରେ ଗ୍ରୀସ୍ ରାଜଧାନୀ ଏଥେନ୍ସ ସହରରେ ଶୁଭାରମ୍ଭ ହୋଇଥିଲା। ଅଲିମ୍ପିକ୍ କ୍ରୀଡାର ଜନକ ବାରନ୍ ପେରିଡି କୁବାରଟିନ୍ ବିଶ୍ୱର ଏହି ସର୍ବବୃହତ୍ କ୍ରୀଡ଼ା ସମାରୋହକୁ ବିଶ୍ୱ ଭ୍ରାତୃତ୍ୱ ଓ ଶାନ୍ତି ପ୍ରତିଷ୍ଠାର ଏକ ଶ୍ରେଷ୍ଠ ମାଧ୍ୟମ ଭାବେ ଅଭିହିତ କରିଥିଲେ। ଏହି ଐତିହାସିକ ଦିବସର ସ୍ମରଣରେ ଏହାର ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ମିଳିତ ଜାତିସଂଘ ଏପ୍ରିଲ ୬କୁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

ଅଲିମ୍ପିକ୍ କ୍ରୀଡାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ମନ୍ତବ୍ୟ ଦେଇ କୁବାରଟିନ୍ କହିଥିଲେ 'କେବଳ ବିଜୟ ଲାଭ କରିବା ନୁହେଁ, ଅଂଶଗ୍ରହଣ କରିବା ହେଉଛି ଅଲିମ୍ପିକ୍ କ୍ରୀଡ଼ାର ମୁଖ୍ୟ ଉଦ୍ଦେଶ୍ୟ, ଯେପରି ବିଜୟ ଅପେକ୍ଷା ସଂଘର୍ଷ ହେଉଛି ଜୀବନର ପ୍ରକୃତ ମୂଲ୍ୟବୋଧ'। ଭ୍ରାତୃତ୍ୱ ଭାବ, ଶୃଙ୍ଖଳା, ବିଶ୍ୱଶାନ୍ତି ଏବଂ ଦେଶ ଦେଶ ମଧ୍ୟରେ ସଦ୍‌ଭାବନା ସ୍ଥାପନା କରିବା ପାଇଁ ଅଲିମ୍ପିକ୍ କ୍ରୀଡ଼ା ସର୍ବୋତ୍କୃଷ୍ଟ ମାଧ୍ୟମ।

ଏପରି ଏକ ସକାରାତ୍ମକ ଚିନ୍ତାଧାରା ଏବଂ ଦର୍ଶନର ଅନ୍ୟତମ କର୍ଣ୍ଣଧାର ଭାବେ ଉଭା ହୋଇଥିଲେ ଇଂରାଜୀ ବିଦ୍ୱାନ ଏବଂ ବିଶିଷ୍ଟ କ୍ରୀଡାବିତ୍ ଲର୍ଡ ଫିଲିପ୍ ନୋଏଲ ବେକର। ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଏପରି ଜଣେ ଅନନ୍ୟ ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କୁ ମନେ ପକାଇବାର ଯଥାର୍ଥତା ରହିଛି।

ବିଶ୍ୱକ୍ରୀଡା ଏବଂ ଅଲିମ୍ପିକ୍ କ୍ରୀଡା ଇତିହାସରେ ନୋଏଲ ବେକର ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଅଲିମ୍ପିକ୍ ପଦକ ଜିତିବା ସହିତ (୧୯୨୦-ଆଣ୍ଟ୍ୱେର୍ପ ଅଲିମ୍ପିକ୍ ୧୫୦୦ ମି ଦୌଡ- ରୌପ୍ୟପଦକ) ନୋବେଲ ପୁରସ୍କାର ବିଜେତା (୧୯୫୯- ନୋବେଲ ପୁରସ୍କାର- ଶାନ୍ତି ଓ ନିରସ୍ତ୍ରୀକରଣ)। ଯଦିଓ ଆଉ ଦୁଇଜଣ ବିଖ୍ୟାତ ନୋବେଲ ବିଜେତା ନିଲସ ବୋର (ଡାନିସ୍ ପଦାର୍ଥବିତ୍- ନୋବେଲ ପୁରସ୍କାର- ପଦାର୍ଥ ବିଜ୍ଞାନ-୧୯୨୨) ଏବଂ ଆଲବର୍ଟ କାମୁ (ଫରାସି ଲେଖକ ଓ ଦାର୍ଶନିକ- ନୋବେଲ ପୁରସ୍କାର- ସାହିତ୍ୟ-୧୯୫୭) ଯଥାକ୍ରମେ ତାଙ୍କର କ୍ଲବ (ଡେନମାର୍କ ଏକାଡେମିକ କ୍ଲବ) ଏବଂ ବିଶ୍ୱବିଦ୍ୟାଳୟ (ରେସିଙ୍ଗ ୟୁନିଭରସିଟି ଡି' ଆଲଜର) ପକ୍ଷରୁ ଫୁଟବଲ ଗୋଲକିପର ଭାବେ ଖେଳି ପ୍ରସିଦ୍ଧି ଲାଭ କରିଥିଲେ।

ନୋଏଲ ବେକର ଏକାଧାରରେ ଥିଲେ ପ୍ରବୀଣ ବ୍ରିଟିଶ ରାଜନୀତିଜ୍ଞ, ପ୍ରତିଷ୍ଠିତ ଶିକ୍ଷାବିତ୍, ପ୍ରଖ୍ୟାତ୍ କ୍ରୀଡାବିତ୍ ଏବଂ ଶାନ୍ତି ଓ ନିରସ୍ତ୍ରୀକରଣ ଅଭିଯାନର ଖ୍ୟାତିସମ୍ପନ୍ନ ପ୍ରଚାରକ। ବିଶ୍ୱପ୍ରସିଦ୍ଧ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ କିଙ୍ଗ୍ସ କଲେଜରେ ଅଧ୍ୟୟନ ସମୟରେ କଲେଜ ୟୁନିୟନର ସଭାପତି ନିର୍ବାଚିତ (୧୯୧୨) ହୋଇ ଭବିଷ୍ୟତ ରାଜନୈତିକ ଜୀବନର ସୂଚନା ଦେଇଥିଲେ। ସେଇବର୍ଷ ବ୍ରିଟିଶ ଅଲିମ୍ପିକ୍ ଟ୍ରାକ୍ ଟିମ୍‌ର ସଦସ୍ୟ ଭାବେ ଷ୍ଟକ୍‌ହୋମ ଅଲିମ୍ପିକ୍ କ୍ରୀଡ଼ାରେ ୮୦୦ମି ଓ ୧୫୦୦ମି ଦୌଡରେ ଭାଗ ନେଇଥିଲେ। ତାଙ୍କର ସମାଜସେବା ମନୋବୃତ୍ତିର ପ୍ରଥମ ପରିଚୟ ମିଳିଥିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ, ଯେତେବେଳେ ସେ ଫ୍ରେଣ୍ଡ୍‌ସ ଆମ୍ବୁଲାନ୍ସ ୟୁନିଟ୍‌ର ନେତୃତ୍ୱ ନେଇ ଫ୍ରାନ୍ସ ଯୁଦ୍ଧ କ୍ଷେତ୍ରରେ ସେବା ପ୍ରଦାନରେ ନିୟୋଜିତ ହୋଇଥିଲେ। ୧୯୨୦ରେ ବେଲଜିୟମର ଆଣ୍ଟ୍ୱେର୍ପ ସହରରେ ଅନୁଷ୍ଠିତ ୭ଷ୍ଠ ଅଲିମ୍ପିକ କ୍ରୀଡାରେ ବ୍ରିଟିଶ ଅଲିମ୍ପିକ ଟିମ୍‌ର ଅଧିନାୟକତ୍ୱ କରି ୧୫୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତି କ୍ରୀଡ଼ା କ୍ଷେତ୍ରରେ ସର୍ବୋଚ୍ଚ ସଫଳତା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନୁରୂପ ପରାକାଷ୍ଠା ପ୍ରଦର୍ଶନ କରିଥିଲେ ଏବଂ ପ୍ରଥମେ ପ୍ରସିଦ୍ଧ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ୧୯୨୪ରୁ ୧୯୨୯ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ସମ୍ପର୍କ ବିଭାଗର ପ୍ରଫେସର ଭାବେ ଏବଂ ପରେ ୟେଲ୍ ବିଶ୍ୱବିଦ୍ୟାଳୟ (୧୯୩୩-୩୪)ରେ ଅଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ। ରାଜନୀତିରେ ମଧ୍ୟ ନୋଏଲ ବେକର ଜଣେ ଉଚ୍ଚକୋଟୀର ରାଜନୀତିଜ୍ଞ ଭାବେ ପ୍ରତିଷ୍ଠା ଲାଭ କରିଥିଲେ। ୧୯୫୦-୫୧ରେ ବ୍ରିଟିଶ ସରକାରଙ୍କ ଶ୍ରମ ମନ୍ତ୍ରୀ ହେବା ସହିତ ୧୯୪୭ରୁ ୧୯୫୦ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେକ୍ରେଟାରୀ ଅଫ୍ ଷ୍ଟେଟ ଫର କମନୱେଲ୍‌ଥ ଷ୍ଟେଟ୍‌ସ ପଦବୀ ମଣ୍ଡନ କରିଥିଲେ ଏବଂ ୧୯୪୮ରେ ଲଣ୍ଡନ ଅଲିମ୍ପିକ୍ କ୍ରୀଡା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ୧୯୭୯ ମସିହାରେ ଫେନରମର ବ୍ରକ୍‌ୱେଙ୍କ ସହିତ ମିଶି ବିଶ୍ୱ ନିରସ୍ତ୍ରୀକରଣ ଅଭିଯାନ ଆରମ୍ଭ କରିଥିଲେ। ୧୯୬୦ରୁ ୧୯୭୬ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରୀଡା ବିଜ୍ଞାନ ଏବଂ ଶାରୀରିକ ଶିକ୍ଷା ପରିଷଦର ସଭାପତି ଭାବେ କାର୍ଯ୍ୟ କରି ଏକାଧିକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲେ। ତାଙ୍କ ଭାଷାରେ "ମୁଁ ଯେତେ ଅନ୍ତର୍ଜାତୀୟ ଅନୁଷ୍ଠାନରେ କାର୍ଯ୍ୟ କରିଛି ତନ୍ମଧ୍ୟରୁ କ୍ରୀଡା ହେଉଛି ସର୍ବୋତ୍ତମ। ଆଣବିକ ଯୁଗରେ ବିଶ୍ୱଶାନ୍ତି ବଜାୟ ରଖିବାରେ କ୍ରୀଡା ମାନବଜାତି ପାଇଁ ଏକ ଉତ୍ତମ ମାଧ୍ୟମ ଏବଂ ଆଶା।" ଆଜିର ଦିନରେ ଏହି ଉକ୍ତି ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ।

–ଅଶୋକ ମହାନ୍ତି
ପୂର୍ବତନ କ୍ରୀଡ଼ା ପ୍ରଶାସକ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଶନିବାର, ଏପ୍ରିଲ ୬/୨୦୧୯ | Berhampur, Saturday, April 6/ 2019

# ଭୋଗରାଇ ତହସିଲ ସମ୍ମୁଖରେ ଆମରଣ ଅନଶନ

**ଭୋଗରାଇ, ୫।୪(ଡି.ଏନ.ଏ.)**

ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି ଦାବି କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୁଲିହା ଗ୍ରାମବାସୀ ଶୁକ୍ରବାର ତହସିଲ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ଦେବଭୂମି ବିକାଶ ପରିଷଦ ନେତୃତ୍ୱରେ ଶତାଧିକ ଲୋକ ଏହି ଅନଶନରେ ସାମିଲ ହୋଇଛନ୍ତି। ପ୍ରଚଣ୍ଡ ଖରା ଯୋଗୁ କେତେକ ଅନଶନକାରୀ ଅସୁସ୍ଥ ହୋଇଥିବା ଖବର ମିଳିଛି। ତହସିଲଦାର ସନତ କୁମାର ନାୟକ ଅନଶନକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖି ଜିଲାପାଳଙ୍କ ଦୃଷ୍ଟିଗୋଚର କରିଛନ୍ତି।

କୁହିଳା ଗ୍ରାମରେ ମୁଖ୍ୟ କଂକ୍ରିଟ୍ ରାସ୍ତାକୁ ଗ୍ରାମର କେତେକ ଲୋକ ହାଣି ଦେବା ଓ ଜବରଦଖଲ କରି ରାସ୍ତାକୁ ଅବରୋଧ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଦେଇ ଆଖପାଖ ୧୫ଟି ଗ୍ରାମର ବାସିନ୍ଦା ଗମନାଗମନ କରି ଆସୁଥିବା ବେଳେ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। କିନ୍ତୁ ରାସ୍ତା ଅବରୋଧ ଏବଂ ରାସ୍ତା କର୍ଦ୍ଦମାକ୍ତ ଯୋଗୁ ଛାତ୍ରୀଛାତ୍ରଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମରେ ୧୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ବେଳେ ରାସ୍ତା ଶୋଚନୀୟ ହେବା ଯୋଗୁ ଗ୍ରାମବାସୀ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀ ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲେ ବୋଲି ଅନଶନକାରୀମାନେ ମତପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି ନ କଲେ ଅନଶନରୁ ଉଠିବେ ନାହିଁ ବୋଲି ଅନଶନକାରୀ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।



ଭୋଗରାଇ ତହସିଲ ସମ୍ମୁଖରେ ଗ୍ରାମବାସୀଙ୍କ ଆମରଣ ଅନଶନ।

# ମଦ ବ୍ୟବସାୟକୁ ନେଇ ଗୋଷ୍ଠୀ ସଂଘର୍ଷ

## ୪ ଆହତ, ଜଣେ ଗୁରୁତର

**ରୂପ୍‌ସା, ୫।୪(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଞ୍ଚଳର ମଦ ବ୍ୟବସାୟକୁ କେନ୍ଦ୍ରକରି ଗୁରୁବାର ବିଳମ୍ବିତ ରାତିରେ ୨ ମଦ ବେପାରୀ ଗୋଷ୍ଠୀଙ୍କ ମଧ୍ୟରେ ଭୀଷଣ ଗଣ୍ଡଗୋଳ ହୋଇଛି। ଭୁଜାଲି ଓ ଠେଙ୍ଗାରେ ଅତର୍କିତ ଆକ୍ରମଣ ଯୋଗୁ ୪ଜଣ ଯୁବକ ଆହତ ହୋଇଛନ୍ତି। ଆଙ୍କୋ ଗ୍ରାମର ଯୁବକ ସୁଶାନ୍ତ ବେହେରାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ ଆଘିରିଆ ଗ୍ରାମର ଚନ୍ଦନ ଗିରି ଓ ମଦନ ଗିରି, ବାରାପାଳର ରାଜା ବାଡ଼ି ଓ ଜଗା ବାଡ଼ି। ସରକାରୀ ନିୟମ ଅନୁଯାୟୀ ଷ୍ଟେଶନ ବଜାରରେ ଥିବା ଲାଇସେନ୍ସପ୍ରାପ୍ତ ସରକାରୀ ମଦ ଦୋକାନରେ ଆବଶ୍ୟକ ମୁତାବକ ସରକାରୀ ଭାବେ ମଦ ନ ଆଣି ଚୋରା ଦେଶୀ ମଦ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଗୁରୁବାର ସନ୍ଧ୍ୟାରେ ଅବକାରୀ ବିଭାଗ ପକ୍ଷରୁ ସିଲ୍ କରାଯାଇଥିଲା। ଏହାପରେ କେତେକ ଯୁବକ ପହଞ୍ଚି ସରକାରୀ ମଦ ଦୋକାନ ସମ୍ମୁଖରେ ହୋହାଲ୍ଲା କରିବା ସହ କର୍ମଚାରୀଙ୍କୁ ଗାଳିଗୁଲଜ, ମାରପିଟ୍ କରିଥିବା ଏତଲାରେ ଦର୍ଶାଯାଇଛି। ଅପରପକ୍ଷେ ମଦ ଦୋକାନୀ ମାଲିକଙ୍କ ସମର୍ଥକମାନେ ରାତି ସାଢ଼େ ୧୧ଟାରେ ପାଥପୁର ବଜାରରେ ପହଞ୍ଚି ଭୁଜାଲି, ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିବା ପାଲଟା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ମାମଲା ରୁଜୁ କରି ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ସଂକ୍ଷେପରେ

### ବିଜେଡି ଯୁବ ସଭାପତିଙ୍କ ନାମରେ ମାମଲା

**କେନ୍ଦୁଝର, ୫।୪ (ସ୍ୱ.ପ୍ର.):** ଜିଲା ଯୁବ ବିଜେଡିରେ ବିବାଦ ଦେଖାଦେଇଛି। ଏ ନେଇ ଘଟଣା ହାତାହାତି ପର୍ଯ୍ୟନ୍ତ ଯାଇଛି। ଗୁରୁବାର ବାଂଶପାଳ ବ୍ଲକ ଯୁବ ବିଜେଡି ସଭାପତି ସଂଗ୍ରାମ ନାୟକଙ୍କୁ ଯୁବ ବିଜେଡି ଜିଲା ସଭାପତି ସୌମ୍ୟ ଶଙ୍କର ଚକ୍ର (ରାଜା)ଙ୍କ ସମର୍ଥକ ମାଡ ମାରିବା ଘଟଣା ଟାଉନ ଥାନାରେ ପହଞ୍ଚିଛି। ଠିକା କାମ ଓ ଦାଦା ବଟି ଆଦାୟକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା କୁହାଯାଉଛି। ତେଲକୋଇ ବିଧାୟକ ପ୍ରାର୍ଥୀ ପ୍ରେମାନନ୍ଦ ନାୟକଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ଏହି ମାରପିଟ ହୋଇଥିଲା। ସଂଗ୍ରାମ ଆହତ ହୋଇଥିବା ବେଳେ ଟାଉନ ଥାନାରେ ଏ ନେଇ ଏତଲା ଦେଇଥିଲେ। ସଂଗ୍ରାମଙ୍କ ଏତଲା କ୍ରମେ ଜିଲା ଯୁବ ବିଜେଡି ସଭାପତି ରାଜା ଓ ଅନ୍ୟ ୨ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ଅନୁସନ୍ଧାନ ଚଲାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏ ନେଇ ଅଭୟ ଜେନା ନାମକ ଜଣେ ବ୍ୟକ୍ତି ଟାଉନ ଥାନାରେ ସଂଗ୍ରାମଙ୍କ ନାମରେ ପାଲଟା ଏତଲା ଦେଇଥିବା ଜ ।ଣାପଡିଛି। ଟାଉନ ଥାନା ଅଧିକାରୀ ସୋମନାଥ ଜେନା କହିଛନ୍ତି ଯେ, ଏହି ଘଟଣାରେ ୨ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ।

### ଠିଆ ହୋଇଥିବା ଟ୍ରକ୍‌କୁ ପିଟିଲା ସ୍କୁଟି, ୨ ଯୁବକଙ୍କ ପ୍ରାଣ ଗଲା




**ସୋର, ୫।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ତଳନଗରଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ପୂର୍ବରୁ ସେଠାରେ ଛିଡ଼ା ହୋଇଥିବା ଏକ ଟ୍ରକ୍ (ନଂ.ଓଆର୍୦୧ଏମ୍-୭୨୭୧) ପଛପଟକୁ ଏକ ସ୍କୁଟି ପିଟି ହୋଇଯିବାରୁ ଘଟଣାସ୍ଥଳରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସୋର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନା ପଠାଇଛି। ମୃତକଦ୍ୱୟ ହେଲେ ବାସୁଦେବପୁର ଥାନା କୃଷ୍ଣପୁର ଗ୍ରାମର ଗୋପାଳକୃଷ୍ଣ ରାଉଳ (୨୯) ଓ ନରସିଂହପୁର ଗ୍ରାମର ରମାକାନ୍ତ ବାରିକ (୨୭)। ଯୁବକଦ୍ୱୟ ସୋରରୁ ବାସୁଦେବପୁର ଅଭିମୁଖେ ଯାଉଥିବା ବେଳେ ଏଭଳି ଦୁର୍ଘଟଣାର ଶିକାର ହୋଇଥିଲେ।

### ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ପାଟଣା/କେନ୍ଦୁଝର, ୫।୪(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ପାଟଣା ଥାନା ବିଲା-ରାଜନଗର ରାସ୍ତାର ପଡ଼ିଆପଶି ଆଶ୍ରମ ନିକଟରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ଖଜିରାପାଟ ପଞ୍ଚାୟତ ଜୁମେଇଁ ଗ୍ରାମର ସ୍ୱର୍ଗତ ଗୌର ନାଏକଙ୍କ ପୁଅ ବିଭୀଷଣ(୩୮)। କେହି ଦୁର୍ବୃତ୍ତ ବିଭୀଷଣଙ୍କୁ ହତ୍ୟା କରି ଥିବା ସନ୍ଦେହ କରାଯାଉଛି। ବିଭୀଷଣଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ସେ ଗୁରୁବାର ସନ୍ଧ୍ୟାରୁ ଘରକୁ ଫେରି ନ ଥିଲେ। ବିଭୀଷଣ ବିଲା ଛକରେ ଏକ ହୋଟେଲରେ ମିସ୍ତ୍ରୀ ଭାବେ କାମ କରୁଥିଲେ। କ୍ଷତିପୂରଣ ଦାବିରେ ବିଲା ଛକର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସରୁ ଦଶ ହଜାର ଟଙ୍କାର ସହାୟତା ମିଳିଛି। ବ୍ୟବଚ୍ଛେଦ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଛି। ଘଟଣାସ୍ଥଳରେ ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ, ଏଏସଆଇ ସୁଧାଂଶୁ ଶେଖର ଜେନା ଓ ଏଏସଆଇ ମନୋହର ମହାନ୍ତଙ୍କ ସହ କେନ୍ଦୁଝରରୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ. ୪୨/୧୯) ରୁଜୁ ହୋଇଛି।

# ୧୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଅମିନ୍



ଅମିନ ଅନ୍ତର୍ଯ୍ୟାମୀ ଦାସ।

**କେନ୍ଦୁଝର, ୫।୪(ସ୍ୱ.ପ୍ର.)**

ଜଣେ ମାଲିକଙ୍କଠାରୁ ଘରର ପ୍ଲାନ ଅନୁମୋଦନ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ସ୍ଥାନୀୟ ସ୍ୱତନ୍ତ୍ର ସହର ଯୋଜନା ପ୍ରାଧିକରଣ (ଟାଉନ ପ୍ଲାନିଂ ଅଥରିଟି)ର ଅମିନ ଅନ୍ତର୍ଯ୍ୟାମୀ ଦାସ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ବିଚିତ୍ରା ନନ୍ଦ ବାରିକ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଏହି ଲାଞ୍ଚ ନେବା ବେଳେ ଧରାପଡିଛନ୍ତି। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା କେନ୍ଦୁଝର ଭିଜିଲାନ୍ସ ୟୁନିଟ୍‌ର ଇନ୍ସପେକ୍ଟର ହେମାମାଳିନୀ ନାୟକ କହିଛନ୍ତି। ତାଙ୍କ ଅଫିସ ଓ ବାସ ଘର ଉପରେ ମଧ୍ୟ ଚଢାଉ ହୋଇଛି। ନଗଦ ୨୦ ହଜାର ଟଙ୍କା ସହ ବ୍ୟାଙ୍କ ଜମା କାଗଜପତ୍ର ଜବତ ହୋଇଛି। ତଦନ୍ତ ପରେ ପ୍ରକୃତ ଆୟ ବହିର୍ଭୂତ ସମ୍ପତ୍ତି ଜଣାପଡିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

# ଅଭିଯୋଗ ପରେ ହଟିଲା ହୋର୍ଡିଂ

## ଆଚରଣବିଧି ପାଳନରେ ପାତରଅନ୍ତର

**କେନ୍ଦୁଝର, ୫।୪(ସ୍ୱ.ପ୍ର.)**

ନିର୍ବାଚନ ଆଚରଣ ବିଧି ଲାଗୁହେବା ପରେ ମଧ୍ୟ କେନ୍ଦୁଝର ସହରରେ ବିଭିନ୍ନ ସରକାରୀ ଯୋଜନା ପ୍ରଚାର ହୋର୍ଡିଂ ଉଠାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ମେଡିକାଲ ପରିସରରେ ହକ ମାଗୁଛି ଓଡ଼ିଶା ହୋର୍ଡିଂ ଏବଂ କେନ୍ଦୁଝର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅନତି ଦୂରରେ କାଳିଆ ଯୋଜନା ହୋର୍ଡିଂ ଲଗାଯାଇଥିଲେ ହେଁ ପ୍ରଶାସନ କିମ୍ବା ତଦାରଖ କରୁଥିବା ଅବଜରଭର ଦେଖି ନ ପାରିବା ସମସ୍ତଙ୍କୁ ଚକିତ କରିଛି। ଏ ନେଇ ଅଭିଯୋଗ ପରେ ହୋର୍ଡିଂ ଚିରାଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବିଦ୍ୟାଧର ଦେହୁରି ଏହାକୁ ସମାଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ବେଳେ ହଜାର ହଜାର ସଂଖ୍ୟାରେ ଗ୍ରାମାଞ୍ଚଳର ଲୋକ ଆସିଥିଲେ। ଜାଣିଶୁଣି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ହୋର୍ଡିଂ ମରାଯାଇଥିଲେ ହେଁ ଉଠାଯାଇ ନ ଥିବା ଅଭିଯୋଗ ହୋଇଛି।



ସରକାରୀ କାର୍ଯ୍ୟାଳୟ ପରିସରରେ ଲାଗିଥିବା ହୋର୍ଡିଂ।


## ନିର୍ମାଣ ଲେବର କଣ୍ଟ୍ରାକ୍ଟର ଆବଶ୍ୟକ

ଶିଳ୍ପୋଦ୍ୟୋଗ ଓ ଉଚ୍ଚ ସ୍ତରୀୟ ଅଟ୍ଟାଳିକା ନିର୍ମାଣ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ସଂପନ୍ନ ଏକ ନିର୍ମାଣ କମ୍ପାନି ଏହାର ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶରେ ଆଗାମୀ ପ୍ରକଳ୍ପ ଲାଗି ଲେବର କଣ୍ଟ୍ରାକ୍ଟର ଆବଶ୍ୟକ କରୁଛି। ଏହି ଲେବର କଣ୍ଟ୍ରାକ୍ଟରଙ୍କ ପ୍ରାୟ ୧୦୦ରୁ ୧୫୦ ସଂଖ୍ୟକ କୁଶଳୀ କର୍ମୀ ଯୋଗାଣ କରିପାରୁଥିବାର କ୍ଷମତା ରହିଥିବ ଯାହା ମଧ୍ୟରେ ସଟରିଂ କାମ ସହ ପ୍ଲାଏ ଉଡ୍ / ଆଲୁମିନିୟମ ଫର୍ମ କାମ, ଏମଏସ ପ୍ଲେଟ ପାଇଁ କାର୍ପେଣ୍ଟର ସହ ଷ୍ଟିଲ ରିଇନଫୋର୍ସମେଣ୍ଟ କାମ ପାଇଁ ଫିଟର (ବାର ବେଣ୍ଡର) ରହିଥିବେ। ଉପରୋକ୍ତ ସବୁ କର୍ମଚାରୀ ୨୪ ଘଣ୍ଟା ପାଇଁ ସିଫ୍ଟ ଭିତ୍ତିରେ କାର୍ଯ୍ୟ କରିବାକୁ ସକ୍ଷମ ଥିବେ।

ଲେବର କଣ୍ଟ୍ରାକ୍ଟର ଯେଉଁମାନେ ଏନଏମଆର/ ବର୍ଗ ମିଟର ଭିତ୍ତିରେ କାର୍ଯ୍ୟ କରବାକୁ ଆଗ୍ରହୀ ଥିବେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଦରକାର ରହିଛି। ଯଥା ଶୀଘ୍ର ପ୍ରକଳ୍ପ ସମାପ୍ତି ଉପରେ ପ୍ରୋତ୍ସାହନ ଦିଆଯିବ।

ଇଚ୍ଛୁକ କଣ୍ଟ୍ରାକ୍ଟର ମାନେ ଦୟାକରି ନିଜର ପ୍ରୋଫାଇଲକୁ ଏହି ଠିକଣାରେ ପଠାଇବା ଆବଶ୍ୟକ।

dgmcivil@priyacement.com | Call:7680888547 / 7680091039

NECC NATIONAL EGG CO-ORDINATION COMMITTEE 05.04.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


# ୪ ଦିନରେ ୧୨ ମଦ ବେପାରୀ ଗିରଫ

## ବିପୁଳ ମଦ ଜବତ

**ଭଦ୍ରକ ଅଫିସ, ୫।୪**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲା ଅବକାରୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଗତ ୪ ଦିନ ଧରି ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏହି ଚଢ଼ାଉ ସମୟରେ ୧୨ ମଦ ବେପାରୀ ଗିରଫ ହୋଇଥିବା ବେଳେ ବିପୁଳ ପରିମାଣର ମଦ ଜବତ ହୋଇଛି। ଭଦ୍ରକ ଗ୍ରାମାଞ୍ଚଳ, ପୁରୁଣାବଜାର, ଧାମନଗର ଓ ବାସୁଦେବପୁର ଥାନା ଅଧୀନ ଜଳଙ୍ଗା, ଟିଆପଡା, ଭଗବାନପୁର, ମିର୍ଜାପୁର, ତଳଗୋପବିନ୍ଧା, ବେତଡା, ବସଥି, ପଡୁଆ ଆଦି ଗ୍ରାମରେ ଅବକାରୀ ଚଢ଼ାଉ କରାଯାଇ ୩୧୧ ଲିଟର ଦେଶୀ ରନ୍ଧାମଦ, ୫ ଲିଟର ଆସ୍କାଫଟି, ୧୦୮ ଲିଟର ବିୟର ସହିତ ମଦ ରନ୍ଧା ସାମଗ୍ରୀ ଏବଂ ଏକ ବାଇକ୍ ଜବତ କରାଯାଇଥିବା ସୂଚନା ମିଳିଛି। ଗିରଫ ୧୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ମୋବାଇଲ ଇନ୍ସପେକ୍ଟର ଦିଲୀପ କୁମାର ପଲେଇ, ସବ୍‌ଇନ୍ସପେକ୍ଟର ସ୍ପନ୍ଦନ ମହାନ୍ତି, ଜ୍ୟୋତିର୍ମୟ ପଟେଲ ଓ ଅନ୍ୟାନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।




ଜବତ ମଦ ସହ ଗିରଫ ହୋଇଥିବା ଜଣେ ବେପାରୀ।

# ଲୋକ ସଭା ପ୍ରାର୍ଥୀଙ୍କୁ ନେଇ କଂଗ୍ରେସରେ କନ୍ଦଳ

**କେନ୍ଦୁଝର, ୫।୪(ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ପ୍ରଥମେ ଡା. ଫକୀର ଚରଣ ନାଏକଙ୍କୁ ଟିକେଟ ମିଳିଥିଲା। ସେ କଂଗ୍ରେସ ଟିକେଟରେ ଗତ ୪ରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ହଠାତ୍ ସେହିଦିନ ମୋହନ ହେମ୍ବ୍ରମ କଂଗ୍ରେସ ଟିକେଟ ଧରି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏ ନେଇ ଜିଲା କଂଗ୍ରେସରେ ଗୋଷ୍ଠୀ କନ୍ଦଳ ସୃଷ୍ଟି ହୋଇଛି। ଡା. ଫକୀର ନାଏକ ସରକାରୀ ଏଲୋପାଥିକ ଡାକ୍ତର ଚାକିରି କରୁଥିବା ବେଳେ ତାଙ୍କର ଇସ୍ତଫାପତ୍ର ଗୃହୀତ ହୋଇ ନ ଥିବା ଯୋଗୁଁ ତାଙ୍କର ପ୍ରାର୍ଥିପତ୍ର କାଳେ ନାକଚ ହୋଇଯିବ ସେହି ଆଶଙ୍କାରେ ମୋହନଙ୍କୁ ଶେଷ ମୁହୂର୍ତ୍ତରେ ଟିକେଟ ଦିଆଯାଇଛି। ମୋହନଙ୍କ ଗୋଷ୍ଠୀରେ ଜିଲା କାର୍ଯ୍ୟକାରୀ ସଭାପତି ବିପ୍ଳବ ମିଶ୍ର, ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ ପ୍ରମୁଖ ଥିବା ବେଳେ ଡା. ଫକୀରଚରଣଙ୍କୁ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ଜିଲା ସଭାପତି ମୋହନ ପରିଡ଼ା, ସଦର ବିଧାନସଭା ପ୍ରାର୍ଥୀ ବିଦ୍ୟାଧର ଦେହୁରି ପ୍ରମୁଖ ସମର୍ଥନ କରୁଥିବା ଜଣାପଡିଛି। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିପ୍ଳବ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ଏକ ଚିଠି ଯୋଗେ ମୋହନ କଂଗ୍ରେସର ଏମ୍‌ପି ପ୍ରାର୍ଥୀ ବୋଲି ଜଣାଇଥିବା ବେଳେ ଏପରି ଚିଠି କରିବାରେ କ୍ଷମତା ନାହିଁ ବୋଲି ରାଜ୍ୟ ପିସିସି ସାଧାରଣ ସମ୍ପାଦକ ଆଲୋକ ପ୍ରକାଶ କରିଛନ୍ତି। ଏ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ରୋଚକ ସ୍ଥିତିରେ ପହଞ୍ଚିଛି। ଡା. ଫକୀରଚରଣଙ୍କୁ ଏ ନେଇ ପଚାରିବାରୁ ୨୦୦୯ରେ ଏହି ପରିସ୍ଥିତିରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିଥିଲି। ଚଳିତ ୨୦୧୯ ନିର୍ବାଚନ ଲଢିବାରେ କୌଣସି ଅସୁବିଧା ହେବ ନାହିଁ। ଗୋଟିଏ ଗୋଷ୍ଠୀ ରାଜ୍ୟ କଂଗ୍ରେସରେ ଚାପ ପକାଇ ହଇରାଣ କରୁଛନ୍ତି ବୋଲି ସେ କହିଛନ୍ତି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଡା. ଫକୀରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି।

# ଦୁର୍ଘଟଣାରେ ଯୁବକଙ୍କ ଜୀବନ ଗଲା

**ପଦ୍ମପୁର, ୫।୪ (ଡି.ଏନ.ଏ.)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚରମ୍ପା-ସାବରଙ୍ଗ ରାସ୍ତାର ତେନ୍ତୁଳିଗଡ଼ିଆ ଠାରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଟୋ ଗ୍ରାମର ଦୀପ୍ତିରଞ୍ଜନ ନାୟକ (୨୨)। ସେ ଚରମ୍ପାରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ତେନ୍ତୁଳିଗଡିଆ ଠାରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ